


# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar





ବିଶ୍ୱେଶରାୟଙ୍କୁ ମୋଦୀଙ୍କ ଶ୍ରଦ୍ଧାଞ୍ଜଳି | ୬

ଉର୍ବଶୀଙ୍କୁ ସମନ | ୮



RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୬୭ Vol. 22 No-167 16 SEPTEMBER 2025 TUESDAY, BHUBANESWAR ମଙ୍ଗଳବାର, ୧୬ ସେପ୍ଟେମ୍ବର ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦







## ପ୍ରଖ୍ୟାତ କବି ଦେବଦାସ ଛୋଟରାୟ ପାଇବେ ସାରଳା ପୁରସ୍କାର



ଭୁବନେଶ୍ୱର, ୧୫।୯ (ଭାସ୍କର ନ୍ୟୁଜ): ପ୍ରଖ୍ୟାତ କବି ଓ କଥାକାର ଦେବଦାସ ଛୋଟରାୟଙ୍କୁ ଚଳିତବର୍ଷର ସାରଳା ପୁରସ୍କାର ପ୍ରଦାନ କରାଯିବ। ତାଙ୍କୁ ସମ୍ମାନପତ୍ର ଓ ଫଳକ ସହ ନଗଦ ୭ ଲକ୍ଷ ଟଙ୍କା ଦିଆଯିବ। ତାଙ୍କ ରଚିତ ଗଳ୍ପ 'ମ୍ୟାଟିନ ସୋ' ପାଇଁ ଏହି ପୁରସ୍କାର ପ୍ରଦାନ କରାଯିବ। ଇମ୍ପା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆସନ୍ତା ଅକ୍ଟୋବର ୨୬ ତାରିଖରେ ଆୟୋଜିତ ସାରସ୍ୱତ ସମାବେଶରେ ଏହି ପୁରସ୍କାର ଦିଆଯିବ। ସୂଚନାଯୋଗ୍ୟ ଯେ ଶ୍ରୀ ଛୋଟରାୟ ଜଣେ ଉତ୍ତମ ପ୍ରଶାସକ ଭାବେ ସାରା ରାଜ୍ୟରେ ବେଶ ପରିଚିତ। ସେ ନିୟମିତ ଭାବେ ଗଳ୍ପ ଓ କବିତା ଲେଖିବାରେ ମଧ୍ୟ ମାହିର। ତେଣୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

## ୱାକଫ୍ ଆଇନ ଉପରେ ସୁପ୍ରିମକୋର୍ଟଙ୍କ ବଡ଼ ରାୟ

# ପ୍ରମୁଖ ପ୍ରାବଧାନ ଉପରେ ରୋକ୍

### ୱାକଫ୍ ଆଇନ ଉପରେ ଲାଗିଲାନି ସଂପୂର୍ଣ୍ଣ ରୋକ୍

### ସାମ୍ବିଧାନିକ ବୈଧତା ଉପରେ ଚାଲିବ ଶୁଣାଣି

### ନାଗରିକଙ୍କ ବ୍ୟକ୍ତିଗତ ଅଧିକାର ଉପରେ ନିର୍ଣ୍ଣୟ ନେଇପାରିବେନି ଜିଲ୍ଲାପାଳ

### ୩ରୁ ଅଧିକ ଅଣମୁସଲିମ୍ ରହିପାରିବେନି ସଦସ୍ୟ



ନୂଆଦିଲ୍ଲୀ, ୧୫।୯: କେନ୍ଦ୍ର ସରକାରଙ୍କ ୱାକ୍‌ଫ (ସଂଶୋଧନ) ଆଇନ ଉପରେ ସୁପ୍ରିମକୋର୍ଟ ସୋମବାର ଏକ ବଡ଼ ରାୟ ଦେଇଛନ୍ତି। ୱାକଫ୍ ଆଇନରେ କେନ୍ଦ୍ର ସରକାର କରିଥିବା ଏକାଧିକ ପ୍ରମୁଖ ସଂଶୋଧନ ଉପରେ ସର୍ବୋଚ୍ଚ ଅଦାଲତ ରୋକ୍ ଲଗାଇଛନ୍ତି। ୱାକଫ୍ ଆଇନର ସାମ୍ବିଧାନିକ ବୈଧତାକୁ ନେଇ ସୁପ୍ରିମକୋର୍ଟ ଯାଇଥିବା ଆବେଦନକାରୀଙ୍କୁ ଏହି ରାୟ ଆଶ୍ୱସ୍ତି ଆଣିଦେଇଛି। ସେହିପରି ୱାକଫ୍ ଆଇନରେ ସଂସ୍କାର ଆଣିବାର ନାରା ଦେଇ ନିୟମ ପ୍ରଣୟନ କରିଥିବା କେନ୍ଦ୍ର ସରକାରଙ୍କୁ ଏକ ଶକ୍ତ ଝଟ୍‌କା ଲାଗିଛି। ସର୍ବୋଚ୍ଚ ଅଦାଲତ କିଏ ୱାକଫ୍ କରିପାରିବେ ଓ ବିବାଦୀୟ ସମ୍ପତ୍ତି ଉପରେ କିଏ ନିଷ୍ପତ୍ତି ନେଇପାରିବେ ସେ ନେଇ ସଂଶୋଧିତ ଆଇନରେ ଥିବା ପ୍ରାବଧାନ ଉପରେ ସଂପୂର୍ଣ୍ଣ ରୋକ୍ ଲଗାଇଛନ୍ତି। ଏହାବାଦ୍ ୱାକଫ୍ ବୋର୍ଡ ଗଠନକୁ ନେଇ ପ୍ରସ୍ତାବିତ ନିୟମ ଉପରେ କଟକଣା ମଧ୍ୟ ଲଗାଯାଇଛି। ଏ ନେଇ କିଛି ପ୍ରସ୍ତାବ ମଧ୍ୟ ସୁପ୍ରିମକୋର୍ଟଙ୍କ ପକ୍ଷରୁ ଦିଆଯାଇଛି। ତେବେ ୱାକଫ୍ ଆଇନ ଉପରେ ସଂପୂର୍ଣ୍ଣ ରୋକ୍ ଲଗାଇବା ପାଇଁ ସୁପ୍ରିମକୋର୍ଟ ମନା କରି ଦେଇଥିବାବେଳେ ଏହାର ସାମ୍ବିଧାନିକ ବୈଧତା ଉପରେ ଶୁଣାଣି ଚାଲିବ ବୋଲି ସ୍ପଷ୍ଟ କରିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର.ଗବାଇଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଆମେ ଦେଖିବାକୁ ପାଇଛୁ ସଂପୂର୍ଣ୍ଣ ଆଇନ ଉପରେ ଚାଲେଞ୍ଜ କରାଯାଇଛି। କିନ୍ତୁ ମୂଳତଃ ସେକ୍ସନ-୩ (ଆର୍), ୩ସି ଓ ୧୪କୁ ଚାଲେଞ୍ଜ କରାଯାଇଥିଲା। ଆମେ ୧୯୨୩ ମସିହା ଆଇନଠାରୁ ଆରମ୍ଭ କରି ବିଧେୟକଗୁଡ଼ିକର ଇତିହାସକୁ ତର୍ଜମା କରିଛୁ। ତେଣୁ ସଂପୂର୍ଣ୍ଣ ଆଇନ ଉପରେ ରୋକ୍ ଲଗାଯିବାର ଆବଶ୍ୟକତା ନାହିଁ ବୋଲି ବିଚାର କରୁଛୁ। କିନ୍ତୁ ଯେଉଁସବୁ ଧାରାକୁ • ପୃଷ୍ଠା ୫ ଦେଖନ୍ତୁ

## ୨୭ଟି ନୂତନ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

# ଓଡ଼ିଶା ହେବ ପୂର୍ବ ଭାରତର ମାନୁଫାକ୍ଚରିଂ ହବ୍



- ୨୫ହଜାର କୋଟିର ନୂତନ ଶିଳ୍ପ ପ୍ରକଳ୍ପ କାର୍ଯ୍ୟକାରୀ
- ୫୨ ହଜାରରୁ ଅଧିକ ପାଇବେ ନିଯୁକ୍ତି
- ୧୫ ମାସରେ ୨୬୦ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରି

ଭୁବନେଶ୍ୱର, ୧୫।୯ (ଭାସ୍କର ନ୍ୟୁଜ): ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓୟୁଏଟି ସ୍ଥିତ କନଭେନସନ ସେଣ୍ଟର ଠାରେ ଶିଳ୍ପ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ୧୨ଟି ଜିଲ୍ଲାରେ ସମୁଦାୟ ୨୭ଟି ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରି ଓଡ଼ିଶାର ଶିଳ୍ପ ଇତିହାସରେ ଆଉ ଏକ ସ୍ୱର୍ଣ୍ଣିମ ଇତିହାସରେ ଆଉ ଏକ ଅଧ୍ୟାୟ ଯୋଡିଛନ୍ତି। ସୂଚନାଯୋଗ୍ୟ ଯେ ୨୭ ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବାପାଇଁ ସମୁଦାୟ ୨୫ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ପୁଞ୍ଜି ବିନିଯୋଗ କରାଯାଉଛି ଏବଂ ଏହାଦ୍ୱାରା ୫୨ ହଜାରରୁ ଅଧିକ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସୁନିଶ୍ଚିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ ଘୋଷଣା କରିଛନ୍ତି। ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯେତେବେଳେ ଓଡ଼ିଶାକୁ କିଛି ନିବେଶ ଆସୁଛି, ସେତେବେଳେ ଓଡ଼ିଶା ପ୍ରତି ଶିଳ୍ପ ଜଗତର ଭରସା ବୃଦ୍ଧି ପାଉଛି। ଶିଳ୍ପ ସ୍ଥାପନ ପାଇଁ ଓଡ଼ିଶା ସରକାରଙ୍କ ନୀତି ଓ ନିଷ୍ଠା ପ୍ରତି ନିବେଶକ ମାନଙ୍କ ଆସ୍ଥା ବୃଦ୍ଧି ପାଉଛି। ଓଡ଼ିଶାକୁ ପୂର୍ବ ଭାରତର ମାନୁଫାକ୍ଚରିଂ ହବ୍ କରିବା ପାଇଁ ଆମେ ବିଭିନ୍ନ ହାଇ ଭାଲ୍ୟୁ ପ୍ରଡକ୍ଟ ଉତ୍ପାଦନ ଦିଗରେ • ପୃଷ୍ଠା ୫ ଦେଖନ୍ତୁ




# ଭାସ୍କର ରାଜ୍ୟ ଖବର



ନବରଙ୍ଗପୁର (ଭାସ୍କର ନ୍ୟୁଜ୍) : ଦୀପ୍ ଶାନ୍ ଫିଲ୍ମ ପ୍ରଯୋଜିତ ଏବଂ ସାଇ ଫିଲ୍ମ ନିବେଦିତ ଏସ . ଏଫ୍ -୦୦୮ ନାମକ ଫିଲ୍ମ ର ସୁଟିଂ ନବରଙ୍ଗପୁର ସଦର ମହକୁମାର ସାମନ୍ତରାୟ ସାହି ସ୍ଥିତ ସାମନ୍ତରାୟ ବଙ୍ଗଳା ରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସୁଟିଂରେ ଅବିଭକ୍ତ କୋରାପୁଟ ଜିଲ୍ଲା ଚଳଚ୍ଚିତ୍ର ବିକାଶ ନିଗମର ସହ ସମ୍ପାଦକ ତଥା ନବରଙ୍ଗପୁର ଜିଲ୍ଲାର ପ୍ରତିଷ୍ଠିତ ଟେଲି ଫିଲ୍ମ ନିର୍ଦ୍ଦେଶକ ମନୋଜ କୁମାର ପଟ୍ଟନାୟକ ଅତିଥି ଭାବରେ ଯୋଗଦେଇ କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଫିଲ୍ମର ରଚନା, ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନା ଓଡ଼ିଆ ଚଳଚ୍ଚିତ୍ର ଜଗତର ସୁପରିଚିତ ନିର୍ଦ୍ଦେଶକ ଆମର ମିଶ୍ର ଦେଉଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଅଭୟ ମିଶ୍ର ଏବଂ ସୁଶିଲ ଦଳେଇ ଦେଇଛନ୍ତି । ଏହି ଚଳଚ୍ଚିତ୍ର ରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଅନେକ ପ୍ରତିଷ୍ଠିତ କଳାକାର ଅଭିନୟ କରିଛନ୍ତି । ଚଳଚ୍ଚିତ୍ରଟି ଏକା କାଳୀନ ଓଡ଼ିଆ ଓ ତେଲୁଗୁ ଭାଷାରେ ନିର୍ମାଣ କରାଯାଉଛି । ଏହା ଉଭୟ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶର ସିନେମା ହଲ ରେ ମୁକ୍ତିଲାଭ କରିବ । ଚଳଚ୍ଚିତ୍ର ର ସୁଟିଂ ଅବିଭକ୍ତ କୋରାପୁଟ, ଓଡ଼ିଶା ତଥା ଓଡିଶା ବାହାରେ ହେବ ଏବଂ ଏହା ଆସନ୍ତା ବର୍ଷ ୨୦୨୬ ଅଗଷ୍ଟ କିମ୍ବା ସେପ୍ଟେମ୍ବର ମାସରେ ମୁକ୍ତିଲାଭ କରିବ ବୋଲି ନିର୍ଦ୍ଦେଶକ ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି । ଏହି ଅବସରରେ ନବରଙ୍ଗପୁରର ତ୍ରିଶକ୍ତି ସିନେ କମ୍ବାଇନ୍ସ ପକ୍ଷରୁ ଚଳଚ୍ଚିତ୍ରର ସମସ୍ତ କଳାକାରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି ।



## ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେଲେ ୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ

ବଡ଼ଚଣା (ଭାସ୍କର ନ୍ୟୁଜ୍) : ଯାଜପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦୀୟମାନ ପକ୍ଷରୁ ଆୟୋଜିତ ୨୪ ତମ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଶାନ୍ତି ଶୃଙ୍ଖଳାରେ ଅନୁଷ୍ଠିତ ହୋଇଯାଇଛି । ଚଣ୍ଡିଖୋଲ ସ୍ଥିତ ଡିୟୁ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ପ୍ରତିଯୋଗୀତାକୁ ଆନୁଷ୍ଠାନିକ ଭାବରେ ଜିଲ୍ଲା ଭାଜପା ସଭାପତି ଦେବଜାନୀ ପ୍ରଧାନ ଉଦ୍‌ଘାଟନ କରିଥିଲେ । ଏଥିରେ ମୋଟ୍ ୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା । କଟକ,କେନ୍ଦ୍ରାପଡ଼ା, ଢେଙ୍କାନାଳ, ଖୋର୍ଦ୍ଧା, ଭଦ୍ରକ, ବାଲେଶ୍ୱର, ଜଗତସିଂହପୁର ଓ ଯାଜପୁର ଜିଲ୍ଲାରୁ ହଜାର ହଜାର ସଂଖ୍ୟାର ପ୍ରାଥମିକ, ନିମ୍ନ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପ୍ରବନ୍ଧ, ସାଧାରଣ ଜ୍ଞାନ, ବକ୍ତୃତା, ଚିତ୍ରାଙ୍କନ, କୁଇଜ୍ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ, ବକ୍ତୃତା ବିଭାଗରେ ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରଜନୀ କାନ୍ତ ପୃଷ୍ଟି, ଡ଼ ସୁଧିର ଚନ୍ଦ୍ର ସାମଲ, ଅଧ୍ୟାପକ ଡଃ ଦିଲିପ କୁମାର ନାୟକ, ଅମ୍ବିକା ପ୍ରସାଦ ମିଶ୍ର, ପ୍ରଧାନ ଶିକ୍ଷକ ଚକ୍ରଧର ନାୟକ, କବି ଡ. ନଟବର ପ୍ରଧାନ ପ୍ରମୁଖ ବିଚାର କରିଥିବା ବେଳେ ପ୍ରବନ୍ଧ, କୁଇଜ୍, ଚିତ୍ରାଙ୍କନ ଆଦି ଖାତାକୁ ମୂଲ୍ୟାୟନ କରିଥିଲେ ଶିକ୍ଷାବିତ୍ କାହ୍ନୁଚରଣ ସାହୁ, ସ୍ମୃତି ରଂଜନ ଆଚାର୍ଯ୍ୟ, ପ୍ରମୋଦ କୁମାର ଦାସ, ରବିନ୍ଦ୍ର ନାଥ ତରାଇ, ଶ୍ରୀମତୀ ରାଉତ, ରଶ୍ମିତା ସେଠୀ, ଅରୁଣୀ ନନ୍ଦ ଓ ଡ. ଲିପିକା ବେହେରା ପ୍ରମୁଖ । ହଲ ପରୀକ୍ଷକ ଭାବରେ ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ନାୟକ, ଜୟନାରାୟଣ ତ୍ରିପାଠୀ, ଅଭିରାମ ସ୍ୱାଇଁ, ପ୍ରତାପ ଚନ୍ଦ୍ର ଦାସ,ସୁଜାତା ସାମଲ, ହରପ୍ରିୟା ମହାନ୍ତି, ଶର୍ମିଷ୍ଠା ଜେନା, ଇତିଶ୍ରୀ ପରିଡ଼ା, ମାନସୀ ଦାଶ, ସଂଧ୍ୟାରାଣୀ ବ୍ରହ୍ମା, ଶେଷାଦ୍ରୀ ସାମନ୍ତରାୟ, ଗୀତାଞ୍ଜଳି ମିଶ୍ର,ମମତା ରାଉତ, ସୁନନ୍ଦା ରାଉତ, ପାର୍ବତୀ ପଣ୍ଡା,ପ୍ରଭାତୀ ବରାଳ, ଯମୁନା ଜେନା, ସୋନାଲି ନାୟକ, ମୋନାଲିସା ପ୍ରଧାନ ଶାନ୍ତି ଶୃଙ୍ଖଳାରେ ପରୀକ୍ଷା କେନ୍ଦ୍ରକୁ ପରିଚାଳନା କରିଥିଲେ । ଅନୁଷ୍ଠାନ ପକ୍ଷରୁ ଛାତ୍ରଛାତ୍ରୀ ଓ ଅବିଭାବକ, ଅବିଭାବିକା ମାନଙ୍କ ପାଇଁ ଖାଦ୍ୟ ପାନୀୟ ଇତ୍ୟାଦି ପ୍ରଦାନ କରାଯାଇଥିଲା । ସ୍ୱେଚ୍ଛାସେବୀ ରଶ୍ମି ରଂଜନ ଦାସ, ସଞ୍ଜିବ ସାମଲ, ଆଶୁତୋଷ ମିଶ୍ର, ଶୁଶାନ୍ତ କୁମାର ଜେନା, ମଦନମୋହନ ପରମାଣିକ, ତାପସ ରଂଜନ ସ୍ୱାଇଁ, ସୁକାନ୍ତ ମହାପାତ୍ର, ବେଣୁଧର ପ୍ରଧାନ, ବିପନ କୁମାର ବେହେରା, ପ୍ରଦୀପ ଜେନା, ବିଜୟ ଜେନା ଏହାକୁ ସୁଚାରୁରୂପେ ପରିଚାଳନା କରିଥିଲେ । ଏହି ପ୍ରତିଯୋଗୀତାର ଫଳାଫଳ ସେପ୍ଟେମ୍ବର ୨୫ ମଧ୍ୟରେ ପ୍ରକାଶ ପାଇବ ବୋଲି ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ଅନନ୍ତ ପ୍ରସାଦ ମାହାଲା, ସଂପାଦକ କାର୍ତ୍ତିକ ଚନ୍ଦ୍ର ଜେନା, ସଭାପତି ଅବିନାଶ ଜେନା ପ୍ରକାଶ କରିଛନ୍ତି ।



## ଧାନ ଥୋଡ଼ ବାହାରିବାକୁ ବସିଲାଣି, ସାରର ଦେଖା ନାହିଁ

### ➩ ବାଧକ ସାଜୁଛି ଗୋଦାମ ଗୃହ, ନାହିଁ ଲାଇସେନ୍ସ
### ➩ ସାର ମାଗିଛୁ କହି ହାତ ଟେକି ବସିଛନ୍ତି ସମ୍ପାଦକ

ନିଆଳି (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାର କୃଷି ପାଇଁ କୃଷକ ମାନଙ୍କୁ ବିଭିନ୍ନ ସସରକାରୀ ଯୋଜନାରେ ସାମିଲ କରିବା ଶହ ସରକାରୀ ସହାୟତା ଯୋଗାଇ ଦେଉଛନ୍ତି କିନ୍ତୁ ନିଆଳି ବ୍ଲକ ଚାଷୀ ମାନଙ୍କ ପାଇଁ ସରକାର ଓ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ନଥିବା ଦେଖିବାକୁ ମିଳିଛି । ଏମିତିକି ନିଆଳି ବିଧାୟକ ଛବି ମଲିକ ଚାଷୀଙ୍କ ସାଙ୍ଗରେ ମୁଁ ଅଛି ବୋଲି ଡିଡ଼ିମ ପିଟୁଥିବା ବେଳେ ଖୋଦ ନିଆଳି ବ୍ଲକରେ ବାର ଗୋଟି ସେବା ସମବାୟ ସମିତିରେ ଅଣ ପଞ୍ଜିକୃତ ଚାଷୀଙ୍କୁ ଛାଡ଼ି ପଞ୍ଜିକୃତ ୬, ୭୭୦ ଚାଷୀ ମାନେ ୟୁରିଆ ସାର ପାଇଁ ଡହଳ ବିକଳ ହେଉଛନ୍ତି । ସତେ ଯେମିତି ସାର ପାଇଁ ନିଆଳିରେ ହା ହା କାର ପଡିଛି । ହେଲେ ଅଧିକାଂଶ ସେବା ସମବାୟ ସମିତିର ନିଜସ୍ୱ ଗୋଦାମ ଗୃହ ନଥିବା ବେଳେ ଯେଉଁ କେତୋଟି ଗୋଦାମ ଗୃହ ରହିଛି ସେ ଗୁଡିକର ରକ୍ଷଣା ବେକ୍ଷଣା ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି । ଯାହା ଗୋଦାମ ଗୃହ ପାଇଁ ଉପଯୋଗୀ ନୁହେଁ । ସେଥିମଧ୍ୟରେ ବାହାରଣା, ନିଆଳି, ପହଙ୍ଗା, ସଡାନ୍ଧ, ସିଠାଳ, ରାଣୀଓଳା, ଏରଞ୍ଚ, ସେବା ସମବାୟ ସମିତିରେ ଗୋଦାମ ଗୃହ ନାହିଁ । କପାସି, ଅଁଳ, ମାଧବ, ସେବା ସମବାୟ ସମିତିର ଗୋଦାମ ଗୃହରେ ପାଣି ପଶୁଛି । କେତେକ ସେବା ସମବାୟ ସମିତି ରେ ସାର ଆଣିବା ନିମନ୍ତେ ଲାଇସେନ୍ସ ମଧ ନାହିଁ ।ସେଥୀ ମଧ୍ୟରୁ ସଡାନ୍ଧ, ଅଁଳ, ସିଠାଳ, ଏରଞ୍ଚ, ରାଣୀଓଳା, ଅନ୍ତର୍ଭୁକ୍ତ ଅଟେ । ଏବେ ଚାରିଆଡେ ୟୁରିଆ ସାରର ଅଭାବ ବିକ୍ରି ଚାଲିଥିବା ବେଳେ ନିଆଳି ବ୍ଲକରେ ପଞ୍ଜିକୃତ ୬, ୭୭୦ ଚାଷୀଙ୍କ ପାଇଁ ପହଂଗା ସେବା ସମବାୟ ସମିତି ରେ ୨୨୨ ବସ୍ତା ୟୁରିଆ, ବିଳାଶୁଣୀ ରେ ୯୯ କୁଇଣ୍ଟାଲ ୟୁରିଆ, ୧୦୦ କୁଇଣ୍ଟାଲ ଗ୍ରୋମର ଆସିଥିବା ବେଳେ ବିନିସପୁର ସେବା ସମବାୟ ସମିତିକୁ ଅନୁରୂପ ଭାବେ ସେତିକି ସାର ଦିଅ ଯାଇଛି । ମୋଟ ତିନି ଗୋଟି ସେବା ସମବାୟ ସମିତିକୁ ୫ଶହ କୁଇଣ୍ଟାଲ ସାର ଦିଆଯାଇଥିବା ବେଳେ ୯ ଗୋଟି ସେବା ସମବାୟ ସମିତି ସାର ନେଇନଥିବା କହିଛନ୍ତି ।ଯାହା ଚାଷୀ ଙ୍କର ସମୁଦ୍ର କୁ ଶଙ୍ଖେ ବୋଲି ଚାଷୀ ଅଭିଯୋଗ ଆଣିଛନ୍ତି । ନିଆଳି ବ୍ଲକ ରେ ଏରଞ୍ଚ ସେବା ସମବାୟ ସମିତି ରେ ସ୍ଥାନୀୟ ଅଞ୍ଚଳର ଚାଷୀ ରାଗିଯାଇ ତାଲା ପକାଇ ଦେଇଥିଲେ । ସାର ପାଇଁ ଏବେ ଏହି ଘଟଣା ସାରା ନିଆଳି ଚାଷୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପଇଛି । ଏ ନେଇ ନିଆଳି ବିଧାୟକ ଦୃଷ୍ଟି ଦେବା ସହ ସେବା ସମବାୟ ସମିତି ଗୁଡିକୁ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇଦେବା ଶହ ଗୋଦାମ ଗୃହ ନିର୍ମାଣ ରେ ଦୃଷ୍ଟି ଦେବାକୁ ସଂଗ୍ରାମ ସେନାପତି କେଦାର ନାଥ ସେନାପତି, ଅନ୍ତର୍ଯ୍ୟାମୀ ବେହେରା ନାରାୟଣ କର, ବିଶ୍ୱମ୍ବର ସେନାପତି, ଭଗବାନ ଭୋଇ, କାବୁଲି ଭୋଇ ସମେତ ଅନେକ ଚାଷୀ ଦାବି କରିଛନ୍ତି ।




## କୁଡୁମୀ ସମାଜର ମୌଳିକ ଅଧିକାର ନେଇ ବୈଠକ

କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲା ସଦର ବ୍ଲକ ନରଣପୁର ଗ୍ରାମ ପଞ୍ଚାୟତର ରାମଚନ୍ଦ୍ରପୁର ଠାରେ ଆଦିବାସୀ କୁଡୁମୀ ସମାଜର ରାମଚନ୍ଦ୍ରପୁର, ହରିଡ଼ାଗୋଠ, ଘଟଗାଁ ବ୍ଲକର ଉକୁଚାବେଡ଼ାର ଭାଇଭଉଣୀ ମାନଙ୍କୁ ନେଇ ରାମଚନ୍ଦ୍ରପୁର ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାମଚନ୍ଦ୍ରପୁର ଗ୍ରାମର ସନାତନ ମହାନ୍ତ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ କେନ୍ଦ୍ରୀୟ ପ୍ରବକ୍ତା ଶଶଧର କାଲୁଆର । ବୈଠକରେ ତିନୋଟି ଗ୍ରାମର ବସିଥିବା ଲୋକ ମାନଙ୍କୁ ନିଜ ଜାତିର ସଂସ୍କୃତି ପରମ୍ପରା ବିଷୟରେ ସଚେତନ କରିବା ସହ କୁଡୁମୀ ଜାତି ଆଗରୁ ଆଦିବାସୀ ଥିଲେ ଏବଂ ଆମକୁ ପୁଣି ଆଦିବାସୀ ମାନ୍ୟତା ଯଥାଶୀଘ୍ର ଦିଆଯାଉ ବୋଲି ବହୁବାର ସରକାରଙ୍କ ଠାରେ ଦାବି କରି ଆସୁଥିଲେ ସୁଦ୍ଧା ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି କିମ୍ବା ଶୁଣୁନାହାନ୍ତି ବୋଲି ଆଲୋଚନା ହୋଇଥିଲା । ତେଣୁ ଏକଜୁଟ୍ ହୋଇ ସମସ୍ତେ ସାମ୍ବିଧାନିକ ମୌଳିକ ଅଧିକାର ପାଇବା ପର୍ଯ୍ୟନ୍ତ ଲଢିବାକୁ ଆହ୍ୱାନ ଦିଆଯାଇଥିଲା । ତେଣୁ ସେପ୍ଟେମ୍ବର ୨୦ ତାରିଖରେ ନରଣପୁର ଠାରେ କୁଡୁମୀ ସମାଜର ବିଭିନ୍ନ ଦାବିକୁ ନେଇ ରେଳରୋକ ଡାକରା ଦିଆଯାଇଛି, ଏହି ରେଳରୋକରେ ଶହ ଶହ ସଂଖ୍ୟାରେ କୁଡୁମୀ ଭାଇ ଭଉଣୀ ଯୋଗ ଦେବାକୁ ନିବେଦନ କରାଯାଇଛି । ଅପରପକ୍ଷରେ ଆଦିବାସୀ କୁଡୁମୀ ସମାଜର ଗବେଷକ ଧନେଶ୍ୱର ମହାନ୍ତ କହିଥିଲେ କି ଆମେ ପ୍ରକୃତି ପୂଜକ ଆମର ସ୍ୱତନ୍ତ୍ର ପୂଜାବିଧି ରହିଛି ନିଜର ସଂସ୍କୃତି ପରମ୍ପରା ଆମର ନିଜର ରହିଛି ତେଣୁ ଯଥାଶୀଘ୍ର ଆଦିବାସୀ ମାନ୍ୟତା ଦେବାକୁ ସେ ଦାବି କରିଛନ୍ତି । ଓଡ଼ିଶା ଆଦିବାସୀ କୁଡୁମୀ ସମାଜର ସଭାପତି ଦୋଳ ଗୋବିନ୍ଦ ମହାନ୍ତ ଯୋଗଦେଇ କହିଛନ୍ତି ସଦର ବ୍ଲକର ଗାଁ ଗଣ୍ଡାରୁ କୁଡୁମୀ ସମାଜର ସମସ୍ତେ ସେପ୍ଟେମ୍ବର ୨୦ ତାରିଖରେ ନରଣପୁର ଠାରେ କୁଡୁମୀ ଜାତିର ସାମ୍ବିଧାନିକ ମୌଳିକ ଅଧିକାର ପାଇଁ ହେଉଥିବା ରେଳରୋକରେ ସାମିଲ ହେବାକୁ ନିବେଦନ କରିଛନ୍ତି । ଆଦିବାସୀ କୁଡୁମୀ ସମାଜପାଟଣା ବ୍ଲକର ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ ଯୋଗଦେଇ କହିଥିଲେ କି ଆମେ ସମସ୍ତେ ଏକତ୍ରିତ ହୋଇ ଲଢିବାକୁ ପଡ଼ିବ ଏବଂ ପାଟଣା ଅଞ୍ଚଳରୁ ବହୁ ସଂଖ୍ୟାରେ ଯୋଗ ଦେବେ ବୋଲି କହିଛନ୍ତି ଉପସଭାପତି ନରେନ୍ଦ୍ର ମହାନ୍ତ,ସହ ସମ୍ପାଦକ ଖଗେଶ୍ୱର ମହାନ୍ତ, ଲକ୍ଷ୍ମଣ ମହାନ୍ତ, ସମାଜସେବୀ ଚିତ୍ତରଞ୍ଜନ ମହାନ୍ତ ,ଭାରତୀ ମହାନ୍ତ, ମମତା ମହାନ୍ତ, ବିରଞ୍ଚି ମହାନ୍ତ, ଉକୁଚାବେଡ଼ାର ପୂର୍ବତନ ସମିତି ସଭ୍ୟ ମାଧବ ମହାନ୍ତ, ରକ୍ଷିନାଥ ମହାନ୍ତ, ଯଜାତି ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ ।



## କଲଭର୍ଟ ସାଜିଛି ସ୍ୱାଭିମାନ ଅଞ୍ଚଳବାସୀଙ୍କ ଦୁଃଖ

ବାଲିମେଳା, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳରେ ରାସ୍ତା ଓ କଲଭର୍ଟ ନିର୍ମାଣ ହୋଇଥିଲେ ମଧ ଯାତାୟତରେ ସମସ୍ୟା ଭୋଗୁଛନ୍ତି ଲୋକେ । କଲଭର୍ଟ ନିକଟରେ ଆଣ୍ଠୁଏ ପାଣି ଜମିବା ସହ ପଙ୍କ କାଦୁଅ ଯୋଗୁଁ ଲୋକେ ଏହି ରାସ୍ତା ଦେଇ ଯାତାୟତ କରିବା କଷ୍ଟକର ହୋଇପଡିଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ ଜିଲ୍ଲାର ଚିତ୍ରକୋଣ୍ଡା ବ୍ଲକରେ ଥିବା ସ୍ୱାଭିମାନ ଅଞ୍ଚଳର ପାପରମେଟଲା ପଞ୍ଚାୟତ ଅନ୍ତର୍ଗତ ଜନ୍ତପାଇ ଠାରୁ ଡଲିଆମ୍ବ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଏକ କଲଭର୍ଟ ନିର୍ମାଣ କରଯାଇଥିଲା । ବର୍ତ୍ତମାନ ମେଟାଲ ଓ ମୋରୁମ ଦ୍ୱାରା ହୋଇଥିବା ଏହି ରାସ୍ତାରେ ଅନେକ ଦିନ ଧରି କଲଭର୍ଟଟି ନିର୍ମାଣ ହୋଇଥିଲେ ହେଁ ଏହାକୁ ମୁଖ୍ୟ ରାସ୍ତା ସହ ସଠିକ ଭାବେ ଯୋଡା ଯାଇ ନଥିବା ବେଳେ ବର୍ଷା ଯୋଗୁଁ କଲଭର୍ଟ ନିକଟରେ ଆଣ୍ଠୁଏ ଉଚ୍ଚର ପାଣି ଜମିବା ସହ ପଙ୍କ କାଦୁଅ ହୋଇଥିବାରୁ ଏହି ରାସ୍ତାରେ ମୋଟର ସାଇକେଲ ଦ୍ୱାରା କିମ୍ବା ଚାଲି ଚାଲି ଯିବା ସମ୍ପୂର୍ଣ୍ଣ ରୂପେ କଷ୍ଟକର ହୋଇ ପଡିଛି । ବଡ ଗାଡି ଗୁଡିକ ଯେକୌଣସି ମତେ ଏହି ରାସ୍ତା ଦେଇ ଯାଉଥିବା ବେଳେ ସ୍ଥାନୀୟ ଲୋକେ ସାଇକେଲ, ମୋଟର ସାଇକେଲ ଓ ଚାଲି ଚାଲି ଏହି ରାସ୍ତା ଦେଇ ଯାତାୟତ କରି ପାରୁନଥିବା ଅଭିଯୋଗ କରିଛନ୍ତି । ତୁରନ୍ତ ଏହି ରାସ୍ତାକୁ ମରାମତି କରାଇ କଲଭର୍ଟ ସହ ରାସ୍ତାକୁ ସଠିକ ଭାବେ ଯୋଡିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।



## ସମାଜସେବୀ ସୁଲୋଚନା ସ୍ୱାଇଁଙ୍କ ବିୟୋଗରେ ସ୍ମୃତିଚାରଣ ସଭା

### ଯୋଗଦେଲେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ

ରଘୁନାଥପୁର (ଭାସ୍କର ନ୍ୟୁଜ୍) : ରଘୁନାଥପୁର ବ୍ଲକ ଗୁଆଳିପୁର ପଞ୍ଚାୟତ ରାଧାନଗର ଗ୍ରାମର ଭାଗବତ ସ୍ୱାଇଁ ସହଧର୍ମିଣୀ ସମାଜସେବୀ ସୁଲୋଚନା ସ୍ୱାଇଁଙ୍କ ୭୨ବର୍ଷ ବୟସରେ ଗତ ସେପ୍ଟେମ୍ବର ୧ତାରିଖରେ ଦେହାନ୍ତ ହୋଇଯାଇଛି । ସୁଲୋଚନା ଜଣେ ଏକ ଧାରାରେ ସମାଜସେବୀ ମିଷ୍ଟଭାଷୀ, ପରୋପକାରୀ, ଧର୍ମପରାୟଣ ସ୍ନେହମୟୀ ମହିଳା ଥିଲେ । ତାଙ୍କ ମୃତ୍ୟୁ ଖବରପାଇ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ମାନେ ତାଙ୍କର ଶେଷଦର୍ଶନ କରିବାସହ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ ।ଏହି ଉପଲକ୍ଷେ ରବିବାର ବର୍ତ୍ତୀଛକ ଠାରେ ତାଙ୍କ ବାସଭବନରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହିସଭାରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେଇଥିବା ବେଳେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଜତ କୁମାର ପାତ୍ର ବିଜେପି ଜିଲ୍ଲାସଭାପତି ପ୍ରତାପ ଷଡ଼ଙ୍ଗୀ, ଜିଲ୍ଲା ବରିଷ୍ଠ ବିଜେପି ନେତା ସତ୍ୟବ୍ରତ ମହାପାତ୍ର, ବିଜେପି ବିଧାୟକ ପ୍ରାର୍ଥୀ ଆଇନଜୀବୀ ରାଜକିଶୋର ବେହେରା,ଜିଲ୍ଲା ସାଧାରଣ ସମ୍ପାଦକ ସୁବାଷ ଜେନା, ଚିକିଣିଆ ସରପଞ୍ଚ ବିଷ୍ଣୁ ଚରଣ ସେଠି, ଯୁବନେତା ସରୋଜ କାନ୍ତ ସ୍ୱାଇଁ, ବଳରାମ ଦଳାଇ ରଘୁନାଥପୁର ମଣ୍ଡଳ ସଭାପତି ସ୍ୱରାଜ ସାମଲ, ଜଇପୁର ମଣ୍ଡଳ ସଭାପତି ବନୋଜ ନାୟକ ଗୁଆଳିପୁର ସମିତି ସଭ୍ୟ କମଳାକାନ୍ତ ପରିଡ଼ା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ସୁଲୋଚନାଙ୍କ ସ୍ମୃତିଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ସୁଲୋଚନାଙ୍କ ବଡପୁଅ ଭଗବାନ ସ୍ୱାଇଁ, ସାନପୁଅ ସନ୍ୟାସୀ ସ୍ୱାଇଁ, ପତ୍ରବଧୁ ସ୍ମିତିପ୍ରଜ୍ଞା ମହାପାତ୍ର, ମୋନାଲିସା ରାଉତ ଓ ନାତି ବାସ୍ତବ, ସୌରାଜ, ସମ୍ଭବ ଓ ବନ୍ଧୁପରିବାର ଉପସ୍ଥିତ ରହିଥିଲେ । ଏହି ଅବସରରେ ଓଡିଶାର ପ୍ରସିଦ୍ଧ କଳାକାର ମାନଙ୍କ ଦ୍ୱାରା ଭଜନସଂଧ୍ୟା ପରିବେଷଣ କରାଯାଇଥିଲା ।



## ଅସମ୍ପୂର୍ଣ୍ଣ ଓଭରବ୍ରିଜ୍ ପାଲଟିଛି ମୃତ୍ୟୁଯନ୍ତା

ସାରସକଣା, (ଭାସ୍କର ନ୍ୟୁଜ୍): ସାରସକଣା ବ୍ଲକ ଅନ୍ତର୍ଗତ ଝାରପୋଖରିଆରେ ଥିବା ଅର୍ଦ୍ଧନିର୍ମିତ ଓଭର ବ୍ରିଜ ପାଲଟିଛି ମୃତ୍ୟୁଯନ୍ତା । ଦିନ ବାରଟା ସମୟରେ ଚାନ୍ଦୁଆ ଏକ ଦମ୍ପତି ନିଜ ଶଶୁର ଘର ଝାଡ଼ଖଣ୍ଡର ମାକଡି ଗ୍ରାମରୁ ଫେରି ଆସୁଥିବା ସମୟରେ ଝାରପୋଖରିଆରେ ଥିବା ଅସମ୍ପୂର୍ଣ୍ଣ ଓଭର୍ ବ୍ରିଜ ନିକଟରେ ଏକ ଟ୍ରଲର ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ସ୍ୱାମୀଙ୍କର ମୃତ୍ୟୁ ହୋଇଯାଇଛି । ତାଙ୍କ ସ୍ତ୍ରୀ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ । ଦୁର୍ଘଟଣାର ଖବର ପାଇଲା ମାତ୍ରେ ଝାରପୋଖରିଆ ଥାନା ଅଧିକାରୀ ଶ୍ରୀ ପ୍ରଭୁ କଲ୍ୟାଣ ଆଚାର୍ଯ୍ୟ ପହଞ୍ଚି ଉତ୍ୟକ୍ତ ଜନତା ଯେଉଁ ୪୯ ଏବଂ ୧୮ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ, ସେମାନଙ୍କୁ ବୁଝାସୁଝା କରିଥିଲେ ଓ ଟ୍ରଲରକୁ ଜବତ କରିଥିଲେ । ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଘୋଷଣା କଲେ ଯେ ମୃତକଙ୍କ ଦାହ କାର୍ଯ୍ୟ ସମ୍ପାଦନ କରିବାକୁ କୋଡ଼ିଏ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ଅବରୋଧକାରୀ ମାନେ ଧାରଣାରୁ ପ୍ରତ୍ୟାହୃତ ହୋଇଥିଲେ । ଥାନାଧିକାରୀ ଶ୍ରୀ ଆଚାର୍ଯ୍ୟ ସଙ୍ଗେ ସଙ୍ଗେ ଜଣେ ବଦଳରେ ଦୁଇଜଣ ହୋମଗାର୍ଡ଼କୁ ଓଭରବ୍ରିଜ ତଳେ ନିୟୋଜିତ କରିଥିଲେ ।

## ଜନସାଧାରଣଙ୍କ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଓଡିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଦୁଇଦିନଆ କେନ୍ଦୁଝର ଗସ୍ତ ସାରି ରବିବାର ଅପରାହ୍ନରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି । ରବିବାର ସକାଳୁ ଶହ ଶହ ସଂଖ୍ୟାରେ ଲୋକ କେନ୍ଦୁଝର ସର୍କିଟ ହାଉସକୁ ଆସି ନିଜ ନିଜର ବ୍ୟକ୍ତିଗତ ଓ ଆଉ କିଛି ସାମୁହିକ ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ । ସମସ୍ତ ଅଭିଯୋଗଗୁଡିକ ମୁଖ୍ୟମନ୍ତ୍ରୀ ଧୈର୍ଯ୍ୟର ସହ ଶୁଣିବା ପରେ ଏହାର କିପରି ସମାଧାନ ହୋଇପାରିବ ତାହାର ଦାୟିତ୍ୱ ଅଧିକାରୀମାନଙ୍କୁ ପ୍ରଦାନ କରିଥିଲେ । ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସହ ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିବା ସହ ସେମାନଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛି, ଯାହାକି ଆମ ସରକାରର ମୂଳ ଲକ୍ଷ୍ୟ ବୋଲି କହିଥିଲେ ।ଏହି ଅଭିଯୋଗ ଶୁଣିବା ସମୟରେ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ, ଏସପି ନିତିନ କୁଶଲକର, ଡିଏଫଓ ଏଚଡି ଧନରାଜ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏତଦବ୍ୟତୀତ କେନ୍ଦୁଝରଠାରେ ପ୍ରତିଷ୍ଠା କରାଯାଇଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ମୁଖ୍ୟ ଅଭିଯୋଗ ଶୁଣାଣୀ ଅଧିକାରୀ ହିମାଂଶୁ ଶେଖର ସାହୁ ମଧ ଉପସ୍ଥିତ ଥିଲେ । ଏହା ପରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ହେଲିକପ୍ଟରରେ ଭୁବନେଶ୍ୱର ଫେରିଥିଲେ । କେନ୍ଦୁଝର ଷ୍ଟାଡିୟମରେ ନିର୍ମିତ ହୋଇଥିବା ସ୍ୱତନ୍ତ୍ର ହେଲିପ୍ୟାଡରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସମେତ ଦଳୀୟ ନେତୃବୃନ୍ଦ ମୁଖ୍ୟମନ୍ତ୍ରୀଙ୍କୁ ବିଦାୟ ଜଣାଇଥିଲେ ।



## କାଞ୍ଚିଆପାଳର ଦୁଃଖ ଗେଙ୍ଗୁଟି ନଦୀର ତିନି ଏସ୍‌କେପ୍

ଧାମନଗର (ଭାସ୍କର ନ୍ୟୁଜ୍) : ଧାମନଗର ବ୍ଲକ ଖଡ଼ିପଦା ପଞ୍ଚାୟତର କାଞ୍ଚିଆପାଳ ଗାଁ ପାଇଁ ଦୁଃଖର କାରଣ ସାଜିଛି ଗେଙ୍ଗୁଟି ନଦୀର ତିନି ଏସକେପ୍ । ଗାଁର ପଶ୍ଚିମରେ ଥିବା ପାହାଡ଼ପୁର ଗାଇଛନ୍ଦା ଏସକେପ୍, ମହାପୁରୁଷ ଆଶ୍ରମ ନିକଟ ମଠ ମାହାରା ଓ ଗାଁର ପୂର୍ବ ଉତ୍ତରକୁ ଥିବା କନକେଇ ଏସକେପ୍ । ବନ୍ୟା ଆସିଲେ ବୈତରଣୀର ଶାଖା ନଦୀ ଗେଙ୍ଗୁଟିର ପାଣି ଏହି ତିନି ଏସକେପ୍ ବାଟେ ଗାଁ ଭିତରକୁ ପଶିଥାଏ । ଫଳରେ ଗାଁରୁ ଖଡ଼ିପଦାକୁ ସଂଯୋଗ କରୁଥିବା ରାସ୍ତା ବୁଡ଼ିଯାଏ । ଠିକ୍ ସେମିତି ଗାଇଛନ୍ଦା ଏସକେପ୍ ପାଣିରେ ଆନନ୍ଦପୁର ପଞ୍ଚାୟତର ପାହାଡ଼ପୁର ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଏ । ଏଣୁ ଗାଁରେ ରହୁଥିବା ୨୦୦ରୁ ଅଧିକ ପରିବାରର ୧୦୦୦ରୁ ଅଧିକ ଲୋକ ଜଳବନ୍ଦୀ ହୋଇ ରହନ୍ତି । ବଢ଼ି ପାଣି ନ ଛାଡ଼ିଲା ଯାଏ ଗାଁ ଭିତରେ ରହିବାକୁ ବାଧ ହୁଅନ୍ତି । ଏମିତିକି କେହି କେହି ନିଜ ଘରୁ ପଡ଼ିଶା ଘରକୁ ବି ଯାଇ ପାରନ୍ତି ନାହିଁ । ସ୍ୱାଧିନତା ପରଠାରୁ ଏ ଅବସ୍ଥା ଲାଗି ରହିଛି । ବର୍ଷା ଦିନେ ପାଣି ଆସିଲେ ଘର ଭିତରେ ଜାକିଜୁକି ହୋଇ ରହିବାକୁ ପଡ଼ିଥାଏ । ଆଉ ବନ୍ୟା ଚିର ସହଚର ହୋଇଥିବାରୁ ଲୋକେ ଘର କରିବାବେଳେ ପାଖରୁ ମାଟି ଖୋଳି ଡିଅ ଉପରେ ଘର କରିଥାନ୍ତି । ଏଣୁ ବନ୍ୟା ଆସିଗଲେ, ଆଉ ଜଣଙ୍କ ଘରକୁ ଯିବା କଷ୍ଟ ହୋଇପଡ଼େ । ମୋବାଇଲ ନଥିବା ଯୁଗରେ ବନ୍ୟା ବେଳେ ଗାଁ ଲୋକଙ୍କ ଅବସ୍ଥା କହିଲେ ନସରେ । ଏବେ ମୋବାଇଲ୍ ଫୋନ୍ ଆସିବା ପରେ ବାହାରକୁ ସିନା ଯାଇ ପାରୁନାହାନ୍ତି । ହେଲେ ଦୁନିଆ ସହ ସଂପର୍କ ରଖି ପାରୁଛନ୍ତି । ଅସୁବିଧା ସେତେବେଳେ ହୁଏ, ଯେତେବେଳେ ବନ୍ୟା ସମୟରେ ଗାଁର କେହି ଅସୁସ୍ଥ ହୁଅନ୍ତି । ଡାକ୍ତରଖାନାକୁ ନେବା ଲାଗି କୌଣସି ସାଧନ ରହିନଥାଏ । ଫୋନ୍ ଯୋଗେ ଓଡ୍ରାଫ ହେଉ କି ଅଗ୍ନିଶମ ବିଭାଗକୁ ଡାକିଲେ ସେମାନେ ଆସି ଉଦ୍ଧାର କରିଥାନ୍ତି । ଗାଁ ଲୋକଙ୍କ ସୁବିଧା ପାଇଁ ଦୀର୍ଘ ବର୍ଷ ହେଲା ପାହାଡ଼ପୁର ଗାଇଛନ୍ଦା ଏସକେପ୍ ଉପରେ ପୋଲଟିଏ କରିବାକୁ ଦାବି ହେଉଅଛି । ପଞ୍ଚାୟତ ବା ମୁଖ୍ୟାଳୟକୁ ଯୋଗାଯୋଗ କରିବା ସବୁବେଳେ ସମ୍ଭବ ନୁହଁ । କାରଣ କାଞ୍ଚିଆପାଳରୁ ଖଡ଼ିପଦାକୁ ଯିବା ପାଇଁ ହେଲେ ଦୁଇଟି ଏସକେପର ପାଣିକୁ ଅତିକ୍ରମ କରିବାକୁ ହେବ । ରାସ୍ତା ଉଚ୍ଚା କରିଦେଲେ ବନ୍ୟା ପାଣି ନିଷ୍କାସନ ହୋଇପାରିବ ନାହିଁ । ଆଉ ଉଚ୍ଚା ରାସ୍ତା ପାଇଁ ଅନାବଶ୍ୟକ ଭାବେ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ହେବ । କେବଳ ଗାଇଛନ୍ଦା ଉପରେ ପୋଲ ହୋଇଗଲେ ଗାଁ ଲୋକେ ପାହାଡ଼ପୁରରୁ ଭାୟା ଆନନ୍ଦପୁର ହୋଇ ଯାଜପୁର ମେଡିକାଲକୁ ଯାଇପାରିବେ । ଛାତ୍ରଛାତ୍ରୀମାନେ ଯାଜପୁରର ରାମବାଗ ରିଜିଓନାଲ କଲେଜ, ରାମବାଗ ମହିଳା ମହାବିଦ୍ୟାଳୟ, ଯାଜପୁରର ବିରଜା ମହିଳା ମହାବିଦ୍ୟାଳୟ ଓ ନରସିଂହ ଚୌଧୁରୀ ମହାବିଦ୍ୟାଳୟକୁ ପଢ଼ିବାକୁ ଯାଇପାରିବେ । ସ୍ୱାସ୍ଥ୍ୟସେବା ପାଇପାରିବେ । ମିଳିଥିବା ସୂଚନା ଅନୁସାରେ, ଗାଇଛନ୍ଦା ଉପରେ ପୋଲ କରିବା ଲାଗି ସ୍ଥାନୀୟ ଲୋକେ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନିକଟରେ ଦାବି କରି ଆସିଥିଲେ । ଏହାପରେ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଜଳ ସଂପଦ ବିଭାଗ ଓ ପୂର୍ତ୍ତ ବିଭାଗ ପକ୍ଷରୁ ମିଳିତ ଭାବେ ସର୍ଭେ କରାଯାଇଛି । ଖୁବଶୀଘ୍ର ପୋଲ ନିର୍ମାଣ ହେବ ବୋଲି ଆଶା କରାଯାଉଛି ।



## ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

କୋରୁକୋଣ୍ଡା,(ଭାସ୍କର ନ୍ୟୁଜ୍ ): କୋରୁକୋଣ୍ଡା ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଓ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ । ଆଜି ମୋଟ ୪୨ଗୋଟି ଅଭିଯୋଗର ଶୁଣାଣୀ ହୋଇଥିଲା । ସେଥି ମଧ୍ୟରୁ ୧୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୨୯ ଗୋଟି ସାମୁହିକ ଅଭିଯୋଗ ରହିଥିଲା । ସେହିପରି ୪ ଗୋଟି ରାସନ୍ କାର୍ଡ, ଗୋଟିଏ ବିଜୁଳି ସଂଯୋଗୀକରଣ, ୫ ଗୋଟି ଜମିଜମା ସମ୍ବନ୍ଧୀୟ, ଗୋଟିଏ ଚାକିରୀ ସମ୍ବନ୍ଧୀୟ, ଗୋଟିଏ ପାନୀୟ ଜଳ, ଗୋଟିଏ ସାମାଜିକ ସୁରକ୍ଷା ପେନସନ ଏବଂ ୨୭ ଗୋଟି ରାସ୍ତା ଓ କୋଠାବାଡ଼ି ଓ ଉନ୍ନୟନ କାର୍ଯ୍ୟ ସମ୍ବନ୍ଧୀୟ ଅଭିଯୋଗର ଶୁଣାଣୀ ହୋଇଥିଲା । ଏହି ଶୁଣାଣୀରେ ରାସନ୍ କାର୍ଡ, ଶ୍ରମ କାର୍ଡ, ଆଧାର କାର୍ଡ ଅପଡେଟ, ସ୍ୱାସ୍ଥ୍ୟ କାର୍ଡ, ସାମାଜିକ ସୁରକ୍ଷା ପେନସନ ଓ ଜଙ୍ଗଲ ଜମି ସମ୍ବନ୍ଧୀୟ ସମସ୍ୟାର ତୁରନ୍ତ ସମାଧାନ ପାଇଁ କ୍ୟାମ୍ପ କରାଯାଇ ଅନଲାଇନ୍ ସେବା ଯୋଗାଇ ଦିଆଯାଇଥିଲା । ଆଜିର ଶିବିରରେ ୬୮ ଜଣ ଶ୍ରମିକଙ୍କୁ ଶ୍ରମ କାର୍ଡ ପ୍ରଦାନ କରାଯାଇଥିବା ବେଳେ ୨୬ ଜଣ ଶ୍ରମିକ ଙ୍କର ନୂତନ ଭାବେ ନାମ ପଞ୍ଜିକରଣ କରାଯାଇଛି । ସେହିପରି ୫୭ ଜଣ ଶ୍ରମିକ ଙ୍କର କାର୍ଡ ନବୀକରଣ କରାଯାଇଛି । ସାମାଜିକ ସୁରକ୍ଷା ପେନସନ ଯୋଜନାରେ ୫ ଜଣ ଓ ୪ ଜଣ ହିତାଧିକାରୀଙ୍କର ରାସନ୍ କାର୍ଡ ନିମନ୍ତେ ନାମ ପଞ୍ଜିକରଣ କରାଯାଇଛି । ସେହିପରି ୨୩ ଜଣ ରାସନ୍ କାର୍ଡ ହିତାଧିକାରୀଙ୍କ ଇ-କେୱାଇସି ଅପଡେଟ କରାଯାଇଛି । ୧୫ ଜଣଙ୍କର ଆଧାର କାର୍ଡ ଅପଡେଟ କରାଯାଇଥିବା ବେଳେ ୫୭ ଜଣ ଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ଜିଲ୍ଲାପାଳଙ୍କ ଏହି ଅଭିନବ ପ୍ରୟାସ ଯୋଗୁଁ ଅନେକ ଗ୍ରାମାଞ୍ଚଳ ହିତାଧୀକାରୀ ତୁରନ୍ତ ଅନଲାଇନ୍ ସେବା ପାଇ ଉପକୃତ ହୋଇ ପାରୁଛନ୍ତି । ଜନ ଅଭିଯୋଗ ଶୁଣାଣି ପରେ ଜିଲ୍ଲାପାଳ କୋରକୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ଗସ୍ତ କରି ମଧ୍ୟାହ୍ନ ଭୋଜନର ମାନ ପରଖିଛନ୍ତି । ଏହା ସହ ବିଦ୍ୟାଳୟରେ ପାଠ ପଢା କିପରି ଚାଲିଛି ପଚାରିବା ସହ ବିଦ୍ୟାଳୟ ଭିତ୍ତିଭୂମି ବୁଲି ଦେଖିଥିଲେ ଜିଲ୍ଲାପାଳ । ତତ୍ ସହିତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଅନ୍ୟାନ୍ୟ ବିଦ୍ୟାଳୟ ପରିଦର୍ଶନ କରି ମଧ୍ୟାହ୍ନ ଭୋଜନର ମାନ ପରଖିଛନ୍ତି । ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ବନଖଣ୍ଡ ଅଧିକାରୀ ସାଇ କିରଣ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କୋରକୁଣ୍ଡା ବିଡିଓ, ସହାୟକ ଜିଲ୍ଲାପାଳ ନିର୍ବାଚନ ଅଶୋକ ଚକ୍ରବର୍ତ୍ତୀଙ୍କ ସମେତ ଜିଲ୍ଲାର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର



କଟକ(ଭାସ୍କର ନ୍ୟୁଜ୍): ନାବାଳିକାକୁ ଯୌନ ନିର୍ଯାତନା ମାମଲାରେ କଟକର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଆସାମୀ ଦିଲ୍ଲୀପ୍ କୁମାର ସାମନ୍ତରାୟ ଓରଫ ତପୁକୁ ୨୦ ବର୍ଷ ସଶ୍ରମ ଜେଲ୍‌ଦଣ୍ଡ ସହ ୫୦ ହଜାର ଟଙ୍କାର ଜରିମାନା ଆଦେଶ ଦେଇଛନ୍ତି । ଜରିମାନା ନ ଦେଇପାରିଲେ ଆସାମୀକୁ ଅଧିକ ୨ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ କହିଛନ୍ତି । ପୀଡିତାକୁ ୭ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ କୋର୍ଟ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି । ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ପରିଚାଳନା କରୁଥିଲେ । ୨୦୨୪ ନଭେମ୍ବର ୨୪ରେ ଘଟଣା ଘଟିଥିବା ବେଳେ କଟକ ତିଗିରିଆ ଥାନାରେ ଏ ସମ୍ପର୍କରେ ପିଡିତା ପରିବାର ପକ୍ଷରୁ ଏତଲା ରୁଜୁ କରାଯାଇଥିଲା । ୨୦୨୫ ନଭେମ୍ବର ୨୦ରେ ପୋଲିସ୍ ଆସାମୀ ବିରୋଧରେ କୋର୍ଟରେ ଅଭିଯୋଗପତ୍ର ଦାଖଲ କରିଥଲା । କୋର୍ଟ ଏହି ମାମଲାରେ ୨୦୨୫ ମସିହା ଫେବୃଆରୀ ୧୨ରେ ଆସାମୀ ବିରୋଧରେ ଚାର୍ଜଫ୍ରେମ୍ କରିଥିଲେ । ପୀଡିତା ଘରେ ଏକୁଟିଆ ଥିବାବେଳେ ଆସାମୀ ତପୁ ତାକୁ ଧମକ ଦେଇ ବଳତ୍କାର କରିଥିଲା । ଆସାମୀ ଜଣକ ବାରମ୍ବାର ପିଡିତାକୁ ବଳତ୍କାର କରିବା ପିଡିତା ଗର୍ଭବତୀ ହୋଇଥିଲା । ପରବର୍ତ୍ତୀ ସମୟରେ ପୀଡିତା ଏକ ସନ୍ତାନକୁ ଜନ୍ମ ଦେଇଥିଲା ।



### ୭ ବିଭାଗରେ ୧୬୮୬ ଜଣଙ୍କୁ ନିଯୁକ୍ତି

# ୧୫ ମାସରେ ୩୦ ହଜାର ଟପିଲା ସରକାରୀ ନିଯୁକ୍ତି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସରକାରୀ ଚାକିରୀ କେବଳ ସୁରକ୍ଷିତ ଜୀବନ ଜୀବିକା ପ୍ରଦାନ କରିନଥାଏ, ଏହା ହେଉଛି ଜନସେବାର ଏକ ପ୍ରକୃଷ୍ଟ ଓ ପ୍ରଭାବୀ ମାଧ୍ୟମ ବୋଲି ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଯୁକ୍ତି ମେଳା ଅବସରରେ ନବ ନିଯୁକ୍ତ ଅଧିକାରୀଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି । ସୂଚନାଯୋଗ୍ୟ ଯେ, ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ଏକାଦଶତମ ନିଯୁକ୍ତି ମେଳା ସୋମବାର ଅନୁଷ୍ଠିତ ହୋଇଛି । ଏଥିରେ ୭ଟି ବିଭାଗ ଯଥା- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ସର୍ବାଧିକ ୯୮୨ ଜଣ, ଜଳ ସମ୍ପଦ ବିଭାଗରେ ୪୧୩ ଜଣ, କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ୩୪ ଜଣ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୩୬ ଜଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗରେ ୨୩ ଜଣ, ଅର୍ଥ ବିଭାଗରେ ୬୧ ଜଣ ଓ ଆଇନ୍ ବିଭାଗରେ ୩୭ ଜଣଙ୍କୁ ଏହିଭଳି ସମୁଦାୟ ୧୬୮୬ ଜଣଙ୍କୁ ବିଭିନ୍ନ ବର୍ଗରେ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି । ସରକାରଙ୍କ ଦ୍ୱିତୀୟ ବର୍ଷ ପ୍ରାରମ୍ଭର ଏହା ହେଉଛି ଦ୍ୱିତୀୟ ନିଯୁକ୍ତି ମେଳା । ସରକାର ସେଥିପାଇଁ ମାତ୍ର ୧୫ ମାସ ମଧ୍ୟରେ ୧୧ଟି ନିଯୁକ୍ତି ମେଳା ଜରିଆରେ ସରକାରୀ କ୍ଷେତ୍ରରେ ଆମେ ଆଜିକୁ ମିଶାଇ ସମୁଦାୟ ୩୦,୦୩୨ ଟି ପଦବୀରେ ନିଯୁକ୍ତି ପ୍ରଦାନ କରିଛୁ । ସରକାର ଆସିବାର ପ୍ରଥମ ଦୁଇ ବର୍ଷରେ ୬୫ ହଜାର ସରକାରୀ ପଦବୀ ପୂରଣ କରାଯିବାର ଲକ୍ଷ୍ୟ ରହିଥିଲା । ଜୁନ୍ ୨୦୨୬ ଶେଷ ସୁଦ୍ଧା ଆହୁରି ୪୦ ହଜାର ସରକାରୀ ପଦବୀ ପୂରଣ ହେବ । ୫ ମାସ ମଧ୍ୟରେ ସରକାରଙ୍କ ପକ୍ଷରୁ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ୧,୦୭,୯୨୬ ଜଣଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ ୩୦ ନବ ନିଯୁକ୍ତଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ । ନବନିଯୁକ୍ତଙ୍କ ମଧ୍ୟରୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ଯୋଗ ଦେଇଥିବା ସମ୍ବଲପୁରର ଶିବାନୀ ଷଡଙ୍ଗୀ ଓ ଅର୍ଥ ବିଭାଗରେ ଯୋଗଦେଇଥିବା କଟକ ଜିଲ୍ଲାର ବିଶ୍ୱଜିତ୍ ପ୍ରଧାନ ତାଙ୍କ ଅନୁଭୂତି ଓ ଅଭିଜ୍ଞତାରେ ସରକାରଙ୍କ ସ୍ୱଚ୍ଛ ଓ ନିରପେକ୍ଷ ଚୟନ ପଦ୍ଧତି ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ । ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ନବ ନିଯୁକ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ ଯେ ଆମ ସରକାର ଯାହା ପ୍ରତିଶ୍ରୁତି ଦିଅନ୍ତି, ତାହା ପୂରଣ କରିଥାନ୍ତି । ଆମର ଲକ୍ଷ୍ୟ ରହିଛି ୫ ବର୍ଷରେ ୧.୫୦ ଲକ୍ଷ ନିଯୁକ୍ତି ପ୍ରଦାନ । ଆଜି ସୁଦ୍ଧା ୩୦ ହଜାରରୁ ଉର୍ଦ୍ଧ୍ୱ ନିଯୁକ୍ତି ପ୍ରଦାନ କରାଗଲାଣି । ପାଞ୍ଚ ବର୍ଷ ଭିତରେ ଆମେ ଖାଲି ଥିବା ସମସ୍ତ ପଦବୀ ପୂରଣ କରିବୁ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓ ଇଲୋକ୍ଟ୍ରୋନିକସ୍ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ, ଆମ ସରକାର ଆସିବା ପରେ ପ୍ରତିବଦ୍ଧତାର ସହ ଆମେ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀଗୁଡିକ ପୂରଣ କରିବା ପାଇଁ ନିଯୁକ୍ତି ମେଳା ମାଧ୍ୟମରେ ଉଦ୍ୟମ ଜାରି ରଖିଛୁ । ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ ଆମେ ନିଷ୍ଠାର ସହ କାମ କରୁଛୁ । କାର୍ଯ୍ୟକ୍ରମରେ ଆଇନ, ଅବକାରୀ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

### ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ୪୨ତମ ପ୍ରତିଷ୍ଠା ଦିବସ

# ବ୍ୟାପକ ଇଭି ବ୍ୟବହାର ଉପରେ ରାଜ୍ୟପାଳଙ୍କ ଆହ୍ୱାନ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସାମ୍ପ୍ରତିକ ସମୟରେ ରାଜ୍ୟର ଦ୍ରୁତ ଗତିରେ ବଢୁଥିବା ସହରଗୁଡ଼ିକରେ ନାଗରିକଙ୍କୁ ବିଦ୍ୟୁତ୍ ଯାନର ବ୍ୟାପକ ବ୍ୟବହାର, ପ୍ରଦୂଷଣ ଏବଂ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବାରେ ସେମାନଙ୍କ ଭୂମିକା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି । ସୋମବାର ଭୁବନେଶ୍ୱରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ୪୨ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି । ସମାରୋହରେ ରାଜ୍ୟପାଳ ଉଦବୋଧନ ଦେଇ ପରିବେଶ ସୁରକ୍ଷା ଏବଂ ନାଗରିକଙ୍କ ପାଇଁ ଏକ ସୁସ୍ଥ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ସାମୂହିକ ପଦକ୍ଷେପର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଡ଼. କମ୍ଭମପାଟି ମଧ୍ୟ କହିଛନ୍ତି ରାଜଭବନର ସରକାରୀ କାରକେଡ୍‌କୁ ଇଭିରେ ରୂପାନ୍ତରିତ କରାଯାଇଛି ଯାହା କାର୍ବନକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିଛି ଏବଂ ଅନ୍ୟମାନଙ୍କୁ ଅନୁସରଣ କରିବା ପାଇଁ ଏକ ଉଦାହରଣ ସୃଷ୍ଟି କରିପାରିଛି । ଏହି ଅବସରରେ ରାଜ୍ୟପାଳ ଘରେ ଘରେ ସୋଲାର ସିଷ୍ଟମ ସ୍ଥାପନ କରିବାକୁ ନାଗରିକଙ୍କୁ ଉଦବୋଧନ ଦେଇ କହିଥିଲେ ଯେ ଏପରି ପଦକ୍ଷେପ କେବଳ ବିଦ୍ୟୁତ୍ ବିଲ୍ ହ୍ରାସ କରେ ନାହିଁ ବରଂ ସ୍ୱଚ୍ଛ ଶକ୍ତିକୁ ପ୍ରୋତ୍ସାହିତ କରିବ ଓ ଏଥିପାଇଁ ନାଗରିକମାନେ ସମ୍ପୃକ୍ତ ଯୋଜନା ଅନୁଯାୟୀ ସରକାରୀ ସବ୍‌ସିଡିର ଲାଭ ମଧ୍ୟ ପାଇ ପାରିବେ । ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ଏବଂ ବନ ବାହିନୀର ମୁଖ୍ୟ ସୁରେଶ ପନ୍ତ ଏବଂ ଚଉଉର ପ୍ରେମ କୁମାର ଝାଙ୍କ ସମେତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ମେମ୍ବର ସେକ୍ରେଟାରୀ ଉମା ନାନ୍ଦୁରୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୁଖ୍ୟ ପରିବେଶ ଇଞ୍ଜିନିୟର ଡ. ନିହାର ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ରାଜ୍ୟପାଳ ବୋର୍ଡର ୩ ୱେବସାଇଟ୍ ଏବଂ ପ୍ରକାଶନ ଉନ୍ମୋଚନ କରିଥିଲେ । ବାଲୁକା ଶିଳ୍ପୀ ମାନସ କୁମାର ସାହୁଙ୍କୁ ରାଜ୍ୟପାଳ ସମ୍ମାନିତ କରିଥିବା ବେଳେ କୃତୀ ସଂସ୍ଥାକୁ ପ୍ରଦୂଷଣ ନିୟନ୍ତ୍ରଣ ଉତ୍କର୍ଷତା ଏବଂ ପ୍ରଶଂସା ପୁରସ୍କାର ପ୍ରଦାନ କରିଥିଲେ । ପ୍ରକୃତି ସଂରକ୍ଷଣ ଏବଂ ସବୁଜ ଉଦ୍ୟୋଗୀ ଭାବରେ ମହିଳାଙ୍କୁ ସଫଳତା ପାଇଁ ମଧ୍ୟ ରାଜ୍ୟପାଳ ସମ୍ମାନିତ କରିଥିଲେ ।

# ୨୬ରୁ 'ପ୍ରୟାସ'ର ନବରାତ୍ର ଦାଣ୍ଡିଆ ମହୋତ୍ସବ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜଗତ୍ ଜନନୀ ମା ଦୁର୍ଗାଙ୍କ ଶାରଦୀୟ ପୂଜା ଅବସରରେ ମା'ଙ୍କୁ ସମର୍ପିତ ଦ୍ୱାଦଶ ପ୍ରୟାସ ନବରାତ୍ର ଦାଣ୍ଡିଆ ମହୋତ୍ସବ ଆସନ୍ତା ୨୬ରୁ ଅକ୍ଟୋବର ୨ ତାରିଖ (ସନ୍ଧ୍ୟା ୬ଟାରୁ ୧୦ଟା) ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ରାଜଧାନୀ ଭୁବନେଶ୍ୱରର କେନ୍ଦ୍ରସ୍ଥଳ ତଥା ମହୋତ୍ସବର ପ୍ରାଣକେନ୍ଦ୍ର ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡିଆ ପରିସରରେ ପ୍ରୟାସ ନବରାତ୍ର ଦାଣ୍ଡିଆ ସାଂସ୍କୃତିକ ବିଧିବିଧାନ ଓ ସମ୍ପୂର୍ଣ୍ଣ ପାରିବାରିକ ବାତାବରଣରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ । ଏଥର ୧ ଲକ୍ଷ ୬୦ ହଜାର ବର୍ଗଫୁଟର ଜାଗା ଉପରେ ୭ ଦିନ ଧରି ଏହି ମହୋତ୍ସବ ଚାଲିବ । ୪,୮୦୦ ରେ ବିରାଟ ପ୍ଲାଟଫର୍ମ ଓ ୩୦ହଜାର ଡ୍ୟାନ୍ସିଂ ଫ୍ଲୋର ସହିତ ଅତ୍ୟାଧୁନିକ ଏଲ୍‌ଇଡି ଆଲୋକ ସଜ୍ଜା, ଉନ୍ନତମାନର ଲାଇଭ ବ୍ୟାଣ୍ଡ ସହ ଆଲୋକମାଳାର ଅପୂର୍ବ ସମନ୍ୱୟ ନୃତ୍ୟାଙ୍ଗନାଙ୍କପାଇଁ ସ୍ୱତନ୍ତ୍ର ଷ୍ଟେଜ୍, ବିଭିନ୍ନ ଖାଦ୍ୟ ସଂସ୍ଥାମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟକର ନିରାମିଷ ଖାଦ୍ୟର ବ୍ୟବସ୍ଥା କରାଯାଇଛି । ମହୋତ୍ସବର ପ୍ରତ୍ୟେକ ଦିନର ବେଷ୍ଟ ଡ୍ୟାନ୍ସର, ବେଷ୍ଟ କପଲ, ବେଷ୍ଟ କଷ୍ଟ୍ୟୁମ୍‌ମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ । ପ୍ରୟାସ ଅନୁଷ୍ଠାନ ବ୍ୟବସାୟିକ ନୁହେଁ ବରଂ ସାଂସ୍କୃତିକ ଆଭିମୁଖ୍ୟ ନେଇ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ପାଇଁ ଦୀର୍ଘ ୧୨ ବର୍ଷ ପ୍ରଚେଷ୍ଟା ଜାରୀ ରଖିଚି । ମହିଳା ଓ ଝିଅମାନଙ୍କ ନିମନ୍ତେ ସୁରକ୍ଷା ପ୍ରଦାନର ସ୍ୱତନ୍ତ୍ର ଆୟୋଜିତ କରାଯାଇଛି । ନବରାତ୍ର ଚତୁର୍ଥୀଠାରୁ ଦଶମୀ ପର୍ଯ୍ୟନ୍ତ ଏହି ମହୋତ୍ସବ ପ୍ରଦର୍ଶନୀ ପଡିଆ, ଇଉନିଟ୍-୩ରେ ଆୟୋଜିତ ହେବ । ଏଥିସହ ସ୍ୱଳ୍ପ ମୂଲ୍ୟର ପାର୍କିଂ ବ୍ୟବସ୍ଥା କରାଯାଇଛି ଓ ନୃତ୍ୟ ନିମନ୍ତେ ଦାଣ୍ଡିଆ ଷ୍ଟିକ୍ ଓ କଷ୍ଟ୍ୟୁମ୍‌ର ମଧ୍ୟ ବ୍ୟବସ୍ଥା କରାଯାଇଛି । ମହୋତ୍ସବର ସମସ୍ତ ପରିସର ସିସିଟିଭିର ପରିସରଭୁକ୍ତ କରାଯାଇଛି । ସମସ୍ତ ନିୟମାବଳୀକୁ ପାଳନ କରିବା ପାଇଁ ପ୍ରୟାସ ପ୍ରତିଶ୍ରୁତିବଦ୍ଧ । ମହୋତ୍ସବର ସମ୍ପୂର୍ଣ୍ଣ ପରିସର ମାଦକଦ୍ରବ୍ୟ, ସିଗାରେଟ୍ ଓ ଆମିଷକୁ ସମ୍ପୂର୍ଣ୍ଣରୂପେ ନିଷେଧ କରାଯାଇଛି । ୟୁନିଟ୍-୩, ବୁଦ୍ଧ ମନ୍ଦିର ପରିସରରେ ଆୟୋଜିତ ଏକ ପ୍ରେସ୍‌ମିଟ୍‌ରେ ପ୍ରୟାସର ଅଧ୍ୟକ୍ଷ ବନ ମହାନ୍ତି, ସୂଚିତ କରିଥିଲେ ଏବଂ ଗଣମାଧ୍ୟମ ଜରିଆରେ ଲୋକଙ୍କ ନିକଟରେ ସୂଚନା ପହଞ୍ଚାଇବା ପାଇଁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରୟାସର ସଦସ୍ୟ ଜୟନ୍ତ କୁମାର ମହାନ୍ତି, କୌସ୍ତୁଭ ଦାସ, ସୁରେଶ କୁମାର ପତ୍ରୀ, କମଳ ମହାନ୍ତି, ଜସ୍‌ମିନ୍ ମହାନ୍ତି, ସୋନାଲୀ ପ୍ରିୟଦର୍ଶିନୀ, ସୂର୍ଯ୍ୟ ନାରାୟଣ ମହାନ୍ତି, କୌଶିକ ମହାନ୍ତି, ଚନ୍ଦ୍ରଶେଖର ପଣ୍ଡିତରା, ବୃନ୍ଦାବନ ପଢିହାରୀ, ସଂଗ୍ରାମ ମହାରଣା ଏବଂ ଉମାକାନ୍ତ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

## ନୂଆପଡ଼ା ଉପ-ନିର୍ବାଚନ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସର୍ବଦଳୀୟ ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ଓଡ଼ିଶାର ୭୧-ନୂଆପଡ଼ା ବିଧାନସଭା ମଣ୍ଡଳୀର ଆସନ୍ନ ଉପ-ନିର୍ବାଚନ ପାଇଁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (ଏସଏସଆର) ସମ୍ପର୍କରେ ସୋମବାର ଭୁବନେଶ୍ୱରରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ସ୍ୱୀକୃତିପ୍ରାପ୍ତ ସମସ୍ତ ରାଜନୈତିକ ଦଳଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ.ଗୋପାଳନ ସ୍ୱୀକୃତିପ୍ରାପ୍ତ ସମସ୍ତ ରାଜନୈତିକ ଦଳମାନେ ଯେତେ ଶୀଘ୍ର ସମ୍ଭବ ବୁଥସ୍ତରୀୟ ଏଜେଣ୍ଟ ନିଯୁକ୍ତ କରି ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟାକୁ ତୃଣମୂଳସ୍ତରରେ ଅଧିକ କ୍ରିୟାଶୀଳ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ନୂଆପଡ଼ା ବିଧାନସଭା ମଣ୍ଡଳୀର ଚିଠା ଭୋଟର ତାଲିକାର ସଫ୍ଟ କପି ରାଜନୈତିକ ଦଳର ପ୍ରତିନିଧିଙ୍କୁ ପ୍ରଦାନ କରାଯାଇଥିଲା ।

# ବର୍ଷାରେ ବୁଡିଲା କଟକ ସହର

କଟକ(ଭାସ୍କର ନ୍ୟୁଜ୍): ସୋମବାର ଅପରାହ୍ନରେ ହୋଇଥିବା ବର୍ଷାରେ କଟକ ସହରର ଗଳିକନ୍ଦିରେ ସୋମବାର ବନ୍ୟା ଭ୍ରମ ସୃଷ୍ଟି କରିଛି । ଦୁଇ ଘଣ୍ଟାର ଏହି ଅବିଶ୍ରାନ୍ତ ବର୍ଷାରେ ସହରତଳି ବିଭିନ୍ନ ସ୍ଥାନରେ ଲୋକଙ୍କ ଘରେ ମଧ୍ୟ ପାଣି ପଶିଯାଇଛି । କଟକ ସହରର ବାଦାମବାଡି ବସ୍‌ଷ୍ଟାଣ୍ଡ୍, ଲିଙ୍କ୍‌ରୋଡ୍‌ରେ ବର୍ଷା ପାଣି ଲହଡି ମାରୁଥିବା ଯୋଗୁ ଯାନବାହାନ ଚଳାଚଳରେ ମଧ୍ୟ ବ୍ୟାହାତ ହୋଇଥିଲା । ପୁରୁଣା ବସ୍‌ଷ୍ଟାଣ୍ଡ୍ ନିକଟରେ ପ୍ରବଳ ବର୍ଷା ପାଣି ଯୋଗୁ ସେହି ରାସ୍ତାରେ ଦୁଇ ଚକିଆ ତଥା ଚାରି ଚକିଆ ଯାନ ଚଳାଚଳ ମଧ୍ୟ ପ୍ରଭାବିତ ହୋଇଥିଲା । ଅନ୍ୟପକ୍ଷରେ କଟକ ସହରର ତଳିଆ ଅଞ୍ଚଳରେ ନଳା ପାଣି ରାସ୍ତା ଉପରେ ଲହଡି ମାରିବା କାରଣରୁ ଦୀର୍ଘ ସମୟରେ ଯାତାୟତରେ ବାଧା ସୃଷ୍ଟି ହୋଇଥିଲା । ବିଶେଷ କରି ସହରର ପିଠାପୁର, ଫ୍ରେଣ୍ଡସ୍ କଲୋନୀ, ଖାନନଗର, ହାଇକୋର୍ଟ କଲୋନୀ, କମଳପୁର, ଶଗଡିଆସାହି, ତଅଁଳାସାହି, ତୁଳସୀପୁର, ହରିପୁର, ସେମିନାର୍ ଛକ, ସୁତାହାଟ, ଶଙ୍କରପୁର ଭଳି ସ୍ଥାନରେ ଦୀର୍ଘ ସମୟ ଧରି ଆବର୍ଜନା ଓ ଡ୍ରେନ୍ ପାଣି ଜମା ହୋଇ ରହିଥିଲା । ମହାନଗର ନିଗମ ପକ୍ଷରୁ କଟକ ସହରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ସହରର ନାଳନର୍ଦ୍ଦମା ଠିକ୍ ଭାବେ ସଫେଇ କରାଯାଉନଥିବାରୁ ବର୍ଷାରେ ସହରର ଅବସ୍ଥା ବେହାଲ୍ ହୋଇଯାଇଛି ବୋଲି ଚର୍ଚ୍ଚା ହେଉଛି । ସେହିପରି ଅବିଶ୍ରାନ୍ତ ବର୍ଷାରେ ଆଜି ମର୍କତନଗର ଅବସ୍ଥା ମଧ୍ୟ ତଦ୍ରୂପ ହୋଇଛି । ସାଟେଲାଇଟ୍ ସିଟି ମର୍କତନଗରର ବିଭିନ୍ନ ସେକ୍ଟରରେ ବର୍ଷା ଜଳ ଲହଡି ମାରିବା ସହିତ ବନ୍ୟାର ଭ୍ରମ ସୃଷ୍ଟି କରିଛି । ମର୍କତନଗରର ସେକ୍ଟର ୬, ୭, ୮ ଓ ୯ ନମ୍ବରରେ ସୋମବାର ରାସ୍ତାଘାଟରେ ଆଣ୍ଠୁଏ ଲେଖାଏ ପାଣି ଲହଡି ମାରୁଛି ।

DSPL -215

## ପର୍ବପର୍ବାଣୀ ଓ ଉତ୍ସବ ଆୟୋଜକଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ

- ଅନାଧିକୃତ ବିଦ୍ୟୁତ୍ ସଂଯୋଗରୁ ଦୂରେଇ ରୁହନ୍ତୁ ଏବଂ ଉପଯୁକ୍ତ ଦେୟ୍ ପଇଠ କରି ଡିସ୍କମ୍ ରୁ ବିଦ୍ୟୁତ୍ ସଂଯୋଗ ନିଅନ୍ତୁ।
- ଅସ୍ଥାୟୀ ପୂଜା ପେଣ୍ଡାଲ୍ ନିର୍ମାଣ କରିବା ଏବଂ ଭସାଣି ଉତ୍ସବ କରିବା ପୂର୍ବରୁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟକୁ ସୂଚନା ଦିଅନ୍ତୁ ଏବଂ ଆବଶ୍ୟକ ଅନୁମତି ନିଅନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍ ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣର ବ୍ୟବହାର ସୁନିଶ୍ଚିତ କରାନ୍ତୁ।
- ବିଦ୍ୟୁତ୍ ଲାଇନ୍ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜାରେ କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର.ସି.ସି.ବି ବ୍ୟବହାର କରନ୍ତୁ।
- ଉପଯୁକ୍ତ ରେଟିଙ୍ଗ୍ ର ଆଇ.ଏସ.ଆଇ ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ।
- ଉତ୍ସବ ପାଳନ ସମୟରେ ଓଭରଲୋଡିଂ ଏବଂ ସମ୍ଭାବ୍ୟ ବ୍ଲାକଆଉଟ୍ ରୋକିବା ପାଇଁ ବୈଦ୍ୟୁତିକ ଲୋଡ୍‌କୁ ସଠିକ୍ ଭାବରେ ପରିଚାଳନା କରନ୍ତୁ ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ ଆଇ.ପି (ଆଇ.ପି ୬୫/ଆଇ.ପି ୬୬/ଆଇ.ପି ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ।
- ସୁନିଶ୍ଚିତ କରନ୍ତୁ ଯେ ସମସ୍ତ ବୈଦ୍ୟୁତିକ ସ୍ଥାପନା ସଠିକ୍ ଭାବେ ଆର୍ଥିଙ୍ଗ୍ ହୋଇଛି କି ନାହିଁ ।
- ସୁନିଶ୍ଚିତ କରନ୍ତୁ ଯେ ବୈଦ୍ୟୁତିକ ଅଗ୍ନିକାଣ୍ଡର ମୁକାବିଲା ପାଇଁ ଉପଯୁକ୍ତ ଅଗ୍ନି ନିର୍ବାପକ ବ୍ୟବସ୍ଥା ସ୍ଥାପିତ ହୋଇଛି।
- ନିଶ୍ଚିତ କରନ୍ତୁ ଯେ ସମସ୍ତ ଉତ୍ସବ ପାଳନ ସ୍ଥାନ ଗୁଡିକୁ ବୈଦ୍ୟୁତିକ ସୁରକ୍ଷା ପାଇଁ ନଜରରେ ରଖାଯାଇଛି ଏବଂ ଯଦି କୌଣସି ସ୍ଥାନରେ ବୈଦ୍ୟୁତିକ ଇନଷ୍ଟାଲେସନ୍ ଅସୁରକ୍ଷିତ ଥାଏ, ତୁରନ୍ତ ଡିସ୍କମ୍ ଅଧିକାରୀଙ୍କୁ ଜଣାନ୍ତୁ ।
- ବୈଦ୍ୟୁତିକ ସୁରକ୍ଷା ପରାମର୍ଶଗୁଡିକୁ ଅନୁସରଣ କରନ୍ତୁ ଏବଂ ଡିସ୍କମ୍ କର୍ମଚାରୀଙ୍କ ସହ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଉତ୍ସବ ପାଇଁ ସୁରକ୍ଷିତ ବୈଦ୍ୟୁତିକ ସେଟ୍‌ଅପ୍ କରନ୍ତୁ ।
- ପୂଜା ସ୍ଥଳୀରେ ୧୦୦ ରୁ ଅଧିକ ଜନସମାଗମର ସମ୍ଭାବନାଥିଲେ ଏହାର ବୈଦ୍ୟୁତିକ ଉପକରଣର ସୁରକ୍ଷା ବିଦ୍ୟୁତ୍ ନିରୀକ୍ଷକଙ୍କ ଦ୍ୱାରା ଯାଞ୍ଚ କରାନ୍ତୁ।



ବିଦ୍ୟୁତ ସୁରକ୍ଷା ଆପଣାନ୍ତୁ ଜୀବନ ସୁରକ୍ଷିତ ରଖନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR 04066/13/0033/2526

DSPL -260



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ

୧୭ ସେପ୍ଟେମ୍ବର - ୨ ଅକ୍ଟୋବର ୨୦୨୫

#SwasthNariSashaktParivar

## ବାଳିକା ଏବଂ ସବୁ ବୟସର ମହିଳାଙ୍କର ବିସ୍ତୃତ ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ସ୍ୱାସ୍ଥ୍ୟସେବା

- ଏହି ଅଭିଯାନରେ ଅଣସଂକ୍ରାମକ, ଯକ୍ଷ୍ମା, ରକ୍ତହୀନତା, ସିକିଲସେଲ ଓ ଥାଲାସେମିଆ ଆଦି ରୋଗର ଚିହ୍ନଟ, ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ବୟସାନୁଯାୟୀ ଟୀକାକରଣ କରାଯିବ । ତତ୍‌ସହିତ ଋତୁସ୍ରାବ ଜନିତ ପରିଚ୍ଛନ୍ନତା ଏବଂ ଖାଦ୍ୟରେ ତେଲ, ଚିନି କମ୍ କରିବା ଉପରେ ସଚେତନ କରାଯିବ।
- ୧୭ ସେପ୍ଟେମ୍ବର ରୁ ୨ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଅଭିଯାନରେ ଯୋଗଦେଇ ମହିଳା ଓ ବାଳିକାମାନେ ନିଜକୁ ଏବଂ ନିଜ ପରିବାରକୁ ସୁରକ୍ଷିତ କରନ୍ତୁ।

ଏହି ସେବା ପାଇବା ପାଇଁ ମହିଳା ଏବଂ ଶିଶୁମାନେ ନିକଟସ୍ଥ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଅଙ୍ଗନବାଡ଼ି କେନ୍ଦ୍ରରେ ଯୋଗାଯୋଗ କରନ୍ତୁ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR 10003/13/0269/2526

ଓଡ଼ିଶା ଭାସ୍କର
ସମ୍ପାଦକୀୟ



ତୁମେ ଭଗବାନଙ୍କୁ ସେପର୍ଯ୍ୟନ୍ତ ବିଶ୍ୱାସ କରିପାରିବ ନାହିଁ,
ଯେପର୍ଯ୍ୟନ୍ତ ତୁମେ ନିଜେ ନିଜକୁ ବିଶ୍ୱାସ ନକରିଛ।

-ସ୍ୱାମୀ ବିବେକାନନ୍ଦ



କାହିଁରୁ ମୁଁ ଥିଲି ଆସି କାଳ -ସ୍ରୋତେ ଭାସି
ଶୂନ୍ୟହସ୍ତେ ପୁଣି ଯିବି କାହିଁ ?
କୁଟୁମ୍ବାଦି ବନ୍ଧୁ ବିତ୍ତ ଧରମ ବ୍ୟତୀତ
ମୋ' ସାଙ୍ଗେ କେହି ତ' ଯିବେ ନାହିଁ ।

- ଖଗେଶ୍ୱର ସେଠ୍



## ବିଲୟମୁଖୀ ମାଓ ସଂଗଠନ

# ସୁରକ୍ଷାବାହିନୀକୁ ବଡ଼ ସଫଳତା

ସଶସ୍ତ୍ର ବିପ୍ଳବ ଜରିଆରେ ଶାସନ କ୍ଷମତା ଦଖଲ କରିବାର ଲକ୍ଷ୍ୟ ରଖି ଆମ ଦେଶରେ ଦୀର୍ଘ ବର୍ଷ ଧରି ହିଂସା ଓ ଅରାଜକତା ସୃଷ୍ଟି କରି ଆସିଥିବା ନକ୍ସଲ ବା ମାଓବାଦୀ ସଂଗଠନ କ୍ରମଶଃ ଭୁଶୁଡ଼ିବାରେ ଲାଗିଛି। ଗୋଟିଏ ସମୟରେ ଦେଶର ୧୯ଟି ରାଜ୍ୟରେ ପ୍ରଭାବ ଓ ପତିଆରା ଜାହିର କରିଥିବା ମାଓବାଦୀ କାର୍ଯ୍ୟକଳାପ ଏବେ ମାତ୍ର ୩/୪ଟି ରାଜ୍ୟରେ ସୀମିତ ରହିଛି। ଓଡ଼ିଶାରେ ମାଓବାଦୀଙ୍କ ହିଂସାର ଆଂଶିକ ପ୍ରଭାବ ରହିଥିବା ବେଳେ ପଡ଼ୋଶୀ ଛତିଶଗଡ଼ ଓ ଝାଡ଼ଖଣ୍ଡରେ ସେମାନେ ଏଯାବତ୍ ସକ୍ରିୟ ରହିଛନ୍ତି। ତେବେ କେନ୍ଦ୍ର ସରକାରଙ୍କ କଡ଼ା ଆଭିମୁଖ୍ୟ ଓ ରାଜ୍ୟ ସରକାରମାନଙ୍କ ଦମନମୂଳକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଫଳରେ ଏହି ଦୁଇ ରାଜ୍ୟରେ ମଧ୍ୟ ମାଓବାଦୀଙ୍କ ହିଂସାତ୍ମକ କାର୍ଯ୍ୟକଳାପ ଦ୍ରୁତଗତିରେ ହ୍ରାସ ପାଉଥିବାର ଲକ୍ଷ୍ୟ କରାଯାଉଛି। ଛତିଶଗଡ଼ରେ ସୁରକ୍ଷା ବାହିନୀର ଏନ୍‌କାଉଣ୍ଟରରେ ଗତ ଅଳ୍ପ କିଛିମାସ ମଧ୍ୟରେ ମାଓ ସଂଗଠନର ଅନେକ ଶୀର୍ଷ ସ୍ଥାନୀୟ ନେତା ପ୍ରାଣ ହରାଇଥିବା ବେଳେ ଅନ୍ୟ କେତେକ କ୍ୟାଡର୍ ମାଓବାଦୀ ଆତ୍ମ ସମର୍ପଣ କରି ସମାଜର ମୁଖ୍ୟସ୍ରୋତକୁ ଫେରି ଆସିଛନ୍ତି। ଏହି ଉଗ୍ରବାଦୀ ଲାଲ ସଂଗଠନର ସର୍ବୋଚ୍ଚ ନେତା କିଛିମାସ ପୂର୍ବେ ସୁରକ୍ଷା ବାହିନୀ ସହ ଗୁଳି ବିନିମୟରେ ପ୍ରାଣ ହରାଇଥିଲେ। ବର୍ତ୍ତମାନ ସ୍ଥିତି ଏପରି ହୋଇଛି ଯେ ସଂଗଠନ ସମ୍ପୂର୍ଣ୍ଣ ମୁରବୀ ଶୂନ୍ୟ ହୋଇପଡିଛି ଏବଂ ଏହାର ନେତୃତ୍ୱ ନେବାକୁ କେହି ସାହସ କରି ଆଗେଇ ଆସୁନାହାନ୍ତି। ଛତିଶଗଡ଼ରେ ସୁରକ୍ଷା ବାହିନୀର ସଫଳତା ପରେ ଏବେ ଝାଡ଼ଖଣ୍ଡ ରାଜ୍ୟରେ ମାଓ ଦମନ ଅଭିଯାନ ଶକ୍ତିଶାଳୀ ହୋଇଛି ଏବଂ ପ୍ରାୟ ପ୍ରତିଦିନ କୌଣସି ନା କୌଣସି ସ୍ଥାନରେ ଗୁଳି ବିନିମୟରେ କ୍ୟାଡର୍ ମାଓବାଦୀ ଟଳି ପଡୁଛନ୍ତି। ରବିବାର ଦିନ ଏହି ରାଜ୍ୟର କାଶ ଜଙ୍ଗଲରେ ପୋଲିସ ଗୁଳିରେ ଜଣେ ଦୁର୍ଦ୍ଦାନ୍ତ ମାଓବାଦୀ ତଥା ଜୋନାଲ୍ କମାଣ୍ଡର୍ ମୁଖଦେବ ଯାଦବର ମୃତ୍ୟୁ ଘଟିଛି। ବିହାର ଓ ଝାଡ଼ଖଣ୍ଡରେ ମୋଟ ୨୬ଟି ହିଂସାକାଣ୍ଡରେ ସେ ସମ୍ପୃକ୍ତ ରହିଥିଲା। ଘଞ୍ଚ ଜଙ୍ଗଲରେ ସୁରକ୍ଷା ବାହିନୀର ତଲାସୀ ଅଭିଯାନ ଚାଲିଥିବା ବେଳେ ମାଓବାଦୀଙ୍କ ସହ ଗୁଳି ବିନିମୟ ହୋଇଥିଲା ଏବଂ ଏଥିରେ ମୁଖଦେବ ପୋଲିସ ଗୁଳିରେ ଟଳି ପଡିଲା। ମାତ୍ର ଦଶଦିନ ପୂର୍ବେ ଏହି ଜଙ୍ଗଲରେ କମାଣ୍ଡର୍ ମୁଖଦେବ୍‌ର ନେତୃତ୍ୱରେ ସଂଘଟିତ ମାଓ ହିଂସାରେ ଦୁଇଜଣ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟିଥିଲା। ସେହି ଦୃଷ୍ଟିରୁ ରବିବାର ମୁଖଦେବର ମୃତ୍ୟୁ ସୁରକ୍ଷା ବାହିନୀର ବଡ଼ ସଫଳତା ଓ ଯଥାର୍ଥ ପ୍ରତିଶୋଧ ରୂପେ ବିବେଚନା କରାଯାଉଛି। ସେହିପରି ମାଓବାଦୀଙ୍କ ଅନ୍ୟ ଏକ ଗଡ଼ ତେଲେଙ୍ଗାନାରେ କୁଖ୍ୟାତ ମାଓନେତ୍ରୀ ସୁଜାତା ଶନିବାର ହାଇଦ୍ରାବାଦ୍ ପୋଲିସ ନିକଟରେ ଆତ୍ମସମର୍ପଣ କରିବା ଲାଲ୍ ସଂଗଠନକୁ ବଡ଼ ଝଟ୍‌କା ଦେଇଛି। ଦୀର୍ଘ ୪୩ ବର୍ଷ ଧରି ଆତ୍ମଗୋପନ କରି ସଂଗଠନକୁ ନେତୃତ୍ୱ ଦେଇ ଆସୁଥିବା ଏହି ନେତ୍ରୀଙ୍କ ମୁଣ୍ଡ ଉପରେ ୨୫ଲକ୍ଷ ଟଙ୍କାର ପୁରସ୍କାର ଘୋଷିତ ହୋଇଥିଲା। ସିପିଆଇ (ମାଓବାଦୀ) କେନ୍ଦ୍ରୀୟ କମିଟିରେ ସେ ଏକମାତ୍ର ମହିଳା ସଦସ୍ୟା ଥିଲେ। ନିଜ ଆଡୁ ଆତ୍ମସମର୍ପଣ କରିଥିବାରୁ ୨୫ଲକ୍ଷ ଟଙ୍କାର ଚେକ୍ ତାଙ୍କୁ ହିଁ ପ୍ରଦାନ କରାଯାଇଥିଲା। ଏହି କୁଖ୍ୟାତ ମାଓନେତ୍ରୀଙ୍କ ଆତ୍ମସମର୍ପଣ ସମୟରେ ତେଲେଙ୍ଗାନାର ଡିଜିପି ନିଜେ ଉପସ୍ଥିତ ରହିଥିଲେ। ଝାଡ଼ଖଣ୍ଡ ଓ ତେଲେଙ୍ଗାନା ପଛକୁ ରବିବାର ଛତିଶଗଡ଼ର ବିଜାପୁର ଜିଲ୍ଲାରେ ମଧ୍ୟ ସୁରକ୍ଷାବାହିନୀ ସହ ସଂଘର୍ଷରେ ଦୁଇଜଣ ମାଓବାଦୀ ନିହତ ହୋଇଥିବାର ଖବର ମିଳିଛି। ଆସନ୍ତାବର୍ଷ ଅର୍ଥାତ୍ ୨୦୨୬ ସୁଦ୍ଧା ସମଗ୍ର ଦେଶକୁ ସମ୍ପୂର୍ଣ୍ଣ ନକ୍ସଲମୁକ୍ତ କରିବାକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ଯେଉଁ ସଂକଳ୍ପ କରିଛନ୍ତି, ତାହାକୁ କ୍ରମଶଃ ସାକାର ହେଉଥିବା ଭଳି ପ୍ରତୀୟମାନ ହେଉଛି।

## ନୀତିବାଣୀ

ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥

ଭାବାର୍ଥ : ସବୁଧର୍ମର ଆଶ୍ରୟ ଛାଡ଼ି ତୁମେ କେବଳ ମୋର ଶରଣକୁ ଆସିଯାଅ। ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବି। ଚିନ୍ତା କରନାହିଁ।

# ଜିଏମ୍ ଫସଲ : କୃଷକର ପ୍ରଥମ ପ୍ରାଥମିକତା



ମହାମେଘବାହନ ଐର ଖାରବେଳ ସ୍ୱାଇଁ
Email: kharabelaswain(@gmail.com
ମୋ: ୯୪୩୭୦୨୦୨୯୦

ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ସମ୍ପର୍କୀୟ କଥା ଏବେ ଜେନେଟିକାଲି ମଡିଫାଏଡ ଜିଏମ୍ ଫସଲ ସମ୍ପର୍କରେ ଆଲୋଚନା ଚାଲିଛି। ଆମେରିକା ଭାରତକୁ ଚାପ ଦେଉଛି ଯେ, ଏହି ଜିଏମ୍ ଫସଲର ଆମଦାନୀ ଆମେରିକାରୁ କରୁ। ମୁଖ୍ୟତଃ ମକା ଓ ସୋୟାବିନର ଆମଦାନୀ ଭାରତ କରୁ। ଏହି ଦୁଇଟି ହେଉଛନ୍ତି ବଡ଼ ଫସଲ ଯାହା ଭାରତର ବିଭିନ୍ନ ଜାଗାମାନଙ୍କରେ ଉତ୍ପାଦିତ ହୋଇଥାଏ। ଯାହାହେଉ ଭାରତ ଏହି ଫସଲର ଆମଦାନୀକୁ ବିରୋଧ କରୁଛି। କେବଳ ଆମେରିକାରୁ ଆସୁଥିବା ବିଟି ତୁଳା ଭାରତ ଆମଦାନୀ କରିବାକୁ ଅନୁମତି ଦେଉଛି। ଏହାର ବ୍ୟବହାର ଭାରତରେ ଅବଶ୍ୟ ନିୟନ୍ତ୍ରିତ ଅଟେ ଯାହା ପ୍ରଥମେ ଗୋଟିଏ ବଜାରକୁ ପ୍ରବେଶ କରିବା ସମ୍ପର୍କରେ ଆଲୋଚନାରେ ସମାପ୍ତ ହୋଇଥିଲା ଏବଂ ସେଥିପାଇଁ ବିଶ୍ୱ ପ୍ରତିଯୋଗିତା ଚାଲିଥିଲା ଏହା ତ୍ୱରିତ ଭାବରେ ଖାଦ୍ୟ ସୁରକ୍ଷା ପ୍ରଶ୍ନକୁ ନେଇ ଆଲୋଚିତ ହେଲା। ଆହୁରି ମଧ୍ୟ କୃଷକମାନଙ୍କର ଜୀବିକା ଉପରେ ପ୍ରଶ୍ନ ଉଠିଲା ଏବଂ ରାଷ୍ଟ୍ରୀୟ ନିର୍ଭରଶୀଳତାକୁ ରକ୍ଷା କଲା। କିନ୍ତୁ ଜିଏମ୍ ଫସଲ କେବଳ ଗୋଟିଏ ବାଣିଜ୍ୟର ଜବକାଟ କୂଟନୀତିରେ ପରିଣତ ହୋଇଛି ଏବଂ ସେଥିରେ ଆଉ ଗୋଟିଏ ବୃହତ୍ତର ପ୍ରଶ୍ନ ଅଛି। ଏ ସମ୍ପର୍କରେ ଯେଉଁ ବିବାଦ ଅଛି ତାହା ବାସ୍ତବରେ ଭାରତର ବୃହତ୍ତର କୃଷିଜାତ ଦ୍ରବ୍ୟ ପ୍ରତି ଏକ ଆହ୍ୱାନ ଅଟେ ଏବଂ କିପରି ବିଜ୍ଞାନକୁ ସନ୍ତୁଳିତ କରି ରଖାଯିବ ସେ ସମ୍ପର୍କରେ ପ୍ରଶ୍ନ ଅଟେ ଏବଂ ଭାରତକୁ ଖାଦ୍ୟ ଦୃଷ୍ଟିରୁ କିପରି ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ ତାହାକୁ ଦେଖାଯାଇଥାଏ। ଏହି ପ୍ରସଙ୍ଗ କିପରି ଜିଏମ୍ ମଞ୍ଜି ଫସଲ ସୁରକ୍ଷା ସମାଧାନ ଅବା ଜୈବିକ ପ୍ରଶ୍ନ ଉଠାଏ ତାହା ବାସ୍ତବରେ ଗୁରୁତ୍ୱପୂର୍ଣ୍ଣ। ବାସ୍ତବ କଥା ହେଲା ଯେ ଭାରତୀୟ କୃଷକମାନେ ଏ ସମ୍ପର୍କରେ ପଛରେ ପଡ଼ିନାହାନ୍ତି ସେମାନେ ସୁରକ୍ଷିତ ଫସଲ ଓ ଆଧୁନିକ ମଞ୍ଜି ପାଉଛନ୍ତି। ସେଥିପାଇଁ ନୂଆ ନୂଆ ସର୍ଜନା କରାଯାଉଛି।

ଭାରତ ଏ ବିଷୟରେ ଗୋଟିଏ ବହୁତ ଦୂରକୁ ଆସିପାରିଛି ସବୁଜ ବିପ୍ଳବ ପରଠାରୁ। ଭାରତ ଏବେ ପୃଥିବୀର ସର୍ବବୃହତ ଖାଦ୍ୟାନ୍ନ ଉତ୍ପାଦନର କେନ୍ଦ୍ର ଅଟେ। ଏହାଛଡ଼ା ଭାରତ ଫଳ ଏବଂ ପନିପରିବା ଉତ୍ପାଦନର କେନ୍ଦ୍ର ଅଟେ। କିନ୍ତୁ ଏକବିଂଶ ଶତାବ୍ଦୀର ଆହ୍ୱାନ ହେଉଛି ଆହୁରି ଜଟିଳ। ଭାରତରେ ଅନେକ ଜାଗାରେ ସୀମିତ ଚାଷଯୋଗ୍ୟ ଜମି ଅଛି ଏବଂ ଆହୁରି ମଧ୍ୟ ନଷ୍ଟ ହୋଇଥିବା ମାଟି ମଧ୍ୟ ଅନେକ ଜାଗାରେ ଅଛି। ଧୀରେ ଧୀରେ ଭାରତର ଜମିମାନଙ୍କରେ କୀଟନାଶକ ଔଷଧର ପ୍ରତିରୋଧ ହେଉଛି। ଏଠାରେ ମଧ୍ୟ ଜଳବାୟୁର ବିବିଧତା ରହୁଛି ଏବଂ ଧୀରେ ଧୀରେ ଆକଳନଗୁଡ଼ିକ ଆଉ ଅଧିକ ଭୁଲ୍ ହେଉନାହିଁ। ଯଦି ଭାରତ ଖାଦ୍ୟ ଏବଂ ପୁଷ୍ଟିକରତାର ସୁରକ୍ଷା ପାଇଁ କାମ କରେ ଓ ଏହାର ୧୪୦ କୋଟି ଲୋକ ଯେମିତି ସ୍ୱାସ୍ଥ୍ୟକର ଖାଦ୍ୟ ପାଆନ୍ତି ତା'ହେଲେ ଏହି ଉତ୍ପାଦନ ଅଧିକ ପରିମାଣରେ ବଢ଼ିପାରିବ। ଏହା କେବଳ ଭଲ ବିହନ ବା ମଞ୍ଜି ଦ୍ୱାରା ହୋଇପାରିବ ତାହା ନୁହେଁ ରସାୟନ ଓ ଜୈବିକ ସାରର ଦେଶରେ ନିହାତି ଜରୁରି ଆବଶ୍ୟକତା ଅଛି। ଯାହାଫଳରେ ଅଧିକ ଫସଲ ହୋଇପାରିବ। କୃଷକମାନେ ୨୦%-୪୦% ଫସଲ ପ୍ରତିବର୍ଷ ନଷ୍ଟ କରୁଛନ୍ତି କୀଟନାଶକ ଔଷଧ, ରୋଗ ଓ ଗୁଳ୍ମ ଯୋଗୁଁ। ବିଜ୍ଞାନ ଭିତ୍ତିକ ନୀତିଗୁଡ଼ିକ ଯାହା ସୁରକ୍ଷିତ ଏବଂ ସ୍ୱାସ୍ଥ୍ୟକର ଏବଂ ଦୀର୍ଘକାଳ ଧରି ତିଷ୍ଠୁଥିବା ଫସଲଗୁଡ଼ିକର ସୁରକ୍ଷାର ସମାଧାନ ସମ୍ପର୍କରେ ଆଲୋଚନା କରିବା ବର୍ତ୍ତମାନର ଆହ୍ୱାନ ଅଟେ। ଏଠାରେ ଭାରତ ଏହା ଶିକ୍ଷା କରିପାରେ ବିଶ୍ୱ ଉଦାହରଣମାନଙ୍କରୁ। ଉଦାହରଣ ସ୍ୱରୂପ ବ୍ରାଜିଲ ଅତି ଦ୍ରୁତବେଗରେ କୃଷି ଉତ୍ପାଦନକୁ ବଢ଼ାଇଛି ଗତ ଦୁଇ ଦଶନ୍ଧି ହେଲା ବିଜ୍ଞାନ ଭିତ୍ତିକ ଦୃଷ୍ଟିକୋଣ ଆପଣାଇ। ଏଥିପାଇଁ ଜୈବ ଟେକ୍ନୋଲୋଜି ଓ ଫସଲ ସୁରକ୍ଷା ଗୋଟିଏ ବଡ଼ କଥା ଅଟେ। ଏହାର ନିୟନ୍ତ୍ରଣ ବ୍ୟବସ୍ଥା ବାହାରିଥିଲା ଦ୍ରୁତତମ ଅନୁମୋଦନ ପାଇଁ। ସେଥିପାଇଁ କୃଷକମାନେ ନୂଆ ସର୍ଜନା ପାଇଁ ଚେଷ୍ଟା କରୁଛନ୍ତି ଯାହା ବିଶ୍ୱସ୍ତରର ଅନ୍ୟ ଦେଶମାନେ ମଧ୍ୟ କରୁଛନ୍ତି। ସେହିପରି ଚୀନ ମଧ୍ୟ ଅତି ମହତ୍ୱପୂର୍ଣ୍ଣ ଭାବରେ ଘରୋଇ ଉତ୍ପାଦକମାନଙ୍କୁ ନାନା ରକମର ସୁଯୋଗ ଦେଇଛି ଏବଂ ସେଥିପାଇଁ ଗବେଷଣାକୁ ଗୁରୁତ୍ୱ ଦେଇଛି ଯେଉଁଥିରେ ଫସଲ ସୁରକ୍ଷାକୁ ରକ୍ଷା କରାଯାଇଛି। ଯେତେବେଳେ ଏହା ଦେଖାଯାଇଛି ଯେ, କୃଷକମାନେ ଠିକ୍ ସମୟରେ ନୂଆ ଟେକ୍ନୋଲୋଜି ପାଇବା ପାଇଁ ଚେଷ୍ଟା କରୁଛନ୍ତି ଏବଂ ନୂଆ ଟେକ୍ନୋଲୋଜିର ପ୍ରୟୋଗ କରୁଛନ୍ତି। ଏହି ଉଦାହରଣ ଦେଖାଉଛି ଯେ, ଏହି ବିଜ୍ଞାନ ସହିତ ସବୁକିଛି ସମ୍ପୃକ୍ତ ଯେଉଁଠି କୃଷି ଅଧିକ ସହନଶୀଳ ହୁଏ ଏବଂ ବିଶ୍ୱ ପ୍ରତିଦ୍ୱନ୍ଦ୍ୱିତାରେ ଯୋଡ଼ାଯାଇଥାଏ। ଭାରତର ନିୟନ୍ତ୍ରକ ଢାଞ୍ଚା ବଳିଷ୍ଠ ଭାବରେ କାମ କରେ କିନ୍ତୁ ଏହା ଆଉ ଏକ ପ୍ରଚେଷ୍ଟାର ଆବଶ୍ୟକତା କରେ। ଭାରତରେ କୌଣସି ନିୟମର ଅନୁମୋଦନ ପାଇଁ ଅଧିକ ସମୟ ଲାଗେ ଏବଂ ସେଠାରେ ଫସଲ ସୁରକ୍ଷାର ଉତ୍ପାଦନ ମଧ୍ୟ ସମୟକ୍ରମେ ହୁଏ ଯାହା ଜୈବିକ ଦୃଷ୍ଟିକୋଣରୁ ତଥା ନୂଆ ସର୍ଜନାର ବିଳମ୍ବ ଦୃଷ୍ଟିରୁ ଘଟିଥାଏ ଏବଂ ଏହା କୃଷକକୁ ବାଧ କରେ ପୁରୁଣା ପଦ୍ଧତି ଅନୁସାରେ ଫସଲ ଉତ୍ପାଦନ କରିବାକୁ। ପୂର୍ବରୁ ଯେମିତି ଚାଷ କରାଯାଉଥିଲା ଅନେକ ଜାଗାରେ ସେମିତି ଚାଷ କରାଯାଏ। କୃଷକମାନଙ୍କୁ ଏଥିପାଇଁ ସୁବିଧା ଦେବାକୁ ଆମେ ଆମର ନୀତିକୁ ନରମ କରିବା ଦରକାର ଯେତେବେଳେ ସୁରକ୍ଷା ନୀତିକୁ ବଢ଼େଇବାକୁ ହେବ। ଏହାର ଅର୍ଥ ହେଉଛି ଅନୁମୋଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ଅନାବଶ୍ୟକ କଥାକୁ ଦୂର କରିବା ଏବଂ ବିଶ୍ୱର ବିଭିନ୍ନ ମାନକମାନଙ୍କ ସହ ସମାନ ହେବା ତଥା ଆକଳନ କରି ହେଉଥିବା ରାସ୍ତା ବଢେଇବା ନୂଆ ସର୍ଜନା ପାଇଁ। ଉଦାରୀକରଣ ଏଠାରେ ଏହା ବୁଝାଏନାହିଁ ଯେ, ଏଥିପାଇଁ ସୁରକ୍ଷାକୁ ହଟେଇବା। ଏହାର ଅର୍ଥ ହେଉଛି ଗୋଟିଏ ସ୍ୱଷ୍ଟ ଡିଜାଇନ ସୃଷ୍ଟି କରିବା ଯାହା ଅଧିକ ଦକ୍ଷ ଏବଂ ବିଜ୍ଞାନ ସମ୍ମତ ପଦ୍ଧତିରେ କାମ କରେ। ଏହା ନବସର୍ଜନାକୁ ସମର୍ଥନ କରେ ଯେତେବେଳେ ସବୁଠୁ ବଡ଼ ମାନକକୁ ସୁରକ୍ଷା ଦୃଷ୍ଟିରୁ ବଜାୟ ରଖେ। କାରଣ କୃଷକମାନେ, ଖାଉଟିମାନେ ଓ ପରିବେଶ ସୁରକ୍ଷାକାରୀମାନେ ଏହା ଚାହାନ୍ତି। ସରକାରଙ୍କର କୃଷକମାନେ ପ୍ରଥମେ ଯେଉଁମାନେ ଏହି ନୀତି ଆପଣେଇଛନ୍ତି ସେମାନଙ୍କୁ ଧନ୍ୟବାଦ ଦିଆଯିବା ଉଚିତ୍। ଯେଉଁ ଯୋଜନାମାନ ଦରକୁ ନିୟନ୍ତ୍ରିତ କରନ୍ତି ସେମାନେ ଋଣ ପାଇଁ ରାସ୍ତା ଖୋଲିଦିଅନ୍ତି ଏବଂ କୃଷିବୀମା ପାଇଁ ବିଭିନ୍ନ ଦୃଷ୍ଟାନ୍ତ ମଧ୍ୟ ଦିଅନ୍ତି। ଏ ସମ୍ପର୍କରେ ଗୋଟିଏ ପରିଷ୍କାର ଉଦ୍ଦେଶ୍ୟ ହେଉଛି କୃଷକଙ୍କର ମଙ୍ଗଳ ସମ୍ପର୍କରେ ଦେଖିବା। ଏହାର ପରବର୍ତ୍ତୀ ପଦକ୍ଷେପ ହେଉଛି ଏହି ପ୍ରଚେଷ୍ଟାଗୁଡ଼ିକୁ ବିଜ୍ଞାନ ସମ୍ମତ ନବସର୍ଜନାରେ ମିଶେଇବା। ଭାରତର କୃଷକମାନେ ବାରମ୍ବାର ଦେଖାଇଛନ୍ତି ଯେ, ସେମାନେ ଟେକ୍ନୋଲୋଜିର ପ୍ରୟୋଗ ଖୁବ୍‌ଶୀଘ୍ର କରିପାରନ୍ତି। ସେମାନେ ଯେତେବେଳେ ଦେଖନ୍ତି ଯେ, ଟେକ୍ନୋଲୋଜି ଯୋଗୁଁ ତାଙ୍କୁ ଲାଭ ମିଳୁଛି ସେତେବେଳେ ସେମାନେ ତାହା କରନ୍ତି। ଏହା ହେଉଛି ହାଇବ୍ରିଡ୍ ମଞ୍ଜି ଯଦି ଏହାର ନିୟମ ନୂଆ ଫସଲ ସୁରକ୍ଷା ସମାଧାନ କରିଥାଏ। ଏହା ଜୈବିକ ଦୃଷ୍ଟିକୋଣରୁ ଅଧିକ ଗ୍ରହଣଯୋଗ୍ୟ ହେବା କଥା। ତା'ହେଲେ କୃଷକମାନେ ଏହି ନବସର୍ଜନାକୁ ଗ୍ରହଣ କରିବେ। କୃଷକମାନେ ଏ ଧରଣର ନୀତିକୁ ଗ୍ରହଣ କରିବେ। ଏହା ଫଳରେ ଅଧିକ ଆୟ ହେବ ଏବଂ କୃଷି ପଦ୍ଧତି ଆହୁରି ଆହୁରି ଭଲ ହେବ।

ଏହା ସହିତ ଭାରତର ଫସଲ ସୁରକ୍ଷା ଉପରେ ନିର୍ଭରଶୀଳତା ଅଛି। ଭାରତରେ ଦେଶର ଘରୋଇ ଦକ୍ଷତା ଅଛି ଯାହା ଅତି ଗୁରୁତ୍ୱପୂର୍ଣ୍ଣ। ଏଥିରେ ବିଜ୍ଞାନ ଭିତ୍ତିକ ନୀତିଗୁଡ଼ିକ ଗ୍ରହଣ କରାଯାଇପାରେ ଯାହା ଫଳରେ ସ୍ଥାନୀୟ ଗବେଷଣା ପାଇଁ ସାହାଯ୍ୟ ମିଳେ ଏବଂ ଉତ୍ପାଦନ ପାଇଁ ଉତ୍ସାହ ମିଳେ। ଏହା ବିଶ୍ୱର କମ୍ପାନୀମାନଙ୍କୁ ଭାରତରେ ଉତ୍ପାଦନ ପାଇଁ ଉତ୍ସାହିତ କରେ ଏବଂ ସେମାନଙ୍କ ସହିତ ପାରସ୍ପରିକ ଶିକ୍ଷାଗତ ତଥା ଷ୍ଟାର୍ଟଅପ୍ ଏବଂ ଶିଳ୍ପମାନଙ୍କ ମଧ୍ୟରେ ସମନ୍ୱୟ ସୃଷ୍ଟି କରେ ବିଭିନ୍ନ ଦୃଷ୍ଟିକୋଣରୁ। ଭାରତ ସେଥିପାଇଁ ଗୋଟିଏ ବିବିଧ କୃଷିଜାତ ଜୋନ୍‌ରେ ପରିଣତ ହୋଇଛି। ବିଶ୍ୱ ଅଭିଜ୍ଞତା ଦେଖାଉଛି ଯେ, ଏହି ଜୈବ ପଦ୍ଧତି ନୀତି କେବଳ ଆତ୍ମନିର୍ଭରଶୀଳତାକୁ ଦେଖେନାହିଁ କେବଳ ଗୋଟିଏ ଦେଶକୁ ଗୋଟିଏ ଟେକ୍ନୋଲୋଜିର ରପ୍ତାନୀକାରୀ ହିସାବରେ ଗୁରୁତ୍ୱ ଦେଇଥାଏ ଏବଂ ତାହାକୁ ଜ୍ଞାନବୃଦ୍ଧିର ଭଣ୍ଡାର ବୋଲି କୁହାଯାଇଥାଏ ଯାହା ଭାରତ ହୋଇଛି, ଯାହାର ଗୋଟିଏ ବିରାଟ ବୈଜ୍ଞାନିକ ଭିତ୍ତିଭୂମି ରହିଛି। ଭାରତ ଏହାର ଗୋଟିଏ ଦୃଢ଼ ବୈଜ୍ଞାନିକ ଭିତ୍ତି ଓ ଶିଳ୍ପଦ୍ୟୋଗୀ ପ୍ରତିଭା ଯୋଗୁଁ ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ଟେକ୍ନୋଲୋଜିର ପ୍ରୟୋଗକୁ ଭଲ ଦୃଷ୍ଟିରୁ ଦେଖିପାରିବ।

ଆମେ ଏହି ଭବିଷ୍ୟତକୁ ଦେଖୁଛୁ। ଜିଏମ୍ ବିତର୍କ ଗୋଟିଏ ଏକୁଟିଆ ଘଟଣା ହିସାବରେ ଦେଖାଯିବା ଉଚିତ ନୁହେଁ। ଏହା ଗୋଟିଏ ବୃହତ ରାସ୍ତାର ନକ୍ସା ଯାହା ଫସଲ ସୁରକ୍ଷା ଜୈବିକ ଓ ବୈଜ୍ଞାନିକ ଭିତ୍ତିକ ନିୟମକୁ ମଧ୍ୟ ଦେଖିଥାଏ। ଭାରତ ସେଥିପାଇଁ ଏକ ସମନ୍ୱିତ କୌଶଳର ପ୍ରୟୋଗ କରିବା ଉଚିତ। ଭାରତ ଏଥିସହିତ ଏହାକୁ ଦେଖିବା ଉଚିତ ଯାହା ଫଳରେ ଉତ୍ପାଦକତାରେ ବୃଦ୍ଧି ହେବା କଥା। ପରିବେଶଗତ ସୁରକ୍ଷା ଏବଂ କୃଷକର ସମୃଦ୍ଧି ମଧ୍ୟ ଦେଖିବା ଉଚିତ। ବାସ୍ତବ ପ୍ରଶ୍ନ ହେଉଛି ଆମେ ବିଜ୍ଞାନ କୃଷି କ୍ଷେତ୍ରରେ କେତେ ପ୍ରୟୋଗ କରିପାରିବୁ ଏବଂ ଆମର ନୀତିକୁ ସେ ସମ୍ପର୍କରେ କାର୍ଯ୍ୟରେ ଲଗାଇବା ପାଇଁ କେମିତି କ'ଣ କରିବୁ। ଆମେ କେତେ ଶୀଘ୍ର ଏବଂ ଅତି ସଫଳତାର ସହିତ ଆମର ନୀତିଗୁଡ଼ିକୁ କାମରେ ଲଗାଇପାରିବୁ। ଗୋଟିଏ ବିଜ୍ଞାନ ଭିତ୍ତିକ ନୀତି ପରିବେଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କେମିତି ନୂଆ ଟେକ୍ନୋଲୋଜି କୃଷକମାନଙ୍କ ହାତକୁ ଆସିବ। ଅନେକ ସମୟରେ ପ୍ରଶ୍ନ ଉଠୁଥିଲା ଯେ, ଜିଏମ୍ ମଞ୍ଜିରୁ ଅନେକ ପ୍ରକାରର ରୋଗ ସୃଷ୍ଟି ହୋଇଥାଏ। କିନ୍ତୁ ପରବର୍ତ୍ତୀ କାଳରେ ପ୍ରମାଣିତ ହୋଇଛି ଯେ, ଏପରି ରୋଗ ସୃଷ୍ଟି ହୋଇନାହିଁ। କିନ୍ତୁ ଏହାଦ୍ୱାରା ବ୍ୟାପକ ଫସଲ ଉତ୍ପାଦନ ହୋଇଛି ଯାହା ଭାରତର ୧୪୦ କୋଟି ଲୋକଙ୍କର ଖାଦ୍ୟାନ୍ନ ଆବଶ୍ୟକତାକୁ ମେଣ୍ଟାଇ ପାରୁଛି।

# ଶାସ୍ତ୍ରୀୟ ବିଧାନ ଓ ପରମ୍ପରାରେ ପିତୃତର୍ପଣ



ଅନନ୍ତ ଗୋପାଳ ପଣ୍ଡା
ସମ୍ପାଦକ,ବୈକୁଣ୍ଠନାଥ ସ୍ମୃତି ସଂସଦ
ଜପକୁଦ, ସାଲେପୁର, କଟକ
ମୋ: ୯୮୬୧୪୭୦୧୯୮

ଅଖିଳ ବିଶ୍ୱବ୍ରହ୍ମାଣ୍ଡର ରୂପକାର ପରମାତ୍ମା ପରମେଶ୍ୱର ସୃଷ୍ଟି ସର୍ଜନା କରିବା ନିମନ୍ତେ ନିଜ ନାଭିରୁ ସୃଷ୍ଟି କଲେ ବେଦପତି ବ୍ରହ୍ମାଙ୍କୁ। ପିତାମହ ସୃଷ୍ଟିକୁ ବିସ୍ତାର କରିବା ନିମନ୍ତେ ପ୍ରଥମେ ମାନସପଟରୁ ଜାତକଲେ ଚତୁଃସନକ ଯଥା- ସନକ, ସନାତନ, ସନନ୍ଦନ ଓ ସନତ୍‌କୁମାରଙ୍କୁ। ସେମାନେ ଭଗବାନଙ୍କ ଉପାସନାରେ ନିଜକୁ ଲିପ୍ତରଖିବାରୁ ପୁନଶ୍ଚ ଭ୍ରୂଲତା ମଧ୍ୟରୁ ସୃଷ୍ଟିକଲେ ରୁଦ୍ରଙ୍କୁ। ରୁଦ୍ରଦେବ ମଧ୍ୟ ତାଙ୍କ କାମନାକୁ ଚରିତାର୍ଥ କରିବାରେ ଅସଫଳ ହେବାରୁ ପର ପର୍ଯ୍ୟାୟରେ ଚତୁରାନନ ସୃଷ୍ଟିକଲେ ନିଜ ଅଙ୍ଗରୁ ସପ୍ତର୍ଷି, ଯଥା-କ୍ରତୁ, ପୁଲହ, ପୌଲସ୍ତ୍ୟ, ଅତ୍ରି, ଅଙ୍ଗିରା, ବଶିଷ୍ଠ ଓ ମରିଚିଙ୍କ ସହିତ ଭୃଗୁ, ନାରଦ ଓ ଦକ୍ଷକୁ। ଏହିଦଶଜଣ ସୃଷ୍ଟିକୁ କଲେ ବିସ୍ତାରିତ ଏବଂ ସମସ୍ତ ମାନବକୁଳ ଏମାନଙ୍କ ବଂଶରେ ହୋଇଛନ୍ତି ଜାତ। ତେଣୁ ଋଷିମାନେ ହେଉଛନ୍ତି ଆମର ପୂର୍ବଜ ଯାହାର ପ୍ରମାଣ ବହନ କରେ ଆମ ଗୋତ୍ରର ନାମ। ତେଣୁ ଆମ୍ଭେମାନେ ଋଷିମାନଙ୍କ ନିକଟରେ ଚିର ଋଣୀ। ଋଷିମାନେ ଆମର ପୂର୍ବଜ ହୋଇଥିଲେ ମଧ୍ୟ ଆମେ ଯାହାଙ୍କ ପ୍ରତ୍ୟକ୍ଷ ସହାୟତାରେ ଏ ଧରାରେ ପଦାର୍ପଣ କରିଅଛୁ, ସେମାନେ ହେଉଛନ୍ତି ଆମର ପିତା-ମାତା। ତାଙ୍କ ବିନା ଆମର ସ୍ଥିତି ଅସମ୍ଭବ। ଆମ୍ଭମାନଙ୍କର ଉତ୍ପତ୍ତି, ସ୍ଥିତି ଓ ପ୍ରଗତିର ନିୟାମକ ହେଉଛନ୍ତି ଆମର ପିତାମାତା। ସେଥିପାଇଁ କୁହାଯାଏ "ପିତାମାତା ସୁକୃତରୁ ପୁତ୍ର ହୁଏ ସୁଖୀ"। ସେମାନଙ୍କର ଋଣ ଆମେ କେବେ ସୁଝିପାରିବାନାହିଁ। ସେମାନଙ୍କ ପ୍ରତି ଆମେ ସରାଜୀବନ କୃତଜ୍ଞ ରହିବା ଉଚିତ୍। ସେମାନଙ୍କ ବ୍ୟତୀତ ଆମେ ଯେଉଁ ଦେବତାଙ୍କର ସାହାଯ୍ୟରେ ଆମ ଜୀବନଯାତ୍ରାର ପଥକୁ କରିଥାଉ କୁସୁମିତ ସେମାନଙ୍କ ପ୍ରତିମଧ୍ୟ ଆମର କୃତଜ୍ଞତା ରହିବା ଉଚିତ। ଯଥା- ସୂର୍ଯ୍ୟଙ୍କ କିରଣ, ଚନ୍ଦ୍ରଙ୍କ ଶୀତଳତା, ଅନଳଙ୍କ ତେଜ, ଅନିଳଙ୍କ ମୃଦୁମନ୍ଦ ସମୀରଣ, ବରୁଣଙ୍କ ଜଳଦାନ ଇତ୍ୟାଦି। ଏମାନଙ୍କ ସାହାଯ୍ୟ ବିହୁନେ ଆମ ଜୀବନ ଧାରଣ ସଂପୂର୍ଣ୍ଣ ଅସମ୍ଭବ। ତେଣୁ ଶେଷନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ସେମାନଙ୍କ ପାଖରେ ନତମସ୍ତକ ହୋଇ ପ୍ରଣାମ ଜ୍ଞାପନ ସହ କୃତଜ୍ଞତା ରୂପକ କୁସୁମାଞ୍ଜଳିକୁ ସେମାନଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିବା ଆମମାନଙ୍କର ପରମ କର୍ତ୍ତବ୍ୟ।

ଯୁଗେଯୁଗେ ଏହି ତର୍ପଣର ଧାରା ରହିଛି ଅବ୍ୟାହତ। ସତ୍ୟଯୁଗରେ କୃତମାଳା ନଦୀରେ ତର୍ପଣ କରୁଥିବା ସମୟରେ ରାଜା ସତ୍ୟବ୍ରତ (ପରଜନ୍ମରେ ବୈବସ୍ୱତ ମନୁ)ଙ୍କ ଅଞ୍ଜଳି ଜଳରେ ଭଗବାନ ମୀନ ରୂପରେ ଆବିର୍ଭୂତ ହୋଇଥିଲେ। ତ୍ରେତୟାରେ ପ୍ରଭୁ ରାମଚନ୍ଦ୍ର ମଧ୍ୟ ପିତୃଙ୍କ ଉଦ୍ଦେଶ୍ୟରେ ତର୍ପଣ କରୁଥିଲେ। ଦ୍ୱାପରରେ ପ୍ରଭୁ ବଳରାମ ତୀର୍ଥ ପର୍ଯ୍ୟଟନରେ ଥିବାବେଳେ ପିତୃଙ୍କ ଉଦ୍ଦେଶ୍ୟରେ ତର୍ପଣ କରିଥିଲେ ଯାହା ଶ୍ରୀମଦ୍‌ଭାଗବତ ୧୦ମସ୍କନ୍ଧ ୮୪ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି। କଳିଯୁଗରେ ପ୍ରଭୁଜଗନ୍ନାଥ ମଧ୍ୟତ୍ରିଦିବସ ବ୍ୟାପି ଶ୍ରାଦ୍ଧ ବେଶରେ ଭୂଷିତ ହୋଇ ପିତୃପୁରୁଷଙ୍କୁ ଦୀପ ଅର୍ପଣ କରିଥାନ୍ତି।

ମାର୍କଣ୍ଡେୟ ପୁରାଣ, ବ୍ରହ୍ମପୁରାଣ, ଗରୁଡ ପୁରାଣ ଏବଂ ଶ୍ରୀମଦ୍‌ଭାଗବତ ମହାପୁରାଣରେ ଏହି ପିତୃତର୍ପଣ ସମ୍ପର୍କରେ ରହିଛି ବର୍ଣ୍ଣନା। ଭାଗବତର ବର୍ଣ୍ଣନାନୁସାରେ ମନୁଷ୍ୟ ଶିଶୁ ଜନ୍ମ ହେବା ମାତ୍ରକେ ତିନି ଗୋଟି ଋଣରେ ହୋଇଯାଏ ଋଣୀ। ଏଥିରୁ ମୁକ୍ତ ହେବା ନିମନ୍ତେ ସେଥିରେ ଉଲ୍ଲେଖ କରାଯାଇଅଛି। ଏହି ଋଣରୁ ମୁକ୍ତ ନହେଲେ ଜୀବର ନର୍କଗତି ସମ୍ପର୍କରେ ମଧ୍ୟ ତହିଁରେ ବର୍ଣ୍ଣନା ରହିଅଛି। ୧୦ମ ସ୍କନ୍ଧ ୯୦ ଅଧ୍ୟାୟରେ ନାରଦ ମୁନି ବସୁଦେବଙ୍କୁ କହିଛନ୍ତି, "ଦେବତା ଋଷି ପିତୃଙ୍କର/ ସ୍ୱଭାବେ ଋଣୀ ଏ ଶରୀର/ ଏହା ନ ଶୁଝି ଧର୍ମ ଛାଡ଼ି/ ମଲେ ନରକେ ଥାନ୍ତି ପଡି /ନିର୍ମଳ ଧନେ ଯଜ୍ଞ କଲେ/ ଦେବତା ଋଣ ଶୁଝେ ଭଲେ/ବିଦ୍ୟା ପଠନ କଲେ ଜାଣ/ ନିଶ୍ଚେ ଶୁଝନ୍ତି ଋଷି ଋଣ/ପୁତ୍ର ପଉତ୍ର ଜାତ ହେଲେ/ ପିତୃଙ୍କ ଋଣ ଶୁଝେ ଭଲେ/ ତୁ ଏବେ ବେନି ଋଣ ମୁକ୍ତ / ବିଦ୍ୟା ପଠନେ ପୁତ୍ର ଜାତ / ଦେବତା ଋଣ ଅଛିତୋର / ତୁଏବେ ସୁଖେ ଯାଗକର / ଏ ତିନି ଋଣୁ ତୁ ନିସ୍ତରି / ସୁଖେ ବିହର ଯଦୁପୁରୀ"। ଜୀବ ଜନ୍ମ ହେବା ମାତ୍ରକେ ପିତୃ, ଋଷି ଓ ଦେବତାଙ୍କ ଋଣରେ ହୋଇଯାଏ ଋଣୀ। ପିତୃଙ୍କ ଋଣ ତର୍ପଣ ଓ ଶ୍ରାଦ୍ଧ ଦ୍ୱାରା, ଋଷିଙ୍କ ଋଣ ଶାସ୍ତ୍ର ଅଧ୍ୟୟନ ଦ୍ୱାରା ଏବଂ ଦେବତାଙ୍କ ଋଣ ଯାଗଯଜ୍ଞ ଦ୍ୱାରା ପରିଶୋଧ ହୋଇଥାଏ। କପିଳ ଭଗବାନଙ୍କ ଆବିର୍ଭାବ ପରେ କର୍ଦ୍ଦମ ମୁନୀ ଏହି ଋଣ ତ୍ରୟରୁ ମୁକ୍ତ ହୋଇଗଲେ ବୋଲି ପ୍ରକାଶ କରି କହିଛନ୍ତି, "ତୁ ଅବତୀର୍ଣ୍ଣ ହେଲା ମାତ୍ରେ / ମୋ ଋଣ ତ୍ରୟ ନାହିଁ ଗାତ୍ରେ / ପୂର୍ଣ୍ଣ ହୋଇଲା ମନୋରଥ / ସନ୍ୟାସ ମାର୍ଗେ ଏବେ ଚିତ୍ତ। (ଭାଗବତ ୩/୨୪)"

ଦେବର୍ଷି ନାରଦ ଓ କର୍ଦ୍ଦମ ମୁନିଙ୍କ ବ୍ୟତୀତ ନୃସିଂହ ଭଗବାନ ମଧ୍ୟ ଭକ୍ତ ପ୍ରହ୍ଲାଦକୁ ପିତୃ କର୍ମ କରିବା ପାଇଁ ଦେଇଛନ୍ତି ଉପଦେଶ। ଭକ୍ତଜନମାନେ ପିତୃମାନଙ୍କ ତୃପ୍ତିଅର୍ଥେ କିପରି କର୍ମ ସମ୍ପାଦନ କରିଥାନ୍ତି, ସେ ବିଷୟ ଉଲ୍ଲେଖ କରିବାକୁ ଯାଇ କହିଛନ୍ତି, " ମୋର ଭକତଜନ ଯେତେ/ଯତ୍ନ କରନ୍ତି ପିତୃ ଅର୍ଥେ/ମୋ ପାଦେ ମନ କରି ସ୍ଥିର/ ପିଣ୍ଡେତୁ ପିତାଙ୍କୁ ଉଦ୍ଧର/ନୃସିଂହ ଆଜ୍ଞା ଘେନି ଶିରେ/ ପିତାର କର୍ମ ଗଙ୍ଗାତୀରେ/ଆନନ୍ଦେ ଦାନବର ବଳା/ପିତୃ ତର୍ପଣ ପିଣ୍ଡ ଦେଲା (ଭାଗବତ ୭/୧୦)।

ଭୂର୍ଲୋକରେ ଆମ୍ଭମାନଙ୍କର ଗୋଟିଏ ବର୍ଷ ଭୂବର୍ଲୋକ ବା ପିତୃଲୋକରେ ଅବସ୍ଥାନ କରୁଥିବା ପିତୃପୁରୁଷ ଏବଂ ସ୍ୱର୍ଲୋକରେ ଅବସ୍ଥାନ କରୁଥିବା ଦେବତାମାନଙ୍କର ଗୋଟିଏ ଦିବସ ସହିତ ତୁଳନୀୟ। ଆଶ୍ୱିନ କୃଷ୍ଣ ପକ୍ଷ ପ୍ରତିପଦାରୁ ଅମାବାସ୍ୟା ପର୍ଯ୍ୟନ୍ତ ପାଳିତ ହୁଏ ପିତୃପକ୍ଷ। ଏହି ପିତୃପକ୍ଷକୁ ମଧ୍ୟ ଅପରପକ୍ଷ କୁହାଯାଏ। ଏହି ପିତୃପକ୍ଷରେ ପ୍ରତ୍ୟେକ ସନାତନୀ ଶାସ୍ତ୍ରର ବିଧାନ ଏବଂ ଅନୁସୃତ ପରମ୍ପରା ଅନୁଯାୟୀ ଦେବତା, ଋଷି ଏବଂ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତର୍ପଣ କରିବା ଉଚିତ୍। "ତୃପ୍ୟନ୍ତି ପିତରଃ ଅନେନ ଇତି ତର୍ପଣମ୍" ଏବଂ "ଶ୍ରଦ୍ଧୟା ପିତୃନ୍ ଉଦ୍ଦିଶ୍ୟ ବିଧିନା କ୍ରିୟତେ ଯତ୍କର୍ମ ତତ୍ ଶ୍ରାଦ୍ଧମ୍" ନ୍ୟାୟରେ ପିତୃପୁରୁଷଙ୍କ ତୃପ୍ତିନିମନ୍ତେ ତର୍ପଣ ଓ ଶ୍ରାଦ୍ଧ ଏକାନ୍ତ କରଣୀୟ। ଶାସ୍ତ୍ରରେ ବର୍ଣ୍ଣିତ ତର୍ପଣର ବିଧି ହେଉଛି, "ଏକୈକମଞ୍ଜଳିଂ ଦେବାଃ ଦ୍ୱୌ ଦ୍ୱୌ ତୁ ସନକାଦୟଃ, ଅର୍ହନ୍ତ ପିତରସ୍ତ୍ରୀଂ ସ୍ତ୍ରୀନ୍ ସ୍ତ୍ରିୟଶ୍ଚୈକିକ ମଞ୍ଜଳିମ୍। ମାତା ପିତାମହୀ ଚୈବ ତଥୈବ ପ୍ରପିତାମହୀ, ଏତାସାଂ ପିତୃବତ୍ ଦଦ୍ୟାତ୍ ଶେଷାସ୍ତ୍ୱେକୈକମଞ୍ଜଳିମ୍"। ଅର୍ଥାତ୍ ଦେବତାମାନଙ୍କୁ ସବ୍ୟ ହୋଇ ଗଙ୍ଗାଜଳ ଓ ତଣ୍ଡୁଳ ମିଶ୍ରିତ ସଂସ୍କାରିତ ଜଳକୁ କରାଞ୍ଜଳିରେ ବା ପାତ୍ରୀରେ ପୂର୍ବମୁଖ ହୋଇ ଦେବତୀର୍ଥ ମୁଦ୍ରାରେ ଏକ ଏକ ଥର କରି ପ୍ରଦାନ କରାଯାଏ। ଋଷିମାନଙ୍କୁ ଉତ୍ତର ମୁଖ ହୋଇ ଉପବୀତକୁ କଣ୍ଠରେ ମାଳକରି ସେହି ସଂସ୍କାରିତ ଜଳକୁ ଦୁଇ ଥର କରି ପ୍ରଦାନ କରାଯିବାର ରହିଛି ବିଧାନ। ତତ୍ପରେ ଅପସବ୍ୟ ହୋଇ ତଣ୍ଡୁଳ ମିଶ୍ରିତ ଜଳରେ ତିଳ ମିଶାଇ ଦକ୍ଷିଣକୁ ମୁଖକରି ପିତୃତୀର୍ଥ ମୁଦ୍ରାରେ କରାଞ୍ଜଳି ବା ପାତ୍ରୀରେ ଧବଳ ଫୁଲ ରଖି ପିତୃପୁରୁଷଙ୍କୁ ତିନିଥର କରି ଏବଂ ଅନ୍ୟମାନଙ୍କୁ ଯଥା-ଗୁରୁ ଓ ସମ୍ପର୍କୀୟଙ୍କୁ ଗୋଟିଏ ଗୋଟିଏ ଥର ତର୍ପଣ ଜଳ ଅର୍ପଣ କରାଯାଏ।

ସୂର୍ଯ୍ୟ କନ୍ୟା ରାଶିରେ ଅବସ୍ଥାନ କରୁଥିବା ସମୟରେ ପିତୃପୁରୁଷମାନଙ୍କ ଉଦ୍ଦେଶ୍ୟରେ ପିତୃତର୍ପଣ ଓ ମହାଳୟା ବିଧିରେ ଶ୍ରାଦ୍ଧ ପ୍ରଦାନ କରାଯାଏ। ପିତୃତର୍ପଣର ପ୍ରଥମ ପର୍ଯ୍ୟାୟରେ ଯେଉଁ ଦେବତାଙ୍କୁ ତର୍ପଣ ଉଦକ ପ୍ରଦାନ କରାଯାଏ ସେମାନେ ହେଲେ- ବ୍ରହ୍ମା, ବିଷ୍ଣୁ, ରୁଦ୍ର, ପ୍ରଜାପତି, ଦେବା, ଛନ୍ଦାଂସି, ବେଦା, ଋଷୟ, ସନାତନ, ଆଚାର୍ଯ୍ୟ, ପୁରାଣାଚାର୍ଯ୍ୟ, ଗନ୍ଧର୍ବାଚାର୍ଯ୍ୟ, ଇତରାଚାର୍ଯ୍ୟ, ସମ୍ବତ୍ସର, ଦେବ୍ୟ, ଅପ୍ସରସ୍ୟ, ଦେବାନୁଗା, ନାଗା, ସାଗରା, ପର୍ବତା, ସରିତ, ମନୁଷ୍ୟ, ଯକ୍ଷ, ରକ୍ଷାଂସି, ପିଶାଚ, ସୁପର୍ଣ୍ଣା, ଭୂତାନି, ପଶବ, ବନସ୍ପତୟ, ଔଷଧୟ ଓ ଭୂତଗ୍ରାମଶ୍ଚତୁର୍ବିଧ। ଓଁ ଉଚ୍ଚାରଣ ସହିତ ଦେବତାମାନଙ୍କ ନାମନେଇ 'ତୃପ୍ୟତାମ୍' ଶବ୍ଦ ଉଚ୍ଚାରଣ ପୂର୍ବକ ଦେବତୀର୍ଥ ମୁଦ୍ରା ଅର୍ଥାତ୍ ସମସ୍ତ ଅଙ୍ଗୁଳିର ଅଗ୍ରଭାଗ ଦେଇ ତର୍ପଣ ଜଳ ପ୍ରଦାନ କରିବା ବିଧେୟ। ଦେବତାଙ୍କ ପରେ ଉତ୍ତରକୁ ମୁଖ କରି ପ୍ରଜାପତ୍ୟତୀର୍ଥ ମୁଦ୍ରାରେ ଅର୍ଥାତ୍ କନିଷ୍ଠାଙ୍ଗୁଳିର ମୂଳଭାଗଦେଇ ଦୁଇ ଦୁଇଥର ତର୍ପଣ ଉଦକକୁ ଋଷିମାନଙ୍କୁ ପ୍ରଦାନ କରାଯିବା ଶାସ୍ତ୍ରସମ୍ମତ ଅଟେ। ସେହି ଋଷିମାନେ ହେଲେ," ସନକଶ୍ଚ ସନନ୍ଦଶ୍ଚ ତୃତୀୟଂ ଚ ସନାତନମ୍, କପିଳଶ୍ଚାସୁରିଶ୍ଚୈବ ବୋଢୁଂ ପଞ୍ଚଶିଖସ୍ତଥା" ଅର୍ଥାତ୍ ସନକ, ସନନ୍ଦ, ସନାତନ, କପିଳ, ଆସୁରି, ବୋଢୁ ଓ ପଞ୍ଚଶିଖ। ଋଷିମାନଙ୍କୁ ପୂର୍ବପରି ଓଁ ଶବ୍ଦ ଉଚ୍ଚାରଣ ସହିତ ସେମାନଙ୍କ ନାମ ସଂଯୋଗ କରି ଶେଷରେ 'ତୃପ୍ୟନ୍ତାମ୍' ଶବ୍ଦ ଲଗାଇ ତର୍ପଣୋଦକ ପ୍ରଦାନ କରିବା ବିଧେୟ।

ତୃତୀୟ ପର୍ଯ୍ୟାୟରେ ଋଷିମାନଙ୍କ ପରେ ଦକ୍ଷିଣଦିଗକୁ ମୁଖ କରି ଅପସବ୍ୟ ଅବସ୍ଥାରେ ତିଳ, ତଣ୍ଡୁଳ ମିଶ୍ରିତ ସଂସ୍କାରିତ ଜଳକୁ ପ୍ରାତ୍ରୀରେ କୁଶରଖି ଦିବ୍ୟପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିନି ଥରକରି ଜଳ ପ୍ରଦାନ କରାଯିବା ବାଞ୍ଛନୀୟ। ସେହି ଦିବ୍ୟ ପିତୃପୁରୁଷମାନେ ହେଲେ- କାବ୍ୟବାଡ଼ନଳ, ସୋମ, ଯମ, ଅର୍ଯ୍ୟମା,ଅଗ୍ନିଷ୍ୱାତ୍ତାଃ ପିତର, ସୋମପାଃ ପିତର, ବହିର୍ଷଦଃ ପିତର। ଏହି ଦିବ୍ୟପିତୃମାନଙ୍କୁ ଓଁ ଶବ୍ଦ ଲଗାଇ ସେମାନଙ୍କ ନାମ ସହିତ 'ଇଦଂ ସ୍ୱଧା ନମଃ' ଉଚ୍ଚାରଣ କରି ଜଳ ଦେବା ଉଚିତ। ଏମାନଙ୍କ ପରେ ଚତୁର୍ଦ୍ଦଶ ଯମଙ୍କୁ ପିତୃତୀର୍ଥ ମୁଦ୍ରାରେ ତିନିତିନିଥର ଜଳ ପ୍ରଦାନ କରାଯାଏ। ସେହି ଚତୁର୍ଦ୍ଦଶ ଯମମାନେ ହେଲେ- ଯମ, ଧର୍ମରାଜ, ମୃତ୍ୟୁ, ଅନ୍ତକ, ବୈବସ୍ୱତ, କାଳ, ସର୍ବଭୂତକ୍ଷୟ, ଔଦୁମ୍ବର, ଦଧ୍ନ, ନୀଳା, ପରମେଷ୍ଠି, ବୃକୋଦର, ଚିତ୍ରା, ଚିତ୍ରଗୁପ୍ତ। ଶେଷପର୍ଯ୍ୟାୟରେ ପିତୃପୁରୁଷମାନଙ୍କୁ ଆବାହନ କରିବା ପାଇଁ ମନ୍ତ୍ର "ଓଁ ଆୟନ୍ତୁ ନଃ ପିତରଃ ସେମ୍ୟାସୋଽଗ୍ନିଷ୍ୱାତ୍ତାଃ ପଥିଭିର୍ଦେବୟୋନୈଃ, ଅସ୍ମିନ ଯଜ୍ଞେ ସ୍ୱଧୟା ମଦନ୍ତୋଽଧିବ୍ରୁବନ୍ତୁ ତେଽବନ୍ତ୍ୱସ୍ମାନ" ପାଠ କରାଯାଏ। ତତ୍ପରେ ଦକ୍ଷିଣାଭିମୁଖୀ ଅବସ୍ଥାରେ ଅପସବ୍ୟ ହୋଇ ତିଳୋଦକକୁ ପିତୃତୀର୍ଥ ମୁଦ୍ରା ଅର୍ଥାତ୍ ବୃଦ୍ଧାଙ୍ଗୁଳି ଓ ତର୍ଜନୀର ମଧ୍ୟଭାଗ ଦେଇ ଧଳାଫୁଲ ସହିତ ପିତୃଙ୍କ ନାମ ପରେ 'ଇଦଂ ସ୍ୱଧା ନମଃ' ଉଚ୍ଚାରଣ ପୂର୍ବକ ପିତା, ପିତାମହ, ପ୍ରପିତାମହ, ମାତା, ପିତାମହୀ, ପ୍ରପିତାମହୀଙ୍କ ସହିତ ମାତୃ କୁଳର ଗୋତ୍ର ଉଚ୍ଚାରଣ କରି ମାତାମହ (ଅଜା), ପ୍ରମାତାମହ, ବୃଦ୍ଧ ପ୍ରମାତାମହ, ମାତାମହୀ (ଆଈ), ପ୍ରମାତାମହୀ, ବୃଦ୍ଧପ୍ରମାତାମହୀମାନଙ୍କୁ ତିଳୋଦକ ତିନିଥର କରି ପ୍ରଦାନ କରାଯାଏ। ଏମାନଙ୍କ ସହିତ ଗୁରୁ ଓ ଅନ୍ୟ ସମ୍ପର୍କୀୟମାନଙ୍କୁ ଗୋଟିଏ ଥର କରି ତିଳୋଦକ ପ୍ରଦାନ କରାଯାଏ। ଏହି ତର୍ପଣରେ ପିତାଙ୍କୁ ବସୁରୂପେ, ପିତାମହଙ୍କୁ ରୁଦ୍ରରୂପେ ଏବଂ ପ୍ରପିତାମହଙ୍କୁ ଆଦିତ୍ୟ ରୂପେ ଅଭିହିତ କରାଯାଏ। ପିତୃପୁରୁଷଙ୍କ ପରେ ଭୀଷ୍ମଙ୍କୁ ତର୍ପଣୋଦକ ପ୍ରଦାନ କରାଯିବା ଉପରାନ୍ତେ ଗାୟତ୍ରୀ ମନ୍ତ୍ର ସ୍ମରଣ କରାଯାଏ। ତର୍ପଣ ସହିତ ପ୍ରତ୍ୟେହ ବୈଶ୍ୱଦେବ ମଧ୍ୟ କରଣୀୟ। ଏତଦ୍‌ବ୍ୟତୀତ ଏହି ପିତୃପକ୍ଷ ମଧ୍ୟରେ ପିତାଙ୍କ ପରଲୋକ ତିଥିରେ ସାମ୍ବତ୍ସରିକ ଶ୍ରାଦ୍ଧ ମହାଳୟା ବିଧିରେ କରିବା ଶାସ୍ତ୍ରସମ୍ମତ ଅଟେ।

ସନାତନ ଧର୍ମରେ ପିତୃପୁରୁଷମାନଙ୍କ ନିମିତ୍ତ ପାଳନ କରାଯାଉଥିବା ଦ୍ୱାଦଶ ଶ୍ରାଦ୍ଧ ମଧ୍ୟରେ ମହାଳୟା ଶ୍ରାଦ୍ଧ ଶ୍ରେଷ୍ଠତମ ଭାବେ ହୁଏ ବିବେଚିତ। ପ୍ରତ୍ୟେକ ସନାତନ ଧର୍ମାବଲମ୍ବୀଙ୍କ ପକ୍ଷରେ ଚାରିଗୋଟି ଶ୍ରାଦ୍ଧ ଯଥା- ପିତୃଶ୍ରାଦ୍ଧ, ମାତୃଶ୍ରାଦ୍ଧ, ମହାଳୟା ଶ୍ରାଦ୍ଧ ଓ ପୟାଶ୍ରାଦ୍ଧ ସହିତ ପିତୃପକ୍ଷରେ ତର୍ପଣ ଓ ବୈଶ୍ୱଦେବ କରଣୀୟ। ଶାସ୍ତ୍ରୋକ୍ତ ବିଧି ଅନୁସାରେ ପିତୃତର୍ପଣ ଏବଂ ଶ୍ରାଦ୍ଧକର୍ମ ସମ୍ପାଦନ ଦ୍ୱାରା ଦେବତା, ଋଷି ଓ ପିତୃପୁରୁଷଙ୍କ ଆଶୀର୍ବାଦ ଲାଭକରି ଗୃହସ୍ଥ ସୁଖୀ ଓ ଦୀର୍ଘାୟୁ ହୋଇଥାଏ।

# ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାର ଚେତାବନୀ



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ଦୁର୍ଭାଗ୍ୟଜନକ ଯେ, ଏହା ହେଉଛି ଯୁଦ୍ଧର ଯୁଗ। ଏବେ ୟୁକ୍ରେନ-ରୁଷ ଯୁଦ୍ଧ ୩ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବାବେଳେ ଇସ୍ରାଏଲ-ହମାସ ଯୁଦ୍ଧ ଦୁଇ ବର୍ଷରୁ ଅଧିକ ସମୟ ଲାଗିଲାଣି। ୟୁକ୍ରେନରେ ରୁଷ ଓ ଗାଜାରେ ଇସ୍ରାଏଲ ଗଣସଂହାର ଚଳାଇଛି। ଆକ୍ରମଣରୁ ବିଦ୍ୟାଳୟ, ଡାକ୍ତରଖାନା, ଶରଣାର୍ଥୀ ଶିବିର, ରିଲିଫ ଶିବିର ବାଦ ପଡୁନାହିଁ। କେବଳ ଏହି ଦୁଇ ଦେଶ ନୁହେଁ, ବିଶ୍ୱର ବହୁ ସ୍ଥାନ ଏବେ ଉତ୍ତେଜନାର କ୍ଷେତ୍ରରେ ପରିଣତ ହୋଇଛି। ଇସ୍ରାଏଲ ଯୋଗୁଁ ସମଗ୍ର ଦକ୍ଷୀଣ-ପୂର୍ବ ଏସିଆ ଅଶାନ୍ତ ହୋଇପଡିଛି। ରାଷ୍ଟ୍ର-ରାଷ୍ଟ୍ର, ଗୋଷ୍ଠୀ-ଗୋଷ୍ଠୀ ମଧ୍ୟରେ ବିବାଦ ଏବେ ମୃତ୍ୟୁ ଓ ଧ୍ୱଂସର କାରଣ ପାଲଟିଛି। ଯାହାକି ମାନବ ସମାଜ ପାଇଁ କେବଳ ଦୁଃଖଦ ନୁହେଁ, ବିପର୍ଯ୍ୟୟର କାରଣ ପାଲଟିଛି। ନିକଟରେ ଜାତିସଂଘ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ଯୁଦ୍ଧ କେବଳ ରକ୍ତପାତ, ଧ୍ୱଂସର କାରଣ ଭାବେ ଉଭା ହୋଇନାହିଁ, ଏହା ବିଶ୍ୱରେ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାକୁ ତ୍ୱରାନ୍ୱିତ କରିଛି। ରାଷ୍ଟ୍ରମାନେ ଏବେ ଅସ୍ତ୍ରଶସ୍ତ୍ରରେ ବିପୁଳ ଅର୍ଥ ବ୍ୟୟ କରିବାରେ ଲାଗିଛନ୍ତି। ପ୍ରତିରକ୍ଷା ବ୍ୟୟ ତଥା ଅସ୍ତ୍ରଶସ୍ତ୍ର କ୍ରୟ ଦ୍ରୁତବେଗରେ ବଢିଚାଲିଛି। ଧନୀ ହେଉ ଅବା ଗରିବ ରାଷ୍ଟ୍ର ହେଉ ଉଭୟଙ୍କର ପ୍ରତିରକ୍ଷା ବ୍ୟୟ ଜନ ହିତକର ଯୋଜନା ଏବଂ ଉନ୍ନୟନ କାର୍ଯ୍ୟର ବ୍ୟୟ ଅଟକଳକୁ ଟପିଗଲାଣି। ଏଥିଲାଗି ଗରିବ ରାଷ୍ଟ୍ରଗୁଡିକର ଋଣ ଭାର କେବଳ ବୃଦ୍ଧି ପାଇନାହିଁ, ଆର୍ଥିକ ପରିସ୍ଥିତି ଉପରେ ଭୟଙ୍କର ଚାପ ମଧ୍ୟ ପକାଉଛି। ରିପୋର୍ଟରେ କୁହାଯାଇଛି ଯେ, ୨୦୨୪ରେ ସମଗ୍ର ବିଶ୍ୱରେ ମୋଟ ସାମରିକ ବ୍ୟୟ ୨.୭ ଟ୍ରିଲିଅନ ଡଲାର ଥିବା ଆକଳନ କରାଯାଇଛି। ୧୦୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ର ଗଲାବର୍ଷ ସେମାନଙ୍କର ପ୍ରତିରକ୍ଷା ବ୍ୟୟ ଅଟକଳ ବୃଦ୍ଧି କରିଥିଲେ। ଯୁକ୍ତରାଷ୍ଟ୍ର ଆମେରିକାର ୨୦୨୪ରେ ପ୍ରତିରକ୍ଷା ବଜେଟରେ ବ୍ୟୟ ଅଟକଳ ୯୯୭ ବିଲିଅନ ଡଲାର ଥିବାବେଳେ ବିଶ୍ୱରେ ପ୍ରତିରକ୍ଷା ସର୍ବାଧିକ ଅର୍ଥ ବିନିଯୋଗ କରିଥିବା ୫ଟି ରାଷ୍ଟ୍ର ମଧ୍ୟରେ ଭାରତ ଓ ଚୀନ ଥିବା କୁହାଯାଇଛି।

ଏପରିକି ଗୁରୁତର ଆର୍ଥିକ ସଂକଟ ଦେଇ ଗତି କରୁଥିବା ବିଶ୍ୱର ବହୁ ରାଷ୍ଟ୍ର ସେମାନଙ୍କର ସାମରିକ ବ୍ୟୟ ବୃଦ୍ଧି କରିଥିବା ଜଣାଯାଏ। କେତେକ ଆଫ୍ରିକୀୟ ରାଷ୍ଟ୍ର ଗୁରୁତର ଆର୍ଥିକ ସଂକଟର ସମ୍ମୁଖୀନ ବେଳେ ଏବଂ ସେଠାରେ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଠପ୍ ହୋଇଯାଇଥିବା ସତ୍ତ୍ୱେ ଗଲାବର୍ଷ ସେମାନଙ୍କ ପ୍ରତିରକ୍ଷା ବ୍ୟୟ ପୂର୍ବବର୍ଷ ତୁଳନାରେ ୩ପ୍ରତିଶତ ବୃଦ୍ଧି କରିଥିବା ରିପୋର୍ଟରେ ପ୍ରକାଶ ପାଇଛି। ଏହା ନିଃସନ୍ଦେହ ଯେ, ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ଅର୍ଥ ବିନିଯୋଗ ଯୋଗୁଁ ବିଶ୍ୱ କେତେକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହାସଲ ଠାରୁ ପଛରେ ପଡିଯାଇଛି। ଉନ୍ନୟନ ଏବଂ ଜନହିତକର ଯୋଜନାରୁ ଅର୍ଥକୁ ସାମରିକ ବ୍ୟୟ ତଥା ଅସ୍ତ୍ରଶସ୍ତ୍ର କ୍ରୟରେ ବିନିଯୋଗ କରିବା ଏବେ ବିଶ୍ୱର ପ୍ରାୟ ସମସ୍ତ ରାଷ୍ଟ୍ରଙ୍କର ଲକ୍ଷ୍ୟ, ନୀତିରେ ପରିଣତ ହୋଇଛି ବୋଲି କହିଲେ ହୁଏତ ଅତିରଞ୍ଜିତ ହେବନାହିଁ। ତେଣୁ ଜନହିତକର ଯୋଜନା ତଥା ଦାରିଦ୍ର୍ୟ ଦୂରିକରଣ, ଅପପୁଷ୍ଟି ନିରାକରଣ, କ୍ଷୁଧା ନିରାକରଣ ଆଦି ଲକ୍ଷ୍ୟ ଠାରୁ ରାଷ୍ଟ୍ରଗୁଡିକ ଦୂରେଇ ଯାଇଛନ୍ତି। ଉଦାହରଣ ସ୍ୱରୂପ ବିଶ୍ୱରେ ସାମରିକ କ୍ଷେତ୍ରରେ ବିଶେଷ କରି ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା କିଣାଯାଉଥିବା ମୋଟ ଅର୍ଥର କେବଳ ୧୦ଭାଗ ବିଶ୍ୱରୁ ୫ବର୍ଷ ମଧ୍ୟରେ ଦାରିଦ୍ର୍ୟ ଦୂରିକରଣ କରିପାରିବ। ସେହିପରି ୩ପ୍ରତିଶତ ଅର୍ଥ ୫ବର୍ଷ ମଧ୍ୟରେ କ୍ଷୁଧା ଦୂର କରିବାରେ ସମର୍ଥ ହେବ। ଆହୁରି ମଧ୍ୟ ସାମରିକ ବ୍ୟୟର ୫ପ୍ରତିଶତ ଅର୍ଥରେ ୫ବର୍ଷ ମଧ୍ୟରେ ସମଗ୍ର ବିଶ୍ୱକୁ ଅପପୁଷ୍ଟି ମୁକ୍ତ କରାଯାଇପାରିବ ବୋଲି ଜାତିସଂଘ କହିଛି। ଅନ୍ୟପକ୍ଷରେ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା କିଣିବାରେ ଦେଶଗୁଡିକର ଅତ୍ୟଧିକ ଆସକ୍ତି ଯୋଗୁଁ ଭବିଷ୍ୟତରେ ବିଶ୍ୱକୁ ପାନୀୟଜଳ, ପରିମଳ, ଶିକ୍ଷା, ଲିଙ୍ଗଗତ ଅସମାନତା ଏବଂ ଜଳବାୟୁ ପରିବର୍ତ୍ତନର ଭୟାବହ ପରିଣାମ ବିଶ୍ୱକୁ ଭୋଗିବାକୁ ପଡିବ ବୋଲି ରିପୋର୍ଟରେ କଡା ଚେତାବନୀ ଦିଆଯାଇଛି। ବିଶ୍ୱରେ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାରୁ ସାଂପ୍ରତିକ ସମୟରେ ଦେଶ-ଦେଶ ମଧ୍ୟରେ ଶତ୍ରୁତା, ଆକ୍ରମଣ ଏବଂ ସମ୍ପର୍କରେ ବିଭ୍ରାଟର ସଂକେତ ପ୍ରଦାନ କରେ। ଯୁଦ୍ଧ ବିଭିଷିକା କେବଳ ମୃତ୍ୟୁ ଓ ଧ୍ୱଂସର ତାଣ୍ଡବ ସୃଷ୍ଟି କରିବନାହିଁ, ଗଣତନ୍ତ୍ରକୁ ଦୁର୍ବଳ, ସ୍ୱେଚ୍ଛାଚାରୀ ଶାସକଙ୍କ ଆବିର୍ଭାବ, ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଆସ୍ଥା-ବିଶ୍ୱାସ ହ୍ରାସ, ଅସମାନତା ବୃଦ୍ଧି ଏବଂ ମୂଲ୍ୟବୋଧର ବିନାଶର କାରଣ ହେବ। ସେହିପରି ବଞ୍ଚିବା ପାଇଁ ମୌଳିକ ଶିକ୍ଷା, ନୀତି ତଥା ମାନବିକ ମୂଲ୍ୟବୋଧର ଅବକ୍ଷୟ ଘଟାଇବ। ଅର୍ଥନୈତିକ-ସାମାଜିକ ଆବଶ୍ୟକତା ଠାରୁ ରାଷ୍ଟ୍ର ଦୂରେଇ ଯିବ। ଲୋକଙ୍କ କଲ୍ୟାଣ, ବିକାଶ ପାଇଁ ବିଶ୍ୱ ଅସ୍ତ୍ରଶସ୍ତ୍ର ନୁହେଁ ଜନହିତକର କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଅନ୍ୟଥା ମୃତ୍ୟୁ ଓ ଧ୍ୱଂସ ହିଂସାର ସାର ହେବ।



ଆସିକା(ଭାସ୍କର ନ୍ୟୁଜ): ଆସିକାର ଅଧିଷ୍ଠାତ୍ରୀ ଦେବୀ ମା' ଖଣ୍ଡେଶ୍ୱରୀଙ୍କ ନବରାତ୍ର ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନବରାତ୍ର ପୂଜା ପାଇଁ ପରିଚାଳନା କମିଟିର ଅଧକ୍ଷ ସତ୍ୟନାରାୟଣ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ନବରାତ୍ର ପୂଜା କିପରି ସୁରୁଖୁରୁରେ ସମାପନ ହବ ବିଭିନ୍ନ ଦିଗକୁ ନେଇ ଆଲୋଚନା ହୋଇଥିଲା। ଏଥିରେ ପରିଚାଳନା କମିଟିର ସଦସ୍ୟ ମନୋଜ ମୁନୀ, ସଚ୍ଚିଦାନନ୍ଦ ଖଟେଇ, ଯାତ୍ରା କମିଟିର ସଭାପତି ନିମେଇଁ ଚରଣ ପାଣିଗ୍ରାହୀ ଓ କମିଟି ସହ ଗ୍ରାମବାସୀ ଏବଂ ଅର୍ଚ୍ଚକ ବୃନ୍ଦ ଉପସ୍ଥିତ ରହି ସୁଚିନ୍ତିତ ମତ ରଖିଥିଲେ। ପାଠରେ ହଜାର ହଜାର ଶ୍ରଦ୍ଧାଳୁ ଦ୍ୱାରା ଅଖଣ୍ଡ ଦୀପ ଜାଳିବା, ସପ୍ତମୀ ତିଥିରୁ ମା'ଙ୍କ ସ୍ନାନବେଶ ଏବଂ ସମସ୍ତ ପୂଜାନୀତିର ସୁପରିଚାଳନା ବିଷୟରେ ଆଲୋଚନା ହୋଇଥିଲା। ଆସନ୍ତା ୨୨ରୁ ଦଶହରା ପର୍ଯ୍ୟନ୍ତ ମା'ଙ୍କୁ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟିନୀ, କାଳରାତ୍ରୀ, ମହାଗୌରୀ ଓ ସିଦ୍ଧିଦାତ୍ରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ଜିଲ୍ଲାର ଅଭିଜ୍ଞ ପଣ୍ଡିତ ମାନଙ୍କ ଦ୍ୱାରା ନିଅଗଞ୍ଜ, ଚଣ୍ଡିପାଠ ପାଇଁ ନିୟୋଜିତ ସମ୍ପର୍କରେ ଆଲୋଚନା ହୋଇଥିଲା। ଆସିକାକୁ ଥିବା ଶ୍ରଦ୍ଧାଳୁଙ୍କ ସକାଶେ ବ୍ୟାପକ ବ୍ୟବସ୍ଥା, ପାନୀୟ ଜଳର ବ୍ୟବସ୍ଥା ଏବଂ ମନ୍ଦିର ବିଭିନ୍ନ ପ୍ରକାର ଅଲୋକୀକରଣ ସାଙ୍ଗକୁ ମନ୍ଦିର ଫୁଲର ସଜ୍ଜିତ ସକାଶେ ନିଷ୍ପତି ହୋଇଥିଲା।

# ପ୍ରୋତ୍ସାହନ ଅଭାବରୁ ବିଶ୍ୱକର୍ମା ପୂଜା ଆୟୋଜକଙ୍କ ମଧ୍ୟରେ ଅସନ୍ତୋଷ



ପାରାଦୀପ(ଭାସ୍କର ନ୍ୟୁଜ): ଦୀର୍ଘ ୬୦ରୁ ଉର୍ଦ୍ଧ୍ୱ ବର୍ଷ ହେବ ପାରାଦୀପ ବନ୍ଦରରେ ଓଡ଼ିଶାର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଉତ୍ସବ ସମାରୋହରେ ପାଳିତ ହୋଇଆସୁଛି। ଏଥିରେ ପାରାଦୀପ ବନ୍ଦରର ବିଭିନ୍ନ ବିଭାଗ, ଶ୍ରମିକ ସଂଗଠନ, ବିଭିନ୍ନ ଗାଡି ମାଲିକ ସଙ୍ଘ, ମତ୍ସ୍ୟ ଉତ୍ପାଦକ ସଙ୍ଘ ପୂଜା କମିଟି ମାନଙ୍କ ଦ୍ୱାରା ବିଶ୍ୱକର୍ମା ପୂଜା ଏବଂ ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏହି ମହୋତ୍ସବରେ ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ଜନସାଧାରଣ ମାନେ ବୁଲିବାକୁ ଆସିଥାନ୍ତି। ଏହି ମହୋତ୍ସବ ପାରାଦୀପ ବନ୍ଦର ପାଇଁ ଅନ୍ୟ ଏକ ସ୍ୱତନ୍ତ୍ର ପରିଚୟ ମଧ୍ୟ ସୃଷ୍ଟି କରିପାରିଛି। ତେବେ ସମ୍ପ୍ରତି ଆର୍ଥିକ ମାନ୍ଦାବସ୍ଥା ଏବଂ ପ୍ରୋତ୍ସାହନ ଅଭାବରୁ ଏବେ ପୂଜା ଆୟୋଜକଙ୍କ ମଧ୍ୟରେ ନୈରାଶ୍ୟ ଦେଖାଯାଇଛି। ଚଳିତ ପୂଜା ଉତ୍ସବର ସଫଳତା ପାଇଁ ଜିଲ୍ଲା ତଥା ପୌର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଓ ପୂଜା କମିଟିମାନଙ୍କୁ ବିଭିନ୍ନ ପ୍ରକାର ସହଯୋଗ କରାଯାଉଥିବା ବେଳେ ପୂଜା ମଣ୍ଡପ ପାଇଁ ଉଦ୍ଦିଷ୍ଟ ସ୍ଥାନ ଓ ବିଦ୍ୟୁତ ସଂଯୋଗ ନିମନ୍ତେ ମୋଟା ଅଙ୍କର ଅର୍ଥ ପୈଠ ଆୟୋଜକଙ୍କ ପାଇଁ ବୋଝ ଉପରେ ଲଳିତା ବିଡା ସଦୃଶ ହୋଇଛି। ଯଦିଓ ବିଭିନ୍ନ ପ୍ରାକ ପ୍ରସ୍ତୁତି ବୈଠକରେ ଆୟୋଜକ ମାନେ ପୂଜା ମଣ୍ଡପ ସ୍ଥାନ ଓ ବିଦ୍ୟୁତ ଶୁଳ୍କ ଛାଡ଼ କରିବାକୁ ପାରାଦୀପ ବନ୍ଦର ପ୍ରଶାସନକୁ ଅନୁରୋଧ କରିଥିଲେ। ତେବେ ଏଥିରେ କୌଣସି ସୁଫଳ ମିଳିନଥିବା ନେଇ ପାରାଦୀପ ଟ୍ରକ ମାଲିକ ସଂଘର ସଭାପତି ବିରଞ୍ଚି ନାରାୟଣ ପରିଡା କ୍ଷୋଭର ସହ ପ୍ରକାଶ କରିଛନ୍ତି। ସେହିପରି ପ୍ରତିବର୍ଷ ଭଳି ଦର୍ଶକଙ୍କ ମନୋରଞ୍ଜନ ପାଇଁ ପାରାଦୀପ ଟ୍ରକ ମାଲିକ ସଙ୍ଘ ସେମାନଙ୍କ ପୂଜା ମଣ୍ଡପ ନିକଟରେ କଳିଙ୍ଗର ପ୍ରସିଦ୍ଧ ଗାୟକଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ନିମନ୍ତେ ପ୍ରସ୍ତୁତି ଚଳାଇଥିବା ବେଳେ ସେଠାରେ ବନ୍ଦର ଭୂସମ୍ପଦ ବିଭାଗ କର୍ମଚାରୀ ମିନା ବଜାର ହେବ ବୋଲି କହି କାମକୁ ବନ୍ଦ କରିବା ଅଭିଯୋଗ ହୋଇଛି। ଏଠାରେ ପୂଜାକୁ ପ୍ରୋତ୍ସାହନ ନକରି ପୂଜା ସ୍ଥାନରେ ମାଳ ମାଳ ମିନାବଜାର କରିବାର ଉଦ୍ଦେଶ୍ୟ କ'ଣ ବୋଲି ପ୍ରଶ୍ନ ଉଠାଇଛନ୍ତି ଟ୍ରକ ସଙ୍ଘ ସଭାପତି ଶ୍ରୀ ପରିଡା।

# ନିମାପଡ଼ା ଗୋ-ସୁରକ୍ଷା ସମିତି ଓ କୃଷକଙ୍କ ପକ୍ଷରୁ ରାସ୍ତାରୋକ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ରାସ୍ତାରେ ଗୋରୁଙ୍କ ମେଳି ହୋଇଥିବା ବେଳେ ଅନେକ ଦୁର୍ଘଟଣା ଘଟି ଜୀବନ ହାନି ଘଟୁଛି। ବାରମ୍ବାର ପ୍ରଶାସନ ନିକଟରେ ଦାବି କଲେ ମଧ୍ୟ ପ୍ରଶାସନ ଏହି ଘଟଣା ଉପରେ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଜଟ ବିହୀନ ଷଣ୍ଢଙ୍କର ମେଳି ଘଟୁଥିବା ବେଳେ ଏହାକୁ ବିରୋଧ କରି ଦୁଇଟି ସ୍ଥାନରେ ରାସ୍ତାରୋକ ହୋଇଛି। ନିମାପଡ଼ା-ଚାରିଛକ ରାସ୍ତା ଆମ୍ବର ଛକ ନିକଟରେ କୃଷକ ନେତା କୃଷ୍ଣଚନ୍ଦ୍ର ରାଉତଙ୍କ ନେତୃତ୍ୱରେ ଶହ ଶହ ଲୋକ ରାସ୍ତାରୋକ କରିଥିଲେ। ସେମାନଙ୍କ ଦାବି ଥିଲା ଜଟ ବିହୀନ ଷଣ୍ଢ ଦାଉରୁ ଧାନ ସମେତ ଅନ୍ୟାନ୍ୟ ଫସଲ, ସଡ଼କ ସୁରକ୍ଷା ଦାବି କରିଥିଲେ। ଘଟଣାସ୍ଥଳରେ ନିମାପଡ଼ା ତହସିଲଦାର ମନୋଜ କୁମାର ପ୍ରଧାନ, ଚାରିଛକ ଥାନାଧିକାରୀ ମମତା ବିଶ୍ୱାଳ ଲୋକଙ୍କର ଦାବିପତ୍ର ଗ୍ରହଣ କରିବା ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସେହିପରି ନିମାପଡ଼ା-କାକଟପୁର ରାସ୍ତା ଶେରଣସାହି ଛକ ନିକଟରେ ଗୋ-ସୁରକ୍ଷା ସମିତି ନିମାପଡ଼ା ବ୍ଲକ ପକ୍ଷରୁ ବୁଲା ଗୋରୁଗାଈଙ୍କ ପାଇଁ ଆଇନ ଅମାନ୍ୟ ଆନ୍ଦୋଳନ କରାଯାଉଥିବା ବେଳେ ତହସିଲ ଘେରାଉ ଡ଼ାକରା ଦିଆଯାଇଥିଲା। ନିମାପଡ଼ା ଥାନାଧିକାରୀ ବାମଦେବ ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣକୁ ନେଇଥିବା ବେଳେ ତହସିଲଦାର ମନୋଜ କୁମାର ପ୍ରଧାନ ଦାବିପତ୍ର ଗ୍ରହଣ କରିବା ସହ ତୁରନ୍ତ ଗୋଶାଳା ନିର୍ମାଣ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

# ଜିରାଳ ମହାବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ




ଭୁବନ(ଭାସ୍କର ନ୍ୟୁଜ): ଭୁବନ ବ୍ଲକ ଅନ୍ତର୍ଗତ ଜିରାଳ ମହାବିଦ୍ୟାଳୟରେ ଯୁବ ରେଡ଼କ୍ରସ ଆନୁକୂଲ୍ୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଥମେ ଛାତ୍ରଛାତ୍ରୀମାନେ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ପ୍ରାଥମିକ ଚିକିତ୍ସାର ମହତ୍ୱ ଓ ଉପକାରିତା ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। ତାପରେ ଏକ ଆଲୋଚନା ଚକ୍ର ସଭା ଗୃହରେ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନା ଚକ୍ରକୁ ଅନୁଷ୍ଠାନର ଅଧକ୍ଷ ହିମାଂଶୁ ଶେଖର ଖଡ଼ିରତ୍ନ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ରେଡ଼କ୍ରସର ସଂଯୋଜକ ଅନନ୍ତ ନାରାୟଣ ବାରିକ, ସଂଯୋଜିକା ଶ୍ରଦ୍ଧା ସୁମନ ଶତପଥୀ, ନକୁଳ ପଣ୍ଡା, ଇତିହାସ ବିଭାଗର ଅଧ୍ୟାପକ ଅନନ୍ତ କୁମାର ସାହୁ ପ୍ରମୁଖ ବିଷୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ, କର୍ମଚାରୀମାନେ ସହଯୋଗ କରିଥିଲେ।

# ପୋଖରୀରେ ବୁଡି ବୃଦ୍ଧଙ୍କ ମୃତ୍ୟୁ

ରଣପୁର(ଭାସ୍କର ନ୍ୟୁଜ): ନୟାଗଡ଼ ଜିଲ୍ଲା ରଣପୁର ଥାନା ଗୋପାଳପୁରରେ ମହାଳୟା ପରିପ୍ରେକ୍ଷୀରେ ଏକ ଅଭାବନୀୟ ଦୁଃଖଦ ଘଟଣା ଦେଖିବାକୁ ମିଳିଛି। ପିତାଙ୍କ ମହାଳୟା ଶ୍ରାଦ୍ଧ ଦେବାକୁ ଗାଧୋଇବା ପାଇଁ ଯାଇଥିବା ବୃଦ୍ଧଙ୍କ ପୋଖରୀରେ ବୁଡି ମୃତ୍ୟୁବରଣ କରିଥିବା ଯୋଗୁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବୃଦ୍ଧ ଜଣଙ୍କ ହେଉଛନ୍ତି ଗୋପାଳପୁର ବଣିଆ ସାହିର ସୁରେନ୍ଦ୍ର ମହାରଣା(୬୮)। ସକାଳେ ଗାଧୋଇ ଯିବା ସମୟରେ ଗୋଡ଼ ଖସି ପାଣିରେ ବୁଡି ଯାଇଥିଲେ। ଘରକୁ ଆସିବାରେ ବିଳମ୍ବ ହେବାରୁ ଘର ଲୋକ ଖୋଜିବାରେ ଗାମୁଛା ଭାସୁଥିବା ଦେଖି ରଣପୁର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚିଲା ବେଳକୁ ସ୍ଥାନୀୟ ଲୋକେ ତାଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ରଣପୁର ଥାନା ଅତିରିକ୍ତ ଉପ ନିରୀକ୍ଷକ ମାଧବ ଚନ୍ଦ୍ର ଦିଗଲ ଶବ ପଞ୍ଚନାମା ପରେ ପରିବାରକୁ ହସ୍ତାନ୍ତର କରିଥିବା ଜଣାପଡିଛି।

# ଚାକିରି ପ୍ରଲୋଭନରେ ଯୁବକ ହଟହଟା

ନିମାପଡ଼ା(ଭାସ୍କର ନ୍ୟୁଜ): ସରକାରୀ ଚାକିରି ପ୍ରଲୋଭବନରେ ପଡ଼ି ଜଣେ ଯୁବକ ହରଡ଼ ଘଣାରେ ପଡ଼ିଥିବା ବେଳେ ଟଙ୍କା ଫେରି ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ନିମାପଡ଼ା ଥାନା ପୋଲିସ ମାମଲା ରୁଜୁ କରି ଘଟଣାରେ ସଂପୃକ୍ତ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲଣ କରିଛି। ଜାମିନ୍ ନାମଞ୍ଜୁର ହେବା ପରେ ଅଭିଯୁକ୍ତ ବିଚାର ବିଭାଗୀୟ ହାଜତକୁ ଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ନିମାପଡ଼ା ଥାନା ମାଗୁଣିଛନ୍ଦା ଗ୍ରାମର ରଶ୍ମି ରଂଜନ ସ୍ୱାଇଁ ସରକାରୀ ଚାକିରି ଖୋଜୁ ଥିବା ବେଳେ ଛବାଟିଆ ଗ୍ରାମର ଆଲୋକ କୁମାର ସ୍ୱାଇଁ ଚାକିରି କରାଇ ଦେବି କହି ଫୋନ୍ ପେ' ମାଧ୍ୟମରେ ୩ ଲକ୍ଷ ୫୦ ହଜାର ଟଙ୍କା ନେଇଥିଲେ। ଚାକିରି ନ ହେବାରୁ ରଶ୍ମି ରଂଜନ ସ୍ୱାଇଁ ଟଙ୍କା ମାଗିଥିଲେ। ଟଙ୍କା ନ ଫେରାଇବାରୁ ବାଧ ହୋଇ ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ।

# ଉମାକାନ୍ତ ପାରାଦୀପ ପୋର୍ଟ ଆଣ୍ଡ ଡକ୍ ଲେବର ୟୁନିୟନ୍ ସଭାପତି



ପାରାଦ୍ୱୀପ(ଭାସ୍କର ନ୍ୟୁଜ): ପାରାଦ୍ୱୀପ ବନ୍ଦରର ପୁରାତନ ଶ୍ରମିକ ସଂଗଠନ ଉତ୍କଳ ପୋର୍ଟ ଆଣ୍ଡ ଡକ୍ ୱାର୍କର୍ସ ୟୁନିୟନ ଓ ପାରାଦୀପ ପୋର୍ଟ ଆଣ୍ଡ ଡ଼କ୍ ଲେବର ୟୁନିୟନର ସଭାପତି ପୂର୍ବତନ ସାଂସଦ ଓ ସର୍ବଭାରତୀୟ ଶ୍ରମିକ ନେତା ସର୍ଗତଃ ପ୍ରଭାତ ସାମନ୍ତରାୟଙ୍କ ଦେହାନ୍ତ ପରେ ନୂତନ କର୍ମକର୍ତ୍ତା ଚୟନ ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ପୂର୍ବତନ ରାଜ୍ୟ ଯୁବ ସଭାପତି ତଥା ବର୍ତ୍ତମାନର ବିଜେପି ରାଜ୍ୟ ମୁଖପାତ୍ର ଉମାକାନ୍ତ ପଟ୍ଟନାୟକ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦୁଇଗୋଟି ଶ୍ରମିକ ସଂଗଠନର ସାଧାରଣ ସଂପାଦକ ଭାବେ ବିଭୁଧେନ୍ଦ୍ର ନାରାୟଣ ମହାରଣା ଓ ସାର୍ଥକ ସାମନ୍ତରାୟ କାର୍ଯ୍ୟ କରିବେ। ସର୍ବସମ୍ମତ କ୍ରମେ ସର୍ବଶ୍ରୀ ବସନ୍ତ ନାୟକ, ଆଇନଜୀବୀ ସଂଜତ ଦାସ, ବନ୍ଦର କର୍ମଚାରୀ ଅଶୋକ କୁମାର ସାମଲ, ଧ୍ରୁବଚନ୍ଦ୍ର ତରାଇ ଉପ ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଉପ ସାଧାରଣ ସଂପାଦକ ଭାବେ ବନ୍ଦର କର୍ମଚାରୀ ରତ୍ନାକର ସାହୁ, ସହ ସାଧାରଣ ସଂପାଦକ ଭାବେ ସର୍ବଶ୍ରୀ ଗିରିଶ ଚନ୍ଦ୍ର ସେଠୀ, ପ୍ରସନ୍ନ କୁମାର ନାଥ, ମନୋରଂଜନ ସାଇଁ, ରଶ୍ମୀ ରଂଜନ ବେଉରା ଏବଂ ସଂଗଠନ ସଂପାଦକ ଭାବେ ପାରିଷଦ ପ୍ରତାପ ଚନ୍ଦ୍ର ନାୟକ, ପାରାଦୀପ ବିଜେପି ପୂର୍ବତନ ସଭାପତି ବିଭୁ ପ୍ରସାଦ ନାୟକ, ସାମାଜିକ କର୍ମି ବିଧାନ ଚନ୍ଦ୍ର ପରିଡା, ବନ୍ଦର କର୍ମଚାରୀ ରଶ୍ମୀ ରଂଜନ ବାରିକ, ଲକ୍ଷ୍ମଣ ବେହେରା, ମେଘାନନ୍ଦ ସାମଲ, ବିଜୟ କୁମାର ନାୟକ, ଇଂ. ହିଂମାଶୁ ଶେଖର ବେହେରା, ଚିତ ରଂଜନ ବେହେରା, ସୁବାସ ସାଇଁ, ଚନ୍ଦନ କୁମାର ମହାନ୍ତି, ଭୀମସେନ ରାଉତ ଏବଂ ବିଭାଗୀୟ ସଂପାଦକ ଭାବେ ବନ୍ଦର କର୍ମଚାରୀ ସର୍ବଶ୍ରୀ ସମୀର ମହାପାତ୍ର, ମନୋଜ ମାଲିଆ, ଜିତେନ୍ଦ୍ର କୁମାର ବେହେରା, ସ୍ମୃତି ରଂଜନ ତ୍ରିପାଠୀ, ଯତିନ୍ କୁମାର ବେହେରା, ରଂଜିତ ବୋମାଲି, ଦୁଃଶାସନ ସାଇଁ, ପ୍ରଶାନ୍ତ ପ୍ରଧାନ, ଶ୍ରୀକାନ୍ତ ବେହେରା, ହୃଦାନନ୍ଦ ସାଇଁ, ସ୍ମୃତି ରଂଜନ ଦାସ, କୁମାରୀ ସୁମିତ୍ରା ପରିଡା, କମଳାକାନ୍ତ ପଣ୍ଡା ଓ ଶଶୀକାନ୍ତ ନାୟକ ପ୍ରମୁଖ ମନୋନୀତ ହୋଇଛନ୍ତି।

# ୨୦୦ ହିତାଧିକାରୀଙ୍କୁ ସେବା ଯୋଗାଇଛି ବେଦାନ୍ତ ଆଲୁମିନିୟମ୍ ସ୍ୱାସ୍ଥ୍ୟ ଶିବିର




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍, ଦୁରାନ୍ତ ଅଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ସହ ଏହି ଶିବିରରେ ଅସ୍ଥିଶଲ୍ୟ, ପ୍ରସୂତି ଏବଂ ସ୍ତ୍ରୀରୋଗ, ଶିଶୁରୋଗ, ଚର୍ମରୋଗ, ଇଏନ୍‌ଟି, ଛାତି ଏବଂ ଯକ୍ଷ୍ମା ଚିକିତ୍ସା ସମେତ ବିଭିନ୍ନ ପ୍ରକାରର ମାଗଣା ଚିକିତ୍ସା ସେବା ପ୍ରଦାନ କରାଯାଇଥିଲା, ଯାହା ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲ। ଏହି ଶିବିରକୁ ବ୍ଲକ୍ ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ପ୍ରଦୋଷ କୁମାର ପଣ୍ଡା, ସ୍ଥାନୀୟ ସ୍ୱାସ୍ଥ୍ୟ ସେବା ବୃତ୍ତିଗତ ଏବଂ ସମ୍ପ୍ରଦାୟ ପ୍ରତିନିଧିଙ୍କ ସହିତ ଉଦ୍‌ଘାଟନ କରିଥିଲେ, ଯାହା ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟସେବା ପହଞ୍ଚକୁ ସୁଦୃଢ଼ କରିବା ପାଇଁ ଏକ ସହଯୋଗ ପ୍ରୟାସ ଥିଲା। ଏହି ପଦକ୍ଷେପ ବିଷୟରେ କହି ବେଦାନ୍ତ ଆଲୁମିନିୟମର ସିଇଓ ଜୀବକାର କହିଛନ୍ତି, ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପାଇଁ ଉପଲବ୍ଧ ତା ନିଶ୍ଚିତ କରିବା ଆମର ବିକାଶ ପ୍ରୟାସର ଏକ ମୂଳଦୁଆ। ଏହି ପ୍ରକାରର ପଦକ୍ଷେପ ମାଧ୍ୟମରେ, ଆମେ ଗ୍ରାମୀଣ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବାକୁ ଚେଷ୍ଟା କରୁଛୁ, ଯେଉଁମାନଙ୍କୁ ସବୁଠାରୁ ଅଧିକ ଆବଶ୍ୟକାଅଛି ସେମାନଙ୍କ ନିକଟରେ ଅତ୍ୟାବଶ୍ୟକ ଚିକିତ୍ସା ସେବା ପହଞ୍ଚାଇ, ଏହି ପ୍ରୟାସ ଗୁଡ଼ିକ ଲୋକଙ୍କୁ ଏକ ସୁସ୍ଥ ଜୀବନଯାପନ କରିବା ପାଇଁ ସଶକ୍ତ କରିବାକୁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ବେଦାନ୍ତ ଲିମିଟେଡ୍‌ର ଏକ ବ୍ୟବସାୟ, ବେଦାନ୍ତ ଆଲୁମିନିୟମ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ, ଭାରତର ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଣ୍ଟ ୨୦୨୪ ବିଶ୍ୱ ରାଙ୍କିଙ୍ଗରେ ବେଦାନ୍ତ ଆଲୁମିନିୟମ ଦ୍ୱିତୀୟ ସ୍ଥାନରେ ଅଛି, ଯାହା ଏହାର ପ୍ରମୁଖ ସ୍ଥାୟୀ ବିକାଶ ଅଭ୍ୟାସର ପ୍ରତିଫଳନ। ଭାରତରେ ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ ସ୍ମେଲ୍ଟର, ଆଲୁମିନା ରିଫାଇନାରୀ ଏବଂ ପାୱାର ପ୍ଲାଣ୍ଟ ସହିତ, କମ୍ପାନୀ ଏକ ସବୁଜ ଆସନ୍ତାକାଲି ପାଇଁ ଭବିଷ୍ୟତର ଧାତୁ ଭାବରେ ଆଲୁମିନିୟମର ଉଦୀୟମାନ ପ୍ରୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବାର ଏହାର ଲକ୍ଷ୍ୟ ପୂରଣ କରେ।

# କୁସୁନପୁର ଦେବ ଇଣ୍ଟର ନ୍ୟାସନାଲ ସ୍କୁଲରେ ହିନ୍ଦୀ ଦିବସ ପାଳନ ସହ ବିଭିନ୍ନ ପ୍ରତିଯୋଗିତା



ଯାଜପୁର/ବ୍ୟାସନଗର(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା କଳିଙ୍ଗନଗର କୁସୁନପୁର ସ୍ଥିତ ଦେବ ଇଣ୍ଟରନ୍ୟାସନାଲ ସ୍କୁଲରେ ହିନ୍ଦୀ ଦିବସ ପାଳିତ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ। ହିନ୍ଦୀ ହେଉଛି ଏକ ଇଣ୍ଡୋ ଆର୍ଯ୍ୟଭାଷା। ଯାହା ଦେବନଗରୀ ଲିପିରେ ସରକାରୀ ଭାଷା ପ୍ରଚାରପ୍ରସାର ପାଇଁ ହିନ୍ଦୀ ଦିବସ ସର୍ମପିତ। ଏହା ପାଳନ ହେବାର ମୁଖ୍ୟ କାରଣ ହେଉଛି ହିନ୍ଦୀକୁ ସରକାରୀ ଭାଷା ଭାବରେ ଅନୁମୋଦନ କରାଯାଇଥିଲା, ପରେ ଏକ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହା ୨୬ ଜାନୁୟାରୀ ୧୯୫୦ରେ ଭାରତୀୟ ସମ୍ବିଧାନର ଏକ ଅଂଶ ହୋଇଗଲା। ଏହାର ମହ ଜାଣିବା ପାଇଁ ଆମେ ପ୍ରତିବର୍ଷ ସେପ୍ଟେମ୍ବର ୧୪ରେ ହିନ୍ଦୀ ଦିବସକୁ ମନେ ପକାଇଥାଉ। ହିନ୍ଦୀ ଦିବସରେ ରାଷ୍ଟ୍ର ଭାଷାର ମହତ୍ତ୍ୱକୁ ଆଖି ଆଗରେ ରଖି ବିଦ୍ୟାଳୟର ଷଷ୍ଠରୁ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ପ୍ରଥମେ ଚିତ୍ରାଙ୍କନ, ରଚନା ପରେ ଭାଷଣ ଓ ସ୍ୱବାଚନ ଭଳି ପ୍ରତିଯୋଗିତା କରାଯାଇଥିଲା। ସଭାରେ ମୁଖ୍ୟ ପ୍ରଶାସନିକ ଅଧିକାରୀ ନିର୍ମଳ କୁମାର ରଣା ଏବଂ ଏକାଡେମୀକ ମୁଖ୍ୟ ସୋନିଆ ବେଦୀ ଓ ବଳବୀର ସିଂ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ହିନ୍ଦୀ ଦିବସ ବିଷୟରେ ବିଶେଷ ବିବରଣୀ ପ୍ରଦାନ କରିଥିଲେ। ବିଦ୍ୟାଳୟର ହିନ୍ଦୀ ବିଭାଗ ପ୍ରମୁଖ ତଥା ମାନବାଧିକାର ଓ ସାମାଜିକ ନ୍ୟାୟ ମିଶନର ରାଜ୍ୟ ମୁଖ୍ୟ ସଚିବ ଦୀପକ ରଞ୍ଜନ ପାଣିଗ୍ରାହୀ କାର୍ଯ୍ୟ ପରିଚାଳନା କରିଥିଲେ। ଅଳ୍ପସଂଖ୍ୟକ ଅଧ୍ୟାପକ ଅଧ୍ୟାପିକାଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଇଥିଲା। କଳା ବିଭାଗର ଅଧ୍ୟାପକ ଉଦୟ କୁମାର ଓଝା ଓ ଅରୁଣ କୁମାର ଜେନା ସାଜସଜ୍ଜା ତଥା ଚିତ୍ରାଙ୍କନ ପ୍ରତିଯୋଗିତାର ଦାୟିତ୍ୱ ନିର୍ବାହ କରିଥିଲେ। ଭାଷଣ, ଚିତ୍ରାଙ୍କନ, ରଚନା ଲେଖନ ଆଦି ପ୍ରତିଯୋଗିତାରେ ଶିକ୍ଷୟତ୍ରୀ ଶୀତଳ ବେରାଗଡେ, ସୁପ୍ରିୟା ପ୍ରଧାନ, ନୀମା ଦାସ, ସରିତା ଗୁପ୍ତା, ପୁନମ କୌର, କେ.ଜ୍ୟୋତି, ବିଶ୍ୱଜିତ ପଣ୍ଡା ଆଦି ସହଯୋଗ କରିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ବୁଦ୍ଧଦେବ ରାଉତ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ବାହାର ଅଞ୍ଚଳର ଗାଡ଼ିରେ ଜିପସମ୍ ପରିବହନକୁ ବିରୋଧ

ପାରାଦ୍ୱୀପ(ଭାସ୍କର ନ୍ୟୁଜ): ଗତକାଲି ବିଳମ୍ବିତ ରାତିରେ କଳିଙ୍ଗ ଟ୍ରାନ୍ସପୋର୍ଟର ଏକ ୧୮ଚକିଆ ହାଇୱା ଓଡି୨୯କ୍ୟୁ୬୭୮୬ ନମ୍ବର୍ ଗାଡ଼ିରେ ଇଫକୋରୁ ଜିପସମ ବୋଝେଇ କରି କଟକ ଯାଉଥିବା ସମୟରେ ଭୂତମୁଣ୍ଡାଇ ନିକଟରେ ୧୦ ଜଣ ଦୁର୍ବୃତ୍ତ ମଟର ସାଇକେଲରେ ଆସି ଗାଡ଼ି ଅଟକାଇ ଟ୍ରକ୍ ସଙ୍ଘର ପରିଚୟ ଦେଇ ଗାଡ଼ି କେଉଁଠାକୁ ଲୋଡ ନେଇ ଯାଉଛି, ପରମିସନ କିଏ ଦେଇଛି ପ୍ରଭୃତି ପଚାରିବା ସହ ଡ୍ରାଇଭର ଛୋଟୁ କୁମାରକୁ ମାଡ ମାରି ଗାଡ଼ି ଚାବି, ଚାଲାଣ ଓ ୧୦ ହଜାର ଟଙ୍କା ଛଡ଼ାଇ ନେଇ ଯାଇଥିବା ବେଳେ ଡ୍ରାଇଭରକୁ ଆଉ କେବେବି ଲୋଡ ନକରିବା ପାଇଁ ଧମକ ଦେଇ ଯଦି ଲୋଡ କରିବୁ ଯାପରେ ତୋ ଗଳା କାଟିଦେବୁ ବୋଲି ଧମକ ଦେଇ ପାରାଦ୍ୱୀପ ଆଡ଼କୁ ଫେରାର ହୋଇ ଯାଇଥିଲେ। ଡ୍ରାଇଭର କହିବା ଅନୁଯାଇ ସେମାନଙ୍କ ମଧ୍ୟରେ ପଙ୍କଜ ନାମ ଶୁଣିବାକୁ ମିଳିଥିଲା। ଖବର ନେବାରୁ ଜଣାପଡ଼ିଛି ଯେ ଇଫକୋ ସାର କାରଖାନାର ବିଷାକ୍ତ ବର୍ଜ୍ୟ ବସ୍ତୁ ଓ ସିମେଣ୍ଟ ତିଆରିର ମୁଖ୍ୟ କଞ୍ଚାମାଲ କ୍ରୟ ବିକ୍ରୟ ଓ ପରିବହନ କରିବା ପାଇଁ କମ୍ପାନୀରେ ୬ ଜଣ ଭେଣ୍ଡର ନିଯୁକ୍ତି ହୋଇଛନ୍ତି। ଏମାନଙ୍କ ଦ୍ୱାରା ଦେଶର ଭିନ୍ନ ଭିନ୍ନ ପ୍ରାନ୍ତକୁ ଏହି ଜିପସମ୍ ପରିବହନ କରାଯାଇଥାଏ। ସୂଚନା ଯୋଗ୍ୟ ଯେ, ଦିନକୁ ଯେତିକି ପରିମାଣର ଜିପସମ କାରଖାନାରୁ ବାହାରୁଛି ତାହାର ଅଧା ଜିପସମ ମଧ୍ୟ ବାହାରକୁ ଯାଇପାରୁନଥିବା ବେଳେ ଏହା ଯୋଗୁ ଭୂତଳ ଜଳ, ନଦୀ ଜଳ ପ୍ରଦୂଷିତ ହେବାସହ ଏହି ଗୁଣ୍ଡ ପବନ ଦ୍ୱାରା ବାୟୁ ମଣ୍ଡଳରେ ମିଶି ପ୍ରଦୂଷଣ ବୃଦ୍ଧି କରୁଛି। ଏହାଦ୍ୱାରା ବିଭିନ୍ନ ଶ୍ୱାସଜନିତ ରୋଗ, ଚର୍ମ ରୋଗ, ଆଖି ରୋଗ ପ୍ରଭୃତି ବ୍ୟାପି ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ଦୁଇ ଦୁଇଟି ସାର କାରଖାନର ଏହି ବିଷାକ୍ତ ବର୍ଜ୍ୟ ପଦାର୍ଥ ପାରାଦ୍ୱୀପ ଅଞ୍ଚଳରୁ ଜଲଦି ପରିବହନ କରି ଅଞ୍ଚଳକୁ ବିପଦ ମୁକ୍ତ କରିବା ପାଇଁ କମ୍ପାନୀ ଓ ପ୍ରଶାସନ ତରଫରୁ ତିନୋଟି ସଙ୍ଘର ଗାଡ଼ି ସହ ରାଜ୍ୟର ବିଭିନ୍ନ ଜିଲ୍ଲାର ଗାଡ଼ିମାନଙ୍କୁ ବୋହିବା ପାଇଁ ପରିବହନ ମଞ୍ଜୁରି ଦେଇଥିବା ବେଳେ ଗତକାଲିର ଘଟଣାରୁ ପ୍ରମାଣିତ ହୋଇଛି ଯେ, ଏହି ଘଟଣାରେ କୌଣସି ଟ୍ରକ୍ ମାଲିକଙ୍କ ହାତ ରହିଛି ବୋଲି ପରିବହନ କମ୍ପାନୀର ମ୍ୟାନେଜର ରିଜ୍ୱାନ ଖାଁ କହିଛନ୍ତି।

# ବାଇକ୍ ଜବତ, ଚୋର କୋର୍ଟଚାଲାଣ



କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ଥାନା ଅନ୍ତର୍ଗତ ଦହିଖିଆ ଗ୍ରାମର ଚନ୍ଦ୍ରଶେଖର ପରିଡା ଗ୍ୟାରେଜରେ ତାଙ୍କ ଓଡି୧୩ ଢ଼୬୫୧୧ ସ୍ପ୍ଲେଣ୍ଡର ପ୍ଲସ୍ ବାଇକ ରଖି ଘରକୁ ଯାଇଥିବା ବେଳେ ଗତକାଲି ରାତ୍ରିରେ କୌଣସି ଦୁର୍ବୃତ୍ତ କବାଟ ଭାଙ୍ଗି ଚୋରି କରିଥିବା ଶ୍ରୀ ପରିଡା କାକଟପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଥାନା ଏଏସଆଇ ପ୍ରମୋଦ କୁମାର ସେଠୀ, ଏସଆଇ ଗୌରୀଶଙ୍କର ସେଠୀ ବିଭିନ୍ନ ସ୍ଥାନ ଚଢ଼ାଉ କରି ପ୍ରାଚୀ ବିହାରର ମୋଷ୍ଟ ୱାଣ୍ଟେଡ ବାଇକ ଚୋର ଗଗନ ବିହାରୀ ଛୁଆଳସିଂହ ଓରଫ (ଗୁନ)କୁ ବାଇକ ସହ ବ୍ୟବହୃତ ହାତୁଡିକୁ ଜବତ କରି ଗିରଫ କରଛି। ଏ ସଂକ୍ରାନ୍ତରେ କାକଟପୁର ଥାନାରେ ଏକ ମାମଲା ରୁଜୁ କରାଯାଇ ଥାନା କେସ ନମ୍ବର ୨୭୪/୨୦୨୫ରେ ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନାଥାଉ କି ଗୁନର ନିଜ ଘର ଖୋର୍ଦ୍ଧା ଜିଲ୍ଲା ଗଡ଼ମାଣତିରିରେ ହୋଇଥିବା ବେଳେ କାକଟପୁର ପ୍ରାଚୀ ବିହାରରେ ରହି ଏକାଧିକ ଚୋରି ମାମଲାରେ ତା'ର ସମ୍ପୃକ୍ତି ଥିବା ପୋଲିସ୍ ପ୍ରକାଶ କରିଛି। ତା'ର ଜାମିନ ନାମଞ୍ଜୁର ହେବାରୁ ତାକୁ ନିମାପଡା ଜେଲକୁ ପଠାଇ ଦିଆଯାଇଛି।

# ସାମ୍ବାଦିକଙ୍କ ଘରୁ ଲୁଟ୍ ଘଟଣାରେ ୪ ଗିରଫ



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ଭୁବନେଶ୍ୱରର ବରିଷ୍ଠ ସାମ୍ବାଦିକ ତଥା ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡର ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ତାଙ୍କର ଶ୍ୱଶୁର ସ୍ୱର୍ଗତ କିଶୋର ଚନ୍ଦ୍ର ମହାନ୍ତିଙ୍କ ନିଶ୍ଚିନ୍ତକୋଇଲି ଥାନା ମୁରଦାବାଦ ବାସଭବନରେ ସପରିବାର ରହିଆସୁଛନ୍ତି। ଗତ ୨୯ତାରିଖରେ ଶ୍ରୀ ମହାନ୍ତି ଘରେ ଅନୁପସ୍ଥିତ ଥିବା ସୁଯୋଗ ନେଇ ଲୁଟେରାମାନେ ଘରର କବାଟ ଭାଙ୍ଗି ଗଡ୍ରେଜ ତାଡି ୨୪ ଗ୍ରାମ ଓଜନର ସ୍ୱର୍ଣ୍ଣ ଅଳଙ୍କାର, ୫୦୦ଗ୍ରାମର ରୂପା ଅଳଙ୍କାର, କଂସାବାସନ, ମୂଲ୍ୟବାନ ପାଟଶାଢ଼ୀ, ଦରକାରୀ କାଗଜପତ୍ର ସମେତ ବହୁ ଆସବାପତ୍ର ଓ ନଗଦ ୩ଲକ୍ଷ ଟଙ୍କା ଲୁଟି ନେଇଥିବା ଶ୍ରୀ ମହାନ୍ତି ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ନିଶ୍ଚିନ୍ତକୋଇଲି ଥାନା କେଶ ନଂ ୧୭୫/୨୦୨୫ରେ ଏକ ମାମଲା ରୁଜୁ ହୋଇଥିଲା। ଏନେଇ ନିଶ୍ଚିନ୍ତକୋଇଲି ଥାନା ତରଫରୁ ଏକ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରାଯାଇଥିଲା। ପୋଲିସ ଘଟଣାରେ କେନ୍ଦ୍ରାପଡା ଜିଲ୍ଲା ନିକିରାଇ ଥାନା ସରଦେଇପୁର ଗ୍ରାମର ବାବୁନା ଦାସ, ପଟ୍ଟାମୁଣ୍ଡାଇ ଥାନା ମୋହନପୁର ଗ୍ରାମର ଧୁସା ଦାସ, ସେହି ଗ୍ରାମର ଗୌରାଙ୍ଗ ଦାସ ପ୍ରମୁଖ ୩ଜଣଙ୍କୁ ଗିରଫ କରିଥିଲା ବେଳେ ୮୦ଗ୍ରାମ ସୁନା, ୭୦ଗ୍ରାମ ରୂପା, ନଗଦ ୨୦ହଜାର ଟଙ୍କା ଓ ଏକ ବାଇକ ଜବତ କରିଛି। ସାମଗ୍ରୀ କ୍ରୟ କରିଥିବା କେନ୍ଦ୍ରାପଡା ଟାଉନ ଥାନା ବଡବଜାରର ମାରୁତି ଯାଦବଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ପୋଲିସ ସୂତ୍ରରୁ ପ୍ରକାଶ। ତେବେ ଅଭିଯୁକ୍ତଙ୍କ ନାମରେ ରାଜନଗର, ନିକିରେଇ, ଭଦ୍ରେଶ୍ୱର, ନିଶ୍ଚିନ୍ତକୋଇଲି ଥାନାରେ ଏକାଧିକ ମାମଲା ଥିବା ଜଣାଯାଇଛି।

# କଲେକ୍ଟର ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି

ଯୋଡା(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ସଭାଗୃହରେ ସୋମବାର ଏକ ମିଳିତ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣିରେ ଆରକ୍ଷି ଅଧିକ୍ଷକ ନୀତିନ କୁଶଲକର ଡାଗଡୁ, ଜିଲା ବନବିଭାଗ ଅଧିକାରୀ ଏଚ.ଡି. ଧନରାଜ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହି ଅଧିକାରୀ କୁମାର ନାଗ ଭୂଷଣ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିନୋଦ ବିହାରୀ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ବ୍ଲକ ଅଧ୍ୟକ୍ଷ କବିନ୍ଦ୍ର ନାଏକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତାନିଷ ବେହେରା, ଆରଟିଓ ରଞ୍ଜନ କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗିୟ ଅଧିକାରୀ ଉପସ୍ଥିତ ରହିଥିଲେ। ଯୋଡା ବ୍ଲକର ୧୯ ପଞ୍ଚାୟତରୁ ଆସିଥିବା ମୋଟ ୧୧୫ ଅଭିଯୋଗର ଶୁଣାଣୀ କରାଯାଇଥିଲା। ଶୁଣାଣୀରେ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ନିର୍ମାଣ, ପାନୀୟ ଜଳଯୋଗାଣ, ବିଦ୍ୟାଳୟ ପାଚେରି ନିର୍ମାଣ, ଉଜ୍ଜ୍ୱଳ ଆଲୋକିକରଣ, ଜଙ୍ଗଲ ଜମି ପଟ୍ଟା ସମସ୍ୟା ନେଇ ଅଭିଯୋଗମାନ ଆସିଥିଲା। କାଟେସାହିରୁ ରୁଗୁଡି ସଂଯୋଗ କରୁଥିବା ଆର.ଡି ରାସ୍ତାର ତୁରନ୍ତ ନିର୍ମାଣ, ଆଶ୍ରମ ସ୍କୁଲକୁ ହାଇସ୍କୁଲରେ ପରିଣତ କରିବା ଏବଂ ମୋବାଇଲ ଟାୱାରର ନିର୍ମାଣ ପାଇଁ ସରପଞ୍ଚ ବିଳାସିନୀ ଓରାମ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଲେଇପଦା ରେଳଲାଇନ ଉପରେ ଏକ ପୋଲ, ଦେଓଝରରେ ଫୁଟ ବ୍ରିଜ ନିର୍ମାଣ ଏବଂ କଳିଙ୍ଗ ମଡେଲ ସ୍କୁଲ ପାଇଁ ସରପଞ୍ଚ ଧ୍ରୁବଚରଣ ନାଏକ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ବଲାଣି ପଞ୍ଚାୟତର କିଛି ଆଦିବାସୀ ଅଧୁଷିତ ଗ୍ରାମରେ ବିଦ୍ୟୁତ ସଂଯୋଗ ଏବଂ ରାସ୍ତାର ନିର୍ମାଣ ହେଉନଥିବାରୁ ସରପଞ୍ଚ ମୁଗା ମୁଣ୍ଡା ଅଭିଯୋଗ ଜଣାଇଥିଲେ। ବଡ଼ବିଲ ବାର କାଉନସିଲର ଆଇନଜୀବୀ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଡକ୍ଟର ସାମଲଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ ଯେ ସବୁ ଆବଶ୍ୟକୀୟ ପ୍ରମାଣପତ୍ର ପ୍ରଦାନ କରିବା ସତ୍ତ୍ୱେ ଜନ୍ମ ପ୍ରମାଣପତ୍ର ଦେଉନାହାନ୍ତି। ବିଭିନ୍ନ ପଞ୍ଚାୟତରେ ଅଙ୍ଗନବାଡି କେନ୍ଦ୍ର ମରାମତି ସାଙ୍ଗକୁ ନୂତନ ନିର୍ମାଣ ପାଇଁ ଅନେକ ସରପଞ୍ଚଙ୍କ ସମେତ ୨୮ ନମ୍ବର ଜିଲ୍ଲାପରିଷଦ ସଦସ୍ୟ ଡମ୍ବୁରୁଧର କୁଦାଦା ଜିଲ୍ଲାପାଳଙ୍କୁ ଜଣେଇଛନ୍ତି। ଅଭିଯୋଗ ଶୁଣାଣି ପରେ ବ୍ଲକ ପ୍ରାଙ୍ଗଣରେ ନ୍ତଏକ ପେଡ୍ ମା' କେ ନାମ' କାର୍ଯ୍ୟକ୍ରମରେ ବୃକ୍ଷରୋପଣ କରିଥିଲେ।

# ନିମାପଡ଼ାରେ ଭାରତୀୟ ଜନତା ପାର୍ଟିର ପ୍ରସ୍ତୁତି ବୈଠକ



ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ାରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମବାର୍ଷିକ ପାଳନ ପାଇଁ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟକ୍ରମରେ ଶତାଧିକ ବ୍ୟକ୍ତି ଯୋଗ ଦେଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଭାରତବର୍ଷର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମ ବାର୍ଷିକ ଉପଲକ୍ଷେ ଭାରତୀୟ ଜନତା ପାର୍ଟି, ଓଡ଼ିଶା ତରଫରୁ ସେବାପକ୍ଷ ପାଳନ କରାଯିବା ପାଇଁ ସ୍ଥିର ହୋଇଛି। ସୋମବାର ଭାରତୀୟ ଜନତା ପାର୍ଟି ନିମାପଡ଼ା-ଗୋପ ନିର୍ବାଚନ ମଣ୍ଡଳୀ ତରଫରୁ ପୂର୍ବତନ ମନ୍ତ୍ରୀ ତଥା ଭାଜପା ରାଜ୍ୟ ମୁଖପାତ୍ର ସମୀର ରଂଜନ ଦାଶଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ନିମାପଡ଼ା ବ୍ଲକ ସମସ୍ତ ପଞ୍ଚାୟତର ନେତୃତ୍ୱ ଓ ନିର୍ବାଚିତ ପ୍ରତିନିଧି, ଗୋପ ବ୍ଲକ୍ ସମସ୍ତ ପଞ୍ଚାୟତର ନେତୃତ୍ୱ ଓ ନିର୍ବାଚିତ ପ୍ରତିନିଧି, ନିମାପଡ଼ା ଏନ୍ଏସି ନେତୃତ୍ୱ ଓ ନିର୍ବାଚିତ ପ୍ରତିନିଧି ଯୋଗଦାନ କରିଥିଲେ। ବୈଠକରେ ୧୭ରେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ କରିବା ପାଇଁ ସ୍ଥିର କରାଯାଇଥିଲା। ସମସ୍ତ ପଂଚାୟତ ଏବଂ ଏନ୍ଏସିରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ସହ ଖେଦରପୁର ଏବଂ ଗୋପ ପଞ୍ଚାୟତର କୁସୁପୁର ଗ୍ରାମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସେବାପକ୍ଷ ପାଳନ ଅବସରରେ ଭାଜପା ଛାତ୍ର ସଂଗଠନ ତରଫରୁ ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ, ଭାଜପା ଯୁବ ସଂଗଠନ (ନିମାପଡ଼ା-ଗୋପ) ତରଫରୁ ୨୬ରେ ଏକ ରକ୍ତଦାନ ଶିବିର ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା।

# ସ୍ୱଚ୍ଛ ନାରୀ-ସଶକ୍ତ ପରିବାର ଅଭିଯାନ ନେଇ ପ୍ରସ୍ତୁତି ବୈଠକ



ମାଲକାନଗିରି(ଭାସ୍କର ନ୍ୟୁଜ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୭ରେ ସ୍ୱସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ ଶୁଭାରମ୍ଭ କରିବାକୁ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହା ଏକ ଜାତୀୟ ସ୍ତରୀୟ ଅଭିଯାନ ଯାହା ଓଡ଼ିଶା ସମେତ ସମସ୍ତ ରାଜ୍ୟରେ ଏକ ସୁସ୍ଥ ଭବିଷ୍ୟତ ପୀଢ଼ି ଗଠନ ପାଇଁ ଶିବିର ପଦ୍ଧତି ମାଧ୍ୟମରେ ସମସ୍ତ ବୟସର ମହିଳା ଏବଂ ଝିଅଙ୍କୁ ପ୍ରାଥମିକତା ଭିତ୍ତିରେ ବ୍ୟାପକ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସେବା ପ୍ରଦାନ କରିବା ପାଇଁ ଯୋଜନା କରାଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ସଠିକ୍ ଭାବରେ ପହଞ୍ଚାଇବା ତଥା ଜିଲ୍ଲାକୁ ରାଜ୍ୟ ସ୍ତରରେ ଏକ ଉତ୍ତମ ସ୍ଥାନରେ ପହଞ୍ଚାଇବା ଉପରେ ଜିଲ୍ଲାପାଳ ଜୋର୍ ଦେବା ସହିତ ଉପସ୍ଥିତ ଥିବା ସମସ୍ତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଏବଂ ଅନ୍ୟ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆସନ୍ତା ୧୭ରୁ ଆରମ୍ଭ ହୋଇ ୨ ଅକ୍ଟୋବର ପର୍ଯ୍ୟନ୍ତ ଚାଲୁ ରହିବ। ଏହି ଅଭିଯାନରେ ନାରୀଙ୍କ ପାଇଁ ଅନେକ କାର୍ଯ୍ୟକ୍ରମ କରାଯିବ ଯେମିତିକି ସ୍ୱାସ୍ଥ୍ୟ ପରୀକ୍ଷା, ସ୍ୱାସ୍ଥ୍ୟସେବା ସହିତ ପ୍ରତ୍ୟେକ ବୟସର ଝିଅଙ୍କ ମଧ୍ୟ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମାଧ୍ୟମରେ କରାଯିବ। ଏଥିସହ ରକ୍ତ ପରୀକ୍ଷା, ରକ୍ତଦାନ ଶିବିର, ଅଣ ସଂକ୍ରାମକ ରୋଗ ପରୀକ୍ଷା, ରକ୍ତହୀନତାର ପରୀକ୍ଷା, ରକ୍ତ ଶର୍କରା ପରୀକ୍ଷା, ରକ୍ତ ଶିକୁଳି ପରୀକ୍ଷା, ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଇତ୍ୟାଦି ଆୟୋଜନ କରାଯିବ। କେବଳ ଜିଲ୍ଲାସ୍ତରରେ ନୁହେଁ ଏହି ଶିବିର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ କରାଯିବ। ବୈଠକରେ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବ୍ରଜବନ୍ଧୁ ଦାସ ଓ ଏଡିପିଏଚଓ ନିହାର ରଞ୍ଜନ ପ୍ରହରାଜ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁ ବିକାଶ, ଜିଲ୍ଲା ସମାଜ ମଙ୍ଗଳ ତଥା ମିଶନ ଶକ୍ତି, ସୂଚନା ଓ ଲୋକ ସଂପର୍କ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଉକ୍ତ କାର୍ଯ୍ୟକ୍ରମ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ, ଗୋଷ୍ଠୀ ଚିକିତ୍ସାଳୟ ସମ୍ମୁଖରେ ଶିବିର ଆୟୋଜନ କରାଯାଇ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସେବା ମଧ୍ୟ ଯୋଗାଇ ଦିଆଯିବ। ଜିଲ୍ଲା ପ୍ରକଳ୍ପ ଅଧିକାରୀ ଡ଼ଃ ମୌସୁମୀ ମିଶ୍ର ସମସ୍ତଙ୍କ ସହଯୋଗ କାମନା କରିଥିଲେ।



ବେଲପାହାଡ,( ଭାସ୍କର ନୁ୍ୟଜ୍ ): ଝାରସୁଗୁଡ଼ା ଜିଲା ବେଲପାହାଡ଼ ମୁହୁରୀ ପରିବାର ପକ୍ଷରୁ ସମଡ଼ା ଜଗନ୍ନାଥ ମନ୍ଦିର ପଡ଼ିଆ ସ୍ଥିତ ରନ୍ ମଣ୍ଡପଠାରେ ନୂଆଁଖାଇ ଭେଟଘାଟ୍ 'ମୁହୁରୀ ୨୦୨୫' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପଂଚାୟତି ରାଜ ଏବଂ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାୟକ, ଭିସୁଟ ଆସିଷ୍ଟାଣ୍ଟ ପ୍ରଫେସର ଡା, ଶଙ୍କର ରାମ ଚନ୍ଦାନି, ଟିଆରଏଲ୍ କ୍ରୋସାକି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ ନାଏକ ପ୍ରମୁଖଙ୍କ ସହ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥି ମାନେ ନୁଆଁଖାଇ ଏବଂ ନୁଆଁଖାଇ ଭେଟଘାଟର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ। ନୁଆଁଖାଇ ଭେଟ ଘାଟ ଭାବ, ବନ୍ଧୁତା, ପରସ୍ପର ସହ ଭଲ ପାଇବା, କଳା ସଂସ୍କୃତି, ପରମ୍ପରାର ପର୍ବ। ତେଣୁ ଏହାକୁ ପ୍ରତିବର୍ଷ ଧୁମଧାମରେ ପାଳନ କରିବା ବୋଲି ଅତିଥି ମାନେ ପ୍ରକାଶ କରିଛନ୍ତି। ଆଜିର ନୁଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଲୋକନୃତ୍ୟ, ଗୀତ, ବାଦ୍ୟ, ହାସ୍ୟା ରସାତ୍ମକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଛି। ଏହାସହ ବିଭିନ୍ନ ଷ୍ଟଲ ଗୁଡିକରେ ପଶ୍ଚିମ ଓଡ଼ିଶାର ପାରମ୍ପରିକ ଖାଦ୍ୟପେୟର ପ୍ରଦର୍ଶନ କରାଯାଇଛି। ଆଜିର କାର୍ଯ୍ୟକ୍ରମରେ ମୁହୁରୀ ପରିବାରର ଉପଦେଷ୍ଟା ପ୍ରମୋଦ ସେନାପତି, ସଭାପତି ସୌଭାଗ୍ୟ ରଞ୍ଜନ ସାହୁ, ସାଧାରଣ ସମ୍ପାଦକ ମନୋଜ ପାଣ୍ଡେ, କୋଷାଧକ୍ଷ ପ୍ରେମ ଅଗ୍ରୱାଲଙ୍କ ସମେତ ଖୁସିରାମ ମେହେର, ସୌମ୍ୟ ରଞ୍ଜନ ସାହୁ, ବିକାଶ ସ୍ୱାଇଁ, କାହ୍ନା ଗିରି ପ୍ରମୁଖ ଉପସ୍ଥିତ ଥିଲେ।

## ଦଶହରା ପରେ ଗାନ୍ଧିଛକ-ରେଳ ଷ୍ଟେସନ ରାସ୍ତା ହେବ ପ୍ରଶସ୍ତିକରଣ

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ୪୯ ନମ୍ବର ଜାତୀୟ ରାଜପଥ ଗାନ୍ଧିଛକରୁ ବିଜୁ ପଟ୍ଟନାୟକ ଛକ, ବୀର ସୁରେନ୍ଦ୍ର ସାଏ ଛକ ଦେଇ ବ୍ରଜରାଜନଗର ରେଳ ଷ୍ଟେସନକୁ ସଂଯୋଗ କରୁଥିବା ରାସ୍ତାର ଦଶହରା ପରେ ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ ହେବ। ଏନେଇ ଟେଣ୍ଡର ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଟେଣ୍ଡର ଆହ୍ୱାନ ପରେ ସମ୍ବଲପୁରର ଏକ ଠିକା ସଂସ୍ଥା ଯୋଗ୍ୟ ବିବେଚିତ ହୋଇଛନ୍ତି। ତେବେ ଏହା ମଧ୍ୟରେ ଚୁକ୍ତିନାମା ହେବା ପରେ ଦଶହରା ପରଠାରୁ ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ ହେବ ବୋଲି ପୂର୍ତ୍ତ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସତ୍ୟବାନ ପଟେଲ ସୂଚନା ଦେଇଛନ୍ତି। ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ପାଇଁ ୧୫ କୋଟି ୫୫ ଲକ୍ଷ ୫୯ ହଜାର ୯୦୧ ଟଙ୍କା ବ୍ୟୟ ଅଟକଳ ରହିଛି। ସେହିପରି ଉକ୍ତ ରାସ୍ତା ବର୍ତ୍ତମାନ ୫ ମିଟର ଥିବା ବେଳେ ତାହା ୭ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଯିବ। ସେପଟେ ପ୍ରଶସ୍ତିକରଣ ବେଳେ ଆବଶ୍ୟକୀୟ ସରକାରୀ ଜମିରେ ଯଦି କୌଣସି ନିର୍ମାଣ ଥିଲେ ତାହା ଦରକାର ପଡ଼ିଲେ ଉଚ୍ଛେଦ କରାଯିବ ବୋଲି କୁହାଯାଇଛି।

## ଅବହେଳିତ ମଣିଜଙ୍ଗ ସେବା ସମବାୟ ସମିତି

# ଧାନମଣ୍ଡି ଅଭାବରୁ ୩ ପଞ୍ଚାୟତର ଚାଷୀ ଦୁର୍ଦ୍ଦଶାରେ




ରଘୁନାଥପୁର, (ଭାସ୍କର ନ୍ୟୁଜ୍) : ରଘୁନାଥପୁର ନିକଟସ୍ଥ ଦୀପାଞ୍ଚଳର ମଣିଜଙ୍ଗ ପଞ୍ଚାୟତରେ ଥିବା ସେବା ସମବାୟ ସମିତି ୧୯୬୨ମସିହାରେ ସ୍ଥାପିତ ହୋଇଥିଲେ ବି ଆଜି ପର୍ଯ୍ୟନ୍ତ ଅବହେଳିତ ଅବସ୍ଥାରେ ରହିଛି। ଏହି ସେବା ସମବାୟ ସମିତିର ପରିଚାଳନା ଦାୟିତ୍ୱ ଜଗତସିଂହପୁର ଜିଲ୍ଲା ଉପରେ ନ୍ୟସ୍ତ ଥିବାବେଳେ ଧାନମଣ୍ଡି ଦାୟିତ୍ୱ ରହିଛି କଟକ ଜିଲ୍ଲା ଅଧିନରେ। ମଣିଜଙ୍ଗ, ମହମଦପୁର, ଉତ୍ତରକୂଳ ପଞ୍ଚାୟତର କିଛି ଅଂଶ ଚାଷୀମାନେ ଏହି ସମବାୟ ସମିତି ଉପରେ ନିର୍ଭରଶୀଳ। ସର୍ବପୁରାତନ ଏହି ସେବାସମବାୟ ସମିତି ଉପରେ ସରକାରଙ୍କ ଦୃଷ୍ଟିପଡୁନାହିଁ ନା ପ୍ରଶାସନର ଚରମ ଅବହେଳା ପାଇଁ କାର୍ଯ୍ୟାଳୟଟି ଜରାଜିର୍ଣ୍ଣ ଅବସ୍ଥାରେ ରହିଛି ତାହାବୁଝା ପଡୁନାହିଁ। ସମିତିର ନିଜସ୍ୱ ଗୃହ ଖଣ୍ଡେ ନାହିଁ। ଏକ ଅସ୍ଥାୟୀ ଗୃହରେ ସମିତି ଚାଲୁଥିବା ବେଳେ ଧାନମଣ୍ଡି ନଥିବାରୁ ପ୍ରାୟ ୧୦କିମି ଦୂରତାରେ ଥିବା ଉତ୍ତରକୂଳ ସମବାୟ ସମିତିରେ ଚାଷୀଧାନ ଦେବାପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମଣିଜଙ୍ଗ ସମବାୟ ସମିତିରେ ନୂତନ ଧାନମଣ୍ଡି ଖୋଲାଯିବାକୁ ନେଇ ଅଞ୍ଚଳଚାଷୀ ବାରମ୍ବାର କଟକ ଜିଲ୍ଲାପ୍ରଶାସନ ନିକଟରେ ଦାବି କରିଆସୁଥିଲେ ବି କିଛି ସୁଫଳ ମିଳୁନାହିଁ। ଅଭିଯୋଗ ପାଇ ଜିଲ୍ଲା ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ମଣ୍ଡି ନଖୋଲିବାକୁ ନେଇ ଚାଷୀଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପୂର୍ବ ସରକାରରେ ଡିଏଲପିସିରେ ଧାନମଣ୍ଡି ଫାଇନାଲ ହୋଇଥିଲେ ବି ସରକାର ଏଥିପ୍ରତି ଧ୍ୟାନ ଦେଉନାହାନ୍ତି ବୋଲି ପୂର୍ବତନ ବ୍ଲକ ଅଧ୍ୟକ୍ଷ ନରେନ୍ଦ୍ର ବାରିକ, ପୂର୍ବତନ ସରପଞ୍ଚ କୈଳାଶ ସାହୁ, ସାରଦା ନାୟକ, ସରୋଜ କୁମାର ବେହେରା, ଏସକେ ସୋଫିଆନ, ଏସକେ ଜଲାଉଦ୍ଦିନ ଅହମଦ, ନକୁଳ ବେହେରା ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି।

## ତୃତୀୟ ଜାତୀୟସ୍ତରୀୟ ଲୋକ ଅଦାଲତ ୧୬୫୧୬ ମୋକଦ୍ଦମାର ଫଇସଲା




ମାଲକାନଗିରି, (ଭାସ୍କର ନ୍ୟୁଜ୍): ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧିକରଣ, ତାଲୁକ ଆଇନ ସେବା ପ୍ରାଧିକରଣ ମୋଟୁ ଏବଂ ଜେଏମ୍ଏଫ୍‌ସି, ମାଲି ଓ ଜେଏମ୍ଏଫ୍‌ସି, କୁଡ଼ୁମୁକୁ ଗୁମ୍ମା, ଗ୍ରାମ ନ୍ୟାୟଳୟ, କୋରୁକୋଣ୍ଡା, ମାଲକାନଗିରି ଦ୍ୱାରା ତୃତୀୟ ଜାତୀୟ ସ୍ତରୀୟ ଲୋକ ଅଦାଲତ ମାଲକାନଗିରିର ସମସ୍ତ ବିଚାରାଳୟ ତଥା ମାଥିଲି, ମୋଟୁ, କୁଡୁମୁଲୁଗୁମ୍ମା ଠାରେ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ଅନ୍ୟ ମାନଙ୍କ ମଧ୍ୟରେ ମାଲକାନଗିରି ଜିଲ୍ଲା ଜଜ ତଥା ଆଇନ ସେବା ପ୍ରାଧିକରଣର ଅଧକ୍ଷ୍ୟ ଡାଃ ପ୍ରସନ୍ନ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲା ଜର୍ଜ ଶାନ୍ତନୁ କୁମାର ଦାସ, ମୁଖ୍ୟ ଦଣ୍ଡାକାରୀ, ମାଲକାନଗିରି ପ୍ରଦୀପ କୁମାର ପ୍ରଧାନ, ବରିଷ୍ଠ ଦେୱାନୀ ବିଚାରପତି ସନ୍ତୋଷ କୁମାର ଆଗରୱାଲ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ବରିଷ୍ଠ ଦେୱାନୀ ବିଚାରପତି ସୁଶ୍ରୀ ସଂଗୀତା ପାତ୍ର, ଉପଖଣ୍ଡ ଦଣ୍ଡାଧିକାରୀ, ମାଲକାନଗିରି ପ୍ରତିମା ସାହୁ ଏବଂ ଗ୍ରାମ ନ୍ୟାୟାଧୀକାରୀ ପରିନିତା ନାୟକ, ପ୍ରଥମ ଶ୍ରେଣୀ ଦଣ୍ଡାକରି, ମାଥିଲି ପଦ୍ମଲାଭ ମାଝି, ପ୍ରଥମ ଶ୍ରେଣୀ ଦଣ୍ଡାକାରୀ, କୁଡୁମୁଲୁଗୁମ୍ମା ବିମଳା ଲକ୍ଷ୍ମୀ ଚୌଧୁରୀ, ପ୍ରଥମ ଶ୍ରେଣୀ ଦଣ୍ଡାକାରୀ, ମାଲକାନଗିରି ଆଦିତ୍ୟ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକାର ମୋକଦ୍ଦମାର ଫଇସଲା କରିଥିଲେ। ଏହି ଜିଲ୍ଲାସ୍ତରୀୟ ଲୋକ ଅଦାଲତରେ ମୋଟ ୧୬୫୧୬ ଗୋଟି ମକଦ୍ଦମର ଫଇସଲା କରାଯାଇ ୨୪,୭୨,୭୬୩ ଟଙ୍କା ଧାର୍ଯ୍ୟ କରଯାଇଥିଲା। ଏହି ଲୋକ ଅଦାଲତରେ ଜିଲ୍ଲା କୋର୍ଟ, ଅତିରିକ୍ତ ଜିଲ୍ଲା ଜଜ କୋର୍ଟ, ସବ ଜଜ କୋର୍ଟ, ଏସଡ଼ିଜେଏମ କୋର୍ଟ, ମୋଟୁ ଜେଏମଏଫସି କୋର୍ଟ, ମାଥିଲି ଜେଏମଏଫସି କୋର୍ଟ, କୁଡୁମୁକୁରୁମ୍ମା ଜେଏମ୍ଏଫସି କୋର୍ଟ ଓ ଜିଲ୍ଲା ଆଇନ ସେବା ପ୍ରାଧୁକରଣ, ମାଲକାନଗିରି ଓ ତାଲୁକ ଆଇନ ସେବା ସମିତି, ମୋଟୁର ସମସ୍ତ କର୍ମଚାରୀ ଓ ମାଲକାନଗିରି ଓ ମୋଟୁର ଓକିଲ ସଂଘର ସଭ୍ୟ ଗଣ ଉପସ୍ଥିତ ରହି ଅଦାଲତ କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ପ୍ରତିଭା ସମ୍ପନ୍ନ ବ୍ୟକ୍ତିଙ୍କ ବିୟୋଗରେ ଶୋକସଭା



ପୁରୁଷୋତ୍ତମପୁର, (ଭାସ୍କର ନ୍ୟୁଜ୍) : ବହୁ ପ୍ରତିଭା ସମ୍ପର୍ଣ୍ଣ ବ୍ୟକ୍ତି ତଥା ଅବସର ପ୍ରାପ୍ତ ଶିକ୍ଷକ, ଧାର୍ମିକ, ସଂଗୀତ ଗାୟକ, ତବଲା ବାଦକ, ମୃଦଙ୍ଗ ବାଦକ, ହାରମୋନି ଓ ଲିଆରୀ ନିଆରି ଚୁଡ଼ିତିଆ ସମାଜ ପୂର୍ବଖଣ୍ଡ ତାଲୁକା ସଭାପତି ବିଜୟ ଚନ୍ଦ୍ର ବେହେରାଙ୍କ ହୃଦ୍‌ଘାତରେ ମୃତ୍ୟୁବରଣ କରିଛନ୍ତି। ସେ ପିତୃପୁରଷଙ୍କ ଶ୍ରାଦ୍ଧ ସାରି ପିଣ୍ଡ ଦାନ କରିବା ପାଇଁ ଋଷୁକୂଲ୍ୟା ନଦୀ ଭିତରକୁ ଯାଇଥିଲେ। ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରି ସେଠାରେ ହିଁ ଟଳି ପଡ଼ିଥିଲେ। ଘର ଲୋକ ତୁରନ୍ତ ଖବର ପାଇ ନଦୀ ଭିତରକୁ ଯାଇ ସଙ୍ଗେ ସଙ୍ଗେ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ଓ ଅବସ୍ଥା ଗୁରୁତର ଯୋଗୁଁ ବ୍ରହ୍ମପୁର ବଡ଼ ମେଡିକାଲ ଯିବା ରାସ୍ତାରେ ଗାଡି ଭିତରେ ସଙ୍କଟାପନ୍ନ ଦେଖି ଭଙ୍ଗାକୁମରଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ଅଞ୍ଚଳରେ ପହଞ୍ଚିବା କ୍ଷଣି ଶୋକର ଛାୟା ଖେଳି ଯାଇଥିଲା। କୁଳ ସମାଜ ପ୍ରେମୀ, ବରିଷ୍ଠ ନାଗରିକ, ଶିକ୍ଷକ ବୃନ୍ଦ, କୃଷକ ସଙ୍ଘ କାର୍ଯ୍ୟକର୍ତ୍ତା, ରାଜନୈତିକ ବ୍ୟକ୍ତି ବିଶେଷ ଓ କଳାକାର ପ୍ରେମୀ, ନିଜ ଜ୍ଞାତି କୁଟୁମ୍ବ ନିଜ ବାସ ଭବନରେ ଉପସ୍ଥିତ ହୋଇ ଶେଷ ଦର୍ଶନ କରିଥିଲେ। ଲୋକାରଣ୍ୟ ହୋଇ ଯାଇଥିଲା ମୃତକଙ୍କ ବାସଭବନ। ମୃତ୍ୟୁ ସମୟରେ ପରିବାରର ସ୍ତ୍ରୀ, ପୁଅ, ବୋହୂ, ଝିଅ ଜୋଇଁ, ନାତି ନାତୁଣୀ ଭଣଜା, ଭାଣିଜୀ ଉପସ୍ଥିତ ରହି ସଂସ୍କାର କାର୍ଯ୍ୟ ସମାପନ କରିଥିଲେ। ସେ ଶାନ୍ତ, ସରଳ, ଧୀର, ପ୍ରାଜ୍ଞ, ଉଦାର ଦୟାଳୁ ସମସ୍ତଙ୍କ ପ୍ରିୟ ଭାଜନ ହୋଇପାରିଥିବାରୁ ତାଙ୍କ ବିରହରେ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳି ଯାଇଛି।

## ଧୂମଧାମରେ ପୂଜା ପାଳିବାକୁ ଅଣ୍ଟା ଭିଡ଼ିଛନ୍ତି ମାତୃଶକ୍ତି କଳ୍ପନା ହେଲେ ସଭାପତି, ଲୀନା ସମ୍ପାଦକ



ରାଉରକେଲା (ଭାସ୍କର ନ୍ୟୁଜ୍): ରାଉରକେଲା ସେକ୍ଟର ୭ କମ୍ୟୁନିଟି ସେଣ୍ଟର ଠାରେ ଷ୍ଟିଲ ଟାଉନସିପ୍ ର ମହିଳା ମାନେ ଏକତ୍ରିତ ହୋଇ ଗଠନ କରିଛନ୍ତି ମାତୃଶକ୍ତି ରାଉରକେଲା ଲକ୍ଷ୍ମୀ ପୂଜା କମିଟି। ଏହି କମିଟି ଚଳିତବର୍ଷ ସେକ୍ଟର ୭ ଦୁର୍ଗା ପୂଜା ପଡିଆରେ ଆୟୋଜନ କରିବେ ମା ଲକ୍ଷ୍ମୀ ପୂଜା। ବଡ଼ ଧୂମଧାମରେ ପୂଜା ଆୟୋଜନ ପାଇଁ ଅଣ୍ଟା ଭିଡିଛନ୍ତି ମହିଳା ମାନେ। ପୂଜା ଆୟୋଜନ ସହ ପ୍ରାୟ ୮ଦିନ ପୂଜା ରଖି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଛୋଟ ପିଲାଙ୍କୁ ନେଇ ପ୍ରତିଯୋଗିତା, ମହିଳା ମାନଙ୍କ ବିଭିନ୍ନ ପ୍ରତିଯୋଗିତା ର ମଧ୍ୟ ଯୋଜନା ରହିଛି। ପୂଜା ସମୟରେ ମୀନା ବଜାର ମେଳା ପାଇଁ ମଧ୍ୟ ପ୍ରଚେଷ୍ଟା ଜାରି ରଖିଛି କମିଟି। ଆଜି ବୈଠକରେ ଏକ ୨୩ ଜଣିଆ କାର୍ଯ୍ୟକାରୀ କମିଟି ଚୟନ କରାଯାଇଛି। ଯେଉଁଥିରେ ସଭାପତି ଭାବେ କଳ୍ପନା ଭଞ୍ଜ, କାର୍ଯ୍ୟକରୀ ସଭାପତି ଭାବେ ସଙ୍ଗୀତା ନାୟକ, ଲକ୍ଷ୍ମୀ ପ୍ରିୟା ଦାସ, ଶୁଭଦ୍ରା ନାୟକ ଉପସଭାପତି ଭାବେ ମଧୁସ୍ମିତା ମହନ୍ତ, ସଙ୍ଗୀତା ସିଂ, ଶୁଭଦର୍ଶନୀ ଦାସ, ସପନା ସ୍ୱାଇଁ, ପ୍ରତୀ ରାଣୀ ରାଉତ ସାଧାରଣ ସମ୍ପାଦକ ଭାବେ ଲୀନା ନାୟକ ଯୁଗ୍ମ ସମ୍ପାଦିକା ଭାବେ ରଜନୀ ନାୟକ, ମମତା ମହାପାତ୍ର, ରୀତା ଦେବୀ, ମାନିନୀ ଜେନା, ସସ୍ମିତା ସାମଲ କୋଷାଧକ୍ଷ ମମତା ଜେନା, ସଂଯୋଜିକା ଅର୍ଣ୍ଣପୂର୍ଣ୍ଣା ମାହାନ୍ତି, ସାଂସ୍କୃତିକ ସମ୍ପାଦକ ସଂଯୁକ୍ତା ପାତ୍ର, ଯୁଗ୍ମ ସାଂସ୍କୃତିକ ସମ୍ପାଦକ ରାଜଶ୍ରୀ ପ୍ରଧାନ ଲୋକସମ୍ପର୍କ ସଂଯୋଜିକା ନମୀତା ସାହୁ ରହିଛନ୍ତି। ଏମାନଙ୍କୁ ସହଯୋଗ କରିବା ପାଇଁ ୪ ଜଣିଆ କାର୍ଯ୍ୟକାରୀ ସଦସ୍ୟ ମଧ୍ୟରେ ହେମଲତା ପ୍ରସାଦ, ପ୍ରତିରାଣୀ ରାଉତ, ମାଳତୀ ନାୟକ ଓ ଅମିତା ମହାରଣା ପ୍ରମୁଖ ରହିଛନ୍ତି। ଏହି କମିଟି ଆଗାମୀ ଦିନରେ ଧୂମଧାମରେ ପୂଜା ପାଳନ ପାଇଁ ସମସ୍ତ ପ୍ରସ୍ତୁତି ଆରମ୍ଭ କରିଛି।

## ଲକ୍ଷ୍ମୀପୁର ଲ୍ୟାମ୍ପକୁ ଆସିଲା ସାର

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲାର ବିଭିନ୍ନ ବ୍ଲକରେ ସାରକୁ ନେଇ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଲକ୍ଷ୍ମୀପୁର ବ୍ଲକରେ କିନ୍ତୁ ସେଭଳି କିଛି ଦେଖିବାକୁ ମିଳିନି। ବ୍ଲକରେ ଥିବା ଦୁଇଟି ଲ୍ୟାମ୍ପ ମଧ୍ୟରୁ କାକିରିଗୁମା ଲ୍ୟାମ୍ପରେ ଉତେଜନା ସୃଷ୍ଟି ହୋଇଥିଲା। ହେଲେ ତହିଁ ଆରଦିନ ୯୫୦ ବସ୍ତା ସାର ଆସିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ହେଲେ ଆଜି ଲକ୍ଷ୍ମୀପୁର ପୁରୁଣା ବଜାର ପାଖେ ଥିବା ଲ୍ୟାମ୍ପ



କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ଗହଳି ଦେଖିବାକୁ ମିଳିଥିଲା। ବ୍ଲକରେ ଥିବା ଚାଷୀ ମାନେ ଲମ୍ବା ଧାଡିରେ ଛିଡା ହୋଇ ଆବଶ୍ୟକ କାଗଜ ପତ୍ର ଦେଖାଇବା ପରେ ସେମାନଙ୍କୁ ସାର ବଣ୍ଟନ କରାଯାଇଥିଲା। ଅପରାହ୍ନ ତିନିଟା ସୁଧା ୧୮୦ ଜଣ ଚାଷୀଙ୍କୁ ଗୋଟିଏ ଲେଖାଏଁ ବସ୍ତା ୟୁରିଆ ସାର ବଣ୍ଟନ କରାଯାଇଥିବା ଏମଡି ଗୋପାଳ କୃଷ୍ଣ ଆଚାର୍ଯ୍ୟ ସୂଚନା ଦେଇଥିବା ବେଳେ ସବୁ କିଛି ଶାନ୍ତିପୂର୍ଣ୍ଣ ଥିଲା।

## କାର୍ଯ୍ୟାଳୟରେ ତାଲା ଦେଖି ଜିଲ୍ଲା ପରିଷଦ ଖପ୍ପା

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍) : ପୂର୍ବାହ୍ନ ୧୧ଟା ହେବ। ତଥାପି ଖୋଲିନି ଜନ୍ମ ମୃତ୍ୟୁ ପଞ୍ଜିକରଣ ବିଭାଗ କାର୍ଯ୍ୟାଳୟ। ଦୀର୍ଘ ଦିନ ଧରି ଜନ୍ମ ମୃତ୍ୟୁ ନିମନ୍ତେ ପଞ୍ଜିକରଣ କରିଥିବା ଓ ପ୍ରମାଣ ପତ୍ର ପାଇବା ପାଇଁ ଅଞ୍ଚଳର ଲୋକେ କାର୍ଯ୍ୟାଳୟକୁ ଆସି ଆସି ଥକି ଗଲେଣି। ତଥାପି ମିଳୁନି ପ୍ରମାଣପତ୍ର କି ହୋଇପାରୁନି ଜନ୍ମ ମୃତ୍ୟୁର ରେଜିଷ୍ଟ୍ରେସନ। ମିଳିଥିବା ସୂଚନାରୁ ପ୍ରାପ୍ତ ମଙ୍ଗଳବାର ସକାଳ ୯ଟାରୁ ପ୍ରମାଣ ପତ୍ର ପାଇବା ନିମନ୍ତେ କାର୍ଯ୍ୟାଳୟକୁ ଆସି ଅପେକ୍ଷା କରିଥିଲେ ବହୁ ସଂଖ୍ୟକ ଲୋକ। ମୋହନା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚନ୍ଦ୍ରଗିରି ଜୋନର ଜିଲ୍ଲା ପରିଷଦ ସଭ୍ୟ ସୁନିଲ କୁମାର ବିଷୋୟୀ ଖବର କାଗଜରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ଓ ଜନ୍ମ ମୃତ୍ୟୁ ପଞ୍ଜିକରଣରେ ବ୍ୟାପକ ଲାଞ୍ଚ କାରବାର ହେଉଥିବା ଖବର ଜାଣି ହଠାତ ଦିନ ୧୧ଟାରେ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ହେଲେ କାର୍ଯ୍ୟାଳୟରେ ତାଲା ଝୁଲୁଥିଲା। ଲୋକଙ୍କଠାରୁ ଜାଣିବାକୁ ପାଇଲେ ସେମାନେ ଦୀର୍ଘ ଦିନ ହେଲା ପ୍ରମାଣପତ୍ର ପାଇବା ଓ ପଞ୍ଜିକରଣ କରିବା ପାଇଁ ଆବେଦନ କରିଥିଲେ ମଧ୍ୟ ଅଧିକାରୀ ନୀରବ ଦ୍ରଷ୍ଟା। ଦୀର୍ଘ ସମୟ ଧରି ସେମାନେ ଅପେକ୍ଷା କରି ରହିଥିବା ଶୁଣି ଏବଂ କାର୍ଯ୍ୟାଳୟ ତାଲା ପଡ଼ିଥିବା ଦେଖି କ୍ଷୁବ୍ଧ ହୋଇଥିଲେ। ଶ୍ରୀ ବିଷୋୟୀ ଏ ସଂପର୍କରେ ଜାଣିବା ପାଇଁ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ଼. ଜୟ ପଣ୍ଡାଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ କି ନିଜ କାର୍ଯ୍ୟାଳୟରେ ଉପସ୍ଥିତ ନଥିଲେ। ଏଣୁ ସେ ବାଧ୍ୟ ହୋଇ ସିଡ଼ିଏମଓ ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉଭୟେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ।ଏହାକୁ ନେଇ ଆମ ପ୍ରତିନିଧି ଡ଼. ପଣ୍ଡାଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଉତ୍ତର ଦେଇନଥିଲେ।

## ୬୦ନଂ ରାଜପଥରେ ଗୋ-ଚାଲାଣବେଳେ ୮ ଗୋରୁ ଉଦ୍ଧାର



ଜଳେଶ୍ୱର (ଭାସ୍କର ନ୍ୟୁଜ୍): ଜଳେଶ୍ୱର ହୋଟେଲ ସାଇରାମ ସାମ୍ନା ୬୦ ଜାତୀୟ ରାଜପଥରେ ଗୋ-ଚାଲାଣ ସମୟରେ ୮ଟି ଗୋରୁ ଉଦ୍ଧାର କରାଯାଇଛି। ୪ଜଣ ଗୋ-ମାଫିଆ ଅଟକ। ସ୍ଥାନୀୟ ନୂଆବଜାର ନାରସୀମ୍ହା କ୍ଲବର ଯୁବକମାନେ ଗୋ-ମାଫିଆ ଏବଂ ଗୋରୁ ଗାଡ଼ିକୁ ଅଟକ ରଖିଥିଲେ। ଖବର ପାଇ ବଜରଙ୍ଗ ଦଳର ସଂଯୋଜକ ସାଗର ଦାସ, ସହ ସଂଯୋଜକ ସଂଗ୍ରାମ ଜେନା, ବିପ୍ଳବ ପ୍ରଧାନ, ଗଜେନ୍ଦ୍ର ଖମାରୀ, ଯୁବନେତା ରାଜେଶ ଖଟୁଆ, ଜୟକୃଷ୍ଣ ପ୍ରମାଣିକ ପ୍ରମୁଖ ପହଞ୍ଚି ପୋଲିସକୁ ଡକେଇ ଗୋରୁ ଗୁଡ଼ିକୁ ଉଦ୍ଧାର କରି ଶାନ୍ତିଆ ପଡ଼ିଆକୁ ଆଣି ସେମାନଙ୍କୁ ଖାଦ୍ୟ ଦେଇ ବାଲେଶ୍ୱର ବାମପଦା ସ୍ଥିତ ଗୋ-ଶାଳାକୁ ପଠାଇବାର ବ୍ୟବସ୍ଥା କରିଥିଲେ।

## ଉତ୍କଳ ଲୋକ କଳା ଓ ଲୋକ ସଂସ୍କୃତି ମହାସଂଘର କଳାକାର ସମାବେଶ



ବାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲା ନିଳାକାମ୍ବରୁ ପଞ୍ଚାୟତ ଅନ୍ତର୍ଗତ ନିଳାକମ୍ବରୁ ଗ୍ରାମ ପରିସରରେ ଆଜି ସୋମବାର ଦିନ ଦଶ ଘଣ୍ଟିକା ସମୟରେ 'ବନ୍ଦେ ଉତ୍କଳ ଲୋକ କଳା ଓ ଲୋକ ସଂସ୍କୃତି ମହାସଂଘ' ଓଡ଼ିଶା, ଶାଖା – ମାଲକାନଗିରି ଜିଲ୍ଲା ତରଫରୁ, ସ୍ଥାନୀୟ ଲୋକ କଳାକାର ମାନଙ୍କୁ ନେଇ ଏକ କଳାକାର ସମାବେଶ ହୋଇଯାଇଅଛି। ଉକ୍ତ ସମାବେଶରେ ସ୍ଥାନୀୟ ଜନ ପ୍ରତିନିଧି ଓ ଲୋକ କଳା ଓ ଲୋକ ସଂସ୍କୃତି ମହାସଂଘ ପକ୍ଷରୁ ଆନ୍ତଃଜିଲ୍ଲା ଏବଂ ରାଜ୍ୟ ପଦାଧିକାରୀ ବୃନ୍ଦଯୋଗ ଦେଇଥିଲେ। ଜିଲ୍ଲା ରେ ବସବାସ କରୁଥିବା ବହୁ ଲୋକ ସଂସ୍କୃତି କଳାକାର ମାନେ ଯୋଗ ଦେଇ ନିଜ ନିଜର କଳା ପ୍ରଦର୍ଶନ କରିଥିଲେ। ଉପସ୍ଥିତ ଥିବା ଦକ୍ଷ କଳାକାର ମାନଙ୍କୁ ମାନ ପତ୍ର ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଅତିଥି ମାନଙ୍କ ମଧ୍ୟରେ ଭଗବାନ ହନ୍ତାଳ ଘେନୁ ମୁଦୁଲି, କୃଷ୍ଣ ବାଘ , ବିଶ୍ୱଜିତ ବିଶ୍ୱାସ ଗୌତମ ମଣ୍ଡମୁରୁ ହନ୍ତାଳ ନିର୍ମଳା ଏକ୍କା ସୁଶ୍ରୀ ସୋନାଲି ପଡିଆମି ସୁଶ୍ରୀ ଗୀତା ହୀରା ଅମଳ ମଣ୍ଡଳ, କେଶବ ଶବର, ବିଦେଶି ଗଡଡ଼ ପ୍ରକାଶ ଚନ୍ଦ୍ର କୁଣ୍ଡ ପ୍ରମୁଖ ଯୋଗଦେଇଥିଲେ।

## ଜିଲ୍ଲା ସରପଞ୍ଚ ସଂଘର ତୃତୀୟ ବାର୍ଷିକ ସମ୍ମିଳନୀ



ଆସିକା, (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ ସିଂହାସନୀ ମନ୍ଦିରର ସଭାଗୃହ ଠାରେ ଜିଲ୍ଲା ସରପଞ୍ଚ ମହାସଂଘର ତୃତିୟ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ରେ ଗଞ୍ଜାମ ଜିଲ୍ଲାର ସମସ୍ତ ଗ୍ରାମ ପଞ୍ଚାୟତ ସରପଞ୍ଚ ମାନେ ଯୋଗ ଦେଇଥିବା ବେଳେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସମେତ ଆସିକା ଅନିତା ଶୁଭଦର୍ଶନୀ ଓ ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ ଯୋଗ ଦେଇଥିଲେ। ଏଥିସହ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ମଧ୍ୟ ଯୋଗ ଦେଇଥିଲେ। ସରପଞ୍ଚ ମହାସଂଘ ୧୩ ଦଫା ଦାବି ଉପସ୍ଥାପନ କରାଯାଇଥିଲା।ଏପରିକି ଜିଲ୍ଲା ଓ ରାଜ୍ୟ ମୁଖ୍ୟାଳୟର ସରପଞ୍ଚ ମହାସଂଘର କୋଠା ନିର୍ମାଣ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ ହୋଇଥିଲା। ସମସ୍ତ ଅତିଥି ଉକ୍ତ ଦାବିର ଅଧିକାର ରହିଛି ବୋଲି କହିଛନ୍ତି ତାହା ସହ ମୁଖ୍ୟମନ୍ତ୍ରୀ ଦୃଷ୍ଟି ଆକର୍ଷଣ କରିବୁ ବୋଲି କହିଛନ୍ତି।

## ସ୍ୱର୍ଗତ କଟେଶ୍ୱର ରାଓଙ୍କ ସ୍ମୃତିରେ ରକ୍ତଦାନ ଶିବିର



ହିଞ୍ଜିଳି, (ଭାସ୍କର ନ୍ୟୁଜ୍) : ସମାଜ ପାଇଁ ସେବା ଓ ମାନବିକତାର ସ୍ୱଷ୍ଟ ଉଦାହରଣ ସୃଷ୍ଟି କରି ବ୍ରହ୍ମପୁର ହିଲପାଟଣା ସ୍ଥିତ ସିଦ୍ଧିବିନାୟକ ମନ୍ଦିର ପ୍ରାଙ୍ଗଣରେ ରବିବାର ଦିନ ରୁବେନ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଏକ ବୃହତ୍ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ସମାଜ ସେବାରେ ଏହି ଉଦ୍ୟମ ବିଶେଷ ଗୁରୁତ୍ୱ ଅର୍ଜନ କରିଛି। ଟ୍ରଷ୍ଟ ସ୍ୱର୍ଗତ କଟେଶ୍ୱର ରାଓ (ରୁବେନ)ଙ୍କ ସ୍ମୃତିରେ ଏହି କାର୍ଯ୍ୟକ୍ରମ କରିବାକୁ ଉଦ୍ୟମ କରିଛି ଓ ମାନବୀୟ ସହଯୋଗର ଉଦାହରଣ ସୃଷ୍ଟି କରିଛି। ଶିବିରର ଉଦ୍ଘାଟନ ବ୍ରହ୍ମପୁର ବିଧାୟକ ଶ୍ରୀ କେ.ଅନିଲ କୁମାରଙ୍କ ଦ୍ୱାରା କରାଯାଇଥିଲା। ସେ ନିଜ ଉଦ୍‌ବୋଧନରେ ରକ୍ତଦାନକୁ ଜୀବନର ମୂଲ୍ୟବାନ ଉପହାର ଭାବେ ବର୍ଣ୍ଣନା କରିଥିଲେ ।ସାମ୍ମାନିତ ଅତିଥିମାନଙ୍କ ମଧ୍ୟରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ପୂର୍ବତନ ବିଧାୟକ ଡ଼. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଅର୍ବାନ୍ ବ୍ୟାଙ୍କ ସଭାପତି ଆର.ମୁରଲୀ ମୋହନ, ପୂର୍ବତନ ବିଡିଏ ଚେୟାରମେନ ସୁବାଷ ମହାରଣା, ଇଂ.କେ.ଜଗଦୀଶ ରାଓ (ଧିରେନ୍), ବରିଷ୍ଠ ବିଜେପି ନେତା କାମନା ପାଢ଼ି, ଡେପୁଟି ମେୟର ବିବେକ ରେଡ୍ଡୀ, ସମାଜସେବୀ ସୁଶାନ୍ତ ସାବତ, କର୍ପୋରେଟର ଡି. କରୁଣାକାର, ରଣ୍ଡା ସରପଞ୍ଚ ଅଜିତ ରାଉଳ, ଯୁବନେତା ଶିବା ସେଠି, ବାପି ପଣ୍ଡା, ପିଣ୍ଟୁ ଜେନା ଓ ପ୍ରିନ୍ସ ଡାନ୍ସ ଗ୍ରୁପର ନିର୍ଦ୍ଦେଶକ କୃଷ୍ଣା ମୋହନ ରେଡ୍ଡୀ ଉପସ୍ଥିତ ଥିଲେ। ସମସ୍ତ ଅତିଥି ସ୍ୱର୍ଗତ ରୁବେନଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଜଣାଇ ମାନବ ସେବାରେ ଏହି ଉଦ୍ୟମକୁ ସମର୍ଥନ କରିଥିଲେ। ଶିବିରରେ ମୋଟ ୧୨୯ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଏମକେସିଜି ହସ୍ପିଟାଲ ରକ୍ତଭଣ୍ଡାରର ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ରହି ଶୃଙ୍ଖଳିତ ଭାବରେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ଓ ଉତ୍ସାହବର୍ଦ୍ଧକ ସ୍ମାରକ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଶକ୍ତିଧର୍ ରାଜଗୁରୁ, ସୁଦିପ କୁମାର ସାହୁ, ସୁଦାମ ନାଇଡୁ, ଆଇନଜୀବୀ ଲଲିତ୍ ମଙ୍ଗରାଜ, ସୁଶାନ୍ତ ସାବତ, କେ.କ୍ରୀଷ୍ଣା ରାଓ (ଅରୁଣ), ସିନେମା ନିର୍ଦ୍ଦେଶକ ଶିବସତ୍ୟମ, ଯୁବ ବିଜେପି ନେତା ଚନ୍ଦ୍ରଶେଖର ଗୌଡ଼, ସୁଶାନ୍ତ ଗୌଡ଼ ପ୍ରମୁଖ ମଧ୍ୟ ସାମିଲ ହୋଇ ସମାଜସେବାର ଏହି ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ଟ୍ରଷ୍ଟର ସଭାପତି ସାଗର ପାଢ଼ି, ଉପସଭାପତି ପ୍ରମିତ ରଞ୍ଜନ ମହାପାତ୍ର ଓ ସମ୍ପାଦକ କେ.ଲକ୍ଷ୍ମନ୍ ରାଓ (ରାଜେନ)ଙ୍କ ସହ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଟ୍ରଷ୍ଟ ପକ୍ଷରୁ ଏହି ଶିବିର କେବଳ ରକ୍ତଦାନର ଉଦ୍ୟମ ନୁହେଁ, ବରଂ ସାମାଜିକ ଦାୟିତ୍ୱବୋଧର ଏକ ଶକ୍ତିଶାଳୀ ପ୍ରୟାସ ବୋଲି ମତ ଦିଆଯାଇଛି।

## ପ୍ରାଥମିକ ଶିକ୍ଷକ ସଂଘର ସାଙ୍ଗଠନିକ ବୈଠକ ଓ ନିୟମିତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ବାଉଁଶୁଣୀ ସ୍ଥିତ ତୁଳସୀ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲା ଏନପିଏସ୍ ଶିକ୍ଷକ ସଂଘର ସାଙ୍ଗଠନିକ ସାଧାରଣ ବୈଠକ ଜିଲ୍ଲା ସଭାପତି ଶିଶିର ଖଟୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ରାଜ୍ୟ ସଂଘ ଉପସଭାପତି ଶମ୍ଭୁ ଗିରି, ଜିଲ୍ଲା ସମ୍ପାଦକ ମହେଶ କୁମାର ସେଠୀ, ବୌଦ୍ଧ ବ୍ଲକ ସଭାପତି ରାଜକୁମାର ପ୍ରଧାନ, ସମ୍ପାଦକ ଉତ୍ତମ ନାଏକ, ହରଭଙ୍ଗା ବ୍ଲକ ସଭାପତି ରଜତ ନାଏକ, ସମ୍ପାଦକ ବାମଦେବ ଦାଶ, କଣ୍ଟାମାଳ ବ୍ଲକ ସମ୍ପାଦିକା ପ୍ରଜିଣା ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ଦୀର୍ଘ ଦିନରୁ ଦାବୀ ହୋଇ ଆସୁଥିବା ଶିକ୍ଷକ ମାନଙ୍କ ମୌଳିକ ସମସ୍ୟା ଉପରେ ଆଲୋଚନା କରାଯାଇଥିବା ସହିତ ୨୨୦୦ଗ୍ରେଡ଼ ପେ ବଦଳରେ ୪୨୦୦ଗ୍ରେଡ଼ ପେ ପ୍ରଦାନ ୬ ବର୍ଷର କଣ୍ଟ୍ରାକ୍ଟଚୁଆଲ ସମୟକୁ ୬ଟି ନୋସନାଲ ଇନ୍‌କ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରିବା ଦାବି ସରକାରଙ୍କୁ ଅବଗତ କରାଯାଇଛି। ଏହା ଯଦି ସରକାର ନ ଶୁଣନ୍ତି ତେବେ ଆସନ୍ତା ଦିନରେ ହେବାକୁ ଥିବା ରାଜ୍ୟ ସଂଘ ଆନ୍ଦୋଳନରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସାମିଲ ହେବେ। ସିଟି, ବିଇଡି ତାଲିମ ପାଇ ଶିକ୍ଷକ ଶିକ୍ଷୟିତ୍ରୀ ସରକାରଙ୍କ ଶିକ୍ଷା ବିଭାଗ ଦାୟିତ୍ୱ ସହିତ ବିଭିନ୍ନ ଗୁରୁତ୍ୱ ପୂର୍ଣ୍ଣ ଦାୟିତ୍ୱ ତୁଲାଇ ଆସୁଛନ୍ତି। ଅନ୍ୟ କୌଣସି ବିଭାଗକୁ ଯଦି ବିଭାଗୀୟ ପରୀକ୍ଷା ନାହିଁ ତେବେ ୨୦ –୨୨ବର୍ଷ ଧରି କାର୍ଯ୍ୟ କରି ଆସୁଥିବା ଶିକ୍ଷକଙ୍କ ପାଇଁ ଲାଗୁ କରାଯାଇଥିବା ଓଟିଇଟି କାହିଁ ପାଇଁ, ଏହାର ପୁନର୍ବିଚାର କରାଯାଉ ବୋଲି ଶିକ୍ଷକ ମାନେ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ପର୍ଯ୍ୟାରେ ନୂତନ ଭାବରେ ନିୟମିତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ଓ ନୂତନ ଭାବରେ ନିଯୁକ୍ତି ପାଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ମାନୀତ କରାଯାଇଥିଲା। ଶିକ୍ଷକ ଶ୍ରୀନିବାସ ମେହେର ଓ ବିଜୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ଚକ୍ରଧର ମେହେର ଧନ୍ୟବାଦ ଦେଇଥିଲେ। ଜିଲ୍ଲା ସଂଘର ଉପସଭାପତି ବସନ୍ତ କୁମାର ବିଶ୍ୱାଳ, ସୁଦାମ ଚରଣ ମିଶ୍ର, ଶିକ୍ଷକ ପରମେଶ୍ୱର ମେହେର, ଅଶୋକ କୁମାର ଘିବେଲା, ସତ୍ୟ ରଣା, ସୁଶାନ୍ତ ପଣ୍ଡା, ନିରଞ୍ଜନ ମେହେର, ଯୁଧିଷ୍ଠିର କହଁର, ପ୍ରସନ୍ନ ଭୋକ୍ତା, ସୁଶୀଲ କୁମାର ପାଣିଗ୍ରାହୀ, ହୃଦାନନ୍ଦ ଦନ୍ତା, ଶମ୍ଭୁ ମେହେର, ସୁଦର୍ଶନ ଘାଣ୍ଟୁଆଲ, ପୂର୍ଣ୍ଣ ଚନ୍ଦ୍ର ମେହେର, ପ୍ରଫୁଲ୍ଲ ପତି, ବୁଲୁ କିଶୋର ପୁରୋହିତ, ଘନଶ୍ୟାମ ବେହେରା, ନାରାୟଣ ସାହୁ, ପ୍ରତାପ କୁମାର ବେହେରା ପ୍ରମୁଖ ଙ୍କ ସହିତ ବହୁତ ସଂଖ୍ୟାରେ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ।



ବେଲପାହାଡ ( ଭାସ୍କର ନ୍ୟୁଜ୍ ): ଝାରସୁଗୁଡା ବନଖଣ୍ଡ ବେଲପାହାଡ଼ ବନାଞ୍ଚଳ ଅନ୍ତର୍ଗତ ବେଲପାହାଡ ଇଂଲିଶ ମିଡ଼ିୟମ ବିଦ୍ୟାଳୟରେ ସୋମବାର ଦିନ ୭୧ତମ ବନ୍ୟଜୀବ ସପ୍ତାହ ଅବସରରେ ଏକ ବନାଞ୍ଚଳସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବେଲପାହାଡ଼ ବନାଞ୍ଚଳ ଓ ବେଲପାହାଡ ଇଂଲିଶ ମିଡିୟମ ବିଦ୍ୟାଳୟର ମିଳିତ ସହଯୋଗରେ ଆୟୋଜିତ ହୋଇଛି। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଦୁଇଟି ବର୍ଗ ଯଥା ଜୁନିଅର ଓ ସିନିୟର ବର୍ଗରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ ଥିଲା। ବିଭିନ୍ନ ବିଦ୍ୟାଳୟ ରୁ ୩୦ ଜଣ ଛାତ୍ର ଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ। ଏହା ସହିତ ଛାତ୍ରଛାତ୍ରୀ ମାନଙ୍କର ବୌଦ୍ଧିକ ବିକାଶ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବନ୍ୟଜୀବଙ୍କ ସୁରକ୍ଷା ନେଇ ସଚେତନତା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମ ବେଲପାହାଡ଼ ବନାଞ୍ଚଳର ରେଞ୍ଜ ଅଫିସର ପ୍ରଦୀପ୍ତ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର, ଉପ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାପାତ୍ର, ଉପାଧ୍ୟକ୍ଷ ବିଜୟ କୁମାର ଗୌଡ଼, ଇକୋ କ୍ଲବ ଇନଚାର୍ଜ ଶିକ୍ଷକ ହମିଦ କୁମାର ମହାପାତ୍ର, ଅଶୋକ ରାଉତରାୟ ଉପସ୍ଥିତ ରହି ସକ୍ରିୟ ଭାଗ ନେଇଥିଲେ। ପ୍ରତିଯୋଗିତାର ଉଭୟ ବର୍ଗରେ କୃତୀ ୬ଜଣ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ପୁରସ୍କୃତ କରାହେବ। ବେଲ ପାହାଡ଼ ବନାଞ୍ଚଳର ଫରେଷ୍ଟର ସୁନିଲ କୁମାର ଭୋଇ, ଫରେଷ୍ଟ ଗାର୍ଡ ଭାଗିରଥ ପ୍ରଧାନ, ବିପିନ ସା, ଶିବଶଙ୍କର ମୁଣ୍ଡା, ଏଫଏମ ୟୁ ସଂଯୋଜକ ସୁଜିତ ବସ୍ତିଆ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସରକାରୀ ଜମି ଜବରଦଖଲ କରି ନିର୍ମାଣ ହେଉଛି ଅଟ୍ଟାଳିକା

## ରାଜସ୍ୱ ବିଭାଗ ଚୁପ୍, ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

ନିଆଳି (ଭାସ୍କର ନ୍ୟୁଜ୍) : ନିଆଳି ତହସିଲ ଅଧିନସ୍ତ ଦେବୀ କନ୍ଦଳ ଦୀପାଞ୍ଚଳ ଏରଞ୍ଚ ରାଜସ୍ୱ ନୀରିକ୍ଷକ ଅଧୀନରେ ଏରଞ୍ଚ କଲେଜ ଗେଟ୍ ପାଖରେ ଥିବା ସରକାରୀ ଜାଗାକୁ ସ୍ଥାନୀୟ ଅଞ୍ଚଳର ଜଣେ ପ୍ରଭାବଶାଳୀ ବ୍ୟକ୍ତି ଭଡା ଉଦ୍ଦେଶ୍ୟରେ ବିରାଟ ଅଟ୍ଟାଳିକା ନିର୍ମାଣ କରୁଛନ୍ତି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳ ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ରାଜସ୍ୱ ବିଭାଗ ଏହାକୁ ଦେଖି ଚୁପ୍ ରହିଛି। ଯାହାକୁ ନେଇ ନିଆଳି ତହସିଲଦାର ଓ ଏରଞ୍ଚ ରାଜସ୍ୱ ଅଧିକାରୀଙ୍କ ଭୂମିକା ସନ୍ଦେହଘେରକୁ ଆସିଛି। ସ୍ଥାନୀୟ ଲୋକମାନେ ରାଜସ୍ୱ କାର୍ଯ୍ୟାଳୟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ



ମିଳୁନାହିଁ। ଏମିତିକି ଏହି ପ୍ରଭାବଶାଳୀ ବ୍ୟକ୍ତି ଅଭିଯୋଗକାରୀଙ୍କୁ ବିଭିନ୍ନ ସମୟରେ ଧମକ ଦେଉଥିବା ମଧ୍ୟ ଅଭିଯୋଗ ହେଉଛି। ଯେଉଁ ଜାଗାରେ ନିର୍ମାଣ ହେଉଛି ଅଟ୍ଟାଳିକା ଏଠାରେ ମାତ୍ର ୧୦୦ ମିଟର ଦୂରରେ ରାଜସ୍ୱ ବିଭାଗ କାର୍ଯ୍ୟାଳୟ। ଯଦି ନିଆଳି ତହସିଲଦାର ସମ୍ପୃକ୍ତ ବ୍ୟକ୍ତି ଉପରେ କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି କଟକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବେ ବୋଲି ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ଏ ନେଇ ରାଜସ୍ୱ ନିରୀକ୍ଷକ ଅଧିକାରୀଙ୍କୁ ପଚରାଯିବାରୁ "ମୁଁ ତାଙ୍କୁ କାମ ବନ୍ଦ କରିବାକୁ କହିଥିଲି ସେ ମାନୁ ନାହାନ୍ତି। ମୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବି" ବୋଲି କହିଛନ୍ତି।

# ଅଙ୍ଗନୱାଡି କର୍ମୀ ଦମୟନ୍ତୀଙ୍କ ପରଲୋକ

କାକଟପୁର (ଭାସ୍କର ନ୍ୟୁଜ୍) : କାକଟପୁର ବ୍ଲକ ଅନ୍ତର୍ଗତ ପାଟସୁନ୍ଦର ଗ୍ରାମ ପଞ୍ଚାୟତର ପଥରପକା ଗ୍ରାମର ହୃଦାନନ୍ଦ ସ୍ୱାଇଁଙ୍କ ପତ୍ନୀ ଦମୟନ୍ତୀ ସ୍ୱାଇଁ (୪୯) ଙ୍କର ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ପଥରପକା ଅଙ୍ଗନବାଡି କେନ୍ଦ୍ରରେ କାର୍ଯ୍ୟ କରୁଥିଲେ। ସେ କିଛିଦିନ ହେବ କର୍କଟ ରୋଗରେ ପୀଡିତ ଥିଲେ। ବମ୍ବେର ଟାଟା ମେମରିଆଲ ହସ୍ପିଟାଲରେ ଚିକିତ୍ସିତ ହୋଇ ଘରେ ରହୁଥିଲେ। ତାଙ୍କ ଅକାଳ ବିୟୋଗରେ ଗ୍ରାମରେ ଓ ଅଙ୍ଗନବାଡି କେନ୍ଦ୍ରରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଦାହ କରାଯାଇଥିଲା। ପୁତ୍ର ସୌଭାଗ୍ୟ ମୁଖାଗ୍ନି ଦେଇଥିଲେ।

# ମା' ରାମଚଣ୍ଡୀଙ୍କ ନାରାୟଣୀ ବେଶ

ଛତ୍ରପୁର (ଭାସ୍କର ନ୍ୟୁଜ୍) : କରପଡା ପଞ୍ଚାୟତର ନିଳାଦ୍ରୀପୁର ପାହାଡ ଶିଖରେ ଅବସ୍ଥିତ ମା' ରାମଚଣ୍ଡୀଙ୍କ ପୀଠରେ ମୂଳାଷ୍ଟମୀ ତିଥିରେ ସମ୍ପୂର୍ଣ୍ଣ ଚଣ୍ଡୀ ପୂରାଣ ରୀତିନୀତି ଅନୁସାରେ ପାଠ ସହ ମା'ଙ୍କ ଷୋଡଶ ଦିନାତ୍ମକ ପୂଜା ଆରମ୍ଭ ହୋଇଯାଇଛି। ଅଷ୍ଟମୀ ତିଥିରେ ମା' ଦୁର୍ଗା ବେଶ ଓ ଆଜି ନବମୀରେ ମା' ନାରାୟଣୀ ବେଶରେ ଦର୍ଶନ ଦେଇଥିଲେ। ଏହି ପୂଜାରେ ବିପୁଳିଙ୍ଗି ଗ୍ରାମର ଦିବାକର ଦାସ ମୁଖ୍ୟ କର୍ତ୍ତା ଓ ବ୍ରହ୍ମପୁରର ଦିବାକର ପଣ୍ଡା ଉପକର୍ତ୍ତା ଭାବେ ପୂଜାରେ ଯୋଗଦେଇଥିଲେ। ଏହି ଅବସରରେ କରପଡା ପଞ୍ଚାୟତର ଶତାଧିକ ମହିଳାମାନେ ପବିତ୍ର ଋଷିକୂଲ୍ୟା ନଦୀରୁ ଜଳଯାତ୍ରା କରି ଜଳ ଆଣିଥିଲେ, ସ୍ଥପତି ପଣ୍ଡିତ ବିଜୟ କୁମାର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ବ୍ରହ୍ମପୁରର ବେଦଧ୍ୟାୟୀ ହରମୋହନ ପଣ୍ଡା, ପଣ୍ଡିତ ନୀଳମଣି ମହାପାତ୍ର, ପଣ୍ଡିତ ଚନ୍ଦ୍ରଭାନୁ କର ଓ ପଣ୍ଡିତ ରାହୁଲ ଦାଶଙ୍କ ଉପସ୍ଥିତିରେ ବେଦପାଠ କରାଯାଇ ପୂଜା ସମ୍ପନ୍ନ କରାଯାଇଥିଲା। ସନ୍ଧ୍ୟାରେ ମା'ଙ୍କ ମହାସ୍ନାନ ଅନୁଷ୍ଠିତ ହୋଇଥିଲା, ପରେ ମହା ଆରତୀ ଓ ସନ୍ଧ୍ୟାରେ କୁଙ୍କୁମାର୍ଚ୍ଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ମହିଳା ଭାଗ ନେଇଥିଲେ। ପ୍ରତ୍ୟେକ ଦିନ ଏହିପରି କୁଙ୍କୁମାର୍ଚ୍ଚନ ଅନୁଷ୍ଠିତ ହେବା ପାଇଁ ସ୍ଥିର କରଯାଇଛି । ଠିକ୍ ସେହିପରି ପୂଜା ସୋପାନ ଅନୁସାରେ ଚଣ୍ଡୀପାଠ, ଚଣ୍ଡୀ ହବନ ଇତ୍ୟାଦି କରାଯାଇଥିଲା। ପ୍ରଥମ ଦିନରେ ରାମାଧୀନ ସଂସ୍କୃତ ମହାବିଦ୍ୟାଳୟର



ଅଧ୍ୟକ୍ଷ ମହନ୍ତ ହରିହର ଦାସ, ବ୍ରହ୍ମପୁର ସହରର ଯୁବ ସମାଜସେବୀ ଏ ସନ୍ତୋଷ ପାତ୍ର ଏବଂ ଅନ୍ୟ ଅତିଥି ମାନେ ଯୋଗ ଦେଇଥିଲେ। ଟ୍ରଷ୍ଟି ମଞ୍ଜୁଳା ପଣ୍ଡା, ଲକ୍ଷ୍ମୀନୃସିଂହ ପଣ୍ଡା, ପୂଜା କମିଟି ସଭାପତି ସିଏଚ୍ ଦୟାନନ୍ଦ ରେଡ୍ଡୀ, ଉପସଭାପତି ଦିବାକର ନାୟକ, ଉପଦେଷ୍ଟା କୃଷ୍ଣଚନ୍ଦ୍ର ନାୟକ (ମହାରାଜ), ସଂଯୋଜକ କମଳ ପଣ୍ଡା, ଜ୍ୟୋତିର୍ବିଦ୍ ଦୀପକ ଦାସଙ୍କ ସମେତ ପୂଜା କମିଟି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ମରଣଯନ୍ତା ପାଲଟିଛି ବିଶୋକ-ପଲେଇ ରାସ୍ତା

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ପଲେଇ ଠାରୁ ବିଶୋକ ପର୍ଯ୍ୟନ୍ତ ଯାଇଥିବା ୧୧ନଂ କେନାଲ ବନ୍ଧ ରାସ୍ତାଟି ଏବେ ମରଣଯନ୍ତା ପାଲଟିଛି। ୩.୪ କିଲୋମିଟର ଲମ୍ବ ବିଶିଷ୍ଟ ଏହି ରାସ୍ତାଟି ଗତ ୨୦୨୦ ମସିହା ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ରାସ୍ତାର ଉନ୍ନତିକରଣ ଓ ସୁଦୃଢ଼ୀକରଣ କାର୍ଯ୍ୟ କରାଯାଇଥିଲା। ଏହି ରାସ୍ତାକୁ ୩.୨ କିଲୋମିଟର ପିଚୁ ଓ ୨୦୦ ମିଟର ପକ୍କା କରାଯାଇଛି। ଏଥିସହିତ ଏହି ରାସ୍ତାରେ ମୋଟ ୭ ଗୋଟି ପୋଲ ମଧ୍ୟ ରହିଛି। ଠିକାଦାର ଜଣକୁ ୨୧.୦୩.୨୦୨୦ ମସିହା ଠାରେ ୩୦.୦୪.୦୨୫ ମସିହା ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ନିମନ୍ତେ ଠିକାଦରଙ୍କୁ ଅର୍ଥ ମଧ୍ୟ ପ୍ରଦାନ କରାଯାଇଛି। ରକ୍ଷଣାବେକ୍ଷଣ କାର୍ଯ୍ୟରେ ବର୍ଷକୁ ଥରେ ରାସ୍ତା ଉପରକୁ ମାଡ଼ିଯାଇଥିବା ଘାସ ଓ ଅନାବନା ଗଛ କାଟିବା, ପାଣିଧାର କାଟିବା। ଦରକାର ଅନୁସାରେ ପିଚୁରାସ୍ତାର ଉଭୟ ପଟର ମାଟି ସେକ୍ଟର ମରାମତି କରିବା, ରାସ୍ତା ଉପର ଗର୍ତ୍ତ ଓ ଫାଟ ମରାମତି କରିବା। ବର୍ଷକୁ ଦୁଇଥର ରାସ୍ତା ପାର୍ଶ୍ୱରେ ନିର୍ମିତ ନାଳର ମରାମତି ଓ ଶଙ୍ଖ ପୋଲର ମରାମତି କରିବା। ଦରକାର ଅନୁସାରେ ରାସ୍ତାରେ ଲଗାଯାଇଥିବା କିଲୋମିଟର ଖୁଣ୍ଟି ଓ ସାଇନ ବୋର୍ଡ଼ର ମରାମତି କରିବା ଏବଂ ବର୍ଷକୁ ଥରେ ଶଙ୍ଖପୋଲରେ ଧଳାରଙ୍ଗ ମାରିବା ଇତ୍ୟାଦି କାର୍ଯ୍ୟ କରିବା। ହେଲେ ଠିକାଦାର ଜଣକ ଏସବୁ କାର୍ଯ୍ୟ ସଠିକ୍ ଭାବରେ କରିନଥିବାରୁ ଏବେ ରାସ୍ତାସାରା ଖାଲଖମା ସୃଷ୍ଟି ହୋଇ ରାସ୍ତାଟି ମରଣଯନ୍ତା ପାଲଟିଲାଣି। ଏପରିକି ପିଚୁ ରାସ୍ତାରେ ଶହଶହ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇ ଗାଡ଼ି ଚଳାଚଳରେ ବାଧକ ସୃଷ୍ଟି ହୋଇଛି। ଏପରିକି ରାସ୍ତାରେ ଗଲାବେଳେ ଯଦି କୌଣସି ବାଇକ୍ ଆରୋହୀ କିମ୍ବା ପଥଚାରୀ ସାମାନ୍ୟ ଅସାବଧାନ ହେବ ତା'ହେଲେ ଦୁର୍ଘଟଣ ଘଟିବା ଥୟ। ଏପରିକି ଦୈନିକ ଏହି ରାସ୍ତାରେ ଛୋଟବଡ଼ ଦୁର୍ଘଟଣା ମାନ ଘଟି ଚାଲିଛି। ଏହି ରାସ୍ତା ଉପରେ ପଲେଇ, ଖମୋଳ ଓ କାଉପଡ଼ା ପଞ୍ଚାୟତର ହଜାର ହଜାର ଜନସାଧାରଣ ଦୈନିକ ଚଳପ୍ରଚଳ ପାଇଁ ବ୍ୟବହାର କରିଥାନ୍ତି। ତୁରନ୍ତ ଏହି ରାସ୍ତାଟିକୁ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



# 'ବୀର ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା'ରେ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା

ଆସିକା (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ କାଳକ୍ଷଣ୍ଡପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ଠାରେ ଆଜି ବୀର ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା ଚକ୍ଷୁ ପରୀକ୍ଷଣ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ସମଗ୍ର ଶିକ୍ଷା ଗଞ୍ଜାମର ମିଳିତ ଉଦ୍ୟମରେ ଆସିକା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତତ୍ତ୍ୱାବଧାନରେ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆସିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁନରାଣୀ ମହାନ୍ତି ଓ ସରପଞ୍ଚ ଜୟନ୍ତି ବେହେରା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ କାଳକ୍ଷଣ୍ଡପୁର ଓ ନଳବଣ୍ଟା କ୍ଲଷ୍ଟରର ପ୍ରାୟ ୧୪୭ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷଣ ହୋଇଥିଲା। ଚକ୍ଷୁ ବିଶେଷଜ୍ଞ ଭାବେ ସିଲା ସୀତାରାମ ଓ ସହାୟକ ଚକ୍ଷୁ ବିଶେଷଜ୍ଞ ଭାବେ ରମେଶ ଚନ୍ଦ୍ର ଦଳାଇ, ଦିପ୍ତିମୟୀ ଦଳାଇ ପ୍ରମୁଖ ଉପସ୍ଥିତ ରହି ଚକ୍ଷୁ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏ.ବି.ଇ.ଓ ବିଭୂ ନନ୍ଦନ ପଣ୍ଡା, ସି.ଆର.ସି.ସି ଶିଳା ଦୋର ଓ ସରୋଜ କୁମାର ପ୍ରଧାନ, କାଳକ୍ଷଣ୍ଡପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ଗିତାଞ୍ଜଳୀ ମହାପାତ୍ର, କାଳକ୍ଷଣ୍ଡପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ରଥ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ପରୀକ୍ଷା କରିଥିଲେ । ଏହି ଶିବିରରେ ଛାତ୍ରଛାତ୍ରୀ ଚକ୍ଷୁର ଯତ୍ନ କିପରି ନେବେ ସେନେଇ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଚକ୍ଷୁ ପରୀକ୍ଷଣ ଶିବିରରେ ୬୫ଜଣ ଛାତ୍ରଛାତ୍ରୀଙ୍କୁ ଚଷମା ପାଇବା ପାଇଁ



ଚିହ୍ନଟ କରାଯାଇଥିଲା। ତିନି ଜଣ ଛାତ୍ରଛାତ୍ରୀଙ୍କୁ ଅଧିକ ଚିକିତ୍ସା ଓ ଆବଶ୍ୟକ ପଡିଲେ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ବ୍ରହ୍ମପୁର ସି.ଟି ମେଡିକାଲ ପଠାଯିବା ନେଇ ଚିହ୍ନଟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ନୃସିଂହ ଲେଙ୍କା, ଶାନ୍ତିଲତା ପାତ୍ର, ଫକିର ମୋହନ ପ୍ରଧାନ ଓ ଗୋଷ୍ଠୀ ସମ୍ବଳ ଶିକ୍ଷକ ହେମନ୍ତ କୁମାର ନନ୍ଦ ଓ ମନ୍ଦାକିନୀ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଜିଲ୍ଲା ଖଣିଜ ପାଣ୍ଠିରୁ କୋରେଇ ନିର୍ବାଚନ ମଣ୍ଡଳୀ ବାଦ୍ ପଡିବା ନେଇ ବଢ଼ୁଛି ଅସନ୍ତୋଷ

କୋରେଇ (ଭାସ୍କର ନ୍ୟୁଜ୍): ଖଣିଜ ପଦାର୍ଥରୁ ମିଳୁଥିବା ଟିକସକୁ ନେଇ ଏକ ପାଣ୍ଠି ଗଠନ କରି ତାହାକୁ ଖଣି ଅଞ୍ଚଳ ସମେତ ଖଣି ଦ୍ୱାରା ପ୍ରଭାବିତ ହେଉଥିବା ଅଞ୍ଚଳ ଗୁଡିକର ବିକାଶରେ ଲଗାଇବା ପାଇଁ ରାଜ୍ୟ ସରକାରଙ୍କ ଯୋଜନା ଓ ସମନ୍ୱୟ ବିଭାଗ ପକ୍ଷରୁ ଯାଜପୁର ଜିଲ୍ଲା ପାଇଁ ନୂଆ ଖଣିଜ ଉନ୍ନୟନ ପାଣ୍ଠି (ଡିଏମ୍ଏଫ୍) କମିଟି ଗଠନ କରାଯାଇଛି। କିନ୍ତୁ ବିଡ଼ମ୍ବନାର ବିଷୟ ପରୋକ୍ଷ ଭାବେ ଅଧିକ କ୍ଷତିଗ୍ରସ୍ତ ହେଉଥିବା ଜିଲ୍ଲାର କୋରେଇ ନିର୍ବାଚନ ମଣ୍ଡଳୀକୁ ଏଥିରୁ ବାଦ୍ ଦିଆଯାଇଛି। ଜିଲ୍ଲା ଖଣିଜ ପାଣ୍ଠିରୁ କୋରେଇ ସମେତ ବ୍ୟାସନଗର ପୌରାଞ୍ଚଳ ଏବଂ ପାଣିକୋଇଲି ବାଦ୍ ପଡ଼ିଥିବାରୁ ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଜିଲ୍ଲା ଖଣିଜ ପାଣ୍ଠି ପାଇଁ ଚଳିତବର୍ଷ ଜୁଲାଇ ୨୪ ତାରିଖରେ ରାଜ୍ୟ ସରକାର ନୂତନ କମିଟି ଗଠନ କରିବା ନେଇ ଚିଠି ସଂଖ୍ୟା- ୧୦୫୯୩ରେ ବିଜ୍ଞପ୍ତି ଜାରି କରିଥିଲେ। କମିଟିରେ ଯାଜପୁର ଜିଲ୍ଲାପାଳଙ୍କ ସମେତ ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଜିଲ୍ଲା ଖଣିଜ ପାଣ୍ଠି ଅଧକ୍ଷ, ଜିଲ୍ଲା ଖଣି ଅଧିକାରୀ, ଯାଜପୁର ଏଡିଏମ୍, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖଙ୍କୁ ସଦସ୍ୟ ଭାବେ ରଖାଯାଇଛି। କ୍ଷତିଗ୍ରସ୍ତ ଅଞ୍ଚଳର ପ୍ରତିନିଧି ଭାବେ ୩୯ ନମ୍ବର ଜୋନ୍ ଜିଲ୍ଲାପରିଷଦ ସଭ୍ୟ, ସୁକିନ୍ଦା ବ୍ଲକ୍ ହରିପୁର ଓ ପିମ୍ପୁଡ଼ିଆ ସରପଞ୍ଚ, ଦାନଗଦୀ ବ୍ଲକ୍ ଧୂଳିଗଡ଼ ସରପଞ୍ଚଙ୍କୁ ମଧ୍ୟ ସଭ୍ୟଭାବ ରଖାଯାଇଛି। ଦୁଃଖର କଥା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କ୍ଷତିଗ୍ରସ୍ତ ହେଉଥିବା କୋରେଇ ନିର୍ବାଚନ ମଣ୍ଡଳୀର ବିଧାୟକ ଆକାଶ ଦାସ ନାୟକଙ୍କୁ ଏଥିରେ ସ୍ଥାନ ମିଳିନାହିଁ। ଏଠାରେ ଉଲ୍ଲେଖ ଯୋଗ୍ୟ କି ସରକାର ବାଲିକୁ ଏକ ଲଘୁ ଖଣିଜ ଦ୍ରବ୍ୟରେ ଅନ୍ତର୍ଭୁକ୍ତ କରିଥିବାରୁ ବୈତରଣୀ ନଦୀ ଗର୍ଭରୁ ପ୍ରତିଦିନ ହଜାର ହଜାର ଟ୍ରକ ବାଲି ବରୁଣ୍ଡେଇ ବଜାର, ସଠିପୁର ଦେଇ ଜାତୀୟ ରାଜପଥରେ ବିଭିନ୍ନ ରାଜ୍ୟକୁ ଯାଉଛି, ସେହିପରି ସୁକିନ୍ଦା ଅଞ୍ଚଳରୁ ପ୍ରତିଦିନ ଶହଶହ ଟ୍ରିପ ଖଣିଜପଦାର୍ଥ ଖନନ ହୋଇ ଏହା କୋରେଇ ବ୍ଲକ୍ ବ୍ୟାସନଗର ଏବଂ ପାଣିକୋଇଲି ଦେଇ ରାଜ୍ୟର ବିଭିନ୍ନ ଅଞ୍ଚଳ ତଥା ରାଜ୍ୟ ବାହାରକୁ ଯାଇଥାଏ। ଫଳରେ ପ୍ରତିବର୍ଷ କୋରେଇରେ ରାସ୍ତାଘାଟ ନଷ୍ଟ ହେଉଛି ଏବଂ ଧୂଳିଧୂଆଁ ଯୋଗୁଁ ଫୁସଫୁସ, କିଡ୍‌ନୀ ଜନିତ ରୋଗ ମଧ୍ୟ କୋରେଇ ଅଞ୍ଚଳରେ ବୃଦ୍ଧି ପାଉଛି। ରାସ୍ତାଘାଟ ମରାମତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଏପରି ସ୍ଥଳେ କମିଟି ଗଠନରେ କୋରେଇର ଜନପ୍ରତିନିଧିଙ୍କୁ ସ୍ଥାନ ନଦେବା ଓ କୋରେଇକୁ ଜିଲ୍ଲା ଖଣିଜ ପାଣ୍ଠିରୁ ବାଦ୍ ଦେବା ସରକାରଙ୍କ ଉଦାସୀନତାକୁ ପଦାରେ ପକାଇଛି। ଏଠାରେ ଉଲ୍ଲେଖଯୋଗ୍ୟ କି ପୂର୍ବରୁ ରାଜ୍ୟ ସରକାର ସାରା କୋରେଇକୁ ଜିଲ୍ଲା ଖଣିଜ ପାଣ୍ଠିରେ ସାମିଲ ପାଇଁ ୨୦୨୦ ମସିହାରେ ଚିଠି ସଂଖ୍ୟା- ୮୧୫୩ରେ ଯୋଜନା ଓ ସମନ୍ୱୟ ବିଭାଗ ପକ୍ଷରୁ ଯାଜପୁର ଜିଲ୍ଲାପାଳଙ୍କୁ ଚିଠି ହୋଇଥିଲା। ଏବେ କୋରେଇକୁ ଡିଏମଏଫ୍‌ରୁ ବାଦ୍ ଦେବା ଏବେ ସାରା କୋରେଇବାସୀଙ୍କ ପାଇଁ ପ୍ରତାରଣାରେ ପରିଣତ ହୋଇଛି ବୋଲି କୋରେଇ ଅଞ୍ଚଳର ବୁଦ୍ଧିଜୀବୀ ମାନେ କହିଛନ୍ତି। ସରକାର ନିଷ୍ପତିର ପୁନର୍ବିଚାର କରି ଜିଲ୍ଲା ଖଣିଜ ପାଣ୍ଠିରେ କୋରେଇକୁ ସାମିଲ କରିବା ପାଇଁ କୋରେଇର ବିଭିନ୍ନ ଗଣ ସଂଗଠନ ଦାବି କରିଛନ୍ତି।

## ବାଲି ମାଫିଆଙ୍କ ଆତଙ୍କରାଜ

# ରାତିଅଧରେ ନଦୀପଠା ତାଡି ମାଲାମାଲ୍

ଫୁଲନଖରା (ଭାସ୍କର ନ୍ୟୁଜ୍) : ବୟାଳିଶ ମୌଜା ଥାନା ସରିଚୁଆଁ ଗ୍ରାମକୁ ଲାଗିଥିବା ନଦୀପଠାକୁ ରାତ୍ରୀ ସମୟରେ ବାଲି ମାଫିଆମାନେ ମେସିନ ସାହାଯ୍ୟରେ ତାଡି ଶହଶହ ଟ୍ରିପ ବାଲି ଚୋରାଚାଲାଣ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଚୋରାଚାଲାଣ ବାଲିଯୋଗୁଁ ଖୁବ ନିକଟରେ ଥିବା ଜନବସତିରେ ବସବାସ କରୁଥିବା ଜନସାଧାରଣଙ୍କ ଗୃହ, ବିଦ୍ୟାଳୟ, ଖେଳ ପଡିଆ ଓ ଗ୍ରାମ ଶ୍ମଶାନ ଖୁବଶୀଘ୍ର ନଦୀର ଧାରରେ ବିଲୀନ ହୋଇଯିବ ବୋଲି ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ପିଢ଼ି ପିଢ଼ି ଧରି ଏହି ନଦୀପଠାରେ ଗ୍ରାମବାସୀ ଚଳିଆସୁଛନ୍ତି ଯଦି ଏହାକୁ ବେଆଇନ ଭାବେ ଏଭଳି ନଦୀ ପଠାରୁ ଖୋଳାଯାଇ ବାଲି ପ୍ରତ୍ୟେକ ରାତ୍ରିରେ ଚୋରାଚାଲାଣ ହୁଏ ଆଗାମୀ ଦିନରେ ଏହି ଜାଗାରେ ନଦୀର ଆଉଗୋଟେ ଧାର ସୃଷ୍ଟି ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ। ତୁରନ୍ତ ପ୍ରଶାସନ ବାଲି ମାଫିଆଙ୍କ ଉପରେ କଠୋରରୁ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବାରମ୍ବାର ଦାବି କରିଛନ୍ତି। ଯଦି କୌଣସି କାର୍ଯ୍ୟାନୁଷ୍ଠାନ ପ୍ରଶାସନ ନ ନିଏ ତାହାହେଲେ ଗ୍ରାମବାସୀ ତହସିଲ, ଖଣି ଅଫିସ, ଥାନା ଆଦି ଜାଗାରେ ଧାରଣା ଦେବେବୋଲି ଗ୍ରାମର ସଦାନନ୍ଦ ମହାନ୍ତି, ଅଶୋକ ଲେଙ୍କା, ଦାମୋଦର ମହାନ୍ତି, ପ୍ରମୋଦ ଲେଙ୍କା, ନନ୍ଦ କିଶୋର ମହାନ୍ତି, ଦୁଃଖୀଶ୍ୟାମ ସ୍ୱାଇଁ, ଦିଲ୍ଲୀପ ସେଠୀ, ବାସନ୍ତୀ ଲେଙ୍କା, ଉର୍ବଶୀ ଲେଙ୍କା, ଅଭିରାମ ଲେଙ୍କା, କେଶବ ଚନ୍ଦ୍ର ସେଠୀ, ବିଶ୍ୱଜିତ ସେଠୀ, ସଂଜୟ କୁମାର ଭଟ୍ଟ, ସୁବାସ ଚନ୍ଦ୍ର ମହାନ୍ତି ପ୍ରତାପ ବେହେରା, ନୀଳମଣି ସାହୁଙ୍କ ସମେତ ଅନ୍ୟାନ୍ୟ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ମାଫିଆଙ୍କ ଲୋଲୁପ ଦୃଷ୍ଟିରୁ ଏହାକୁ ଉଦ୍ଧାର କରିବା ପାଇଁ ପଠାରେ ଶହ ଶହ ବୃକ୍ଷ ଚାରାରୋପଣ କରିବା ସହ ତାରଜାଲି ଦ୍ୱାରା ଏହାର ସୁରକ୍ଷା କରିଛନ୍ତି। ଏଠାରେ ପ୍ରଶ୍ନ ଉଠେ ଯେ ପ୍ରଶାସନ କିପରି ଏଭଳି ଅନୈତିକ କାର୍ଯ୍ୟର ଟେର୍ ପାଉନି ? ସ୍ଥାନୀୟ ପ୍ରଶାସନ ବାଲି ମାଫିଆଙ୍କ ସହ ସାଲିସ କରିବ ନା ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବେ ତାହା ସମୟ କହିବ।



# ଭୂତ ଭୟରେ ଛାତ୍ରଛାତ୍ରୀ ଓ ଅଭିଭାବକ ଭୟଭୀତ

ଏରସମା (ଭାସ୍କର ନ୍ୟୁଜ୍) : ସ୍କୁଲ ଛାତ୍ରୀଙ୍କୁ ଲାଗୁଛି ଭୂତ, ଭୟଭୀତ ଅଛନ୍ତି ସ୍କୁଲରେ ଅଧ୍ୟୟନ କରୁଥିବା ଶତାଧିକ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକ। ହଁ ଆଜ୍ଞା ଏଭଳି ଘଟଣା ଦେଖିବାକୁ ମିଳୁଛି ଦୀର୍ଘ ପାଞ୍ଚଦିନ ହେବ ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ କୁଞ୍ଜକୋଠୀ ପଞ୍ଚାୟତର ନୀଳକଣ୍ଠେଶ୍ୱର ଉଚ୍ଚବିଦ୍ୟାଳୟରେ। ସୂଚନାଯୋଗ୍ୟ କି ବିଦ୍ୟାଳୟରେ ପ୍ରାୟ ୧୦ରୁ ୧୧ଜଣ ବାଳିକାମାନଙ୍କୁ ଏହିପରି ପାଞ୍ଚଦିନ ଧରି ଭୂତ ଲାଗିବା ଦେଖିବାକୁ ମିଳୁଛି । ଏଠି ପ୍ରଶ୍ନ ଉଠୁଛି କି ? ଏ ନିରିହ ଛାତ୍ରଛାତ୍ରୀମାନଙ୍କୁ ଏପରି ଭୟଭୀତ କରିବା ପାଇଁ କେହି କିଛି ଗୁଣି ଗାରେଡି କରିଛନ୍ତି କି ? ଏମିତି କି ବାଳିକାମାନଙ୍କ ଏଭଳି ଭୂତ ଲାଗିବା ଡ୍ରାମା କି ? ଯାହାକି



ଏବେ ଏରସମା ଅଞ୍ଚଳରେ ସାଧାରଣ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏପଟେ ଗୁଣି ଗାରେଡି ଭୟରେ ଅଭିଭାବକ ମାନେ ନିଜ ପିଲାମାନଙ୍କ ଦେହରୁ ଭୂତ ଛଡାଇବା ପାଇଁ ଗୁଣିଆମାନଙ୍କୁ ଆଣି ଝଡାଫୁଙ୍କା କରିବା ପରେ ପିଲାମାନେ ପୁଣି ପୂର୍ବ ଅବସ୍ଥାକୁ ଫେରିଆସୁଥିବା ଜଣାପଡିଛି। ଏପଟେ ଏପରି ଭୂତପ୍ରେତ ଭୟରେ ସ୍କୁଲରେ ପାଠପଢା ବାଧାପ୍ରାପ୍ତ ହୋଇଥିବା ଜଣାପଡିଛି। ଯାହାକୁ ନେଇ ଚିନ୍ତାରେ ପଡିଛନ୍ତି ଅଭିଭାବକ ଓ ଛାତ୍ରଛାତ୍ରୀ। ତେବେ ଏ ଘଟଣା ପ୍ରକୃତ ସତ୍ୟାସତ୍ୟ କ'ଣ, ପ୍ରକୃତ ଘଟଣା କ'ଣ ଦେଖିବାକୁ ରହିଛି ସମସ୍ତଙ୍କ ନଜର।

# ରାଶିଫଳ

**ମଙ୍ଗଳବାର, ୧୬ ସେପ୍ଟେମ୍ବର ୨୦୨୫**



**ମେଷ:** ଆଜି ପରିବାରର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଜଣେ ସମ୍ପର୍କୀୟଙ୍କ ସହ ବିବାଦ ହେବାର ସମ୍ଭାବନା ଅଛି। ବରିଷ୍ଠମାନଙ୍କ ପରାମର୍ଶରେ କାମ କରନ୍ତୁ। ପରିବାର ସହିତ ବୁଲିବାକୁ ଯାଆନ୍ତୁ। ଚାକିରିରେ ଥିବା ଲୋକମାନେ ଭଲ ଖବର ପାଇ ପାରିବେ। ତୁମର ବ୍ୟବସାୟ ଭଲ ରହିବ।




**ବୃଷ:** ଆଜି ଆପଣ ମାନସିକ ସ୍ତରରେ ଶକ୍ତିଶାଳୀ ହେବେ। ଆର୍ଥିକ କାରବାର ସମ୍ବନ୍ଧୀୟ କାର୍ଯ୍ୟ ସମାପ୍ତ ହେବ। ଆପଣ କୌଣସି ସ୍ଥାନରୁ ଆର୍ଥିକ ସାହାର୍ଯ୍ୟ ପାଇବେ। ସାଙ୍ଗମାନଙ୍କୁ ଭେଟିବେ। ଆପଣଙ୍କଠାରୁ ଋଣ ନେବାକୁ ଆସିବେ।



**ମିଥୁନ:** ଆଜି ଆପଣ ମାନସିକ ସ୍ତରରେ ଶକ୍ତିଶାଳୀ ହେବେ। ସକରାତ୍ମକତା ଅଧିକ ହେବ। ଅର୍ଥନୈତିକ ପ୍ରଗତି ପାଇଁ ମଧ୍ୟ ଭଲ ସୁଯୋଗ ରହିବ। ଆର୍ଥିକ ପରିସ୍ଥିତି ବହୁତ ଶକ୍ତିଶାଳୀ ହେବ। ଆଜି ଆପଣ କିଛି ଅନାବଶ୍ୟକ ଖର୍ଚ୍ଚ କରିପାରନ୍ତି। ଆଜି ଆପଣଙ୍କ ପାଇଁ ଭଲ ଦିନ ହେବ।




**କର୍କଟ:** ଆଜି ଆପଣ ଦୀର୍ଘ ମାସ ପରେ ଜଣେ ପରିଚିତଙ୍କୁ ଭେଟିବେ। ଆପଣଙ୍କ କାର୍ଯ୍ୟାଳୟରେ ବିବାଦ ହୋଇପାରେ। ଆପଣ କୋଣସି ଅସୁବିଧା ପରିସ୍ଥିତିର ସାମ୍ନା କରିପାରନ୍ତି। ଗାଡି ଚଳାଇବା ସମୟରେ ସତର୍କ ରୁହନ୍ତୁ। ଆଘାତ ହେବାର ସମ୍ଭାବନା ଅଛି। କହିବା ସମୟରେ ସାବଧାନ ରୁହନ୍ତୁ। ଅତିରଂଜିତ ଶବ୍ଦ ବ୍ୟବହାର କରନ୍ତୁ ନାହିଁ।



**ସିଂହ:** ଆଜି ପାରିବାରିକ ଦାୟିତ୍ୱ ତୁଲାଇବାରେ ବ୍ୟସ୍ତ ରହିବେ। କିଛି ଘରୋଇ ଜିନିଷ ସଂଗ୍ରହ କରିପାରିବେ। ଅସୁବିଧାରୁ ମୁକ୍ତି ମିଳିବ। ଆପଣଙ୍କ ସାଥୀଙ୍କ ସହିତ ସ୍ନେହ ରହିବ। ଅନ୍ୟ କାହାକୁ ତାଙ୍କର ଶ୍ରେୟ ନେବାକୁ ଦିଅନ୍ତୁ ନାହିଁ। କୈଣସି ବିବାଦର ଅଂଶ ହୁଅନ୍ତୁ ନାହିଁ।




**କନ୍ୟା:** ଯୁବକମାନଙ୍କ ସାମ୍ନାରେ ନୂଆ ସୁଯୋଗ ସୃଷ୍ଟି ହେବ। ବ୍ୟବସାୟ ଯାତ୍ରା ଭଲ ଫଳାଫଳ ଦେବ। ଯେକୈଣସି ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେଇ ପାରନ୍ତି। ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସମାପ୍ତ ହେବ। ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଭେଟିବେ।




**ତୁଳା:** ଆଜି ଜଣେ ବନ୍ଧୁ କିମ୍ବା ସମ୍ପର୍କୀୟଙ୍କ କଥାକୁ ବିଶ୍ୱାସ କରନ୍ତୁ ନାହିଁ। ପାରିବାରିକ ଜୀବନରେ ମଧୁରତା ରହିବ। ଆପଣଙ୍କର ସ୍ୱାସ୍ଥ୍ୟ ଭଲ ରହିବ। ବ୍ୟବସାୟ ଦୃଢ ରହିବ। ହଠାତ୍ ସମସ୍ୟା ହୋଇପାରେ, କିନ୍ତୁ ଭୟଭୀତ ହେବାର ଆବଶ୍ୟକତା ନାହିଁ। ଆଜି ଏହାର ଲାଭ ହେବାର ସମ୍ଭାବନା ଅଛି। ସ୍ୱାସ୍ଥ୍ୟ ଭଲ ରହିବ।



**ବିଛା:** ଏହି ଦିନରେ ଆପଣ ଏକ ନୂତନ ଉତ୍ସାହ ଦେଖିବେ। ଆପଣ ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଆଗକୁ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଆପଣଙ୍କୁ ମିଳିଥିବା ନୂତନ ଦାୟିତ୍ୱକୁ ଯତ୍ନର ସହିତ ପୂରଣ କରନ୍ତୁ। ଛାତ୍ରଛାତ୍ରୀମାନେ ସଫଳତା ପାଇବେ। ଆପଣ ସମାଜରେ ପ୍ରଶଂସିତ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। କିଛି କାମ ପାଇଁ ବାହାରକୁ ଯାତ୍ରା କରିପାରନ୍ତି।




**ଧନୁ:** ଆଜି ଏପରି କିଛି କରିବେ ଯାହା ଆପଣଙ୍କୁ ଆଭ୍ୟନ୍ତରୀଣ ସୁଖ ଦେବ। ବ୍ୟବସାୟୀମାନେ ଆଜି ପ୍ରତିପକ୍ଷଙ୍କ ପ୍ରତି ସତର୍କ ରହିବାକୁ ପଡିବ। ପରିବାରରେ ମତ ପ୍ରାର୍ଥକ୍ୟ ହୋଇପାରେ। ସ୍ୱାସ୍ଥ୍ୟ ସ୍ୱାଭାବିକ ହେବ। ଭ୍ରମଣ ସମୟରେ ସତର୍କତା ଅବଲମ୍ବନ କରନ୍ତୁ। ଛାତ୍ରଛାତ୍ରୀମାନଙ୍କ ଚିନ୍ତା ଦୂର ହେବ। ଯୁବକମାନେ କ୍ୟାରିୟର ସମ୍ବନ୍ଧୀୟ ସୂଚନା ପାଇବେ।



**ମକର:** ଆଜି ଆପଣଙ୍କର ଦାୟିତ୍ୱ ପୂରଣ କରିବାରେ କୈଣସି ଅସୁବିଧା ହେବ ନାହିଁ। ଅଫିସରେ କାହା ସହିତ ବିବାଦ ହୋଇପାରେ। କିନ୍ତୁ ତୁମର ଦକ୍ଷତା ଉପରେ ବିଶ୍ୱାସ ରଖ। ଆଜି ଆପଣଙ୍କର ଭାଗ୍ୟ ସକରାତ୍ମକତାରେ ପରିପୂର୍ଣ୍ଣ ହେବ। ସମ୍ପର୍କୀୟମାନେ ସାହାର୍ଯ୍ୟ କରିପାରନ୍ତି। ଆଜି ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଭଲ ଦିନ। ବ୍ୟବସାୟୀମାନେ ସଫଳତା ପାଇବେ।



**କୁମ୍ଭ:** ପୁରୁଣା ବନ୍ଧୁ କିମ୍ବା ସମ୍ପର୍କୀୟମାନେ ସାକ୍ଷାତ କରିପାରନ୍ତି। ଆଜି ସୁଖରେ ପରିପୂର୍ଣ୍ଣ ଦିନ ହେବ। ବୁଲିବାକୁ କୈଣସି ସ୍ଥାନକୁ ଯାଇପାରନ୍ତି। ପାରିବାରିକ ପରିବେଶ ଭଲ ହେବ। କୈଣସି ଧାର୍ମିକ ସ୍ଥାନକୁ ଯାଇପାରିନ୍ତି। ଆର୍ଥିକ ଲାଭ ହେବ। ନୂତନ ଦାୟିତ୍ୱ ପାଇବେ। ଆଜି ଆପଣ ସତର୍କ ରୁହନ୍ତୁ। ବିରୋଧୀମାନେ ସକ୍ରିୟ ରହିବେ।



**ମୀନ:** ଆଜି ଆପଣ ମାନସିକ ସ୍ତରରେ ବହୁତ ଶାନ୍ତ ପାଇବେ। ଆଜି ଆପଣ ପ୍ରଭୁଙ୍କ ଉପାସନା କରନ୍ତୁ। ଏକ ଯୋଜନାରେ ବିନିଯୋଗ ପାଇଁ ପ୍ରସ୍ତାବ ମିଳିପାରିବ। ଏକ ନୂତନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଭଲ ଦିନ। ଆର୍ଥିକ ସମସ୍ୟା ଦୂର ହୋଇପାରିବ। ଆଇନଗତ ମାମଲା ଚାଲିବ। ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଆସିବ।



ଶ୍ରୀ ଚକ୍ରଧର

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ତେନ୍ତୁଳି ଖୁଣ୍ଟି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ଝରିଗୁମାର ପ୍ରସିଦ୍ଧ ଘୁମରେଶ୍ୱର ଶୈବପୀଠରେ ଏକ ସ୍ମୃତି ସଭା ଓ ପରିଚାଳନା ବୈଠକ କମିଟିର ସଭାପତି ପୀତାମ୍ବର ବିଷୋୟୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କମିଟି ର ଦିବଂଗତ ସମ୍ପାଦକ ସ୍ୱର୍ଗତ ପ୍ରମୋଦ କୁମାର ଦାଶଙ୍କ ସ୍ମୃତି ଚାରଣ ସହ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ଦାଶଙ୍କ ପରିବାର ଘୁମରେଶ୍ୱର ଶୈବପୀଠର ଆରମ୍ଭରୁ ପୀଢ଼ି ପରେ ପୀଢ଼ି ସହଯୋଗ ଓ ଅବଦାନ ରହି ଆସୁଛି । ସ୍ୱର୍ଗତ ମନ୍ଦିର କମିଟି ର ସମ୍ପାଦକ ରୂପେ କାର୍ଯ୍ୟ ତୁଳାଉ ଥିଲେ । ତାଙ୍କ ଅନ୍ତେ ଏହାକୁ ପୁଣି ଚାଲୁ ରଖିବା ପାଇଁ କମିଟିର ସମସ୍ତ ସଭ୍ୟ କହିଥିଲେ । କମିଟିର ସଭାପତି ଶ୍ରୀ ବିଷୋୟୀ ନୂତନ ସମ୍ପାଦକ ଚୟନ ପାଇଁ ସମସ୍ତ ସଭ୍ୟଙ୍କୁ ପ୍ରସ୍ତାବ ଦେଇଥିଲେ। ସମସ୍ତଙ୍କର ସହମତି କ୍ରମେ କମିଟିର ବୟୋଜ୍ୟେଷ୍ଠ ସଭ୍ୟ ରବୀନ୍ଦ୍ର ପରିଡ଼ାଙ୍କୁ ନୂତନ ସମ୍ପାଦକ ଭାବେ ଓ ପୂର୍ଣ୍ଣ ଚନ୍ଦ୍ର ଦଳପତି ସହ ସମ୍ପାଦକ ଭାବେ ସର୍ବ ସମ୍ମତି କ୍ରମେ ଚୟନ କରାଯାଇଥିଲା। ଶୈବପୀଠର ଉନ୍ନୟନ ତଥା ସ୍ୱର୍ଗତ ଦାଶଙ୍କ ଅଧୁରା ସ୍ୱପ୍ନର ପୂରଣ ପାଇଁ ସମସ୍ତେ ସହଯୋଗ କରିବା ପାଇଁ ଦୃଢ ସଂକଳ୍ପ ନେଇଥିଲେ। ବୈଠକରେ ସଭାପତି ଶ୍ରୀ ପୀତାମ୍ବର ବିଷୋୟୀଙ୍କ ସହ ଜଗନ୍ନାଥ ଭତ୍ରା, ଦାମୋଦର ବିଷୋୟୀ , ରବୀନ୍ଦ୍ର ପରିଡ଼ା,ଅମରେଶ ମହାନ୍ତି, ହରେକୃଷ୍ଣ ଭତ୍ରା,,ବିଘ୍ନ ବିଷୋୟୀ,ହରେକୃଷ୍ଣ ବିଷୋୟୀ ସଞ୍ଜୁ ଦଳପତି,ମୋହନ ରାଓ, କ୍ଷୀରୋଦ ବିଷୋୟୀ,ମେଘ ବିଷୋୟୀ,ତ୍ରିନାଥ ନାୟକ ,ଏମ କ୍ରିଷ୍ଣା ରାଓ, କମଳୁ ପ୍ରଧାନୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।



# ଖତ ଖାଉଛି ଲକ୍ଷାଧିକ ଟଙ୍କାର ଅତ୍ୟାଧୁନିକ ଯନ୍ତ୍ରପାତି



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ପ୍ରଦାନ କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି କିଣା ଯାଇଥିବା ମେସିନ ବର୍ତ୍ତମାନ ଖରା ବର୍ଷାରେ ପଡି ରହିଥିବା ଦେଖିବାକୁ ମିଳିଛି । ଏଭଳି ଚିତ୍ର ମାଲକାନଗିରି ଜିଲ୍ଲା ସଦରରେ ଥିବା ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଦେଖିବାକୁ ମିଳିଛି । ନିୟନ୍ତ୍ରିତ ବଜାର କମିଟି ତରଫରୁ ୨୭ ଲକ୍ଷ ଟଙ୍କାର ଦୁଇଟି ଅତ୍ୟାଧୁନିକ ଜ୍ଞାନ କୌଶଳଯୁକ୍ତ ଧାନ ସଫେଇ ଯନ୍ତ୍ର ୨୦୨୪ ମସିହାରେ କ୍ରୟ କରାଯାଇଥିବା ବେଳେ ବର୍ତ୍ତମାନ ଏହି ମେସିନ ଗୁଡିକ ଖରା ବର୍ଷାରେ ପଡି ରହିଥିବା ଦେଖିବାକୁ ମିଳିଛି । ଗତ ପ୍ରାୟ ଏକ ବର୍ଷ ଧରି ଏହି ମେସିନଗୁଡିକ ପଡି ରହିଥିବା ବେଳେ ଏହା ଯେଉଁ ଉଦ୍ଦେଶ୍ୟରେ ଆସିଥିଲା ତାହା କାର୍ଯ୍ୟକାରୀ ହୋଇନଥିବାରୁ ମେସିନ ଗୁଡିକ କାହା ସ୍ୱାର୍ଥରେ କିଣାଯାଇ ଏପରି ନଷ୍ଟ ହେବା ପାଇଁ ଖୋଲାମେଲାରେ ପଡି ରହିଛି, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ଏତେ ଟଙ୍କା ବ୍ୟୟପରେ ମଧ ଏହାର ସୁଫଳ ମିଳିନଥିବା ବିଷୟ ନେଇ ଆମେ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଦାୟିତ୍ୱରେ ଥିବା ଦେବୀ ପ୍ରସାଦ ତ୍ରିପାଠୀଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଛନ୍ତି ଯେ, ୨୦୨୫ ମସିହା ବର୍ଷ ଶେଷରେ ସମାଜ ମଙ୍ଗଳ ବିଭାଗ ମାଧ୍ୟମରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ଏହି ମେସିନଗୁଡିକ ପ୍ରଦାନ କରାଯିବ । ଏହି ବିଷୟରେ ମିଶନ୍ ଶକ୍ତି ଡିପିଏମ୍ ହର୍ଷାନନ୍ଦ ପ୍ରଧାନ କହିଛନ୍ତି ଆମେ ୨୦୨୫ ଜାନୁଆରିରେ ହିଁ ସ୍ୱୟଂସହାୟକ ଗୋଷ୍ଠୀଙ୍କ ନାମ ଚୟନ କରି ଉପଜିଲ୍ଲାପାଳଙ୍କୁ ଜଣାଇ ଦେଇଛୁ। ବର୍ତ୍ତମାନ ଚଳିତ ମାସ ଆଉ ଏକ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ନାମ ଦେବାକୁ ପତ୍ର ଆସି ଥିବାରୁ ଏହି ବିଷୟରେ କର୍ଯ୍ୟ ଚାଲିଛି, ଅତିଶୀଘ୍ର ଆମେ ଏହା ମଧ୍ୟ ଚୟନ କରି ଜଣାଇଦେବୁ। କଥା ଉଠିଛି ଦୀର୍ଘ ଦିନଧରି କାର୍ଯ୍ୟାଳୟ ସାମନାରେ ଦୁଇଟି ଅତ୍ୟାଧୁନିକ ମୋବାଇଲ୍ ପେଡି କ୍ଲିନର୍ ପଡି ରହିବା ଏବଂ ଏଥିରେ ଲାଗିଥିବା ଚକା ମଧ୍ୟ ଫାଟି ଆଁ ହୋଇ ଯାଇଥିବା ବେଳେ ଏହା କେତେଦୂର କାର୍ଯ୍ୟ କରିବ ଓ ମହିଳା ମାନେ କେତେ ଲାଭବାନ ହେବେ ତାହା ବର୍ତ୍ତମାନ ସନ୍ଦେହ ଘେରରେ ରହିଛି ।

# ୟୁରିଆ ସାର ବସ୍ତା ୩୦୦ ଟଙ୍କାରେ ବିକ୍ରି , ଚାଷୀ ଅସନ୍ତୋଷ



ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପାକ୍ସ ପରିସରରେ ସାର ବିକ୍ରିରେ ଅନିୟମିତତା ହେଉଥିବା ନେଇ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ତିନି ଘଣ୍ଟା ରାସ୍ତାରୋକ ପରେ ତହସିଲଦାର ଓ ଏସଡିପି ଓ ପହଞ୍ଚି ଚାଷୀ ଓ ପେକ୍ସ କର୍ମଚାରୀଙ୍କ ସହିତ ଆଲୋଚନା କରି ସମାଧାନ ହୋଇଥିଲା। ତେବେ ରବିବାର ପୂର୍ବାହ୍ନ ୧୧ ଟାରୁ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଚାଷୀଙ୍କୁ ୟୁରିଆ ସାର ବିକ୍ରି କରାଯାଉଥିବା ଦେଖିବାକୁ ମିଳିଥିଲା । ଶୁକ୍ରବାର ସମିତିକୁ ୬୦୦ ବସ୍ତା ସାର ବିକ୍ରି ପାଇଁ ଆସିଥିବା ବେଳେ ଶନିବାର ୧୨୫ ବସ୍ତା ବଣ୍ଟନ କରାଯାଇଥିଲା। ତେବେ କିଛି ଚାଷୀ ବିଶୃଙ୍ଖଳା କରିବାରୁ ସାର ଅଧାରୁ ବିକ୍ରି ବନ୍ଦ କରିଦିଆଯାଇଥିଲା। ଫଳରେ ଚାଷୀମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା ଓ ଦୀର୍ଘ ୩ ଘଣ୍ଟା ଧରି ପାକ୍ସ ଆଗରେ ଜାତୀୟ ରାଜପଥ ନଂ ୫୭କୁ ଅବରୋଧ କରିଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆଜି ସମବାୟ ସମିତି ସମୂହର ଉପ ନିବନ୍ଧକ ଫକୀର ମୋହନ ବାଘ, ଜନ୍‌ହାପଙ୍କ ଫାଣ୍ଡି ଅଧିକାରୀ ପ୍ରାଣବନ୍ଧୁ ସାହୁ, ସମିତିର ସଭାପତି ରାଜ୍ କିଶୋର ଦେହୁରୀ, ସମ୍ପାଦକ ସୀତାରାମ ମେହେରଙ୍କ ଉପସ୍ଥିତିରେ ଚାଷୀମାନଙ୍କୁ ଆଧାର କାର୍ଡ ଯାଞ୍ଚ କରି ଜଣ ପିଛା ବସ୍ତାଏ ଲେଖାଏଁ ୟୁରିଆ ସାର ବିକ୍ରି କରାଯାଉଥିବା ଦେଖିବାକୁ ମିଳିଥିଲା। ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ୩୦୦ ଟଙ୍କା ବିକ୍ରି କରୁଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଏଆରସିଏସ ଫକୀର ମୋହନ ବାଘଙ୍କୁ ପଚାରିବାରୁ ୩୦୦ ଟଙ୍କା ନେଉଥିବା ସ୍ୱୀକାର କରିଥିଲେ ଏବଂ ଏହା ଗାଇଡଲାଇନ ଅଛି କି ବୋଲି ପଚାରିବାରୁ ସେମିତି କିଛି ନାହିଁ ବୋଲି କହିଥିଲେ। ଏକ ଏକର ଜମି ଥିବା ଚାଷୀଙ୍କୁ ୧ ବସ୍ତା ସାର ଓ ୫ ଏକର ଜମି ଥିବା ଚାଷୀଙ୍କୁ ୧ ବସ୍ତା ସାର ଦେଉଥିବାରୁ ଚାଷ ପ୍ରଭାବିତ ହେବାର ଆଶଙ୍କା ରହିଛି। ତେଣୁ ଚାଷୀଙ୍କୁ ଆବଶ୍ୟକ ପରିମାଣ ୟୁରିଆ ସାର ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

# ବିଦାୟ ନେଲେ ଶ୍ରୀ ବିନାୟକ



କୋଷାଗୁମୁଡ଼ା, (ଭାସ୍କର ନ୍ୟୁଜ୍): କୋଷାଗୁମୁଡ଼ା ବ୍ଲକ ସଦର ବ୍ୟାଙ୍କ କୋଲୋନୀର ବିନାୟକ ୟୁଥ କ୍ଲବର ୨୫ ତମ ବାର୍ଷିକ ଗଣେଶ ପୂଜା ହେଉଥିବା ବେଳେ ବହୁ ସୁନ୍ଦର ଆଲୋକରେ ସଜିତ ହୋଇ ଶ୍ରୀ ଗଣେଶଙ୍କୁ ବିଧିବଦ୍ଧ ଭାବେ ପ୍ରାୟ ୧୯ଦିନ ପୂଜା କରି ରବିବାର ଦିନ ବିସର୍ଜନ କରାଯାଇଛି। ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ପାଇଁ ଶୁକ୍ରବାରଦିନ ଆଦିବାସୀ ନାଟକ 'ଟେଙ୍ଗେ ଟେଙ୍ଗେ' ପରିବେଷଣ କରାଯାଇଥିଲା। ସେଭଳି ଶନିବାର ଦିନ ୧୫ଶହ ଲୋକଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରିଥିଲେ। କୋଷାଗୁମୁଡ଼ାର ଏହି ବିନାୟକ ୟୁଥ କ୍ଲବରେ ପ୍ରତ୍ୟେକ ବର୍ଷ ବହୁତ ଧୂମ୍‌ଧାମରେ ଶ୍ରୀ ଗଣେଶ ପୂଜା ହେଉଥିବା ସ୍ଥାନୀୟ ଲୋକମାନେ ଜନସାଧାରଣଙ୍କ ମନରେ ଏକ ଉଲ୍ଲାସ ଓ ଆନନ୍ଦ ଅନୁଭବ ଆଣୁଥିବା ବେଳେ ମନୋରଞ୍ଜନ ସହ ଗହଳି ଦେଖିବାକୁ ମିଳେ । ଚଳିତ ବର୍ଷ ବହୁ ଆନନ୍ଦ ଉଲ୍ଲାସର ସହ ଶ୍ରୀ ଗଣେଶଙ୍କୁ ପୂଜା କରିବା ସାଧାରଣ ରେ ଦେଖିବାକୁ ମିଳିଥିଲା । ଏହି ଅବସରକୁ ଅତି ସୁନ୍ଦର ଭାବେ ଆମେ ପାଳନ କରିଛୁ ବୋଲି ବିନାୟକ ୟୁଥ କ୍ଲବର ସମ୍ପାଦକ ଓ ସଭାପତି ଦେବାନନ୍ଦ ପନକା କହିଛନ୍ତି । ଏହି ଭସାଣି ଉତ୍ସବ ପେରିପ୍ରେକ୍ଷୀରେ ବିନାୟକ ୟୁଥ କ୍ଲବର ସମସ୍ତ ସଦସ୍ୟଙ୍କ ସହ ବ୍ୟାଙ୍କ କଲୋନୀର ଯୁବକଯୁବତୀଙ୍କ ସହଯୋଗରେ ଡେମ୍ସା ନୃତ୍ୟ ଓ ଡିଜେ ମ୍ୟୁଜିକର ତାଳେ ତାଳେ ଛୋଟ ବଡ଼ ଯୁବକ ମହିଳା, ବୁଢ଼ା ଏକତ୍ରିତ ଭାବେ ବାଣ ଫୁଟାଇ ଶ୍ରୀ ଗଣେଶଙ୍କୁ ବିଦାୟ ଉତ୍ସବ ପାଳନ କରିଛନ୍ତି । ଏହି ଭସାଣୀ ଉତ୍ସବରେ ଗ୍ରାମର ସମସ୍ତ ଯୁବବର୍ଗ ସହ ଉକ୍ତ କ୍ଲବ୍‌ର ସମସ୍ତ ମେମ୍ବର ଉପସ୍ଥିତ ରହି ଅତି ଆଡମ୍ବରରେ ଭସାଣି ପର୍ବ ସମ୍ପାଦନ କରିଥିବା ଦେଖିବାକୁ ମିଳିଛି ।

# ନଳକୂପ ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ



ରାଉରକେଲା (ଭାସ୍କର ନ୍ୟୁଜ): ରାଉରକେଲା ଶ୍ରମିକ ସେବା ଟ୍ରଷ୍ଟ ତରଫରୁ ତା'ର କାର୍ଯ୍ୟାଳୟ ବି/୧, ସେକ୍ଟର -୧୭ ସମ୍ମୁଖରେ ପ୍ରତିଷ୍ଠା କରାଯାଇଥିବା ଏକ ଗଭୀର ନଳକୂପ ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ ହୋଇଛି। ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଗାଙ୍ଗପୁର ମଜଦୂର ମଞ୍ଚର ସଭାପତି ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀ ଏବଂ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ବୀରମିତ୍ରପୁର ବିଧାୟକ ତଥା ଗାଙ୍ଗପୁର ମଜଦୂର ମଞ୍ଚର କାର୍ଯ୍ୟକାରୀ ସଭାପତି ରୋହିତ ଯୋଶେଫ୍ ତିର୍କିଙ୍କ ଉପସ୍ଥିତିରେ ରାଉରକେଲା ଇସ୍ପାତ କାରଖାନାର ନିର୍ବାହୀ ନିର୍ଦ୍ଦେଶକ ( ମାନବ ସମ୍ବଳ ) ତରୁଣ ମିଶ୍ରଙ୍କ କରକମଳରେ ଶୁଭ ଲୋକାର୍ପିତ ହୋଇଥିଲା। ଟ୍ରଷ୍ଟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରାଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବରେ ରାଉରକେଲା ଇସ୍ପାତ କାରଖାନାର ଅନେକ ବରିଷ୍ଠ ଅଧିକାରୀ,ରାଉରକେଲା ଶ୍ରମିକ ସଂଘର ସମସ୍ତ କର୍ମକର୍ତ୍ତା, ରାଉରକେଲାର ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା , ଗାଙ୍ଗପୁର ମଜଦୂର ମଞ୍ଚର କର୍ମକର୍ତ୍ତା । , ରାଉରକେଲା ଶ୍ରମିକ ସେବା ଟ୍ରଷ୍ଟର ସମସ୍ତ ମେମ୍ବରଙ୍କ ସମେତ ଶତାଧିକ ସ୍ଥାନୀୟ ଜନସାଧାରଣ ଯୋଗଦାନ କରିଥିଲେ। ରାଉରକେଲା ଇସ୍ପାତ ସହରାଞ୍ଚଳର ଅଧିବାସୀ ମାନଙ୍କୁ ସ୍ୱଚ୍ଛ ଜଳ ପ୍ରଦାନ କରିବା ଟ୍ରଷ୍ଟର ଏକମାତ୍ର ଲକ୍ଷ୍ୟ। ଏହି ପ୍ରକଳ୍ପକୁ ରାଉରକେଲାର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିଲା। ରାଉରକେଲା ଶ୍ରମିକ ସେବା ଟ୍ରଷ୍ଟର ସମ୍ପାଦକ ଚକ୍ରଧର ପ୍ରଧାନ, ରମାକାନ୍ତ ପରିଡା,ନିହାର ଦାସ, ବୀରକିଶୋର ଶେଖରଦେଓ, ରଘୁନାଥ ଭୁକ୍ତା, ରଘୁନାଥ ପ୍ରଧାନ, ସରୋଜ ଲେଙ୍କା, ସୁକାନ୍ତ କୁମାର ପାଠୀ, ସତ୍ୟ ସାହୁ,ଆଲୋକ କୁମାର ବେହେରା , କେଶବ ପ୍ରଧାନ , ଏସ୍ କେ ଖୁଣ୍ଟିଆ, ଅକ୍ଷୟ ବେହେରା, ଗୌରାଙ୍ଗ ସେଠୀ,ଜନ୍ମେଜୟ ରାଉତରାୟ, ନିହାର ସାମଲ , ତୁଷାର ସାହୁ, ଦିଲୀପ ମଲ୍ଲିକ, ସରୋଜ ସ୍ୱାଇଁ, ସରୋଜ ମିଶ୍ର, ପ୍ରମୁଖ ସହଯୋଗ କରିଥିଲେ ।

# ଫୋଟୋଗ୍ରାଫର୍ସ ସଂଘର ଦ୍ୱିବାର୍ଷିକ ସମ୍ମିଳନୀ



ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ଝାରସୁଗୁଡା ଜିଲ୍ଲା ଫୋଟୋଗ୍ରାଫର୍ସ ଆସୋସିଏସନର ଦ୍ୱିବାର୍ଷିକ କର୍ମକର୍ତ୍ତା ସମ୍ମିଳନୀ ବେହେରାମାଲ ସ୍ଥିତ ରାଧାମାଧବ ମନ୍ଦିର ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଅଭୟ ଚରଣ ହୋତାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଓଡ଼ିଶା ଫୋଟୋଗ୍ରାଫି ମହାସଂଘ ସଭାପତି ସଞ୍ଜୟ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଯଶୋବନ୍ତ ମେହେର, ସୁଦାମ ଚରଣ ମିଶ୍ର, କୃଷ୍ଣଚନ୍ଦ୍ର ପୃଷ୍ଟି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ୨୦୨୫-୨୭ ବର୍ଷ ପାଇଁ ସଂଘର ନୂତନ କର୍ମକର୍ତ୍ତା ଘୋଷଣା କରାଯାଇଥିଲା। ରାଜେଶ କୁମାର ସିଂହ ସଭାପତି, ସୁକାନ୍ତ କୁମାର ସାହୁ ଉପସଭାପତି, ସୁଜିତ କୁମାର ସାହୁ ସମ୍ପାଦକ ଏବଂ କୋଷାଧ୍ୟକ୍ଷ ଭାବେ ଭୁବନେଶ୍ୱର ସାହୁଙ୍କୁ ଚୟନ କରାଯାଇଥିଲା। ସେହିପରି ଜିଲ୍ଲାର ଲଖନପୁର, ବେଲପାହାଡ ବ୍ରଜରାଜନଗର, ଝାରସୁଗୁଡା, କୋଲାବିରା ଅଞ୍ଚଳର ସଦସ୍ୟଙ୍କୁ ନେଇ ୨୦ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସୁଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସମସ୍ୟାର ସମୀକ୍ଷା କଲେ ବିଧାୟକ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ମଣ୍ଡଳଦେବୀ ଗ୍ରାମ ଗ୍ରସ୍ତ କରିଥିଲେ ବିଧାୟକ ରୂପେସ ପାଣିଗ୍ରାହୀ । ପ୍ରଥମେ ଗାଁ ମୁଁହ ଠାରୁ ଗ୍ରାମବାସୀ ଭବ୍ୟ ସ୍ୱାଗତ ଜଣାଇଥିଲେ । ଗାଁ ମୁଁହରେ ଥିବା ଶିବମନ୍ଦିର ଯାଇ ପ୍ରଥମେ ମହାଦେବଙ୍କ ଆଶୀର୍ବାଦ ନେଇ, ସେହି ମନ୍ଦିରର ଉନ୍ନତି ପାଇଁ ବିଧାୟକ ପାଣ୍ଠିରୁ ଅନୁଦାନ ପ୍ରଦାନ କରି ମନ୍ଦିରର ଉନ୍ନତି କରିବା କଥା କହିଥିଲେ।

ଗ୍ରାମ ରେ ଥିବା ୬୦ ବର୍ଷ ରୁ ଊର୍ଦ୍ଧ୍ୱ ବୟସ୍କ ମହିଳା ପୁରୁଷମାନଙ୍କ ପେନସନ ହୋଇନଥିବା ଶୁଣି ତୁରନ୍ତ ପ୍ରଶାସନକୁ ଜଣାଇଥିଲେ । ସେଇଭଳି ସେଇ ଗ୍ରାମର ଜଣେ ଭିନ୍ନକ୍ଷମ ସହ ୮୫ ବର୍ଷ ହୋଇଥିବା ଜଣେ ଭିନ୍ନକ୍ଷମର ବର୍ତ୍ତମାନ ବି ୧୨୦୦ ଟଙ୍କା ପେନସନ ପାଉଥିବା ଖବର ପାଇ କ୍ଷୋଭ ପ୍ରକାଶ କରିବା ସହ ସେଇ ବିଷୟନେଇ ଜିଲ୍ଲା ପ୍ରଶାସନକୁ ଅବଗତ କରିଥିଲେ । ବିଧାୟକ ଗ୍ରାମରେ ପରିଭ୍ରମଣ ସମୟରେ ସେଇ ଗ୍ରାମର ଦୀର୍ଘ ୧୫ ବର୍ଷ ହେବ ଅଧା କାମ ହୋଇ ରହିଥିବା ଅଙ୍ଗନୱାଡି କେନ୍ଦ୍ରରେ ଗ୍ରାମରେ ଥିବା ଗାଈଗୁଡ଼ିକୁ ବାନ୍ଧି ସେଠାରେ ରଖି ଅପରିଷ୍କାର ପରିବେଶ ସୃଷ୍ଟି କରୁଥିବା ଗ୍ରାମ ବାସୀ କହିଥିଲେ । ଏଥିପ୍ରତି ତୁରନ୍ତ ପଦେକ୍ଷପ ନେଇ ଅଧା ରହିଥିବା କାମ ସମ୍ପୂର୍ଣ୍ଣ କରିବା ନେଇ ବିଧାୟକ ରୂପେଶ ପାଣିଗ୍ରାହୀ ସୂଚନା ଦେଇଥିଲେ।

# ଯୁବକଙ୍କ ମୃତଦେହ ଉଦ୍ଧାର, ଆତ୍ମହତ୍ୟା ସନ୍ଦେହ

ବେଲପାହାଡ,(ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଥାନା ଅନ୍ତର୍ଗତ ଯୋରାବଗା ଦେଇ ଯାଇଥିବା ଓପିଜିସି ରେଳ ଲାଇନ ନିକଟରୁ ଜଣେ ଯୁବକର ମୃତଦେହକୁ ପୋଲିସ ରବିବାର ଉଦ୍ଧାର କରିଥିଲା। ମୃତ ଯୁବକ ଜଣକ ଯୋରାବଗା ନିବାସୀ କିଶୋର ସିଂଙ୍କ ପୁଅ ଶିବା ସିଂ (୨୭) ବୋଲି ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଯେ, ଯୁବକ ଶିବାଙ୍କ ଘର ଯୋରାବଗା ହୋଉଥିବା ବେଳେ ସେ ବନ୍ଧବାହାଲସ୍ଥିତ ତାଙ୍କ ବଡ଼ ବାପାଙ୍କ ଘରେ ରହୁଥିଲେ। ଶିବା ଶନିବାର ରାତିରେ ବନ୍ଧବାହାଲରୁ ଚାଲି ଚାଲି ଯୋରାବଗା ପଟକୁ ଆସିଥିଲେ। ହେଲେ ସେ ଦୀର୍ଘ ସମୟ ଧରି ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ଚିନ୍ତିତ ହୋଇ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିବା ବେଳେ ତାଙ୍କର କୌଣସି ସନ୍ଧାନ ମିଳିପାରିନଥିଲା। ରବିବାର ସକାଳେ ଯୋରାବଗା ଦେଇ ଯାଇଥିବା ଓପିଜିସିର ରେଳ ଲାଇନ ନିକଟରୁ ତାଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ତାଙ୍କ ପରିବାର ଓ ପୋଲିସକୁ ଖବର ଦେଇଥିଲେ। ବେଲପାହାଡ଼ ପୋଲିସ ଘଟଣା ସ୍ଥଳକୁ ପହଞ୍ଚି ଶିବାଙ୍କ ମୃତଦେହ ଉଦ୍ଧାର କରିଛି। ପାରିପାର୍ଶ୍ୱିକ ଦୃଷ୍ଟିକୋଣରୁ ଏହା ଏକ ଆତ୍ମହତ୍ୟା ଘଟଣା ହୋଇଥିବା ଅନୁମାନ କରାଯାଉଛି। ତେବେ ଶିବା କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ଆତ୍ମହତ୍ୟାର ପ୍ରକୃତ କାରଣ ସ୍ପଷ୍ଟ ହୋଇପାରିନାହିଁ। ଏନେଇ ବେଲପାହାଡ଼ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହିତ ମୃତକଙ୍କ ଶବ ବ୍ୟବଚ୍ଛେଦ କରେଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ରାଜ୍ୟସ୍ତରୀୟ ଟାଇକୋଣ୍ଡା ସ୍କୁଲଗେମରେ ବରଗଡ଼ ଜିଲ୍ଲାର ସଫଳତା




ବରଗଡ଼, (ଭାସ୍କର ନ୍ୟୁଜ୍): ଚଳିତ ମାସ ୧୦ ତାରିଖରୁ ଆରମ୍ଭ ହୋଇଥିବା ବଡ଼ବିଲ (କେନ୍ଦୁଝର) ରେ ତିନି ଦିବସୀୟ ରାଜ୍ୟ ସ୍ତରୀୟ ସ୍କୁଲଗେମ ଅନୁଷ୍ଠିତ ହୋଇ ଯାଇଛି ।ଉକ୍ତ ସ୍କୁଲଗେମ ପ୍ରତିଯୋଗିତାରେ ରାଜ୍ୟ ର ୨୫ ଜିଲ୍ଲାରୁ ସର୍ବମୋଟ ୩୫୬ ଜଣ ପ୍ରତିଯୋଗି ଭାଗ ନେଇ ଥିଲେ। ସେଥି ମଧ୍ୟରୁ ବରଗଡ଼ ଜିଲ୍ଲା ରୁ ତିନି ଜଣ ପ୍ରତିଯୋଗି କୋଚ ବିଜୟ କୁମାର ଭୋଇ ଙ୍କ ନେତୃତ୍ୱ ରେ ଅଂଶ ଗ୍ରହଣ କରି ବରଗଡ଼ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ,ସେଥି ମଧ୍ୟ ରୁ ଅନନ୍ୟା ଦାସ ୧୪ ବର୍ଷରୁ କମ ବାଳିକା ବିଭାଗ ରେ ରୋପ୍ୟ ପଦକ, ସାଗର ମେହେର ୧୪ ବର୍ଷ ରୁ କାମ ବାଳକ ବିଭାଗ ରେ ରୋପ୍ୟ ପଦକ ଏବଂ ରୋହିତ ମାଝୀ ୧୭ବର୍ଷ ରୁ କମ ବାଳକ ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସ୍ୱର୍ଣ୍ଣ ପଦକ ହାସଲ କରିଥିବା ରୋହିତ ମାଝୀ ଆସନ୍ତା ମାସ ନାଗାଲାଣ୍ଡ ର କୋହେମା ରେ ଜାତୀୟ ସ୍ତରୀୟ ଟାଇକୋଣ୍ଡୋ ସ୍କୁଲଗେମ ପ୍ରତିଯୋଗିତା ରେ ଅଂଶଗ୍ରହଣ ବୋଲି କୋଚ ବିଜୟ କୁମାର ଭୋଇଙ୍କ ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ। ସଙ୍ଘର ସଭାପତି ନବକିଶୋର ପାଣିଗ୍ରାହୀ, ଉପ-ସଭାପତି ଆଶୁତୋଷ ରଥ, ଶ୍ରୀୟା ମିଶ୍ର ତଥା ବରଗଡବାସୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ରାସ୍ତା ଶୋଚନୀୟ, ମରାମତି ଦାବି



ରାଇଘର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ କୋଦଭାଟା ରାସ୍ତା ଶୋଚନୀୟ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ପ୍ରକାଶଥାଉକି କୋଦଭାଟା ଛକ ଠାରୁ ଅଗ୍ନିଶମ ଅଫିସ ଏବଂ ତହସିଲ ଅଫିସକୁ ସଂଯୋଗ କରୁଥିବା ସାହିର ରାସ୍ତା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଅଛି। ସେହିଭଳି ପଠାଣ ସାହି, ଦେଇ ମାଉଳୀ ମା' ମନ୍ଦିର ହାଇ ସ୍କୁଲ ଯିବା ରାସ୍ତା, ତଥା ରାଇଘର ସଦର ମହକୁମାର ସମସ୍ତ ସାହି ରାସ୍ତା ଅତି ଶୋଚନୀୟ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ଏବଂ ରାସ୍ତା ଉପରେ ପାଣି ଜମି ରହିଅଛି। ଏହି ଅବସ୍ଥା ସବୁବେଳେ ରହୁଥିବା ବେଳେ କିଛି କିଛି ମୋରମ୍ ମାଟି ପକାଇ କାମ ସାରିଦେଉଛନ୍ତି। ଯାହାଫଳରେ କିଛି ଦିନ ପରେ ପୁଣି ଯେମିତି ଅବସ୍ଥାକୁ ସେମିତି ଅବସ୍ଥାରେ ରହୁଅଛି । ବର୍ତ୍ତମାନ ପାଣି ଜମି ରହିଥିବାରୁ ସେହି ରାସ୍ତା ଦେଇ ଯିବା ଆସିବା କରିବାରେ ବହୁ ଅସୁବିଧା ହେଉଥିବା ଦେଖିବାକୁ ମିଳିଛି। ତେଣୁ ସ୍ଥାନୀୟ ପ୍ରଶାସନ ତଥା ଲୋକ ପ୍ରତିନିଧି ଏହା ଉପରେ ନଜର ଦେଇ ଏହାର ସ୍ଥାୟୀ ସମାଧାନ ନିମନ୍ତେ ସାହି ବାସିନ୍ଦା ତରଫରୁ ଦାବି କରିଛନ୍ତି।

# ଚଢ଼ା ଦରରେ ସାର ବିକ୍ରି ଘଟଣା, ବ୍ୟବସାୟୀଙ୍କ ଲାଇସେନ୍ସ ରଦ୍ଦ

ରାଇଘର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସମେତ ଜିଲ୍ଲା ବିଭିନ୍ନ ବ୍ଲକରେ ଗତ କିଛି ଦିନ ହେବ ସରକାରୀ ରେକର୍ଡ ଅନୁଯାୟୀ ରାଇଘର ବ୍ଲକକୁ ସାଢ଼େ ପାଞ୍ଚ ହଜାର ମେଟ୍ରିକ୍ ଟନ୍ ସାର ଆସିବା ସତ୍ତ୍ୱେ ସାରର ଅଭାବ ନେଇ ବିଭିନ୍ନ ଗଣମାଧ୍ୟମରେ ଜିଲ୍ଲା ସାରା ଖବର ପ୍ରକାଶ ପାଇଥିଲା। ତଥାପି ହୋଲ ସେଲ ବ୍ୟବସାୟୀ ଠାରୁ ଆରମ୍ଭ କରି ସମସ୍ତ ବ୍ୟବସାୟୀ ଚଢ଼ା ଦରରେ ୟୁରିଆ ସାର ବିକ୍ରି ଚାଲିଥିଲା। ଏ ନେଇ ଜଣେ ଚାଷୀ କୃଷି ଅଧିକାରୀଙ୍କୁ ଅବଗତ କରିବା ପରେ ରାଇଘର ବ୍ଲକ କୃଷି ଅଧିକାରୀ ଜଣେ ବ୍ୟବସାୟୀଙ୍କ ଲାଇସେନ୍ସ ଗୋଟାଏ ମାସ ସକାଶେ ରଦ୍ଦ କରିଥିବା ଜଣାଯାଇଛି। ପ୍ରକାଶଥାଉ କି ୟୁରିଆ ସାର ଦର ପ୍ୟାକେଟ ୨୭୦ ଟଙ୍କା ଥିବା ବେଳେ ରାଇଘର ସଦର ମହକୁମା ସ୍ଥିତ ଜଣେ ହୋଲ ସେଲ ଡିଲର କୁମୁଲି ପଞ୍ଚାୟତ ଅନ୍ତର୍ଗତ ବିଜାପୁର ଗ୍ରାମର ଶ୍ରବଣ ସାହୁ ନାମକ ଚାଷୀଙ୍କ ଠାରୁ ପେକେଟ ପିଛା ପାଞ୍ଚ ଶହ ଟଙ୍କା ନେଇଥିଲେ। ଏନେଇ ଶ୍ରବଣ ସାହୁ କୃଷି ଅଧିକାରୀଙ୍କ ନିକଟରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଘଟଣାର ସତ୍ୟତା ଅନୁଧ୍ୟାନ କରି ଲାଇସେନ୍ସ ରଦ୍ଦ କରିଥିବା ଅଧିକାରୀ ସୁଚନା ଦେଇଛନ୍ତି। ଏମିତି କି ରାଇଘର ବ୍ଲକ କୁମୁଲି, ଛତା ବେଢ଼ା, ଜୋଡ଼ିଙ୍ଗା, ଗୁରୁସିଙ୍ଗା, ସରଗୁଲି, ହାଟ ଭରାଣ୍ଡି, ମାରିଙ୍ଗା, ତୁରୁଡି, ପରିଚି ପାରା ସମେତ ବ୍ଲକ ରେ ଥିବା ବିଭିନ୍ନ ସ୍ଥାନରେ ୟୁରିଆ ସାର ୨୭୦ ଟଙ୍କା ପରିବର୍ତ୍ତେ ୧୦୦୦ ଟଙ୍କା ରୁ ଅଧିକ ଦରରେ ବିକ୍ରୀ ହେଉଛି। ସରକାରୀ ନିର୍ଦ୍ଦେଶ ଅନୁସାରେ ଦୋକାନ ଆଗରେ ଦର୍ ରହିବା କଥା କିନ୍ତୁ ଦୋକାନ ଆଗରେ ସାର କିମ୍ବା ବିହନର ଦର ମଧ ବ୍ୟବସାୟୀ ମାନେ ଲେଖୁନଥିବା ଦେଖିବାକୁ ମିଳୁଛି ।ବେଳେ ବେଳେ କୃଷି ଅଧିକାରୀ ଯାଞ୍ଚ ପାଇଁ ଆସିଲେ ସାର ବ୍ୟବସାୟୀ ମାନେ ଦୋକାନ ବନ୍ଦ କରି ଦେଉଛନ୍ତି। ଏପଟେ ଯେତେକ କମ୍ପାନୀ ର ବିହନ କୀଟନାଶକ ଔଷଧ ବିକ୍ରି କରିବେ ସମସ୍ତ କମ୍ପାନୀ ର ଲାଇସେନ୍ସ ବଧତା ଥିବା ବେଳେ ବ୍ୟବସାୟୀ ମାନେ ଗୋଟାଏ ଦୁଇଟି ଲାଇସେନ୍ସ କରି ବିଭିନ୍ନ ପ୍ରକାର ର ସାର ବିହନ କୀଟନାଶକ ଔଷଧ ବିକ୍ରି କରୁଛନ୍ତି। ତେଣୁ ଏହାକୁ ରୋକ୍ ଲଗାଇବାକୁ ହେଲେ ବିଭାଗୀୟ ଅଧିକାରୀ ଙ୍କ ଦ୍ୱାରା ବାରମ୍ବାର ଚଢ଼ାଉ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣ ରେ ଦାବି ହେଉଛି।

# ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ଗୁପ୍ତପୂଜା ଆରମ୍ଭ



ବୌଦ୍ଧ, (ଭାସ୍କର ନ୍ୟୁଜ): ବୌଦ୍ଧ ଜିଲ୍ଲା ପୁରୁଣାକଟକ ସ୍ଥିତ ଜିଲ୍ଲା ର ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ପୀଠରେ ରବିବାର ଦିନ ଷୋହଳ ପୂଜା ବା ଖଣ୍ଡାବସା ପର୍ବ ଆରମ୍ଭ ହୋଇଯାଇଛି। ଅପରାହ୍ନ ଚାରିଟା ସମୟରେ ମା' ଙ୍କ ପାଟଖଣ୍ଡା, ବିଜୟ ପ୍ରତିମା, ଘଣ୍ଟ ଛତ୍ର ଧରି ବିରାଟ ପଟୁଆର ସହ ସେବକ ପୂଜାରୀ ଓ ଭକ୍ତଙ୍କୁ ନେଇ ସହର ପରିକ୍ରମା କରିସାରିବା ପରେ ମା'ଙ୍କ ମନ୍ଦିରରେ ପହଞ୍ଚିଥିଲେ। ଶକ୍ତିପୀଠରେ ଷୋହଳ ଦିନ ପର୍ଯ୍ୟନ୍ତ ଦେବୀଙ୍କୁ ଗୁପ୍ତ ଭାବରେ ପୂଜା କରାଯାଇଥାଏ। ଯାହାକି ଅନ୍ୟ କୌଣସି ପୀଠରେ ଦେଖାଯାଇନଥାଏ। ରାତ୍ରର ପ୍ରଥମ ପ୍ରହର ରୁ ମଧ ରାତ୍ର ପର୍ଯ୍ୟନ୍ତ ମା'ଙ୍କଙ୍କ ପାରମ୍ପରିକ ରୀତିନୀତି ଅନୁସାରେ ଗୁପ୍ତପୂଜା ହୋଇଥାଏ। ୧୬ ଦିନ ପର୍ଯ୍ୟନ୍ତ ମନ୍ଦିର ପରିସରରେ ଭକ୍ତଙ୍କ ଚଳପ୍ରଚଳ ନିଷିଦ୍ଧ ଥାଏ। ଏହି ଦିନ ଉକ୍ତ ଅଞ୍ଚଳରେ ମାମାନେ ପୁଅମାନଙ୍କ ମଙ୍ଗଳ ମନାସି ପୁଅଜିଉଁନ୍ତିଆ କରିଥାନ୍ତି। ଏହି ପର୍ବ ମହିଳା ମାନେ ନିଷାର୍ଦ୍ଧରେ ସମ୍ପୂର୍ଣ୍ଣ ଉପବାସ ରହି ମା'ଙ୍କ ପୀଠରେ ଢୋଲ ବାଦ୍ୟ ଶୁଣିଲା ପରେ ପୂଜା ଆରମ୍ଭ କରିଥାନ୍ତି। ଦୀର୍ଘ ଷୋହଳ ଦିନ ଧରି ଦେବୀ ଙ୍କ ଦର୍ଶନ ନିଷେଧ ଥିବାରୁ ନବମୀ ଦିନ ଠାରୁ ଦେବୀଙ୍କ କୃପା ଲାଭ କରିବା ପାଇଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତ ରୁ ଭକ୍ତଙ୍କ ସମାବେଶ ହୋଇଥାଏ। ପ୍ରତିବର୍ଷ ଆଶ୍ୱିନ ମାସରେ ମା' ଭୈରବୀଙ୍କ ଷୋହଳ ପୂଜା ସ୍ୱତନ୍ତ୍ର ଓ ବିଶେଷ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଥାଏ। ରାଜାରାଜୁଡ଼ା ଅମଳରୁ ଚାଲି ଆସିଥିବା ଏହି ଷୋହଳ ପୂଜା ଆଶ୍ୱିନ ମାସ ମୂଳାଷ୍ଟମୀ ତିଥିରୁ ଆରମ୍ଭ ହୋଇ ଶୁକ୍ଳପକ୍ଷ ମହାଷ୍ଟମୀ ଦିନ ଶେଷ ହୋଇଥାଏ ।ଏବଂ ତା ପରଦିନ ଅର୍ଥାତ ନବମୀ ଦିନ ଠାରୁ ମା'ଙ୍କ ନବଯୌବନ ବେଶରେ ଭକ୍ତ ଙ୍କୁ ଦର୍ଶନ ଦେଇଥାନ୍ତି। ବିଜୟା ଦଶମୀ ଦିନ ପୀଠରେ ଦଶମୀ ପୂଜା ସହିତ ସାଧାରଣ ଭକ୍ତଙ୍କ ପାଇଁ ସାହଣ ମେଲା ଦର୍ଶନ ହୋଇଥାଏ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି।

## ବାରଣ କରିବା ହେଲା କାଳ

# ମଦ୍ୟପର ଗୋଇଠା ମାଡ଼ରେ ବୃଦ୍ଧ ମୃତ, ଅଭିଯୁକ୍ତ ଗିରଫ



କନ୍ଧମାଳ,(ଭାସ୍କର ନ୍ୟୁଜ୍) : ମଦ ପିଇବାକୁ ମନା କରିବା ହେଲା କାଳ । ମଦ୍ୟପଙ୍କ ଗୋଇଠା ମାଡରେ ବୃଦ୍ଧଙ୍କ ଯୌନାଙ୍ଗ ଫାଟି ଜୀବନ ଚାଲିଯାଇଛି । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଘଣ୍ଟାପଡ଼ା ଥାନା ଅନ୍ତର୍ଗତ ଉମା ଗ୍ରାମରେ । ମୃତକ ଜଣକ ହେଲେ ଉମା ଗ୍ରାମର ଉମାକାନ୍ତ ଭୋଇ । ମଦୁଆ ଅଭିଯୁକ୍ତ ଜଣକ ହେଲେ ବଂଶୀଙ୍ଗ ଭୋଇ । ବଂଶୀଙ୍ଗକୁ ପୋଲିସ ଗିରଫ କରିଥିବା ବେଳେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ସୂଚନା ମୁତାବକ, ଘଣ୍ଟାପଡ଼ା ଥାନା ଅନ୍ତର୍ଗତ ଉମା ଗ୍ରାମର ବଂଶୀଙ୍ଗ ଭୋଇ ଅତ୍ୟଧିକ ମଦ ପିଇ ଗାଁ ଦାଣ୍ଡରେ ପାଟି ତୁଣ୍ଡ କରିବା ସହ ଅସଭ୍ୟ ଭାଷାରେ ଗାଳି ଗୁଲଜ କରୁଥିଲେ। ଏହା ଦେଖି ସେହି ଗାଁର ପଡ଼ୋଶୀ ଉମାକାନ୍ତ ଭୋଇ ଆସି ତାଙ୍କୁ ବାରଣ କରିବା ସହ ମଦ ପିଇବା ପାଇଁ ମନା କରିଥିଲେ । ପରେ ଘରକୁ ନେଇ ଛାଡିବା ପାଇଁ ଉଦ୍ୟମ କରୁଥିଲେ । ଠିକ ସେହି ସମୟରେ ମଦ୍ୟପ ଯୁବକ ବଂଶୀଙ୍ଗ ଭୋଇ ବଚଶା ହେବା ସହ ଉତ୍‌କ୍ଷିପ୍ତ ହୋଇ ଉମାକାନ୍ତଙ୍କୁ ଏକ ଗୋଇଠା ମାରିଥିଲେ। ଗୋଇଠା ମାଡ଼ ଉମାକାନ୍ତଙ୍କ ଯୌନାଙ୍ଗରେ ବାଜିବା ଫଳରେ ସେ ଘଟଣା ସ୍ଥଳରେ ଚେତାଶୁନ୍ୟ ହୋଇଯାଇଥିଲେ । ତାଙ୍କୁ ପରିବାର ଲୋକ କନ୍ଧମାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ୭କ୍ୱିଣ୍ଟାଲ ଗଞ୍ଜେଇ ଜବତ ଘଟଣାରେ ଜଣେ ଗିରଫ

ମୋହନା, (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ମୋହନା ଥାନା କଲେଜ ଛକ - ତାରିଣୀ ମନ୍ଦିର ନିକଟରୁ ଏକ ପିକଅପ ଭ୍ୟାନ ସହ ୭ କ୍ୱିଣ୍ଟାଲ ୨୦ କିଲୋ ଗଞ୍ଜେଇ ଜବତ ଘଟଣା ରେ ଜଣକୁ ଗିରଫ ପୋଲିସ୍ କରିଛି। ଗିରଫ ଅଭିଯୁକ୍ତ ହେଲେ ଅଡବା ଥାନା କାମେରିଙ୍ଗ ଗାଁର ଲାଟୁ ନାୟକ (୨୭) । ଏହି ଘଟଣା ରେ ଆଉ କିଛି ଅଭିଯୁକ୍ତ ଅଛନ୍ତି । ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଥାନା ଅଧିକାରୀ ବସନ୍ତ ସେଠି କହିଛନ୍ତି । ସୂଚନାଯୋଗ୍ୟ ଯେ ଗତ ୪ ତାରିଖ ବୁଧବାର ରାତିରେ ସ୍ଥାନୀୟ କଲେଜ ଛକରେ ମୋହନା ପୁଲିସ ପେଟ୍ରୋଲିଂ କରୁଥିଲା । ଏହି ସମୟରେ ଏକ ପିକଅପ ଭ୍ୟାନ ନମ୍ବର (ଓଡି ୦୭ ଏଜେ ୭୨୧୪) ରାସ୍ତାରେ ରଖିଦେଇ ଡ୍ରାଇଭର ଚମ୍ପଟ ମାରିଥିଲା।



ରାଞ୍ଚି/କୋଇଡା (ବ୍ୟୁରୋ): ନକ୍ସଲ ବିରୋଧୀ ଅଭିଯାନକୁ ଆଉଏକ ବଡ଼ ଧରଣର ସଫଳତା ମିଳିଛି। ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଛନ୍ତି ୩ କୁଖ୍ୟାତ ମାଓବାଦୀ। ଗୁଇନ୍ଦା ସୂଚନା ଆଧାରରେ ଝାଡ଼ଖଣ୍ଡର ହଜାରିବାଗ ଅନ୍ତର୍ଗତ କାରାଣ୍ଡି ଗାଁ ଜଙ୍ଗଲରେ ହୋଇଥିବା ସର୍ଚ୍ଚ ଅପରେସନ ଓ ପରେ ହୋଇଥିବା ଗୁଳି ବିନିମୟରେ ଏହି ସଫଳତା ହାସଲ କରାଯାଇଛି। ନିହତ ମାଓବାଦୀଙ୍କ ମଧ୍ୟରେ ରହିଛି ସିପିଆଇ (ମାଓବାଦୀ)ର କେନ୍ଦ୍ରୀୟ କମିଟି ସଦସ୍ୟ ସହଦେବ ସୋରେନ ଓରଫ ପରବେଶ। ଏକାଧିକ ହିଂସାକାଣ୍ଡ ଓ ହମଲାରେ ସାମିଲ ଥିବା ସହଦେବକୁ ଧରିବା ପାଇଁ ପୋଲିସ ପକ୍ଷରୁ ଦୀର୍ଘଦିନ ହେବ ଉଦ୍ୟମ ଜାରି ରହିଥିଲା। ତା ମୁଣ୍ଡପାଇଁ ୧ କୋଟିର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଏବେ ସେ ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହୋଇଛି। ସେହିପରି ବିହାର-ଝାଡ଼ଖଣ୍ଡ ସ୍ପେଶାଲ ଏରିଆ କମିଟି ସଦସ୍ୟ ରଘୁନାଥ ହେମ୍ବ୍ରମ ଓରଫ ଚଞ୍ଚଲର ଖେଳ ମଧ୍ୟ ଖତମ କରିଛନ୍ତି ସୁରକ୍ଷାକର୍ମୀ। ତା ମୁଣ୍ଡ ଉପରେ ୨୫ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ନିହତ ତୃତୀୟ ମାଓବାଦୀ ଜଣକ ହେଲେ ବୀରସେନ ଗାନ୍ଝୁ ଓରଫ ରାମ ଖେଲାୱନ। ସେ ଜୋନାଲ କମିଟି ସଦସ୍ୟ ଭାବେ କାମ କରୁଥିଲା ଓ ତାକୁ ଧରାଇ ଦେବାପାଇଁ ପୋଲିସ ପକ୍ଷରୁ ୧୦ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ସୁରକ୍ଷାକର୍ମୀ ଏହି ୩ ମାଓବାଦୀଙ୍କ ମୃତଦେହକୁ ଜବତ କରିଛି। ସେହି ଜଙ୍ଗଲରେ ଥିବା ଏକ ମାଓ କ୍ୟାମ୍ପକୁ ମଧ୍ୟ ସୁରକ୍ଷାକର୍ମୀ ଧ୍ୱଂସ କରି ଦେଇଛନ୍ତି। ଘଟଣାସ୍ଥଳରୁ ଏକେ-୪୭ ରାଇଫଲ ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ହଜାରିବାଗ ପୋଲିସ ଓ ସିଆରପିଏଫ୍ ୨୦୯ କୋବ୍ରା ବାଟାଲିୟନ ପକ୍ଷରୁ ଆରମ୍ଭ ହୋଇଥିବା ଏହି ସର୍ଚ୍ଚ ଅପରେସନ ଏବେ ବି ଜାରି ରହିଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

## ଏନ୍‌ଟିପିସି ଦର୍ଲିପାଲି ପ୍ରକଳ୍ପରେ ହିନ୍ଦୀ ଦିବସ ଏବଂ ହିନ୍ଦୀ ପାକ୍ଷିକା ଉଦ୍‌ଘାଟିତ




ଦର୍ଲିପାଲି(ଭାସ୍କର ନ୍ୟୁଜ): ୧୫ ସେପ୍ଟେମ୍ବରରେ ଏନ୍‌ଟିପିସି ଦର୍ଲିପାଲି ପ୍ରକଳ୍ପରେ ପ୍ରଶାସନିକ ଭବନରେ ହିନ୍ଦୀ ଦିବସ ଏବଂ ହିନ୍ଦୀ ପକ୍ଷିକା ଉଦ୍ଘାଟିତ ହୋଇଥିଲା। ଏହି ଅବସରରେ, ମୁଖ୍ୟ ଅତିଥି ଫୈଜ ତୈୟବ, ମୁଖ୍ୟ ମହାପ୍ରବନ୍ଧକ ଏବଂ ପ୍ରକଳ୍ପ ମୁଖ୍ୟ (ଦର୍ଲିପାଲି) ରାଜଭାଷା ହିନ୍ଦୀକୁ କାର୍ଯ୍ୟ ଏବଂ ଆଚରଣର ଭାଷା କରିବା ଏବଂ ଯଥାସମ୍ଭବ ସରକାରୀ କାର୍ଯ୍ୟ ହିନ୍ଦୀରେ କରିବା ପାଇଁ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଦର୍ଲିପାଲିର ପ୍ରଥମ ଦିନରେ, ଇ-୮ ସ୍ତରରୁ ଅଧିକ ଅଧିକାରୀଙ୍କ ପାଇଁ ପ୍ରଶାସନିକ ଏବଂ ବୈଦ୍ୟୁତିକ ହିନ୍ଦୀ ଶବ୍ଦ ଜ୍ଞାନ ପ୍ରତିଯୋଗିତା ଏବଂ କର୍ମଚାରୀଙ୍କ ପାଇଁ ହିନ୍ଦୀ ପ୍ରୋତ୍ସାହନ ସ୍ଲୋଗାନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଆଗାମୀ ଦିନରେ, ରାଜଭାଷା ପଖୱାଡା ଅଧୀନରେ ବିଭିନ୍ନ ପ୍ରତିଯୋଗିତା ଏବଂ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

## 'ଓଡ଼ିଶା ପରିବେଶ ବନ୍ଧୁ' ସଙ୍ଗଠନ ତରଫରୁ ସଚେତନତା କାର୍ଯ୍ୟକ୍ରମ




ପୁରୀ (ଭାସ୍କର ନ୍ୟୁଜ): ଗତ ୧୩ ତାରିଖରେ ସାକ୍ଷୀଗୋପାଳ ସ୍ଥିତ ଦୁଇଟି ସରକାରୀ ବିଦ୍ୟାଳୟରେ 'ଓଡ଼ିଶା ପରିବେଶ ବନ୍ଧୁ' ତରଫରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ବାଳିକା ବିଦ୍ୟାଳୟରେ ଏକଶତ ଛାତ୍ରୀମାନଙ୍କ ଉପସ୍ଥିତିରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଥିବାବେଳେ, ଦ୍ୱିତୀୟ ପର୍ଯ୍ୟାୟରେ ସତ୍ୟବାଦୀ ବାଳକ ବିଦ୍ୟାଳୟରେ ମଧ ସେହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା, ଯେଉଁଥିରେ ୬୦ଜଣ ବାଳକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପରିବେଶ ବନ୍ଧୁ ସଙ୍ଗଠନର ସଭାପତି ଡଃ. ଚିତ୍ତରଞ୍ଜନ ମିଶ୍ର ଉପସ୍ଥିତ ରହି ଅନୁଷ୍ଠାନର କାର୍ଯ୍ୟବଳୀ ଉଦ୍ଦେଶ୍ୟରେ ପିଲାମାନଙ୍କ ପାଇଁ ଓ ଉପସ୍ଥିତ ଥିବା ସମସ୍ତ ଶିକ୍ଷକଶିକ୍ଷୟତ୍ରିଙ୍କ ପାଇଁ ସୂଚନା ପ୍ରଦାନ କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଭ୍ୟ ଇଂ. ହେମନ୍ତ କୁମାର ଜେନା ପ୍ଲାଷ୍ଟିକ୍ ବ୍ୟବହାରର ନିବାରଣ ବିଷୟରେ ପିଲାମାନଙ୍କୁ ଏକ ଘଣ୍ଟାଧରି କମ୍ପ୍ୟୁଟର ମାଧ୍ୟମରେ ଉପସ୍ଥାପନ କରିଥିଲେ। ଅନ୍ୟତମ ସଦସ୍ୟ ହର୍ଷବର୍ଦ୍ଧନ ଉଦଗାତା ପିଲାମାନଙ୍କୁ ଅତି ପ୍ରାଞ୍ଜଳଭାବରେ ପରିବେଶ ଉପରେ ସଚେତନ କରିବା ମାଧ୍ୟମରେ ଜଙ୍ଗଲ ସୁରକ୍ଷା, ବୃକ୍ଷରୋପଣ, ପଶୁପକ୍ଷୀ ସଂରକ୍ଷଣ ଇତ୍ୟାଦି ବିଷୟରେ ବୁଝାଇଥିଲେ। ଏତଦ୍‌ବ୍ୟତିତ ଦୁଇଟି ବିଦ୍ୟାଳୟର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ କରାଯାଇଥିଲା। ସଙ୍ଗଠନର ଉପସଭାପତି ଦେବାନନ୍ଦ ସାମଲ ଉପସ୍ଥିତ ରହି ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପରିବେଶର ସୁରକ୍ଷା ସହିତ ପ୍ଲାଷ୍ଟିକ ବ୍ୟବହାର ନିବାରଣ ବିଷୟରେ ଶପଥ କରାଇଥିଲେ। ବରିଷ୍ଠ ସଭ୍ୟ କୃଷ୍ଣ ନାୟକ ଉପସ୍ଥିତ ରହି ପିଲାମାନଙ୍କୁ ପରିବେଶ ଉପରେ ସମ୍ୟକ ଜ୍ଞାନ ପ୍ରଦାନ କରିଥିଲେ। ସତ୍ୟବାଦୀର ନବ କୁମାର ଶତପଥି, ସତ୍ୟବାଦୀ ଦାଶ ଓ ବିଜୟ କୁମାର ପରିଡାଙ୍କର ବଳିଷ୍ଠ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ସଫଳତାର ସହିତ କରାଯାଇଥିଲା।


ସାମାଜିକ ନ୍ୟାୟ ଏବଂ
ସଶକ୍ତିକରଣ ମନ୍ତ୍ରଣାଳୟ
ଭାରତ ସରକାର

**ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ବିଭାଗ**

ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ବିଭାଗ, ୨୦୨୫-୨୬ ଦ୍ୱିତୀୟ ପର୍ଯ୍ୟାୟ ଚୟନ ବର୍ଷ ପାଇଁ ଅନୁସୂଚିତ ଜାତି, ବିସୂଚିତ ଯାଯାବର ଏବଂ ଅର୍ଦ୍ଧ-ଯାଯାବର ଜନଜାତି, ଭୂମିହୀନ କୃଷି ଶ୍ରମିକ ଏବଂ ପାରମ୍ପରିକ କାରିଗର ବର୍ଗର ନିମ୍ନ ଆୟ ଛାତ୍ରଛାତ୍ରୀଙ୍କ ପାଇଁ ଜାତୀୟ ବିଦେଶୀ ଛାତ୍ରବୃତ୍ତି ଯୋଜନା ଅଧୀନରେ ବିଦେଶରେ ମାଷ୍ଟର୍ସ ଏବଂ ପିଏଚଡି ପାଠ୍ୟକ୍ରମରେ ଅଧ୍ୟୟନ ପାଇଁ ଅନଲାଇନ୍ ଆବେଦନ ଆମନ୍ତ୍ରଣ ପାଇଁ ଏନ୍‌ଓଏସ୍ ପୋର୍ଟାଲ୍ ଖୋଲିବ।

ପୋର୍ଟାଲ୍ ୧୫-୦୯-୨୦୨୫ ରୁ ୨୪-୧୦-୨୦୨୫ ପର୍ଯ୍ୟନ୍ତ ଆବେଦନ ଆମନ୍ତ୍ରଣ ପାଇଁ ଖୋଲା ରହିବ ଏବଂ ତା'ପରେ, କେବଳ ସଂଶୋଧନ ପାଇଁ ପୋର୍ଟାଲ୍ ୨୬-୧୦-୨୦୨୫ ରୁ ୨୯-୧୦-୨୦୨୫ ପର୍ଯ୍ୟନ୍ତ ଖୋଲା ରହିବ।

ଫର୍ମ ପୂରଣ ପାଇଁ ବିସ୍ତୃତ ନିର୍ଦ୍ଦେଶାବଳୀ ପୋର୍ଟାଲରେ ଉପଲବ୍ଧ। ଫର୍ମ ପୂରଣ କରିବା ପୂର୍ବରୁ, ପ୍ରାର୍ଥୀମାନଙ୍କୁ ଯୋଜନା ନିର୍ଦ୍ଦେଶାବଳୀ ଅନୁଯାୟୀ ସେମାନଙ୍କର ଯୋଗ୍ୟତା ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି।

ପୋର୍ଟାଲର ଲିଙ୍କ୍ ହେଉଛି www.nosmsje.gov.in

ଅଧିକ ବିବରଣୀ ନିମନ୍ତେ
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ।

CBC 38101/11/0020/2526


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶା ହେବ...

ନିବେଶକ ମାନଙ୍କୁ ଆକୃଷ୍ଟ କରୁଛୁ । ମାନୁଫାକ୍‌ଚରିଂ ଭାଲ୍ୟୁ ଚେନ୍‌ରେ ଆହୁରି ଉପରକୁ ଉଠି ସାରା ବିଶ୍ୱର ବଜାରରେ କମ୍ପିଟ୍ କରି ପାରୁଥିବା ଭଳି ପ୍ରଡକ୍ଟ ନିର୍ମାଣ କରୁଛୁ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଆମ ସରକାର ମାତ୍ର ୧୫ ମାସ ହେବ ଓଡିଶାର ଶାସନ ଦାୟିତ୍ୱ ନେଇଛନ୍ତି । ଏହି ଅଳ୍ପ ସମୟ ମଧ୍ୟରେ ଆମ ସରକାର ୨୬୦ ଟି ଶିଳ୍ପ ପ୍ରକଳ୍ପ ମଞ୍ଜୁର କରିଛନ୍ତି, ଯାହାଦ୍ୱାରା ୫.୬ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଆସିବା ସହିତ ୩.୬ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି । ଏହି ସମୟ ମଧ୍ୟରେ ଆମେ ୮୪ ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛୁ । ଏହା ଦ୍ୱାରା ଓଡ଼ିଶାରେ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ନିବେଶ ହୋଇପାରିଛି, ଏବଂ ୧ ଲକ୍ଷ ୬୪ ହଜାର ନିଯୁକ୍ତି ସୃଷ୍ଟି କରାଯାଇପାରିଛି। ଶିଳ୍ପପତିମାନଙ୍କୁ ଭରସା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାରେ ଶିଳ୍ପ ସ୍ଥାପନ ପାଇଁ ଉପଯୁକ୍ତ ନୀତି ସହିତ ପ୍ରତ୍ୟେକ କ୍ଷେତ୍ରକୁ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ରଦାନ କରାଯାଉଛି । ସରକାରୀ ବ୍ୟବସ୍ଥାରେ ବ୍ୟୁରୋକ୍ରାଟିକ୍ ପ୍ରତିବନ୍ଧକକୁ ହଟାଯାଇଛି । ଶିଳ୍ପ ପ୍ରତିଷ୍ଠାର ଯାତ୍ରାରେ, ଶିଳ୍ପପତି ମାନଙ୍କୁ ସହଯୋଗର ହାତ ବଢାଇବା ପାଇଁ, ଆମେ ସବୁ ସମୟରେ ଉପସ୍ଥିତ ଅଛୁ । ଯେକୌଣସି ଅସୁବିଧାରେ ଶିଳ୍ପପତି ମାନଙ୍କ ସମସ୍ୟା ଦୂର କରିବା ପାଇଁ ଆମେ ଆମ ସରକାର ପ୍ରସ୍ତୁତ ଅଛନ୍ତି । ଏକ୍ ପେଡ ମା କି ନାମ୍ ୨.୦ ଅଭିଯାନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ସମସ୍ତ ଉଦ୍ୟୋଗୀ ତଥା ଶିଳ୍ପାନୁଷ୍ଠାନ ଗୁଡିକ ନିଜ ନିଜ ଅଞ୍ଚଳରେ ଯେତେ ଅଧିକ ସମ୍ଭବ ଚାରା ରୋପଣ କରନ୍ତୁ । ବିକାଶ ଓ ପରିବେଶ ପରସ୍ପରର ପରିପୂରକ ହୋଇ କାର୍ଯ୍ୟ କରିବା ଉଚିତ। ଆଗାମୀ ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିବସ ପାଳନ ହେବ । ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କ ଶ୍ରଦ୍ଧାକୁ ସମ୍ମାନ ଜଣାଇ, ତାଙ୍କ ପ୍ରତି ଏକ ଉପହାର ସ୍ୱରୂପ, ଓଡ଼ିଶାବାସୀ ସେହି ଗୋଟିଏ ଦିନରେ ୭୫ ଲକ୍ଷ ଗଛ ଲଗେଇବା ପାଇଁ ନିଷ୍ପତ୍ତି କରିଛନ୍ତି। ଏହି ଅଭିଯାନରେ ଶିଳ୍ପସଂସ୍ଥା ମାନଙ୍କୁ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୂତନ ଭାବେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ଶିଳ୍ପପତି ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଗଞ୍ଜାମ, ଖୋର୍ଦ୍ଧା, ଝାରସୁଗୁଡା, କୋରାପୁଟ ଓ ଅନୁଗୋଳ ଠାରେ ଆଭାସୀ ମାଧ୍ୟମରେ ସେ ଅଞ୍ଚଳରେ କାର୍ଯ୍ୟକାରୀ ହେବାକୁଥିବା ଶିଳ୍ପପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ସୁଦକ୍ଷ ପ୍ରଶାସନିକ ବ୍ୟବସ୍ଥା ଏବଂ ଶିଳ୍ପ ଅନୁକୂଳ ପରିବେଶ ହିଁ ଆଜି ଓଡିଶାକୁ ଶିଳ୍ପ ସମୃଦ୍ଧ ଭାବେ ଏକ ପ୍ରମୁଖ ସମ୍ଭାବନାର ରାଜ୍ୟ ଭାବେ ଗଢିତୋଳିବା ପାଇଁ ସକ୍ଷମ ହୋଇଛି। ଏଥି ସହିତ ମୁଖ୍ୟମନ୍ତ୍ରୀଙ୍କ ଭରଷା ଓ ବିଶ୍ୱାସ ଆଜି ଆମ ରାଜ୍ୟର ସାମଗ୍ରିକ ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିରେ ଉପାଦେୟ ସାବ୍ୟସ୍ତ ହୋଇଛି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ ପ୍ରତ୍ୟେକ ବ୍ୟକ୍ତି ଯାହାର ଇଚ୍ଛା ଓ ଦୃଢ ମନୋବଳ ଅଛି ସେ ଦିନେ ନା ଦିନେ ସଫଳ ହେବ। ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟା ସର୍ବଦା ରହିଆସିଛି ଯେ କିଭଳି ଗ୍ରାଉଣ୍ଡ ଜିରୋରୁ ସଫଳତା ମିଳିବ। ଏହି ଭରସାରେ ରାଜ୍ୟ ସରକାର ଆଜି ଶିଳ୍ପକ୍ଷେତ୍ରରେ ଅଗ୍ରଗତି କରୁଛନ୍ତି। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ପ୍ରମୁଖ ଶିଳ୍ପପତି ମାନେ ମଞ୍ଚାସୀନ ଥିଲେ। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଦକ୍ଷତା ବିକାଶ ବିଭାଗର କମିଶନର ତଥା ସଚିବ ଭୂପେନ୍ଦ୍ର ସିଂ ପୁନିଆ ଧନ୍ୟବାଦ ଦେଇଥିଲେ।

### ପ୍ରମୁଖ ପ୍ରାବଧାନ...

ଚାଲେଞ୍ଜ କରାଯାଇଛି ସେଗୁଡ଼ିକ ଉପରେ ଆମେ ରୋକ୍ ଲଗାଉଛୁ। ଆଇନରେ ୱାକଫ୍ ପାଇଁ ଜଣେ ବ୍ୟକ୍ତିବିଶେଷଙ୍କୁ ୫ ବର୍ଷ ଯାଏ ଅନୁପାଳନ କରିବା ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ଧାରା-୩ (ଆର)ରେ ଥିବା ଏହି ନିୟମ ଉପରେ ସୁପ୍ରିମକୋର୍ଟ ରୋକ୍ ଲଗାଇଛନ୍ତି। ନୂଆ ପ୍ରାବଧାନ ପ୍ରଣୟନ ହେବାଯାଏ ଏହା ଉପରେ ରୋକ୍ ଲାଗିବ ବୋଲି ଖଣ୍ଡପୀଠ କହିଛନ୍ତି। ସୁପ୍ରିମକୋର୍ଟ ୱାକଫ୍ ଆଇନରେ ଥିବା ଧାରା-୩ ସି(୪) ଉପରେ ମଧ୍ୟ ରୋକ୍ ଲଗାଇଛନ୍ତି। ଏଥିରେ ଜିଲ୍ଲାପାଳଙ୍କୁ ଗୋଟିଏ ୱାକଫ୍ ସମ୍ପତ୍ତି ସରକାରଙ୍କ ସମ୍ପତ୍ତି କି ନୁହେଁ, ତାହାର ନିଷ୍ପତ୍ତି ନେବାକୁ କ୍ଷମତା ଦିଆଯାଇଥିଲା। ଜିଲ୍ଲାପାଳଙ୍କୁ ନାଗରିକଙ୍କ ବ୍ୟକ୍ତିଗତ ଅଧିକାର ଉପରେ ନିର୍ଣ୍ଣୟ ନେବାକୁ ଅନୁମତି ଦିଆଯାଇପାରିବ ନାହିଁ । ଏହା କ୍ଷମତା ପୃଥକୀକରଣର ଉଲ୍ଲଂଘନ କରୁଛି। କାର୍ଯ୍ୟନିର୍ବାହୀ ଅଧିକାରୀ କେବେହେଲେ ବି ନାଗରିକଙ୍କ ଅଧିକାର ଉପରେ ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ସେହିପରି ବିବାଦୀୟ ଜମିର ସମାଧାନ ଜିଲ୍ଲାପାଳ କରିପାରିବେ ନାହିଁ । ଏହାର ବିଚାର ଟ୍ରିବ୍ୟୁନାଲ କରିବ। ଟ୍ରିବ୍ୟୁନାଲ ଚୂଡ଼ାନ୍ତ ନିଷ୍ପତ୍ତି ନ ନେବାଯାଏ କୌଣସି ପକ୍ଷ ବିରୋଧରେ ତୃତୀୟପକ୍ଷରୁ ସ୍ୱୀକୃତିକୁ ଅନୁମତି ମିଳିପାରିବ ନାହିଁ। ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଖଣ୍ଡପୀଠ ଆହୁରି କହିଛନ୍ତି ଯେ ରାଜ୍ୟ ୱାକଫ୍ ବୋର୍ଡରେ ୩ରୁ ଅଧିକ ଅଣମୁସଲିମ ସଦସ୍ୟ ରହିପାରିବେ ନାହିଁ। ୱାକଫ ବୋର୍ଡର ସିଇଓ ଜଣେ ମୁସଲିମ ହେବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି। ତେବେ ୱାକଫ୍ ସମ୍ପତ୍ତିର ପଞ୍ଜିକରଣ ନିୟମରେ ଖଣ୍ଡପୀଠ ରୋକ୍ ଲଗାଇ ନାହାନ୍ତି। ଖଣ୍ଡପୀଠ କହିଛନ୍ତି ଯେ ୧୯୫୫ରୁ ୨୦୧୩ ପର୍ଯ୍ୟନ୍ତ ପଞ୍ଜିକରଣ ବ୍ୟବସ୍ଥା ରହିଥିଲା। ଏବେ ମଧ୍ୟ ଏହି ନିୟମ ବଳବତ୍ତର ରହିଛି। ତେଣୁ ପଞ୍ଜିକରଣ ବ୍ୟବସ୍ଥା କୌଣସି ନୂଆ ନୁହେଁ ବୋଲି ଅନୁଭବ କରାଯାଉଥିବା ଖଣ୍ଡପୀଠ କହିଛନ୍ତି।


**AFFIDAVIT**

By virtue of an affidavit sworn before the Executive Magistrate, Niali, dated: 28.04.2025, I Subhadra Mallick, Address: At- Polasara, Po- Bagalsahi, Ps- Niali, Dist- Cuttack, Odisha, PIN-754004, declare that I have changed my daughter's name from Saina Mallick to Smrutirekha Mallick. Henceforth, She shall be known as Smrutirekha Mallick for all purposes.

**Sd/- Subhadra Mallick**

**AFFIDAVIT**

By virtue of an affidavit sworn before the Executive Magistrate, Tihidi, dated: 26.08.2025, I Minatilata Nayak, Address: At- Baro, Po- Baro, Ps- Tihidi, Dist- Bhadrak, Odisha, PIN-756130 declare that I have changed my name from Minati Nayak to Minatilata Nayak. Henceforth, I shall be known as Minatilata Nayak for all purposes.

**Sd/-Minatilata Nayak**

**AFFIDAVIT**

By virtue of an affidavit sworn before Notary Public, Bhubaneswar, Odisha dated 01.09.2025 I, Kishan Ray, S/o Sukanta Kumar Pattanaik, Resident of Sri Nibaspur, MohantySahi, VTC- Banapur P.O-Banpur, Dist-Khordha, PIN-752031, Odisha have changed my name from Kishan Kumar to Kishan Ray, Henceforth I shall be known as Kishan Ray for all purpose.

**(Kishan Ray)**

**Affidavit Notice(forMinor)**

By virtue of an affidavit sworn before Executive Magistrate , Banpur, Khordha,Dated 21/08/2025 .I Sabita Pradhan aged about 28 years W/o- Bulu Pradhan Address Village-Bankiapali,po- Damiabarabara, ps- Banpur, Dist-Khordha declare that I have changed the name of my son from Debajyoti Pradhan to Dibyajyoti pradhan. Henceforth, He will be known as Dibyajyoti pradhan for all purposes.

**Sabita Pradhan**
**(Applicant Name)**



झारखण्ड सरकार
कार्यपालक अभियंता का कार्यालय
ग्रामीण विकास विशेष प्रमण्डल, धनबाद
मोबाईल नं0 : 7061981397 Email : rdsd.dhanbad@rediffmail.com

पत्रांक:-781 धनबाद / दिनांक-13.09.2025

अति अल्पकालीन निविदा आमंत्रण सूचना

ई0- निविदा सूचना संख्या - 16/2025-26/RDSD/EE/Dhanbad/3rd Call

1.कार्य की विस्तृत विवरणी:-

| क्र0 सं० | कार्य का नाम | प्राक्कलित राशि (लाख में) | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1. | बाघमारा प्रखण्ड के धावाचिता पंचायत अन्तर्गत धावाचिता के बरवाडीह गाँव में एन0एच0-32 पथ से कतरी नदी तक तथा कतरी नदी से काली मंदिर तक पी0सी0सी0 पथ एवं कतरी नदी में पुल निर्माण। | 110.02400 | परिमाण विपत्र की राशि 2% | 10000.00 | 4 महीना |

2.वेबसाइट में निविदा प्रकाशन की तिथि -20.09.2025
3.ई0-निविदा प्राप्ति की तिथि एवं समय-दिनांक 20.09.2025 से दिनांक 27.09.2025 को अपराह्न 5:00 बजे तक।
4.ई0-निविदा खोलने का स्थान - कार्यपालक अभियंता का कार्यालय, ग्रामीण विकास विशेष प्रमंडल, धनबाद।
5.ई0-निविदा खोलने की तिथि एवं समय- 03.10.2025 अपराह्न 2:00 बजे
6.ई0-निविदा आमंत्रित करने वाले पदाधिकारी का नाम एवं पता :-ई0 बेनीलाल मरांडी, कार्यपालक अभियंता, ग्रामीण विकास विशेष प्रमंडल, धनबाद।
7.ई0-निविदा प्रकोष्ठ का दूरभाष सं० - 7061981397 (संबंधित कार्यपालक अभियंता का दूरभाष नम्बर)
8.परिमाण विपत्र की राशि घट-बढ़ सकती है तद्नुसार अग्रधन की राशि देय होगी।
9.जिस संवेदक का इस प्रमंडल में पूर्व से आवंटित कोई कार्य लंबित है अथवा उनका कार्यान्वयन संतोषजनक नहीं रहा है, उन्हें कार्य आवंटन पर विचार नहीं किया जायेगा।
10.निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
11.निविदा शुल्क एवं अग्रधन की राशि का ई-भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही आपकी होगी।
विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

PR 362020 (REO)25-26*D

कार्यपालक अभियंता ग्रामीण विकास विशेष प्रमंडल,धनबाद



*Government of Jharkhand*
*DEPARTMENT OF AGRICULTURE, ANIMAL HUSBANDRY & CO-OPERATIVE*
*(ANIMAL HUSBANDRY DIVISION)*
*Jharkhand, Ranchi.*

**SHORT TERM Re e-TENDER FOR SUPPLY OF LIVESTOCK & POULTRY FEED**
**Short term Re e-Tender No.-02/2025-26**

Online short term Re e-tenders are invited from sole manufacturers or dealer authorized by the manufacturer having minimum 03 (Three) years' experience in manufacturing and marketing for supply of Livestock (Cattle, Buffalo, Pig, Sheep & Goat) & Poultry (Poultry & Duck) Feed eligible to participate in the tender. With this, eligible bidder are invited for supply of Livestock and Poultry Feed to State Government Farms located in different locations of the Jharkhand State under Bid System (Technical- 1 & Financial- 2)

1. After publication of the N.I.T., the desirous bidders may download tender documents along with terms & conditions from the Website. https://www.jharkhandtenders.gov.in and **https://www.jharkhand.gov.in** but submit only through **NIC e-Tender portal https://www.jharkhandtenders.gov.in** with the help of Digital Signature Certificate (DSC).
2. Disclosure of rate other than financial bid will disqualify the bidder.
3. Estimated Contract Value- Approx. **Rs-04 Cr. (Four Crore).**
4. Validity Period – **One Year** from the date of agreement and shall not exceed 02 years.
5. Earnest Money **Rs. 08, 000, 00/- (Rupees Eight Lakhs)** of any Scheduled Bank should be submitted online mode.
6. The under mentioned schedule is fixed; however, the undersigned reserves the right to change the date of activities in case of any exigencies through a notice in the government website viz & Notice Board at official address Director, Animal Husbandry, Pashupalan Bhawan, Hesag, Hatia Ranchi Pin- 834003.
7. All Uploaded documents should be legible (readable) if not, tender may be rejected.

**Important Dates**

| | | |
|---|---|---|
| 1 | Date of Floating of Tender | 15-09-2025 |
| 2 | Download of tender document will start from | 16-09-2025 |
| 3 | Online Submission of bid will start from | 16-09-2025 |
| 4 | Pre Bid Meeting | 18-09-2025 at 01:00PM |
| 5 | Last date of online bid submission | 06-10-2025 |
| 6 | Last date for submission of sample, literature or brochure of product (by hand) | 06-10-2025 |
| 7 | Date of Opening of Technical bid | 07-10-2025 |
| 8 | Date of Opening of Financial bid | To be Declared later |

**Note-All online activities will take place at** the e-tender portal viz. https://www.jharkhandtenders.gov.in.

PR 361975 (Animal Husbandry) 25-26 (D)

**Director Animal Husbandry**
**Jharkhand Ranchi**



झारखण्ड सरकार
कार्यपालक अभियंता का कार्यालय
ग्रामीण विकास विशेष प्रमण्डल, धनबाद।
मोबाईल नं0 : 7061981397 Email : rdsd.dhanbad@rediffmail.com

पत्रांक:-786 धनबाद / दिनांक-15.09.2025

अति अल्पकालीन निविदा आमंत्रण सूचना

ई0- निविदा सूचना संख्या - 17/2025-26/RDSD/EE/Dhanbad

1.कार्य की विस्तृत विवरणी:-

| क्र0सं० | कार्य का नाम | प्राक्कलित राशि (लाख में) | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1. | निरसा प्रखण्ड अन्तर्गत रांगामाटी पंचायत के केन्दुआ से माधरायडीह होते हुए आंगुलकाटा काली मंदिर तक सड़क का निर्माण सह दो पुलिया का निर्माण। | 65.21300 | परिमाण विपत्र की राशि 2% | 10000.00 | 6 महीना |
| 2. | निरसा प्रखण्ड अन्तर्गत बैधनाथ गोराई, ग्राम - विराजभंडारपुर टोला - जोरकाटार के घर से पुलिया तक तालाब के दोनों तरफ गार्डवाल का निर्माण। | 89.23600 | परिमाण विपत्र की राशि 2% | 10000.00 | 6 महीना |
| 3. | कलियासोल प्रखण्ड अन्तर्गत ग्राम पिण्ड्राहाट में पी0डब्लू0 डी0 रोड से एलाकेन्द पंचायत सचिवालय तक पथ मरम्मति एवं निर्माण। | 34.83000 | परिमाण विपत्र की राशि 2% | 5000.00 | 4 महीना |
| 4. | कलियासोल प्रखण्ड अन्तर्गत नयाडीह आंगनबाड़ी केन्द्र से काली मंदिर होते हुए जंगल के रास्ते कानाडीह पी0डब्लू0 डी0 रोड तक पथ निर्माण। | 98.28600 | परिमाण विपत्र की राशि 2% | 10000.00 | 6 महीना |
| 5. | एग्यारकुण्ड प्रखण्ड के मध्य पंचायत अन्तर्गत कालीमंडा से लेकर मुण्डा धौड़ा तक पी0सी0सी0 पथ का निर्माण। | 88.21300 | परिमाण विपत्र की राशि 2% | 10000.00 | 6 महीना |

2. वेबसाइट में निविदा प्रकाशन की तिथि -25.09.2025
3. ई-निविदा प्राप्ति की तिथि एवं समय-दिनांक 25.09.2025 से दिनांक 03.10.2025 को अपराह्न 5:00 बजे तक।
4. ई-निविदा खोलने का स्थान - कार्यपालक अभियंता का कार्यालय, ग्रामीण विकास विशेष प्रमंडल, धनबाद।
5. ई-निविदा खोलने की तिथि एवं समय- 06.10.2025 अपराह्न 2:00 बजे
6. ई-निविदा आमंत्रित करने वाले पदाधिकारी का नाम एवं पता :- ई0 बेनीलाल मंराडी, कार्यपालक अभियंता, ग्रामीण विकास विशेष प्रमंडल, धनबाद।
7. ई-निविदा प्रकोष्ठ का दूरभाष सं० - 7061981397 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट-बढ़ सकती है तद्नुसार अग्रधन की राशि देय होगी।
9. जिस संवेदक का इस प्रमंडल में पूर्व से आवंटित कोई कार्य लंबित है अथवा उनका कार्यान्वयन संतोषजनक नहीं रहा है, उन्हें कार्य आवंटन पर विचार नहीं किया जायेगा।
10. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
11. निविदा शुल्क एवं अग्रधन की राशि का ई-भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

PR 362024 (REO) 25-26 (D)

कार्यपालक अभियंता
ग्रामीण विकास विशेष प्रमंडल, धनबाद



**CAD-1781**

Phone No. : (0661)-2500224
Email ID : secretaryrda@gmail.com

**GOVERNMENT OF ODISHA**
**ROURKELA DEVELOPMENT AUTHORITY, ROURKELA**
**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**

**Bid Identification No. 02/Rkl. RDA/2025-26 Dt.15.09.2025**

| | | |
|---|---|---|
| 01. | Name of the Work | 1 no. works |
| 02. | Estimated Cost | 36.86 Lakhs |
| 03. | Period of Completion | 15 (Fifteen) days |
| 04. | Date & Time of availability of bid document in the portal | From 11.00 AM of dt 16.09.25 to 5.00 PM of 23.09.25 |
| 05. | Last date / time of receipt of bids in the portal | 5.00 PM of 23.09.25 |
| 06. | Date & Time of opening of bids | At 11.00 AM of 24.09.25 |
| 07. | Name and Address of the Officer Inviting Bid | Secretary, Rourkela Development Authority Uditnagar, Rourkela-769012. |

**Further details can be seen from the web site www.tendersodisha.gov.in**

OIPR 13250/11/0103/2526

Sd/-Secretary,
Rourkela Development Authority,
Rourkela



E.Mail – rw_rourkela@yahoo.co.in

**O-752**

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II,SUNDARGARH
**TENDER CALL NOTICE**
**BID IDENTIFICATION NO. ONLINE-EERKL-08 of 2025-26**

| | | | |
|---|---|---|---|
| 1. | Name of the Work | :- | Bridge cum Bandhara Work |
| 2. | Total No. of works | :- | 01 (One) No |
| 3. | Estimated cost | :- | Rs .93.22 Lakhs |
| 4. | Class of contractor | :- | "B" Class |
| 5. | Period of completion | :- | 06(Six) Months |
| 6. | Type of Tender | :- | Double Cover |
| 7. | Other details | | |

| Procurement Officer | Bid Identification No. | Availability of Tender On-line for bidding | | Last Date & Time of seeking tender clarification | Date & Time of Opening of Tender | Financial Bid |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 7 | 8 |
| Executive Engineer, Rural Works Division-II, Sundargarh | Online - EERKL-08 of 2025-26 | 17.09.2025 from 10.00 AM | 09.10.2025 upto 05.00 PM | 08.10.2025 upto 1.00 PM | 10.10.2025 at 11.00 AM | Will be intimated separately |

Further details can be seen from the website www.tendersorissa.gov.in & for more information please visit the office.

OIPR 25193/11/0001/2526

Sd/-Executive Engineer
RW Division-II,Sundargarh



**C-1084**

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡିଶା ସରକାର
Housing & Urban Development Department, Govt. of Odisha
**ଜଟଣୀ ପୌର ପରିଷଦ, ଜଟଣୀ**
**OFFICE OF THE MUNICIPAL COUNCIL: JATANI**
ସ୍ଥାନ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୭୫୨୦୫୦
At/Ps- Jatani, Dist-Khordha (Odisha), Pin-752050.
E-mail – municipalityjatni@gmail.com, Phone. No. 0674- 2490826

**ବିଜ୍ଞାପନ**

**ସମ୍ପଦ କେନ୍ଦ୍ର (MCC- II) ର ପରିଚାଳନା ନିମନ୍ତେ**
**ଅଭିବ୍ୟକ୍ତି ପ୍ରକାଶନ ( ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)**

ସଂଖ୍ୟା : ୫୧୭୦ ତାରିଖ : ୧୩.୦୯.୨୦୨୫

**ଜଟଣୀ ପୌର ପରିଷଦ, ଜଟଣୀ** ୨୦୨୫- ୨୦୨୭ ବର୍ଷ ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ସମ୍ପଦ କେନ୍ଦ୍ର (MCC-II) ର ପରିଚାଳନା ମୁଦା ଲଫାଫାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ) ଆହ୍ୱାନ କରୁଛନ୍ତି। ଏହି ମୁଦା ଲଫାଫାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ) **ଜଟଣୀ ପୌର ପରିଷଦ, ଜଟଣୀ,** ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୨୦୫୦ ଠିକଣାରେ ରେଜିଷ୍ଟର୍ଡ଼/ସ୍ପୀଡ଼ ପୋଷ୍ଟ ଜରିଆରେ କିମ୍ବା **ଜଟଣୀ ପୌର ପରିଷଦ** କାର୍ଯ୍ୟାଳୟରେ **ତା ୨୩ /୦୯/୨୦୨୫ ରିଖ, ପୂର୍ବାହ୍ନ ୧୧.00 ଘଟିକା** ସୁଦ୍ଧା ଦାଖଲ କରିପାରିବେ ।

ଟେକ୍ନିକାଲ୍ ବିଡ୍ **ଜଟଣୀ ପୌର ପରିଷଦ** ସଭାଗୃହରେ **ତା ୨୩ /୦୯/୨୦୨୫ ରିଖ, ମଧାହ୍ନ ୧.00 ଘଟିକା** ରେ ଖୋଲାଯିବ। ମୁଦା ଲଫାଫା ଉପରେ "୨ ବର୍ଷ ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପଦ କେନ୍ଦ୍ର (MCC-II) ର ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ ( ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)" ଶିରୋନାମା ସ୍ପଷ୍ଟ ରୂପେ ଲେଖାଯିବା ଆବଶ୍ୟକ। ଏହି ଅଭିବ୍ୟକ୍ତି ପ୍ରକାଶନ ର ବିସ୍ତୃତ ସୂଚନା ନିମ୍ନୋକ୍ତ ୱେବ୍ ସାଇଟ୍ ରେ ମିଳିପାରିବ।

ୱେବ୍ ସାଇଟ୍ : www.jatnimunicipality.in

OIPR 13041/11/0050/2526

ସ୍ୱା/- ନିର୍ବାହୀ ଅଧିକାରୀ
ଜଟଣୀ ପୌର ପରିଷଦ



**OFFICE OF THE MUNICIPAL COUNCIL: KHORDHA**
At/P.O./Dist. - Khordha.
Phone No. 06755-220674
E-Mail- khurda_municipality@yahoo.co.in

**C-1080**

No 3144 / Date 13.09.2025 /

1. The Executive Officer, Khordha Municipality Invites sealed **Percentage Rate Bids/Tenders** in sealed cover from the intending registered eligible Electrical Contractors/ Registered firms appropriate class of HT/MV license having obtained from ELBO license for execution of different works mentioned below in prescribed forms in conformity with Detail Tender Call Notice as per the Annexure-A.
2. The Key dates & basic information relating to the Tender are as follows clause: -

| SL. NO. | DETAILS OF ACTIVITIES | REMARKS |
|---|---|---|
| i. | **Availability of Bid Document** | **From 11.00 AM on dt. 16-09-2025 to 5.00 PM On dt. 23-09-2025 in the Account Section of Khordha Municipality, Dist. Khordha, Pin:- 752055** |
| ii. | No. of Works | **As provided in DTCN** |
| iii. | Last date for submission and receipt of Hard Copy of tender document | **Up to 5.00 PM on Dt. 23-09-2025.** |
| iv. | Date of Opening of Bid | **At 11.30 AM on Dt. 24-09-2025** in the address as O/o the Executive Officer, Khordha Municipality |
| v. | Cost of Tender document | As specified in the Column No 4 of Annexure (Non refundable) |
| vi. | Bid Security | As specified in the Column No 5 of Annexure. |
| vii. | Postal Address for sending Bids & further correspondence | Executive Officer, Khordha Municipality, Dist. Khordha, Pin:- 752055, E mail:- khurda_municipality@yahoo.co.in |
| viii. | Other terms and condition are availability in the office website | **Khordhamunicipality.in** |

OIPR 13082/11/0041/2526

Sd/-Executive Officer
Khordha Municipality

# ଜାତୀୟ ଓ ଅନ୍ତର୍ଜାତୀୟ





ଚଣ୍ଡିଗଡ଼: ପଞ୍ଜାବ ଗସ୍ତ କରି ବନ୍ୟାଞ୍ଚଳ ବୁଲିଲେ ଲୋକସଭାର ବିରୋଧୀ ଦଳନେତା ରାହୁଲ ଗାନ୍ଧୀ। ବନ୍ୟାରେ କେତେ ପ୍ରଭାବିତ ହୋଇଛି ପଞ୍ଜାବ, ଜଳ ପ୍ରଳୟରେ କେମିତି ଅଛନ୍ତି ପଞ୍ଜାବବାସୀ। ପ୍ରଧାନମନ୍ତ୍ରୀଙ୍କ ପରେ ଏବେ ପଞ୍ଜାବ ଯାଇ ନିଜେ ବନ୍ୟାସ୍ଥିତି ଦେଖିବା ସହ କ୍ଷୟକ୍ଷତିର ଆକଳନ କରିଛନ୍ତି ରାହୁଲ। ତେବେ ରାହୁଲ ବନ୍ୟାଞ୍ଚଳକୁ ଟ୍ରାକ୍ଟରରେ ଯାଇଥିଲେ । ସେଠାରେ ପହଞ୍ଚି ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଚାଷ, ରାସ୍ତା ଅନ୍ୟା ପ୍ରଭାବିତ ଅଞ୍ଚଳ ବୁଲିଥିଲେ। କ୍ଷତିଗ୍ରସ୍ତ ହୋଇଥିବା ଦିନାନଗରରେ ବନ୍ୟା ପ୍ରଭାବିତଙ୍କୁ ଭେଟି ସେମାନଙ୍କ ସହ ଆଲୋଚନା କରିଥିଲେ ରାହୁଲ। ପଞ୍ଜାବର ସ୍ଥିତି ଅତି ପାଖରୁ ଦେଖିବା ପରେ ରାହୁଲ ନିଜ ସୋସିଆଲ ମିଡିଆରେ ଲେଖିଛନ୍ତି- ବନ୍ୟା ପଞ୍ଜାବରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଆଜି ମୁଁ ବନ୍ୟା ଦ୍ୱାରା ପ୍ରଭାବିତ ଲୋକଙ୍କୁ ଭେଟିଲି । ବନ୍ୟା ଘର ଭାଙ୍ଗି ଦେଲା, କ୍ଷେତ ଉଜାଡି ଦେଲା, ଜୀବନ ବି ନେଇଗଲା। ବନ୍ୟାର ପ୍ରହାର ପରେ ସେମାନଙ୍କ ଆଖିରେ ଯନ୍ତ୍ରଣା ସ୍ପଷ୍ଟ ଭାବେ ଜଳଜଳ ହୋଇ ଦିଶୁଛି ହେଲେ ସେମାନଙ୍କ ସାହସ କିନ୍ତୁ ଅଟଳ ରହିଛି ।

### ସୁପ୍ରିମକୋର୍ଟଙ୍କ କଡା ଚେତାବନୀ

## ଅନିୟମିତତା ଦେଖାଦେଲେ ଏସ୍‌ଆଇଆର୍ ରଦ୍ଦ କରିଦିଆଯିବ



ନୂଆଦିଲ୍ଲୀ : ବିଧାନସଭା ନିର୍ବାଚନ ପୂର୍ବରୁ ବିହାରରେ ଚାଲିଥିବା ଭୋଟର ତାଲିକା ସଂଶୋଧନ ବା ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ପ୍ରସଙ୍ଗରେ ବଡ଼ ଚେତାବନୀ ଦେଇଛନ୍ତି ସୁପ୍ରିମକୋର୍ଟ। ଭାରତୀୟ ନିର୍ବାଚନ କମିଶନ ବିହାରରେ ଏସ୍‌ଆଇଆର ପାଇଁ ଆପଣାଇଥିବା ଶୈଳୀ ବା ବ୍ୟବସ୍ଥାରେ ଯଦି କୌଣସି ତ୍ରୁଟି ଜଣାପଡ଼ିବ, ତା'ହେଲେ ଏହାକୁ ସଂପୂର୍ଣ୍ଣ ଭାବେ ରଦ୍ଦ କରି ଦିଆଯିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।ସର୍ଭେ ବିରୋଧରେ ଦାୟର ମାମଲାର ଶୁଣାଣି କରୁଥିବା ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି, ଏହା ଅନୁମାନ କରାଯାଉଛି ଯେ ପୋଲ ପ୍ୟାନେଲ ଏକ ସାମ୍ବିଧାନିକ କର୍ତ୍ତୃପକ୍ଷ ହୋଇଥିବାରୁ, ଏସଆଇଆର ପରିଚାଳନାରେ ଆଇନ ଏବଂ ବାଧ୍ୟତାମୂଳକ ନିୟମ ପାଳନ କରିଛି। ହେଲେ ଯଦି ଦେଶରେ ଚାଲିଥିବା ଏସଆଇଆରର କାର୍ଯ୍ୟରେ କୌଣସି ଅନିୟମିତତା ଦେଖାଯାଏ, ତେବେ ସମଗ୍ର ପ୍ରକ୍ରିୟାକୁ ବାତିଲ କରିଦିଆଯିବ। ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ, ବିହାର ଏସଆଇଆର ଉପରେ କୋର୍ଟ ଯାହା ନିଷ୍ପତ୍ତି ନେବେ ତାହା ସାରା ଭାରତରେ ଲାଗୁ ହେବ। ବିହାର ଏସ୍‌ଆଇଆର ବୈଧତା ସମ୍ପର୍କରେ ଚୂଡ଼ାନ୍ତ ଯୁକ୍ତି ପାଇଁ ଅକ୍ଟୋବର ୭କୁ ଧାର୍ଯ୍ୟ କରିଛନ୍ତି ଖଣ୍ଡପୀଠ। ଏଥିସହ ଏବେ ଏହା ଉପରେ କୌଣସି ନିର୍ଦ୍ଦିଷ୍ଟ ଟିପ୍ପଣୀ କରିବାକୁ ମନା କରି ଦେଇଛନ୍ତି। ଏସ୍‌ଆଇଆରରେ ପ୍ରକ୍ରିୟାଗତ ତ୍ରୁଟି ଓ ପ୍ରାଧିକୃତ ବିସଙ୍ଗତି ଅଭିଯୋଗକୁ କୋର୍ଟ ବିଚାରକୁ ନେଇଥିଲେ। କିନ୍ତୁ ଏସ୍‌ଆଇଆର ପାଇଁ ନିର୍ବାଚନ କମିଶନ ନେଇଥିବା ପଦକ୍ଷେପରେ କୌଣସି ପ୍ରକାରର ପରିବର୍ତ୍ତନ କରି ନାହାନ୍ତି। ଏହା ପୂର୍ବରୁ ହୋଇଥିବା ଶୁଣାଣିରେ ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସଆଇଆରକୁ ନେଇ ଏକ ବଡ଼ ରାୟ ଶୁଣାଇଥିଲେ ସୁପ୍ରିମକୋର୍ଟ । ସୁପ୍ରିମକୋର୍ଟ କହିଥିଲେ, ଏସଆଇଆର ପାଇଁ ଆଧାର କାର୍ଡ ସମେତ ୧୧ଟି ଦସ୍ତାବିଜ ଗ୍ରହଣୀୟ ହେବ ।

## ସିଆରପିଏଫ୍ କୋବ୍ରା ବାଟାଲିୟନ ଓ ଝାଡ଼ଖଣ୍ଡ ପୋଲିସକୁ ଶାହଙ୍କ ପ୍ରଶଂସା



### କୁଖ୍ୟାତ ନକ୍ସଲ କମାଣ୍ଡର ସହଦେବ ସୋରେନ (ପରଭେଶ) ନିପାତ

ନୂଆଦିଲ୍ଲୀ: କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ, ସୋମବାର ଝାଡ଼ଖଣ୍ଡର ହଜାରିବାଗରେ ନକ୍ସଲ ବିରୋଧୀ ଅଭିଯାନରେ ଏକ ବିଶାଳ ସଫଳତା ହାସଲ କରିବା ପାଇଁ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆରପିଏଫ୍)ର କୋବ୍ରା ବାଟାଲିୟନ ଏବଂ ଝାଡ଼ଖଣ୍ଡ ପୋଲିସକୁ ପ୍ରଶଂସା କରିଛନ୍ତି। ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଶାହ କହିଛନ୍ତି ଯେ, କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆରପିଏଫ୍) ର କୋବ୍ରା ବାଟାଲିୟନ ଏବଂ ଝାଡ଼ଖଣ୍ଡ ପୋଲିସ ଆଜି ଝାଡ଼ଖଣ୍ଡର ହଜାରିବାଗରେ ନକ୍ସଲ ବିରୋଧୀ ଅଭିଯାନରେ ଏକ ବଡ଼ ସଫଳତା ହାସଲ କରିଛନ୍ତି। ଏହି ଅଭିଯାନରେ, ୧ କୋଟି ପୁରସ୍କାର ଥିବା କୁଖ୍ୟାତ ନକ୍ସଲ କମାଣ୍ଡର, ସିପିଆଇ (ଏମ୍) ର ସିସିଏମ୍ ସହଦେବ ସୋରେନ ଓରଫ ପରଭେଶଙ୍କୁ ନିପାତ କରାଯାଇଛି। ସୁରକ୍ଷା ବାହିନୀ ଦ୍ୱାରା ପୁରସ୍କାର ରାଶି ଘୋଷଣା ହୋଇଥିବା ଅନ୍ୟ ଦୁଇ କୁଖ୍ୟାତ ନକ୍ସଲ - ରଘୁନାଥ ହେମ୍ବ୍ରମ ଓରଫ ଚଞ୍ଚଳ ଏବଂ ବୀରସେନ ଗଞ୍ଜୁ ଓରଫ ରାମଖେଲଓ୍ୱାନଙ୍କୁ ମଧ୍ୟ ନିପାତ କରାଯାଇଛି। ଶ୍ରୀ ଶାହ ଆହୁରି କହିଛନ୍ତି ଯେ ଏହି ନକ୍ସଲ ବିରୋଧୀ ଅଭିଯାନ ପରେ, ଉତ୍ତର ଝାଡ଼ଖଣ୍ଡର ବୋକାରୋ ଅଞ୍ଚଳରୁ ନକ୍ସଲବାଦ ସମ୍ପୂର୍ଣ୍ଣ ଭାବରେ ମୂଳପୋଛ କରାଯାଇଛି। ଖୁବ୍ ଶୀଘ୍ର, ସମଗ୍ର ଦେଶ ନକ୍ସଲବାଦର ଭୟରୁ ମୁକ୍ତ ହେବ।

## ସାର୍ ଏମ୍. ବିଶ୍ୱେଶ୍ୱରାୟଙ୍କୁ ପ୍ରଧାନମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

**ଇଞ୍ଜିନିୟର ଦିବସ**

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଇଞ୍ଜିନିୟର ଦିବସ ଅବସରରେ ଭାରତ ରତ୍ନ ସାର ଏମ୍. ବିଶ୍ୱେଶ୍ୱରାୟଙ୍କୁ ହାର୍ଦ୍ଦିକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଯାହାଙ୍କ ଅଗ୍ରଣୀ ଅବଦାନ ଭାରତର ଆଧୁନିକ ଇଞ୍ଜିନିୟରିଂ ଦୃଶ୍ୟପଟର ମୂଳଦୁଆ ସ୍ଥାପନ କରିଥିଲା। ଆଜି ଏକ୍ସରେ ଏକ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ କହିଛନ୍ତି; 'ଆଜି ଇଞ୍ଜିନିୟର ଦିବସରେ, ମୁଁ ସାର୍ ଏମ୍. ବିଶ୍ୱେଶ୍ୱରାୟଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛି। ଯାହାଙ୍କ ପ୍ରତିଭା ଭାରତର ଇଞ୍ଜିନିୟରିଂ ଦୃଶ୍ୟପଟରେ ଏକ ଅଲିଭା ଛାପ ଛାଡ଼ିଛି। ମୁଁ ସମସ୍ତ ଇଞ୍ଜିନିୟରମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି, ଯେଉଁମାନେ ସେମାନଙ୍କର ସୃଜନଶୀଳତା ଏବଂ ଦୃଢ଼ ସଂକଳ୍ପ ମାଧ୍ୟମରେ, ବିଭିନ୍ନ କ୍ଷେତ୍ରରେ ନବାଚାର ଏବଂ କଠିନ ଆହ୍ୱାନର ମୁକାବିଲା ଜାରି ରଖିଛନ୍ତି । ଆମର ଇଞ୍ଜିନିୟରମାନେ ଏକ ବିକଶିତ ଭାରତ ନିର୍ମାଣ ପାଇଁ ସାମୂହିକ ପ୍ରୟାସରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ।'

### ନେପାଳ କ୍ୟାବିନେଟ୍‌ରେ ସମ୍ପ୍ରସାରଣ

## ଶପଥ ନେଲେ ୩ ନୂଆ ମନ୍ତ୍ରୀ



ନୂଆଦିଲ୍ଲୀ: ନେପାଳର ପୂର୍ବତନ ପ୍ରଧାନ ବିଚାରପତି ସୁଶୀଳା କାର୍କି ଦେଶର ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ନିଜ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଛନ୍ତି। ସୁଶୀଳା ନିଜ କ୍ୟାବିନେଟରେ ୩ ନୂଆ ମନ୍ତ୍ରୀଙ୍କୁ ସାମିଲ କରିଛନ୍ତି। ସୋମବାର ଏକ କାର୍ଯ୍ୟକ୍ରମରେ ଏହି ୩ ଜଣ ମନ୍ତ୍ରୀ ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ସହ ଶପଥପାଠ କରାଇଛନ୍ତି। ତେବେସୁଶୀଳାଙ୍କ କ୍ୟାବିନେଟରେ ସାମିଲ ହୋଇଥିବା ମନ୍ତ୍ରୀମାନଙ୍କ ମଧ୍ୟରେ ରହିଛନ୍ତି କୁଲମାନ ଘିସିଂ। କୁଲମାନ ହେଉଛନ୍ତି ସେହି ବ୍ୟକ୍ତି ଯାହାଙ୍କୁ ଜେନ-ଜେଡ୍‌ର ଗୋଟିଏ ଗୋଷ୍ଠୀ ପ୍ରଧାନମନ୍ତ୍ରୀ କରିବାକୁ ଦାବି କରିଥିଲା। ସେ ପ୍ରଧାନମନ୍ତ୍ରୀ ରେସରେ ବି ରହିଥିଲେ। କିନ୍ତୁ ରାଷ୍ଟ୍ରପତି ଏବଂ ସେନାମୁଖ୍ୟଙ୍କ ଆଲୋଚନା ପରେ ସୁଶୀଳାଙ୍କୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ ଚୟନ କରାଯାଇଥିଲା। କୁଲମାନଙ୍କ ବ୍ୟତୀତ ଅନ୍ୟ ଦୁଇ ଜଣ ମନ୍ତ୍ରୀ ହେଲେ ଓମ ପ୍ରକାଶ ଆରିୟଲ ଏବଂ ରାମେଶ୍ୱର ଖନାଲ। ଆରିୟଲ ଦୁର୍ନୀତି ବିରୋଧରେ କାର୍ଯ୍ୟ ପାଇଁ ବେଶ ଜଣାଶୁଣା। ଏହାବ୍ୟତୀତ ଶାସନ ପରିଚାଳନା ଏବଂ ମାନବାଧିକାର କ୍ଷେତ୍ରରେ ମଧ୍ୟ ସେ କାର୍ଯ୍ୟ କରିଛନ୍ତି। ତାଙ୍କୁ ଗୃହ, ଆଇନ, ନ୍ୟାୟ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ପୋର୍ଟଫୋଲିଓ ପ୍ରଦାନ କରାଯାଇଛି। ରାମେଶ୍ୱର ଜଣେ ପ୍ରଖ୍ୟାତ ଅର୍ଥନୀତିଜ୍ଞ। ତାଙ୍କୁ ଅର୍ଥ ମନ୍ତ୍ରଣାଳୟ ମିଳିଛି। ସେହିପରି କୁଲମାନଙ୍କୁ ଶକ୍ତି, ଭିତ୍ତିଭୂମି, ପରିବହନ ଏବଂ ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ଦିଆଯାଇଛି।

### ଇନ୍ଦୋରରେ ବଡ଼ ଦୁର୍ଘଟଣା

## ଟ୍ରକ୍ ଚକା ତଳେ ଗଲା ୫ ଜୀବନ

ଇନ୍ଦୋର: ମଧ୍ୟପ୍ରଦେଶର ଇନ୍ଦୋରରେ ଏକ ବଡ଼ ଦୁର୍ଘଟଣା ଘଟିଛି। ଏଠାରେ ଏକ ଦ୍ରୁତଗାମୀ ଟ୍ରକ୍ ଅନେକ ଗାଡ଼ିକୁ ଧକ୍କା ଦେଇଛି। ଏହି ଦୁର୍ଘଟଣାରେ ଅନେକ ଲୋକଙ୍କ ମୃତ୍ୟୁ ହେବାର ଆଶଙ୍କା କରାଯାଉଛି। ପ୍ରାରମ୍ଭିକ ସୂଚନା ଅନୁସାରେ ଏହି ଘଟଣାରେ ୫ ଜଣ ଲୋକଙ୍କର ମୃତ୍ୟୁ ହୋଇଛି, କିନ୍ତୁ ଆଗକୁ ମୃତ୍ୟୁସଂଖ୍ୟା ବଢିବାର ଆଶଙ୍କା ରହିଛି। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଜନତା ଟ୍ରକ୍‌କୁ ଜାଳି ଦେଇଛନ୍ତି। ଏହି ଘଟଣାର ଏକ ଭିଡିଓ ଭାଇରାଲ ହୋଇଛି। ସୂଚନା ଅନୁଯାୟୀ, ସୋମବାର ସଂଧ୍ୟାରେ ଇନ୍ଦୋରର ଏୟାରପୋର୍ଟ ଥାନା ଅଞ୍ଚଳରେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ପ୍ରାୟ ୮ ରୁ ୧୦ ଗାଡ଼ିକୁ ଧକ୍କା ଦେଇଥିଲା। ଅନେକ ଲୋକ ମଧ୍ୟ ପାଦରେ ଦଳି ଦେଇଥିଲେ। ଟ୍ରକ୍ର ଗତି ଏତେ ଦ୍ରୁତ ଥିଲା ଯେ ରାସ୍ତାରେ ଆସୁଥିବା ସମସ୍ତ ଗାଡ଼ି ଏଥିରେ ଧକ୍କା ଖାଇଥିଲା। ଗାଡ଼ିଗୁଡ଼ିକୁ ଧକ୍କା ଦେବା ପରେ, ଟ୍ରକ୍‌ଟି ବଡ଼ ଗଣପତି ନିକଟରେ ଅଟକି ଯାଇଥିଲା। ଏହି ଘଟଣା ପରେ ଏଠାରେ ଏକତ୍ରିତ ହୋଇଥିବା ଉତ୍ତ୍ୟକ୍ତ ଜନତା ଟ୍ରକ୍‌ଟିକୁ ନିଆଁ ଲଗାଇ ଦେଇଥିଲେ।

## ବଞ୍ଚିତବର୍ଗଙ୍କ ଉତ୍‌ଥାନ ପାଇଁ ମୋ ସରକାର ନିରନ୍ତର ପ୍ରତିବଦ୍ଧ: ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ସୋମବାର ଗଙ୍ଗରେଲବାନ୍ଧ ଦୁବାନ କ୍ଷେତ୍ରର ମଛୁଆ ସହକାରୀ ସମିତିରେ ପୁର୍ନବାର ମସ୍ୟ ଚାଷ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ସେ ପୂର୍ବରୁ ପ୍ରଭାବିତ ହୋଇଥିବା ସମିତିର ସଦସ୍ୟମାନଙ୍କ ନିବାସରେ ପହଞ୍ଚି ଅଭିନନ୍ଦନ ଜଣାଇବା ସହ ମସ୍ୟ ଚାଷକୁ ଶୀର୍ଷରେ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ। ଗଙ୍ଗରେଲ ଦୁବାନ କ୍ଷେତ୍ରର ୩ଟି ଜିଲ୍ଲା ଧମତରୀ, କାଙ୍କେଣ ଏବଂ ବାରୋଦ ଜିଲ୍ଲାର ମସ୍ୟ ସହକାରୀ ସମିତିର ସଦସ୍ୟମାନେ ଉପସ୍ଥିତ ରହିଥିଲେ। ସେ କହିଥିଲେ ଏହି କ୍ଷେତ୍ରଗୁଡ଼ିକର ବିକାଶ ପାଇଁ ତଥା ଜନସାଧାରଣଙ୍କ ସୁବିଧା ନିମନ୍ତେ ଏକ ଆମ୍ବୁଲାନ୍ସ ଉପଲବ୍ଧ କରାଇବା ପାଇଁ ଉଦ୍ୟମ କରିବେ। ଏଥିସହ ରାଷ୍ଟ୍ରୀୟତ୍ତ ବ୍ୟାଙ୍କର ଏକ ଶାଖା ଶୀଘ୍ର ଖୋଲିବା ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ସେ କହିଥିଲେ ବିଭିନ୍ନ ସରକାରୀ ଯୋଜନା ଏବଂ କାର୍ଯ୍ୟକାରି ମାଧ୍ୟମରେ ଲୋକମାନଙ୍କୁ ସେମାନଙ୍କ ଅଧିକାର ପ୍ରଦାନ ପାଇଁ ମୋ ସରକାର ପଦକ୍ଷେପ ନେଉଛି। ସେ ଆହୁରି କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ମୋ ସରକାର ସ୍ୱଚ୍ଛ ଭାରତ ମିଶନ ଅଧିନରେ ଘରେଘରେ ଶୌଚାଳୟ ନିର୍ମାଣ କରାଯାଇଛି। ସେହିପରି ବେଟି ପଢ଼ାଅ ଓ ବେଟି ବଞ୍ଚାଅ କାର୍ଯ୍ୟକୁ ମଧ୍ୟ ଲାଗୁ କରିବା ସହିତ ମହିଳାମାନଙ୍କୁ ସମ୍ମାନିତ କରାଯାଉଛି। ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ମାଧ୍ୟମରେ ସାଧାରଣ ନାଗରିକ ବ୍ୟାଙ୍କ ପ୍ରଣାଳି ସହ ଯୋଡି ହେଉଛନ୍ତି ଏବଂ ବିଭିନ୍ନ ଯୋଜନାରେ ସିଧାସଳଖ ଡିବିଟି ମାଧ୍ୟମରେ ଟଙ୍କା ପାଉଛନ୍ତି। ମୋ ରାଜ୍ୟରେ ଭ୍ରଷ୍ଟାଚାରକୁ ସମାପ୍ତ କରିବା ପାଇଁ ଦୃଢ଼ ପଦକ୍ଷେପ ନିଆଯାଇଛି। ସେ ଆହୁରି କହିଥିଲେ ରାଜ୍ୟ ସରକାର ମହିଳା ସ୍ୱ ସହାୟତା ଯୋଜନାରେ ମହିଳାଙ୍କୁ ଆର୍ଥିକ ସଶକ୍ତିକରଣ କ୍ଷେତ୍ରରେ ଉଦ୍ୟମ ଅବ୍ୟାହତ ରଖିଛନ୍ତି। ଏହି କାର୍ଯ୍ୟକ୍ରମରେ ଧମତରୀ ମହାପୌରପାଳ ରାମୁ ରୋହରା ଏବଂ ମହିଳା ଆୟୋଗର ପୂର୍ବତନ ଅଧ୍ୟକ୍ଷା ହର୍ଷିତା ପାଣ୍ଡେ ଉପସ୍ଥିତ ଥିଲେ।

## ୧୭ରୁ 'ସ୍ୱଚ୍ଛତା ହିଁ ସେବା ୨୦୨୫'




ନୂଆଦିଲ୍ଲୀ: ସାରା ଦେଶରେ ଉତ୍ସାହ ସହିତ, ସ୍ୱଚ୍ଛ ଭାରତ ମିଶନର ତତ୍ତ୍ୱାବଧାନରେ ସ୍ୱଚ୍ଛତା ହିଁ ସେବା (ଏସଏଚଏସ) ୨୦୨୫ର ୯ମ ସଂସ୍କରଣ ପାଇଁ ମଞ୍ଚ ପ୍ରସ୍ତୁତ ହୋଇଛି। ଏହି ୧୫ ଦିନିଆ ଅଭିଯାନ ୧୭ ସେପ୍ଟେମ୍ବରରୁ ଆରମ୍ଭ ହୋଇ ୨ ଅକ୍ଟୋବର, ଗାନ୍ଧୀ ଜୟନ୍ତୀରେ ଶେଷ ହେବ । ଏହି ୧୫ ଦିନିଆ ଅଭିଯାନ ଦେଶବ୍ୟାପୀ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରଭାବଶାଳୀ ସ୍ୱଚ୍ଛତା ଅଭିଯାନ ପାଇଁ ସାମୂହିକ ଆହ୍ୱାନରେ ସଂଗଠିତ କରିବ। ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ (ଏମଓଏଚୟୁଏ) ଏବଂ ଜଳ ଶକ୍ତି ମନ୍ତ୍ରଣାଳୟର ପାନୀୟ ଜଳ ଏବଂ ପରିମଳ ବିଭାଗ (ଡିଡିଡବ୍ଲୁଏସ) ଦ୍ୱାରା ମିଳିତ ଭାବରେ ଆରମ୍ଭ କରାଯାଇଥିବା ଏସଏଚଏସ ୨୦୨୫ ନାଗରିକ, ସମ୍ପ୍ରଦାୟ ଏବଂ ପ୍ରତିଷ୍ଠାନଗୁଡ଼ିକୁ ଭୂମିରେ ଦୃଶ୍ୟମାନ ସ୍ୱଚ୍ଛତା ପାଇଁ ଏକତ୍ରିତ କରିଛି, ଯାହା ପରିଚ୍ଛନ୍ନତା ଟାରଗେଟ୍ ୟୁନିଟ୍ - ଅନ୍ଧାର, ମଇଳା ଏବଂ ଅବହେଳିତ ସ୍ଥାନଗୁଡ଼ିକ ଉପରେ ଧ୍ୟାନ ଦେବ। କାର୍ଯ୍ୟକ୍ରମରେ ଭାଷଣ ଦେଇ, ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ, ମନୋହର ଲାଲ, ଗତ ବର୍ଷ ପରି ଏସଏଚଏସ ୨୦୨୫ ଅନ୍ତର୍ଗତ ସ୍ୱଚ୍ଛତା ଲକ୍ଷ୍ୟ ୟୁନିଟ୍ (ସିଟିୟୁ) ଉପରେ ଧ୍ୟାନ ଦେବା ଉପରେ ଆଲୋକପାତ କରିଥିଲେ। କେନ୍ଦ୍ରମନ୍ତ୍ରୀ ମନୋହର ଲାଲ ଦିଲ୍ଲୀର ଭାଲସ୍ୱା ଡମ୍ପସାଇଟର ରୂପାନ୍ତର ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ଏହାକୁ ଗ୍ରହଣ କରିବା ଘୋଷଣା କରିଥିଲେ। ସେ କହିଥିଲେ, 'ଆବର୍ଜନା ପ୍ରତିକାର ଏବଂ ପ୍ରକ୍ରିୟାକରଣ ପାଇଁ ଯୋଜନା ସମୀକ୍ଷା କରିବା ପାଇଁ ମୁଁ ୧୭ ସେପ୍ଟେମ୍ବର ୨୦୨୫ ମସିହାରେ ପ୍ରଶାସକଙ୍କ ସହିତ ଭାଲସ୍ୱା ଗସ୍ତ କରିବି। ସେହି ଦିନଠାରୁ, ଆମେ ସଫା ପ୍ରକ୍ରିୟା ଆରମ୍ଭ କରିବୁ। ସ୍ଥାନରେ ଆହୁରି ଆବର୍ଜନା ପ୍ରକ୍ରିୟାକରଣ ପାଇଁ ସ୍ଥାନର ସୀମାକୁ ଦୃଷ୍ଟିରେ ରଖି, ମୁଁ ଅତିରିକ୍ତ ଜମି ସୁରକ୍ଷିତ କରିବାରେ ଆମକୁ ସହାୟତା କରିବାକୁ ଡିଡିଏକୁ ଅନୁରୋଧ କରିଛି।'

# ବାଣିଜ୍ୟ



ନୂଆଦିଲ୍ଲୀ: ଓପୋ ଇଣ୍ଡିଆ ଆଜି ନୂତନ ଏଫ୍ ୩୧ ୫ଜି ସିରିଜ୍ ଉନ୍ମୋଚନ କରିଛି, ଯାହାକି ଭାରତର କଠୋର ପରିବେଶ ପାଇଁ ବିଶେଷ ଭାବରେ ଡିଜାଇନ୍ କରାଯାଇଛି। ଏଫ୍ ୩୧ ପ୍ରୋ ପ୍ଲସ୍, ଏଫ୍ ୩୧ ପ୍ରୋ, ଏବଂ ଏଫ୍ ୩୧ ନେଇ ଗଠିତ ଏହି ସିରିଜକୁ ଚରମ ସ୍ଥାୟିତ୍ୱ, ତାପ ପରିଚାଳନା, ଏବଂ ପାଂଚ ବର୍ଷ ଧରି ଚାଲିବା ପାଇଁ ଉନ୍ନତ ୭,୦୦୦ ଏମଏଏଚ୍ ବ୍ୟାଟେରୀ ଉପରେ ଧ୍ୟାନ ଦେଇ ତିଆରି କରାଯାଇଛି। ୩୫,୦୦୦ ଟଙ୍କାରୁ କମ ମୂଲ୍ୟରେ ଉପଲବ୍ଧ ଏହି ସ୍ମାର୍ଟଫୋନ୍ ଗୁଡିକ ମଧ୍ୟମ ବର୍ଗରେ ସବୁଠାରୁ ବିଶ୍ୱସନୀୟ ଏବଂ ସୁଗମ ପ୍ରଦର୍ଶନ ପ୍ରଦାନ କରିବ। ଏହି ଫୋନଗୁଡିକ ବାସ୍ତବିକ ଆହ୍ୱାନ ପାଇଁ ତିଆରି କରାଯାଇଛି ଯେଉଁଥିରେ ୩୬୦ ଡିଗ୍ରି ଆର୍ମର ବଡି ଏବଂ ଧୂଳି, ଜଳ ନିରୋଧୀ ଏବଂ ଉଚ୍ଚଚାପ ଜେଟ୍ ପାଣିରୁ ସୁରକ୍ଷା ପାଇଁ ଟ୍ରିପଲ୍ ଆଇପି ରେଟିଂ ରହିଛି। ଚା, କଫି ଭଳି ତରଳ ପଦାର୍ଥରୁ ମଧ୍ୟ ଏହା ସୁରକ୍ଷିତ। ୪୩ ଡିଗ୍ରି ସେଲସିୟସ ଯାଏଁ ତାପମାତ୍ରାରେ ମଧ୍ୟ ଓଭରହିଟିଂ ରୋକିବା ପାଇଁ ଉନ୍ନତ ଥର୍ମାଲ୍ ସିଷ୍ଟମ୍ ଯୋଗୁଁ ଡେଲିଭରି ରାଇଡର୍ କିମ୍ବା ଦୋକାନୀମାନଙ୍କ ପାଇଁ ମଧ୍ୟ ପ୍ରଦର୍ଶନ ସୁଗମ ରହିବ। ସ୍ନାପଡ୍ରାଗନ୍ ଏବଂ ଡାଇମେନ୍ସିଟି ଚିପସେଟରେ ଚାଲୁଥିବା ଏଫ୍ ୩୧ ସିରିଜ୍ କଲରଓଏସ୍ ୧୫ ସହିତ ଛଅ ବର୍ଷର ସୁଗମ ପ୍ରଦର୍ଶନ ପ୍ରତିଶ୍ରୁତି ପ୍ରଦାନ କରୁଛି। ଶ୍ରେଷ୍ଠ କନେକ୍ଟିଭିଟି ପାଇଁ ହଂଟର ଆଣ୍ଟେନା ୨.୦, ୫୦ଏମପି ଏଆଇ କ୍ୟାମେରା ସିଷ୍ଟମ୍, ଏବଂ ୮୦ଡବ୍ଲୁ ଫାଷ୍ଟ ଚାର୍ଜିଂ ଆଦି ଅନ୍ୟାନ୍ୟ ମୁଖ୍ୟ ବିଶେଷତା ରହିଛି। ୨୨,୯୯୯ ଟଙ୍କାରୁ ଆରମ୍ଭ କରି ଏହି ଫୋନ୍ ଗୁଡିକ ସେପ୍ଟେମ୍ବର ୧୯ ରୁ ଉପଲବ୍ଧ ହେବ।

## ମୁଭ୍‌ସ ୨୦୨୫ର ବିଜେତାଙ୍କ ନାମ ଘୋଷଣା କଲା ଆକ୍ସିସ୍ ବ୍ୟାଙ୍କ




ନୂଆଦିଲ୍ଲୀ: ଭାରତର ଅନ୍ୟତମ ସର୍ବବୃହତ୍ ଘରୋଇ କ୍ଷେତ୍ରର ବ୍ୟାଙ୍କ ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ଏହାର ପ୍ରମୁଖ କ୍ୟାମ୍ପସ ସମ୍ପୃକ୍ତି କାର୍ଯ୍ୟକ୍ରମ ମୁଭ୍‌ସ ୨୦୨୫ର ପ୍ରଥମ ସଂସ୍କରଣ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ହାଇଦ୍ରାବାଦର ଇଣ୍ଡିଆନ୍ ବିଜନେସ୍ ସ୍କୁଲ୍‌ର ଶ୍ରେୟଂଶ କଳହଂସ ଓ ଦିବ୍ୟାନି ବିଜେତା ହୋଇଥିବା ବେଳେ ଆଇଆଇଟି ଖଡ଼ଗପୁରର ଅମରପ୍ରିତ ସିଂହ ଓ ଇଷିତା ମୁଟନେଜା ପ୍ରଥମ ଉପ ବିଜତୋ ଏବଂ ଦିଲ୍ଲୀର ଫାକଲ୍‌ଟି ଅଫ୍ ମ୍ୟାନେଜମେଂଟ୍ ଷ୍ଟଡିଜ୍‌ର ଆରୁଷି ସିଂଘଲ ଓ ସ୍ୱାତୀ ବର୍ମା ଦ୍ୱିତୀୟ ଉପ ବିଜେତା ହୋଇଛନ୍ତି। ବିଜେତାମାନେ ନଗଦ ପୁରସ୍କାର ସହିତ ଆକ୍ସିସ୍ ବ୍ୟାଙ୍କରେ କାର୍ଯ୍ୟ କରିବାର ସୁଯୋଗ ହାସଲ କରିଛନ୍ତି। ଭାରତର ପ୍ରତିଭାବାନ ଯୁବବର୍ଗଙ୍କୁ ଚିହ୍ନଟ କରି ସେମାନଙ୍କୁ ସମୃଦ୍ଧ କରିବା ଲକ୍ଷ୍ୟ ରଖି ପରିକଳ୍ପନା କରାଯାଇଥିବା ମୁଭ୍‌ସ ୨୦୨୫ରେ ଆଇଆଇଏମ, ଆଇଆଇଟି, ଇଣ୍ଡିଆନ୍ ସ୍କୁଲ୍ ଅଫ୍ ବିଜନେସ୍, ଏକ୍ସଏଲ୍ଆର୍ଆଇ, ଫାକଲ୍‌ଟି ଅଫ୍ ମ୍ୟାନେଜମେଂଟ୍ ଷ୍ଟଡିଜ୍ ଭଳି ୫୦ଟି ପ୍ରମୁଖ ଏମ୍‌ବିଏ ଓ ଇଞ୍ଜିନିୟରିଂର ୨୧,୦୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷର ବିଷୟବସ୍ତୁ ଥିଲା 'ନେକ୍ସଟ୍ ବିଗ୍ ଷ୍ଟ୍ରାଟେଜିକ୍ ବେଟ୍ ଅଫ୍ ଆକ୍ସିସ୍ ବ୍ୟାଙ୍କ' ଯେଉଁଥିରେ ଛାତ୍ରଛାତ୍ରୀମାନଙ୍କୁ ପ୍ରଯୁକ୍ତି, ଆର୍ଟିଫିସିଆଲ ଇଂଟେଲିଜେନ୍ସ, ସ୍ଥାୟିତ୍ୱ, ଗ୍ରାମୀଣ ବ୍ୟାଙ୍କିଙ୍ଗ ଓ ମାର୍କେଟିଂରେ ଦୃଢ଼ ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ସମାଧାନ ଉପସ୍ଥାପନ କରିବାକୁ କୁହାଯାଇଥିଲା। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ଗ୍ରୁପ୍ ଏକ୍‌ଜିକ୍ୟୁଟିଭ୍ ଓ ମାନବ ସମ୍ବଳ ମୁଖ୍ୟ ରାଜକମଳ ଭେମପତି କହିଛନ୍ତି ଯେ, 'ମୁଭ୍‌ସ ୨୦୨୫ ହେଉଛି ଚିନ୍ତାଧାରା, ଶକ୍ତି ଓ ନବସୃଜନର ଏକ ଶକ୍ତିଶାଳୀ ପ୍ରଦର୍ଶନ। ମୁଭ୍‌ସ ୨୦୨୫ର ଗ୍ରାଣ୍ଡ୍ ଫିନାଲେରେ ୧୦ଟି ଟିମ୍ ଭାଗ ନେଇଥିଲେ। ସେମାନେ ଆକ୍ସିସ୍ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମୁନିଷ ଶାରଦା, ଗ୍ରୁପ୍ ଏକ୍‌ଜିକ୍ୟୁଟିଭ୍ ଓ ଟ୍ରେଜେରି ମୁଖ୍ୟ ନୀରଜ ଗମ୍ଭୀର, ଗ୍ରୁପ୍ ଏକ୍‌ଜିକ୍ୟୁଟିଭ୍ ଓ ଭାରତ ବ୍ୟାଙ୍କିଂ ମୁଖ୍ୟ ବିପିନ ସରାଫ, ଗ୍ରୁପ୍ ଏକ୍‌ଜିକ୍ୟୁଟିଭ୍ ଓ ମାନବ ସମ୍ବଳ ମୁଖ୍ୟ ରାଜକମଳ ଭେମପତି, ଗ୍ରୁପ୍ ଏକ୍‌ଜିକ୍ୟୁଟିଭ୍ ଓ ଡିଜିଟାଲ୍ ବିଜନେସ୍ ଟ୍ରାନ୍ସଫର୍ମେସନ ଆଣ୍ଡ ଷ୍ଟ୍ରାଟେଜିକ୍ ପ୍ରୋଗ୍ରାମ୍ ମୁଖ୍ୟ ସମୀର ସେଟ୍ଟି, ଗ୍ରୁପ୍ ଏକ୍‌ଜିକ୍ୟୁଟିଭ୍ ଓ ହୋଲ୍‌ସେଲ୍ ବ୍ୟାଙ୍କିଂ କଭରେଜ୍ ଗ୍ରୁପ୍ ଆଣ୍ଡ୍ ସଷ୍ଟେନେବିଲିଟି ମୁଖ୍ୟ ବିଜୟ ମୁଲବାଗଲ, ଗ୍ରୁପ୍ ଏକ୍‌ଜିକ୍ୟୁଟିଭ୍ ଓ ମୁଖ୍ୟ କ୍ରେଡିଟ୍ ଅଧିକାରୀ ପ୍ରଶାନ୍ତ ଯୋଶୀ ଏବଂ ଆକ୍ସିସ୍ ସିକ୍ୟୁରିଟିଜ୍‌ର ଏମ୍‌ଡି ଓ ସିଇଓଙ୍କୁ ନେଇ ଗଠିତ ପ୍ରଣବ ହରିଦସନଙ୍କୁ ନେଇ ଗଠିତ ବିଚାର ମଣ୍ଡଳୀ ସମ୍ମୁଖରେ ସେମାନେ ସିଧାସଳଖ ନିଜ ଚିନ୍ତାଧାରା ଉପସ୍ଥାପନ କରିଥିଲେ।

## ପର୍ପେଚୁଆଲ ବଣ୍ଡ୍ ଜରିଆରେ ୪୫୩ କୋଟି ଟଙ୍କା ସଂଗ୍ରହ

ନୂଆଦିଲ୍ଲୀ: ଭାରତୀୟ ଅକ୍ଷୟଶକ୍ତି ବିକାଶ ଏଜେନ୍ସି ଲିମିଟେଡ୍ (ଇରେଡା) ଏହାର ଦ୍ୱିତୀୟ ପର୍ପେଚୁଆଲ୍ ବଣ୍ଡ୍‌ସ ଜାରି କରି ବାର୍ଷିକ ୭.୭୦ ପ୍ରତିଶତ ରିଟର୍ଣ୍ଣ ସହ ୪୫୩ କୋଟିଟଙ୍କା ସଂଗ୍ରହ କରିଛି। ସବୁଜଶକ୍ତି ପ୍ରକଳ୍ପଗୁଡ଼ିକୁ ପାଣ୍ଠି ପ୍ରଦାନ କରିବାରେ କମ୍ପାନିର ପୁଞ୍ଜି ଆଧାରକୁ ସୁଦୃଢ଼ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।ଏହି ଇସ୍ୟୁ ପାଇଁ ନିବେଶକଙ୍କ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଥିଲା। ୧୦୦ କୋଟିଟଙ୍କାର ମୂଳ ଆକାରଏବଂ ୪୦୦ କୋଟିଟଙ୍କାର ଗ୍ରିନ ସୋବିକଳ୍ପ ପାଇଁ ୧୩୪୩ କୋଟି ଟଙ୍କାର ବିଡ୍ ଆସିଥିଲା। ଫଳରେ ଇସ୍ୟୁ ୨.୬୯ ଗୁଣା ଅଧିକ ସବ୍‌ସ୍କ୍ରାଇବ୍ ହୋଇଥିଲା। ତାହ।ଭାରତର ଅକ୍ଷୟଶକ୍ତି କ୍ଷେତ୍ରର ଅଗ୍ରଣୀ ଫାଇନାନ୍ସ ପ୍ରଦାନକାରୀ ଭାବେ ଇରେଡାର ଭୂମିକା ଉପରେ ବଢୁଥିବା ବିଶ୍ୱାସକୁ ଦର୍ଶାଉଛି। ଏହା ଉପରେ ମତରଖି ଇରେଡାର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ଦାସ କହିଛନ୍ତି ଯେ, 'ଏହି ବଣ୍ଡ୍ ଆମର ଟାୟାର-୧ ପୁଞ୍ଜିକୁ ସୁଦୃଢ଼ କରିବଏ ବଂ ଅକ୍ଷୟଶକ୍ତି ଫାଇନାନ୍ସକୁ ବଢ଼ାଇବାରେ ସହାୟକ ହେବ। ଯାହା ଏକ ସବୁଜ ଓ ଅଧିକସ୍ଥାୟୀ ଭବିଷ୍ୟତ ଆଡ଼କୁ ଭାରତର ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବ।

## ରୟାଲ ଏନଫିଲ୍ଡ ପକ୍ଷରୁ ମେଟେଅର୍ ୩୫୦ର ଶୁଭାରମ୍ଭ



ନୂଆଦିଲ୍ଲୀ: ରୟାଲ୍ ଏନଫିଲ୍ଡ, ସମ୍ପୂର୍ଣ୍ଣ ନୂତନ ୨୦୨୫ ମେଟେଅର ୩୫୦ ଉନ୍ମୋଚନ କରି ଏହାର ଲୋକପ୍ରିୟ କ୍ରୁଜର ମୋଟରସାଇକଲକୁ ଉନ୍ନତ କରିଛି। ଆକର୍ଷଣୀୟ ମୂଲ୍ୟ ୧,୯୫,୭୬୨ ଟଙ୍କାରୁ (ଚେନ୍ନାଇ ଏକ୍ସ-ସୋରୁମ୍) ଆରମ୍ଭ ହୋଇଥିବା ଏହି ମୋଟରସାଇକଲ ଉତ୍ସବ ସମୟରେ ମଧ୍ୟମ ଆକାର କ୍ରୁଜ୍‌କୁ ପୁନର୍ଗଠିତ କରିଛି। ୨୦୨୫ ମେଟେଅର ୩୫୦ ପୋର୍ଟଫୋଲିଓରେ ଫାୟରବଲ, ଷ୍ଟେଲାର, ଅରୋରା ଏବଂ ସୁପରନୋଭା ଭଳି ଚାରିଟି ଭାରିଆଂଟ ରହିଛି ଯାହା ସାତଟି ଚମକପ୍ରଦ ନୂତନ ରଙ୍ଗରେ ପ୍ରଦର୍ଶିତ ହୋଇଛି। ପ୍ରତ୍ୟେକ ଭାରିଆଂଟକୁ ଏକ ଭିନ୍ନ ରାଇଡର ଚରିତ୍ରକୁ ଲକ୍ଷ୍ୟ କରି ତିଆରି କରାଯାଇଛି। ୨୦୨୫ ମଡେଲ୍ ବର୍ତ୍ତମାନ ଏଲଇଡି ହେଡଲାମ୍ପ, ଟ୍ରିପର୍ ନେଭିଗେସନ୍ ପୋଡ, ଏଲଇଡି ଟର୍ନ ଇଣ୍ଡିକେଟର, ୟୁଏସବି ଟାଇପ୍-ସି ଫାଷ୍ଟ-ଚାର୍ଜିଂ ପୋର୍ଟ, ଆସିଷ୍ଟ-ଆଣ୍ଡ-ସ୍ଲିପ୍ କ୍ଲଚ୍ ଏବଂ ଆଡଜଷ୍ଟେବଲ୍ ଲିଭର୍ ଭଳି ସୁବିଧା ରହିଛି। ଏହି ସୁବିଧାଗୁଡ଼ିକ ସହର ଯାତାୟତ ଏବଂ ଦୀର୍ଘ, ଆରାମଦାୟକ ଭ୍ରମଣ ଉଭୟ ପାଇଁ ଅଧିକ ଆରାମଦାୟକ, ସଂଯୁକ୍ତ ଏବଂ ସୁବିଧାଜନକ ରାଇଡିଂ ଅନୁଭୂତି ନିଶ୍ଚିତ କରୁଛି। ମେଟେଅର ୩୫୦ରେ ୩୪୯ ସିସି ଏୟାର-କୁଲ୍ଡ ଜେ-ସିରିଜ୍ ଇନ୍ ରହିଛି। ଏହି ଅବସରରେ ରୟାଲ୍ ଏନ୍‌ଫିଲ୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଆଇଶର ମୋଟର୍ସ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ବି ଗୋବିନ୍ଦରାଜନ କହିଛନ୍ତି ଯେ, 'ମେଟେଅର ୩୫୦ କେବଳ ଏକ ମୋଟରସାଇକଲ ନୁହେଁ, ବରଂ ଏହା ଆରାମଦାୟକ ଯାତ୍ରା ଏବଂ ଖୋଲା ରାସ୍ତାରେ ଅବିସ୍ମରଣୀୟ ଅନୁଭୂତି ପାଇଁ ଏକ ଜୀବନଶୈଳୀ ବକ୍ତବ୍ୟ। ଏହା ରାସ୍ତାରେ ଏକ ଭିନ୍ନ ପରିଚୟ ଖୋଜୁଥିବା ରାଇଡରମାନଙ୍କ ଏକ ନୂତନ ପିଢିକୁ ଆଣିଛି। ମେଟେଅର ୩୫୦ ପୋର୍ଟଫୋଲିଓର ସଂସ୍କରଣକୁ ଆଣିବା ପାଇଁ ଆମେ ବହୁତ ଉତ୍ସାହିତ, ଯାହା ଅମ ପାଂଚ ଲକ୍ଷରୁ ଅଧିକ ମାଲିକାନା ସମ୍ପ୍ରଦାୟଙ୍କ ଅନୁଭୂତିକୁ ଆହୁରି ସମୃଦ୍ଧ କରିବ ବୋଲି ଆମେ ବିଶ୍ୱାସ କରୁଛୁ।

## ବିଦ୍ୟୁତ୍ ବଣ୍ଟନରେ ନୂଆ ମାନଦଣ୍ଡ ସ୍ଥାପନ କରିଛି ଟିପିଏନ୍‌ଓଡିଏଲ୍




ବାଲେଶ୍ୱର (ଭାସ୍କର ନ୍ୟୁଜ): ଟାଟା ପାଓ୍ୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ଡିଜିଟାଲ୍ ରୂପାନ୍ତରଣ ଓ ଗ୍ରାହକ ପ୍ରଥମ ଅଭିଯାନକୁ ଏକତ୍ରୀତ କରି ବିଦ୍ୟୁତ୍ ବଂଟନ କ୍ଷେତ୍ରରେ ନୂତନ ମାନଦଣ୍ଡ ନିର୍ଦ୍ଧାରଣ କରିଛି। ଗତ ଚାରି ବର୍ଷରେ କମ୍ପାନି ବିଲିଂ ହେଉଥିବା ୟୁନିଟ୍ ?ରେ ପ୍ରାୟ ୪୯ ପ୍ରତିଶତ ଏବଂ କଲେକ୍ସନରେ ୬୧ ପ୍ରତିଶତରୁ ଅଧିକ ବୃଦ୍ଧି ହାସଲ କରିଥିବା ବେଳେ ଏଟିଆଣ୍ଡ ?ସି କ୍ଷତିକୁ ୧୬.୬୧ ପ୍ରତିଶତ କମ୍ କରିପାରିଛି ଯାହା ଗ୍ରାମୀଣ ଭାରତରେ ପରିଚାଳିତ ଡିସ୍କମ୍‌ଗୁଡ଼ିକ ପାଇଁ ଏକ ନୂଆ ମାନଦଣ୍ଡ ସଦୃଶ। ବାଣିଜ୍ୟିକ ପ୍ରଦର୍ଶନକୁ ସୁଦୃଢ଼ କରିବା ପାଇଁ ଟିପିଏନ୍‌ଓଡିଏଲ୍ ପକ୍ଷରୁ ଅନ ସ୍ପଟ୍ ବିଲ୍ ସଂଶୋଧନ, ଏଆଇ ଆଧାରିତ ମିଟର ରିଡିଂ, ବାଣିଜ୍ୟିକ ପ୍ରକ୍ରିୟାର ଡିଜିଟାଲ୍‌କରଣ ଏବଂ ଗ୍ରାହକଙ୍କ ଅଭିଯୋଗର ଟ୍ରାକିଂ ଭଳି ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି ଉଦ୍ୟମଗୁଡ଼ିକ ସ୍ୱଚ୍ଛତା, ଶୃଙ୍ଖଳାରେ ଉନ୍ନତି ଏବଂ କଲେକ୍ସନରେ ଅନ୍ତର୍ଭୁକ୍ତୀକରଣ ଆଣିପାରିଛି। ସମଗ୍ର ପରିଚାଳନାରେ ଉତରଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ କମ୍ପାନି ପକ୍ଷରୁ ବାସ୍ତବ ସମୟ ଡ୍ୟାସବୋର୍ଡ ଓ ନିରୀକ୍ଷଣ ବ୍ୟବସ୍ଥା କରାଯାଇଛି। ବିବିଧ ଟଚ୍‌ପଏଣ୍ଟ, ଗ୍ରାହକ ସେବା କେନ୍ଦ୍ର, ଅନୁଭବ କେନ୍ଦ୍ର, ବହୁଭାଷୀ କଲ୍ ସେଂଟର ଓ ଡିଜିଟାଲ୍ ଆପ୍ ଜରିଆରେ ଗ୍ରାହକ ସୁବିଧାରେ ଉନ୍ନତି ଅଣାଯାଇଥିବା ବେଳେ ବିଦ୍ୟୁତ୍ ସେବାକୁ ପରିବାର ଓ ଶିଳ୍ପଗୁଡ଼ିକର ନିକଟତର କରାଯାଇଛି। କମ୍ପାନି ପକ୍ଷରୁ ଶିଳ୍ପ ସଂଯୋଗ ଏବଂ ଗ୍ରାମାଚଂଳ ଓ ଆଦିବାସୀ ଅଂଚଳରେ ବିଦ୍ୟୁତ୍ ?କରଣକୁ ତ୍ୱରାନ୍ୱିତ କରାଯାଇଛି ଯାହା ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ଓ ଅନ୍ତର୍ଭୁକ୍ତୀକରଣ ବିକାଶ ପ୍ରତି ଯୋଗଦାନ କରିଛି। ଏଥି ସହିତ ସ୍କୁଲ ଓ କଲେଜରେ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶକ୍ତି ସଚେତନତା ସୃଷ୍ଟି କରିବାରେ ସହାୟକ ହୋଇଛି। ଏହି ଯାତ୍ରା ଉପରେ ଆଲୋକପାତ କରି ଟିପିଏନ୍ ?ଓଡିଏଲ୍ ?ର ସିଇଓ ଗଜାନନ କାଲେ କହିଛନ୍ତି ଯେ, ଆମର ଧ୍ୟାନ ହେଉଛି ଏକ ଭବିଷ୍ୟତଧର୍ମୀ ଓଡ଼ିଶା ଗଠନ କରିବା। ଆମେ ୧୦୦% ସ୍ମାର୍ଟ ମିଟରିଂ, ଏଟିଆଣ୍ଡସି କ୍ଷତିରେ ଉଲ୍ଲେଖନୀୟ ହ୍ରାସ ଏବଂ ଡିଜିଟାଲ୍ ପ୍ରଥମ ଗ୍ରାହକ ସେବା ଦିଗରେ କାମ କରୁଛୁ। ୨୪ ଘଂଟିଆ ଭରସାଯୋଗ୍ୟ, ସୁଲଭ ଓ ସ୍ଥାୟୀ ବିଦ୍ୟୁତ୍ ଶକ୍ତିକୁ ନେଇ ରାଜ୍ୟର ରହିଥିବା ଲକ୍ଷ୍ୟ ପ୍ରତି ଆମେ ପ୍ରତିବଦ୍ଧ ରହିଛୁ ଯାହା ଶିଳ୍ପକୁ ଆଗକୁ ବଢ଼ିବା, ଗ୍ରାମଗୁଡ଼ିକୁ ସମୃଦ୍ଧ କରିବା ଏବଂ ଓଡ଼ିଶା ପ୍ରଗତିରୁ ପ୍ରତି ନାଗରିକଙ୍କୁ ଲାଭବାନ ହେବାରେ ସକ୍ଷମ କରିଛି। ପ୍ରଯୁକ୍ତି ଆଧାରିତ ବ୍ୟବସ୍ଥା ଓ ଗ୍ରାହକ କୈନ୍ଦ୍ରିକ ସେବା ସହିତ ଟିପିଏନ୍‌ଓଡିଏଲ୍ ଓଡ଼ିଶାରେ ବିଦ୍ୟୁତ୍ ବଂଟନକୁ ପୁନଃ ଆକାର ପ୍ରଦାନ କରିଛି।

## ଆମାଜନ ପେ ଓ ଆଇସିଆଇସିଆଇ ବ୍ୟାଙ୍କ ମଧ୍ୟରେ ସହଯୋଗିତା ନବୀକରଣ

ନୂଆଦିଲ୍ଲୀ: ଆମାଜନ ପେ ଓ ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ କାର୍ଡ ପାଇଁ ସେମାନଙ୍କ ଦୀର୍ଘକାଳୀନ ସହଯୋଗିତାର ନବୀକରଣ ଘୋଷଣା କରିଛନ୍ତି। ଏହା ହେଉଛି ଭାରତର ସବୁଠୁ ଅଧିକ ଗ୍ରହଣୀୟ ହୋଇଥିବା କୋ-ବ୍ରାଣ୍ଡେଡ କ୍ରେଡିଟ କାର୍ଡ ଯାହାର ୫ ନିୟୁତରୁ ଅଧିକ ଗ୍ରାହକ ରହିଛନ୍ତି। ୨୦୧୮ରେ ଶୁଭାରମ୍ଭ ହେବା ପରଠାରୁ ଏହି କାର୍ଡ ସରଳ, ସ୍ୱଚ୍ଛ ରିୱାର୍ଡ ଓ ନିରବଚ୍ଛିନ୍ନ ସୁବିଧା ଜରିଆରେ ଡିଜିଟାଲ ପେମେଂଟକୁ ବଦଳାଇଛି। ଏ ସମ୍ପର୍କରେ ଆମାଜନ ପେ ଇଣ୍ଡିଆର କ୍ରେଡିଟ ଓ ଲେଣ୍ଡିଂ ଡାଇରେକ୍ଟର ମୟଙ୍କ ଜୈନ କହିଛନ୍ତି ଯେ, 'ଏହି ସୁବିଧାଗୁଡ଼ିକ ସହିତ ଆମେ ଭାରତର ସବୁଠୁ ବିଶ୍ୱସନୀୟ କୋ-ବ୍ରାଣ୍ଡେଡ କ୍ରେଡିଟ କାର୍ଡକୁ ନୂଆ ଶିଖରରେ ପହଂଚାଇଛୁ। ଆଇସିଆଇସିଆଇ ବ୍ୟାଙ୍କର କାର୍ଡସ ଓ ପେମେଂଟ ସମାଧାନର ମୁଖ୍ୟ ବିପୁଳ ଅଗ୍ରୱାଲ କହିଛନ୍ତି ଯେ, 'ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ କାର୍ଡ ହେଉଛି ଦେଶର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ କୋ-ବ୍ରାଣ୍ଡେଡ କ୍ରେଡିଟ କାର୍ଡ। ଆମାଜନ ପେ ସହିତ ଆମ ସହଯୋଗିତାର ନବୀକରଣ କରିବା ଏବଂ ଗ୍ରାହକଙ୍କୁ ଉନ୍ନତ ସୁବିଧା ଯୋଗାଇ ଦେଉଥିବାରୁ ଆମେ ଉଲ୍ଲସିତ। ଉତମ ରିୱାର୍ଡ ଓ ନମନୀୟତ ରିଡିମ ବିକଳ୍ପକୁ ନେଇ ଭାରତୀୟ ଗ୍ରାହକଙ୍କ ମଧ୍ୟରେ ଭ୍ରମଣ ବଢ଼ିବାର ଆଗ୍ରହକୁ ଆମେ ଦେଖିପାରୁଛୁ। ଫୋରେକ୍ସ ଫି କମ କରି ଆମେ ଡିଜିଟାଲ ଅଭ୍ୟସ୍ତ ଗ୍ରାହକଙ୍କ ପାଇଁ କାର୍ଡକୁ ଆହୁରି ଆକର୍ଷଣୀୟ କରିପାରିଛୁ ଯେଉଁମାନେ ପେମେଂଟରେ ସ୍ମାର୍ଟ ଉପାୟ ଖୋଜୁଛନ୍ତ।

ସ୍ମୃତିରେ ...
ଗାନ୍ଧୀ ମଣିଷ ଦୋଳଗୋବିନ୍ଦ

ସପ୍ତମ ଶ୍ରାଦ୍ଧବାର୍ଷିକୀ
ତା: ୧୬.୦୯.୨୦୨୫ (ମଙ୍ଗଳବାର)
କାର୍ଯ୍ୟକ୍ରମ
ବୃକ୍ଷ ପୂଜା, ସ୍ମୃତିବନ, ପାତ୍ରପଡା, ପୂର୍ବାହ୍ନ- ୮.୩୦ଘଟିକା
ଶାନ୍ତିଯଜ୍ଞ, ବ୍ରହ୍ମାନନ୍ଦ ଭବନ ପୂର୍ବାହ୍ନ- ୧୧.୦୦ଘଟିକା
ଶ୍ରୀମଦ ବାବା ବଳିଆଙ୍କ ନୂଆଗଡ, ତେଲେଙ୍ଗାପେଣ୍ଠ ଆଶ୍ରମ
ବ୍ରହ୍ମଚାରୀଙ୍କୁ ପ୍ରସାଦ ବଣ୍ଟନ ପୂର୍ବାହ୍ନ- ୧୧.୩୦ ଘଟିକା
ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।
ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳି, ପୃଥ୍ୱୀରାଜ
ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ
ଅରିନ୍ଦମ, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି
ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ
ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଡଃ ବୁଦ୍ଧ ଦେବ ମିଶ୍ର




ଟୋକିଓ: ଚଳିତ ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତାରେ ଇତିହାସ ରଚିଛନ୍ତି ସର୍ବେଶ କୁଶାରେ। ପ୍ରଥମ ଭାରତୀୟ ହାଇଜମ୍ପର ଭାବେ ଫାଇନାଲ୍‌ରେ ପହଞ୍ଚିବାରେ ସେ ଗୌରବ ଅର୍ଜନ କରିଛନ୍ତି। ସ୍ଥାନୀୟ ନ୍ୟାସ୍‌ନାଲ୍ ଷ୍ଟାଡିୟମ୍‌ରେ ଏହି ୩୦ ବର୍ଷୀୟ ଭାରତୀୟ ୨.୨୫ ମିଟର ମାର୍କକୁ ନିଜର ଦ୍ୱିତୀୟ ପ୍ରୟାଶରେ ପାର କରି ୧୩ ଜଣିଆ ଫାଇନାଲିଷ୍ଟଙ୍କ ମଧ୍ୟରେ ନବମ ସ୍ଥାନରେ ରହିଥିଲେ। ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ପୂର୍ବରୁ ୨.୨୭ ମିଟର (୨୦୨୨) ରହିଥିଲା। ଗତ ମାସରେ ଚେନ୍ନାଇରେ ଆୟୋଜିତ ୬୪ତମ ଜାତୀୟ ଅନ୍ତଃରାଜ୍ୟ ଦୌଡ଼କୁଦରେ ୨.୨୪ ମିଟର ଡେଇଁ ବିଜେତା ହୋଇଥିବା ସର୍ବେଶ ଚଳିତ ଋତୁରେ ଦୁଇ ଥର ୨.୨୬ ମିଟର ମାର୍କ ଛୁଇଁଥିଲେ। ତେବେ ଏହି ପ୍ରତିଯୋଗିତାରୁ ଟୋକିଓ ଅଲିମ୍ପିକ୍ସ ବିଜେତା ଜିଆନ୍‌ମାର୍କୋ ଟାମ୍ବେରି (୨.୧୬ ମିଟର) ଯୋଗ୍ୟତା ପର୍ଯ୍ୟାୟରୁ ବିଦାୟ ନେଇଥିଲେ। ସର୍ବେଶ ମଙ୍ଗଳବାର ପଦକ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ। ୧୦,୦୦୦ ମିଟରରେ ଭାରତୀୟ ଧାବକ ଗୁଲବୀର ସିଂହ (୨୯:୧୩.୩୩) ୧୬ତମ ସ୍ଥାନରେ ରହି ପଦକରୁ ବଞ୍ଚିତ ହୋଇଥିଲେ। ଫ୍ରାନ୍ସର ଜିମି ଗ୍ରେସିଅର (୨୮:୫୫.୭୭) ସ୍ୱର୍ଣ୍ଣ, ଇଥିଓପିଆର ୟୋମିଫ କେଜେଲଚା (୨୮.୫୫.୯୩) ରୌପ୍ୟ ଏବଂ ସ୍ୱିଡେନ୍‌ର ଆନ୍ଦ୍ରିଜ୍ ଆଲ୍‌ମଗ୍ରେନ୍ (୨୮:୫୬.୦୨) କାଂସ୍ୟ ଜିତିଥିଲେ। ପ୍ୟାରିସ୍ ଅଲିମ୍ପିକ୍ସ ଓ ବୁଦାପେଷ୍ଟ ବିଶ୍ୱ ପୁରୁଷ ୧୦୦ ମିଟର ବିଜେତା ଆମେରିକାର ନୋଆ ଲିଲିଜ୍ ଟୋକିଓ ବିଶ୍ୱ ଦୌଡ଼କୁଦରେ ସ୍ୱର୍ଣ୍ଣ ବଜାୟ ରଖିବାରେ ବିଫଳ ହୋଇଛନ୍ତି। ତାଙ୍କୁ ପଛରେ ପକାଇ ଜାମାଇକାର ଓବ୍‌ଲିକ୍ ସେଭିଲେ (୯.୭୭) ସ୍ୱର୍ଣ୍ଣ ଜିତିଥିଲେ।

# ଏସିଆ କପ୍ : ୟୁଏଇ ୪୨ରନ୍‌ରେ ବିଜୟୀ




ଦୁବାଇ : ସୋମବାର ଏସିଆର କପ୍‌ର ସପ୍ତମ ମ୍ୟାଚ୍ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ଓ ଓମାନ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌କୁ ୟୁଏଇ ୪୨ରନ୍‌ରେ ଜିତି ନେଇଛି। ଓମାନ ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା। ଫଳରେ ୟୁଏଇ ବ୍ୟାଟିଂ କରିଥିଲା। ଦଳ ଦୃଢ଼ତାର ସହିତ ବ୍ୟାଟିଂ କରି ୨୦ଓଭରରେ ୫ଓ୍ୱିକେଟ ହରାଇ ୧୭୨ରନ୍ କରିଥିଲା। ଦଳ ପକ୍ଷରୁ ଆଲିଶାନ ସରଫ୍ୟୁ ୫୧, ଅଧିନାୟକ ମୁହରାମ୍ମଦ ଓ୍ୱାସିମ୍ ୬୯, ଆସିଫ୍ ଖାନ୍ ୨, ମହମ୍ମଦ ଜୋହେବ୍ ୨୧, ହର୍ଷିତ କୌଶିକ୍ ୧୯, ଧ୍ରୁଭ ପରାସର ୧ରନ୍ କରିଥିଲେ। ଓମାନ ପକ୍ଷରୁ ହାସିନେନ୍ ଶାହା, ସାମି ଶ୍ରୀବାସ୍ତ ପ୍ରତ୍ୟେକ ଗୋଟିଏ ଲେଖାଏଁ ଓ୍ୱିକେଟ ନେଇଥିବା ବେଳେ ଜିତେନ୍ ରାମାନନ୍ଦି ୨ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ। ୧୭୩ରନ୍‌ର ଟାର୍ଗେଟ ନେଇ ପଡ଼ିଆକୁ ଓ୍ୱାଇଥିଲା ଓମାନ। ଦଳ ମାତ୍ର ୧୮.୪ଓଭରରେ ସମସ୍ତ ଓ୍ୱିକେଟ ହରାଇ ୧୩୦ରନ୍ କରି ମ୍ୟାଚ୍ ହାତଛଡା କରିଥିଲା। ଦଳ ପକ୍ଷରୁ ଅଧିନାୟକ ଜତିନ୍ଦ୍ର ସିଂ ୨୦, ଅମିର କାଲିମ୍ ୨, ହାମ୍ମଦ ମିର୍ଜା ୫, ଓ୍ୱାସିମ୍ ଅଲ୍ଲି ୧, ଶାହା ଫେସାଲ ୯, ଆର୍ଯ୍ୟାନ ବିଶୁଟ ୨୪, ବିନାୟକ ଶୁକ୍ଳା ୨୦, ଜିତେନ ରାମାନନ୍ଦୀ ୧୩, ସାଖିଲ ଅହମ୍ମଦ ୧୪, ସାମି ଶ୍ରୀବାସ୍ତ ୬ରନ୍ କରିଥିଲେ। ୟୁଏଇ ପକ୍ଷରୁ ଜୁନେଦ୍ ସିଦ୍ଧିକ୍ଵି ସର୍ବାଧିକ ୪ଓ୍ୱିକେଟ ପାଇଥିବା ବେଳେ ମହମ୍ମଦ ରୋହିଦ୍ ଖାଁ ୧, ହାଇଦର ଅଲ୍ଲି ୨ ଓ ମହମ୍ମଦ ଜୟଦୁଲ୍ଲା ୨ ଓ୍ୱିକେଟ ଅକ୍ତିଆର କରିଥିଲେ।

# ସର୍ବଭାରତୀୟ ଆଜାଦ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ: ସେମିରେ ବଡବିଲ୍




କରଞ୍ଜିଆ (ଭାସ୍କର ନ୍ୟୁଜ୍): ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ ଚଢେଇଭୋଳ ଆଜାଦ ସ୍ପୋର୍ଟ ଏବଂ କଲଚରାଲ କ୍ଲବ ଆନୁକୂଲ୍ୟରେ ସର୍ବଭାରତୀୟ ଆଜାଦ କପ ଫୁଟବଲ ଟୁର୍ନାମେଣ୍ଟ ପଞ୍ଚାୟତ ହାଇସ୍କୁଲ ଚଢେଇଭୋଳ ଷ୍ଟାଡିଅମ ଠାରେ ଅନୁଷ୍ଠିତ ହେଉଛି। ଆଜିର ଟୁର୍ନାମେଣ୍ଟରେ ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାୟକ, ଅବସରପ୍ରାପ୍ତ ଶିକ୍ଷକ ଉପେନ୍ଦ୍ର କୁମାର ବାରିକ, ରୁହୁଲ୍ ଅମିନ, ସୁରେନ୍ଦ୍ର କୁମାର ବେହେରା ଓ କ୍ଲବ ସଭାପତି ଇନ୍ଦ୍ରମଣି ମହାକୁଡ଼ ଅତିଥି ରୂପେ ଯୋଗଦେଇ ଖେଳାଳିଙ୍କ ସହିତ କର ମର୍ଦ୍ଦନ କରି ଖେଳକୁ ଆରମ୍ଭ କରିଥିଲେ। ସମ୍ପାଦକ ଏମ ଡି କାୟମ, ଖାଲିଲୁର ରେହେମାନଙ୍କ ସହିତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଆଜିର ମ୍ୟାଚ ବଡ଼ବିଲ ବନାମ ମୁସଲିମ୍ ଏଣ୍ଡ ମୁସଲିମ ବାରିପଦା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଉଭୟପକ୍ଷ ୧/୧ ଗୋଲ ଦେଇ ସମାନ ସ୍ଥିତିରେ ରହିବା ଫଳରେ ଟ୍ରାଏ ବ୍ରେକ୍‌ର ସହାୟତା ନିଆଗଲା। ଯେଉଁଥିରେ ବଡ଼ବିଲ ୪/୩ଗୋଲ ଦେଇ ମୁସଲିମ ଏଣ୍ଡ ମୁସଲିମ ବାରିପଦାକୁ ପରାସ୍ତ କରି ବିଜୟୀ ହୋଇ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛି। ଆଜି ମ୍ୟାଚକୁ ରେଫରି ଭାବେ ସଲିଲ ବେହେରା, ଲକ୍ଷ୍ମଣ ସେଠ, ରାସନ୍ ଖାଁ ଓ ନିତ୍ୟାନନ୍ଦ ମେହେର ପରିଚାଳନା କରିଥିଲେ। ମ୍ୟାଚ୍ ଦେଖିବାକୁ ଚଢେଇଭୋଳ ଷ୍ଟାଡିଅମଠାରେ ବର୍ଷା ସତ୍ତ୍ୱେ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଆସନ୍ତା କାଲି ଦ୍ୱିତୀୟ ସେମିଫାଇନାଲ ବଡବିଲ ବନାମ ଚାଇବାସା ସହିତ ହେବ। ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ୨୧ତାରିଖରେ ହୋ ସହିତ ଉଦଯାପନ ହେବ ବୋଲି ସଂପାଦକ ଏମ୍‌ଡି କାୟମ ସୂଚନା ଦେଇଛନ୍ତି।

**ପ୍ରଥମ ରାଜ୍ୟ ଗୋଷ୍ଠୀ ବିଚ୍ ହ୍ୟାଣ୍ଡବଲ ପ୍ରତିଯୋଗିତା**

# ଭାରତୀୟ ଦଳରେ ସ୍ଥାନ ପାଇଲେ ଆର୍ଯ୍ୟନ ବ୍ରାହ୍ମୀନ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ମାଲଦ୍ୱୀପର କୁଲୁଡୁଫୁସି ଠାରେ ଚଳିତ ସେପ୍ଟେମ୍ବର ମାସ ୧୬ରୁ ୨୪ ତାରିଖ ପ୍ରଯ୍ୟନ୍ତ ପ୍ରଥମ ରାଜ୍ୟ ଗୋଷ୍ଠି ବୀଚ ହ୍ୟାଣ୍ଡବଲ ପ୍ରତିଯୋଗିତା ଆୟୋଜିତ ହେବାକୁ ଯାଉଛି। ଭାରତୀୟ ଦଳରେ ଓଡିଶାର ଏକ ମାତ୍ର ଖେଳାଳି ଆର୍ଯ୍ୟନ ବ୍ରାହ୍ମୀନ ସ୍ଥାନ ପାଇଛନ୍ତି। ଆର୍ଯ୍ୟନ ବର୍ତମାନ କିଟ୍‌ସ ୟୁନିଭରସିଟି ଯୋଗ ଓ ନେଚରପଥିରେ ପିଜି ପ୍ରଥମ ବର୍ଷ ଛାତ୍ର। ଏଠରେ ସୂଚନାଯୋଗ୍ୟ ଆର୍ଯ୍ୟନ ଗତ ମେ ମେ ମାସରେ ଓମାନ ଠାରେ ଅନୁଷ୍ଠିତ ହୋଇ ଯାଇଥିବା ଏସିଆ ପୁରୁଷ ବୀଚ ହ୍ୟାଣ୍ଡବଲରେ ଅଂଶ ଗ୍ରହଣ କରିଥିଲେ। ଆର୍ଯ୍ୟନଙ୍କ ଏହି ସଫଳତା ପାଇଁ କିଟ୍‌ସ, କିସର ପ୍ରତିଷ୍ଠାତା ଡ଼ ଅଚ୍ୟୁତ ସାମନ୍ତ, କିଟ୍‌ସ ୟୁନିଭର୍ସିଟିର ସ୍ପୋର୍ଟ ଡିରେକଟର ଜେନେରାଲ ଡ଼ ଗଗନେନ୍ଦୁ ଦାଶ, ଓଡ଼ିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂ, କୋଷାଧକ୍ଷ ଶୀତେନ୍ଦ୍ରନାଥ ଦାସ ଆର୍ଯ୍ୟନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ଭାରତୀୟ ଦଳରେ ସ୍ଥାନ ପାଇବା ପରେ ଓଡିଶା ହ୍ୟାଣ୍ଡବଲ ଆସୋସିଏସନ ତଥା କିଟ୍‌ସ କ୍ୟାମ୍ପାସରେ ଖୁସିର ଲହରୀ ଖେଳି ଯାଇଥିବା ବେଳେ ଆର୍ଯ୍ୟନ ନିକଟକୁ ରାଜ୍ୟର କୋଣ ଅନୁକୋଣରୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।

**ସିନିଅର ଅନ୍ତଃ ଜିଲ୍ଲା ସିପକଟାକ୍ରୋ ଚାମ୍ପିଅନସିପ**

# ରାୟଗଡା ଓ କଟକ ଚାମ୍ପିଅନ୍




ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା ସିପକଟାକ୍ରୋ ଆସୋସିଏସନ ତରଫରୁ ଅନ୍ତଃ ଜିଲ୍ଲା ପୁରୁଷ ଓ ମହିଳା। ସିପକଟାକ୍ରୋ ଚାମ୍ପିୟନସିପ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତାଳବଣିଆ ଇଣ୍ଡୋର ଷ୍ଟାଡିୟମ ଠାରେ ୨୪ତମ ସିନିଅର ଅନ୍ତ ଜିଲ୍ଲା ସିପକଟାକ୍ରୋ ଚାମ୍ପିୟନସିପ ସମାପନ ହୋଇଛି। ୨୪ତମ ସିନିଅର ଅନ୍ତ ଜିଲ୍ଲା ସିପକଟାକ୍ରୋ ଚାମ୍ପିୟନସିପରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ୨୦ଟି ପୁରୁଷ ଓ ୧୪ଟି ମହିଳା ଟିମ ଅଂଶଗ୍ରହଣ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଓଡିଶା ଅଲମ୍ପିକ ଆସୋସିଏସନ ସଭାପତି ସମୀର ମହାନ୍ତି, ସମ୍ମାନୀତ ଅତିଥି ଭାବେ ଡ଼ିଏସଓ ଚନ୍ଦନ କୁମାର ସାହୁ ଓ ଡିଆଇପିଆରଓ ସନ୍ତୋଷ କୁମାର ସେଠି ଉପସ୍ଥିତ ଥିଲେ। ଏହା ପରେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଖେଳ ଆରମ୍ଭ କରାଯାଇଥିଲା। ଆଜିର ୨୪ତମ ସିନିଅର ଅନ୍ତଃ ଜିଲ୍ଲା ସିପକଟାକ୍ରୋ ଚାମ୍ପିୟନସିପରେ ପୁରୁଷ ବିଭାଗରେ ଚାମ୍ପିଅନ ହୋଇଥିଲେ ରାୟଗଡା, ଦ୍ୱତୀୟ ସ୍ଥାନ ଅଧିକାର କରିଥିଲେ କିସ୍ ଓ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ କଟକ ଜିଲ୍ଲା ଏବଂ କିଟ୍। ସେହିପରି ମହିଳା ବିଭାଗରେ ଚମ୍ପିୟାନ ହୋଇଥିଲେ କଟକ ଜିଲ୍ଲା, ଦ୍ୱତୀୟ ସ୍ଥାନ ଅଧିକାର କରିଥିଲେ କଟକ ସଦର ଓ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ କିସ୍ ଏବଂ କୀଟ। ତେବେ ଆଜି ସକାଳୁ ବର୍ଷା ହେବା ସତ୍ତ୍ୱେ ଖେଳାଳି ମାନଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା। ସୂଚନା ଥାଉ ଯେ ଆସନ୍ତାକାଲି ୨୩ତମ ସବ ଜୁନିଅର ଅନ୍ତଃ ଜିଲ୍ଲା ସିପକଟାକ୍ରୋ ଚାମ୍ପିୟନସିପ ଅନୁଷ୍ଠିତ ହେବ। ଏଥିରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ୧୨ଟି ବାଳକ ଓ ୬ଟି ବାଳିକା ଟିମ ଅଂଶଗ୍ରହଣ କରିବେ। ଉକ୍ତ କାର୍ଯ୍ୟକ୍ରମରେ ଓଡିଶା ସିପକଟାକ୍ରୋ ଆସୋସିଏସନ ସମ୍ପାଦକ ପୃଥିବୀରାଜ ସାହୁ, ଓଡିଶା ସିପକଟାକ୍ରୋ ଆସୋସିଏସନ ଉପ ସଭାପତି ପ୍ରଭାସ ପ୍ରିୟଦର୍ଶନ ମହାନ୍ତି, ପୁରୀ ଜିଲ୍ଲା ସିପକଟାକ୍ରୋ ଆସୋସିଏସନ ଉପ ସଭାପତି ସୁଦର୍ଶନ ସାହୁ, ସାଧାରଣ ସମ୍ପାଦକ ରାମ ଚନ୍ଦ୍ର ବାରିକ ଓ ଯୁଗ୍ମ ସାଧାରଣ ସମ୍ପାଦକ ଅଶ୍ୱିନ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଆଇସିସିର ବଡ଼ ଘୋଷଣା**

# ସିରାଜ ଶ୍ରେଷ୍ଠ ପୁରୁଷ ଖେଳାଳି ମନୋନୀତ



ନୂଆଦିଲ୍ଲୀ: ଟିମ ଇଣ୍ଡିଆର ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ମିଳିଛି ଆଇସିସିର ବଡ଼ ପୁରସ୍କାର। ଇଂଲଣ୍ଡ ବିପକ୍ଷ ସିରିଜରେ ନିଜର ଦମ ଦେଖାଇଥିବା ସିରାଜ ଅଗଷ୍ଟ ମାସର ଶ୍ରେଷ୍ଠ ପୁରୁଷ ଖେଳାଳି ହେବାର ମାନ୍ୟତା ପାଇଛନ୍ତି। ଅଗଷ୍ଟ ମାସରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ସିରାଜ ଓଭାଲରେ ଖେଳିଥିଲେ। ଉକ୍ତ ମ୍ୟାଚ୍‌ରେ ସେ ଦମଦାର ପ୍ରଦର୍ଶନ କରିଥିଲେ ବୋଲି ଆଇସିସି ଓ୍ୱେବସାଇଟରେ ଉଲ୍ଲେଖ କରାଯାଇଛି। ଓଭାଲ ଟେଷ୍ଟରେ ୨୧.୧୧ ହାରରେ ସିରାଜ ଉଭୟ ଇନିଂସରେ ମୋଟ ୯ଟି ଓ୍ୱିକେଟ ଦଖଲ କରିଥିଲେ। ଏହି ପ୍ରଦର୍ଶନ ଯୋଗୁ ଭାରତ କେବଳ ସିରିଜ ଜିତି ନଥିଲା, ବରଂ ସିରିଜ୍‌କୁ ଇଂଲଣ୍ଡ ସହ ୨-୨ରେ ଡ୍ର ରଖିବାକୁ ସକ୍ଷମ ହୋଇଥିଲା। ଦ୍ରୁତ ବୋଲର ସିରାଜ ଓଭାଲ ଟେଷ୍ଟରେ ଶ୍ରେଷ୍ଠ ଖେଳାଳି ପୁରସ୍କାର ବି ଜିତିଥିଲେ। ଦ୍ୱିତୀୟ ଇନିଂସରେ ସେ ଏକାକୀ ୪୬ ଓଭର ବୋଲିଂ କରି ୫ ଓ୍ୱିକେଟ ଦଖଲ କରିଥିଲେ। ଅଗଷ୍ଟ ମାସର ଶ୍ରେଷ୍ଠ ଖେଳାଳି ଦୌଡ଼ରେ ସିରାଜଙ୍କ ବ୍ୟତୀତ ନ୍ୟୁଜିଲ୍ୟାଣ୍ଡର ମ୍ୟାଟ ହେନରୀ ଓ ଓ୍ୱେଷ୍ଟଇଣ୍ଡିଜର ଜୟଡେନ ସେଲ୍ସ ରହିଥିଲେ। କିନ୍ତୁ ସିରାଜ ଉଭୟଙ୍କୁ ପଛରେ ପକାଇ ଆଇସିସିର ମାସିକ ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିବାକୁ ସକ୍ଷମ ହୋଇଛନ୍ତି। ଇଂଲଣ୍ଡ ବିପକ୍ଷ ୫ଟି ଯାକ ଟେଷ୍ଟରେ ସିରାଜ ଏକମାତ୍ର ଦ୍ରୁତ ବୋଲର ଭାବେ ନଜର ଆସିଥିଲେ। ସେ ସବୁ ମ୍ୟାଚ୍‌ରେ ସମାନ ଢଙ୍ଗରେ ବୋଲିଂ କରି ସିରିଜରେ ସର୍ବାଧିକ ଓ୍ୱିକେଟ (୨୩) ମଧ୍ୟ ଦଖଲ କରିବାକୁ ସକ୍ଷମ ହୋଇଥିଲେ। ମାସର ଶ୍ରେଷ୍ଠ ଖେଳାଳି ହେବା ପରେ ସିରାଜ କହିଛନ୍ତି ଯେ ଆଇସିସି ପକ୍ଷରୁ ମାସର ଶ୍ରେଷ୍ଠ ଖେଳାଳି ମାନ୍ୟତା ପାଇଁ ଅତ୍ୟନ୍ତ ସ୍ୱତନ୍ତ୍ର ସମ୍ମାନ।


*(This is only an advertisement for information purposes and is not a prospectus announcement and not for distribution outside India.)*

N C M

# NILACHAL CARBO METALICKS LIMITED

**Corporate Identity Number: U23101OR2003PLC007061**

Our Company was originally incorporated as "Company Limited by Shares" under the name "Nilachal Carbo Metalicks Private Limited" under the provisions of the Companies Act, 1956 and the Certificate of Incorporation was issued by Registrar of Companies, Cuttack, on February 13, 2003, vide certificate of incorporation bearing CIN U23101OR2003PTC007061. Pursuant to a special resolution passed by our Shareholders in the Extra-Ordinary General Meeting held on November 30, 2023, our Company was converted from a private limited company to public limited company and consequently, the name of our Company was changed to "Nilachal Carbo Metalicks Limited" and a fresh certificate of incorporation dated February 07, 2024 was issued to our Company by the Registrar of Companies, Cuttack, The Corporate Identity Number of our Company is U23101OR2003PLC007061. For details of change in registered office of our Company, please refer to chapter titled **"History and Corporate Matters"** beginning on Page no. 139 of the Prospectus.

**Registered Office:** N/4 - 158 IRC Village, Bhubaneswar 751015, Odisha, India.
**Website:** https://nilachalcoke.com/ | **E-Mail:** secretarial@nilachalcoke.com | **Telephone No:** +91 674 3512117
**Contact Person:** Mr. Haraprasad Rout, Company Secretary and Compliance Officer.

**OUR PROMOTERS: MR. BIBHU DATTA PANDA, MRS. GEETA RANI PANDA AND KAJAL FASHIONWEAR AGENCY PRIVATE LIMITED**

## BASIS OF ALLOTMENT

**INITIAL PUBLIC OFFER OF 66,00,000 EQUITY SHARES OF FACE VALUE OF ₹10 EACH ("EQUITY SHARES" OR "SHARES") OF NILACHAL CARBO METALICKS LIMITED ("NILACHAL" OR "OUR COMPANY" OR "THE ISSUER") FOR CASH AT A PRICE OF ₹85.00 PER EQUITY SHARE (INCLUDING A PREMIUM OF ₹75.00 PER EQUITY SHARE) ("OFFER PRICE") AGGREGATING TO ₹ 5,610.00 LAKHS COMPRISING OF FRESH OFFER OF 26,00,000 EQUITY SHARES AGGREGATING TO ₹ 2,210.00 LAKH ("FRESH OFFER") AND AN OFFER FOR SALE OF 40,00,000 EQUITY SHARES BY KAJAL FASHIONWEAR AGENCY PRIVATE LIMITED ("SELLING SHAREHOLDER") AGGREGATING TO ₹ 3,400.00 LAKHS ("OFFER FOR SALE") ("THE OFFER") OF WHICH 3,31,200 EQUITY SHARES AGGREGATING TO ₹ 281.52 LAKHS WILL BE RESERVED FOR SUBSCRIPTION BY MARKET MAKER ("MARKET MAKER RESERVATION PORTION"). THE OFFER LESS THE MARKET MAKER RESERVATION PORTION I.E. OFFER OF 62,68,800 EQUITY SHARES OF FACE VALUE OF ₹10 EACH AT AN OFFER PRICE OF ₹ 85.00 PER EQUITY SHARE AGGREGATING TO ₹ 5,328.48 LAKHS ("NET OFFER"). THE OFFER AND THE NET OFFER WILL CONSTITUTE 26.48% AND 25.15% OF THE POST-OFFER PAID-UP EQUITY SHARE CAPITAL OF OUR COMPANY.**

**THE FACE VALUE OF THE EQUITY SHARES IS ₹10 AND THE ISSUE PRICE IS 8.5 TIMES OF THE FACE VALUE**

**FIXED PRICE ISSUE AT ₹ 85.00 PER EQUITY SHARE**
**MINIMUM APPLICATION SIZE OF 3,200 EQUITY SHARES AND IN MULTIPLES OF 1,600 EQUITY SHARES THEREAFTER**

| OFFER PROGRAMME | OFFER OPENS ON: MONDAY, SEPTEMBER 8, 2025 |
|---|---|
| | OFFER CLOSES ON: THURSDAY, SEPTEMBER 11, 2025 |

**PROPOSED LISTING: TUESDAY, SEPTEMBER 16, 2025**

The Equity Shares are proposed to be listed on the SME platform of BSE Limited i.e. BSE SME, in terms of the Chapter IX of the Securities and Exchange Board of India (Issue Capital and Disclosure Requirements) Regulations, 2018, as amended (**"SEBI ICDR Regulations"**). Our Company has received an In-principle approval from BSE Limited (**"BSE"**) for listing the Shares pursuant to letter dated May 09, 2025. The investors are advised to refer to page no. 261 of the Prospectus for the full text of the "Disclaimer Clause of the SME Platform of BSE Limited". The Designated Stock Exchange is BSE for this Issue. The trading or date of listing is proposed to be commenced on Tuesday, September 16, 2025 (subject to receipt of listing and trading approvals from the BSE).

The Issue is being made through the Fixed Price process and the allocation in the Net Issue to the Individuals Investors category is made pursuant to Regulation 253(2) of the SEBI ICDR Regulations, wherein a minimum of 50% of the Net Issue to the Public is initially made available for allotment to Individual Investors. The balance of Net Issue to the Public is made available for allotment to Individual Applicants other than Individual Investors and other Investors including Corporate Bodies / Institutions irrespective of number of Shares applied for.

All potential investors participated in the Issue only through an Application Supported by Blocked Amount (**"ASBA"**) process including through UPI mode (as applicable) by providing details of the irrespective bank accounts and / or UPI IDs, in case of Retail Individual Investors, if applicable, by the Self Certified Syndicate Banks (**"SCSBs"**).

**SUBSCRIPTION DETAILS**

**Detail of the Applications Received**

| Category of Investor | Gross Applications | | After Technical Rejections | | Valid Applications | |
|---|---|---|---|---|---|---|
| | Number of Applications | No. of Equity Shares | Number of Applications | No. of Equity Shares | Number of Applications | No. of Equity Shares |
| Market Maker | 1 | 3,31,200 | 0 | 0 | 1 | 3,31,200 |
| Individual Investors | 5,461 | 1,74,75,200 | 54 | 1,72,800 | 5,407 | 1,73,02,400 |
| Other than Individual Investors | 1,779 | 1,43,95,200 | 9 | 43,200 | 1,770 | 1,43,52,000 |
| **Total** | **7,241** | **3,22,01,600** | **63** | **2,16,000** | **7,178** | **3,19,85,600** |

The Basis of Allotment was finalized in consultation with the BSE, the Designated Stock Exchange pursuant to Regulation 253(2) of the SEBI ICDR Regulations on September 12, 2025, as under:

a. **Allocation to Market Maker (After Technical Rejections & Withdrawals):** The Basis of Allotment to the Market Maker, at the Issue Price of ₹ 85 per Share, was finalised in consultation with the BSE. The category was subscribed by 1.00 time. The total number of Shares allotted in this category is 3,31,200.

b. **Allocation to Individual Investors (After Technical Rejections & Withdrawals):** The Basis of Allotment to the Individual Investors, at the Issue Price of ₹ 85 per Share, was finalised in consultation with the BSE., the total number of Shares allocated in this category is 3,427,200 Shares (i.e. including spilled over of 291,200 Shares from Other than Individual Investors based on the valid subscription received in the Individual Investors category). This category was subscribed by 5.04855 time and details of the Basis of Allotment are as under:

| No. of Shares applied for | No. of applications received | Proportionate Shares available | Ratio of allottees to applicants | | No. of Successful applicants | No. of Shares allocated/allotted | Surplus/Deficit (6) - (3) |
|---|---|---|---|---|---|---|---|
| (1) | (2) | (3) | (4) | | (5) | (6) | (7) |
| 3,200 | 5,407 | 3,427,200 | 103 | 520 | 1,071 | 3,427,200 | 0 |

c. **Allocation to Other than Individual Investors Category (After Technical Rejections & Withdrawals):** The Basis of Allotment to the Other than Individual Investors, at the Issue Price of ₹ 85 per Share, was finalised in consultation with the BSE. The total number of shares allocated in this category is 2,841,600 Shares. The category was subscribed by 5.05068 times and details of the Basis of Allotment are as under:

| Sr. No. | No. of Shares applied for (Category Wise) | Number of applications received | % of Total | No. of Shares applied in each category | % of Total | Proportionate shares available | Allocation per Applicant: Before rounding off | Allocation per Applicant: After rounding off | Ratio of allottees to applicants | | Number of Successful applicants (after rounding off) | % to Total | Total No. of Shares allocated/ allotted | % to Total | Surplus/ Deficit (14)-(7) |
|---|---|---|---|---|---|---|---|---|---|---|---|---|---|---|---|
| (1) | (2) | (3) | (4) | (5) | (6) | (7) | (8) | (9) | (10) | (11) | (12) | (13) | (14) | (15) | (16) |
| 1 | 4,800 | 1,250 | 71 | 60,00,000 | 42 | 20,06,780 | 1,605 | 4,800 | 209 | 625 | 418 | 71 | 20,06,400 | 71 | (380) |
| 2 | 6,400 | 16 | 0.90 | 1,02,400 | 0.71 | 25,687 | 1,605.42 | 4,800 | 5 | 16 | 5 | 0.84 | 24,000 | 0.84 | (1,687) |
| 3 | 8,000 | 8 | 0.45 | 64,000 | 0.45 | 12,843 | 1,605.42 | 4,800 | 3 | 8 | 3 | 0.51 | 14,400 | 0.51 | 1,557 |
| 4 | 9,600 | 3 | 0.17 | 28,800 | 0.20 | 4,816 | 1,605.42 | 4,800 | 1 | 3 | 1 | 0.17 | 4,800 | 0.17 | (16) |
| 5 | 11,200 | 28 | 1.58 | 3,13,600 | 2.19 | 44,952 | 1,605.42 | 4,800 | 9 | 28 | 9 | 1.52 | 43,200 | 1.52 | (1,752) |
| 6 | 12,800 | 452 | 25.54 | 57,85,600 | 40.31 | 7,25,652 | 1,605.42 | 4,800 | 151 | 452 | 151 | 25.51 | 7,24,800 | 25.51 | (852) |
| 7 | 14,400 | 1 | 0.06 | 14,400 | 0.10 | 1,605 | 1,605.42 | 4,800 | 0 | 1 | 0 | 0.00 | 0 | 0.00 | (1,605) |
| 8 | 16,000 | 2 | 0.11 | 32,000 | 0.22 | 3,211 | 1,605.42 | 4,800 | 1 | 2 | 1 | 0.17 | 4,800 | 0.17 | 1,589 |
| 9 | 17,600 | 1 | 0.06 | 17,600 | 0.12 | 1,605 | 1,605.42 | 4,800 | 0 | 1 | 0 | 0.00 | 0 | 0.00 | (1,605) |
| 10 | 25,600 | 1 | 0.06 | 25,600 | 0.18 | 1,605 | 1,605.42 | 4,800 | 0 | 1 | 0 | 0.00 | 0 | 0.00 | (1,605) |
| 11 | 38,400 | 1 | 0.06 | 38,400 | 0.27 | 1,605 | 1,605.42 | 4,800 | 0 | 1 | 0 | 0.00 | 0 | 0.00 | (1,605) |
| 12 | 48,000 | 1 | 0.06 | 48,000 | 0.33 | 1,605 | 1,605.42 | 4,800 | 0 | 1 | 0 | 0.00 | 0 | 0.00 | (1,605) |
| 13 | 57,600 | 1 | 0.06 | 57,600 | 0.40 | 1,605 | 1,605.42 | 4,800 | 0 | 1 | 0 | 0.00 | 0 | 0.00 | (1,605) |
| 14 | 59,200 | 1 | 0.06 | 59,200 | 0.41 | 1,605 | 1,605.42 | 4,800 | 0 | 1 | 0 | 0.00 | 0 | 0.00 | (1,605) |
| 15 | 2,36,800 | 1 | 0.06 | 2,36,800 | 1.65 | 1,605 | 1,605.42 | 4,800 | 0 | 1 | 0 | 0.00 | 0 | 0.00 | (1,605) |
| 16 | 3,52,000 | 1 | 0.06 | 3,52,000 | 2.45 | 1,605 | 1,605.42 | 4,800 | 0 | 1 | 0 | 0.00 | 0 | 0.00 | (1,605) |
| 17 | 5,87,200 | 1 | 0.06 | 5,87,200 | 4.09 | 1,605 | 1,605.42 | 4,800 | 0 | 1 | 0 | 0.00 | 0 | 0.00 | (1,605) |
| 18 | 5,88,800 | 1 | 0.06 | 5,88,800 | 4.10 | 1,605 | 1,605.42 | 4,800 | 0 | 1 | 0 | 0.00 | 0 | 0.00 | (1,605) |
| 19 | 14,400 & 17,600 to 5,88,800 | 0 | 0.00 | 0 | 0.00 | 0 | 0.00 | 4,800 | 4 | 11 | 4 | 0.68 | 19,200 | 0.68 | 19,200 |
| | **TOTAL** | **1,770** | **100.00** | **1,43,52,000** | **100.00** | **28,41,600** | | | | | **592** | **100.00** | **28,41,600** | **100.00** | **(0)** |

**Please Note:** 1 (One) lot of 4,800 shares have been allocated to all the 11 Applicants from Category 14,400 and from Categories 17,600 to 5,88,800 in the ratio of 4:11.

The Board of Directors of the Company at its meeting held on September 12 ,2025, has taken on record the Basis of Allotment of the Shares, as approved by the BSE, the Designated Stock Exchange and has authorized the corporate action for the allotment of the Shares to various successful applicants.

The CAN and/or allotment advice and/or notices to be dispatched to the email/address of the investors as registered with the depositories on or before September 12, 2025. Further, the instructions to the SCSBs for unblocking of funds and/or transfer to the Public Issue Account is processed on or before September 12, 2025. In case the same is not received within prescribed time, investors may contact the Registrar to the Issue. The Shares allotted to successful applicants to be credited on or before September 15, 2025 to their beneficiary demat accounts subject to validation of the account details with the depositories concerned. The Company is taking steps to get the Shares admitted for trading on the SME Platform of BSE within 3 working days from the closure of the Issue.

**Note:** All capitalized terms used and not defined herein shall have the respective meanings assigned to them in the Prospectus.

**DISCLAIMER CLAUSE OF BSE:** It is to be distinctly understood that the permission given by the BSE should not in any way be deemed or construed that the contents of the Prospectus or the price at which the Shares are offered has been cleared, solicited or approved by the BSE, nor does it certify the correctness, accuracy or completeness of any of the contents of the Prospectus. The investors are advised to refer to the Prospectus for the full text of the Disclaimer clause pertaining to the BSE.

THE LEVEL OF SUBSCRIPTION SHOULD NOT BE TAKEN TO BE INDICATIVE OF EITHER THE MARKET PRICE OF THE EQUITY SHARES ON LISTING OR THE BUSINESS PROSPECTS OF THE COMPANY.

The Company has filed the Prospectus dated August 28, 2025 (**"Prospectus"**) with RoC, SEBI and the BSE. The Prospectus is available on the website of SEBI at www.sebi.gov.in, the BSE at www.bseindia.com and the Lead Manager i.e. Sun Capital Advisory Services Private Limited at www.suncapitalservices.co.in. The investors should note that investment in Equity Shares involves a high degree of ask. For more details, investors should refer to the Prospectus including the section titled 'Risk Factors' of the Prospectus.

**INVESTORS PLEASE NOTE**

The details of the allotment made has been hosted on the website of the Registrar to the Issue, **KFin Technologies Limited** at **Website: www.kfintech.com**. All future correspondence in this regard may be addressed to the Registrar to the Issue quoting full name of the First/Sole Applicant, Serial number of the Application Form, Number of Shares Applied for and Bank Branch where the Application had been lodged and payment details at the address given below:

KFINTECH
EXPERIENCE TRANSFORMATION

**KFIN TECHNOLOGIES LIMITED**
**Address:** Selenium Tower-B, Plot 31 & 32, Gachibowli, Financial District, Nanakramguda, Serilingampally, Hyderabad 500032, Telangana, India.
**Telephone:** +91 40 6716 2222 | **E-mail:** ncml.ipo@kfintech.com | **Investor Grievance E-mail:** einward.ris@kfintech.com
**Website:** www.kfintech.com | **Contact Person:** Mr. M Murali Krishna

**Issued by for Nilachal Carbo Metalicks Limited**
Sd/-
**Mr. Bibhu Datta Panda**
**Designation:** Managing Director
**DIN: 01579026**

**Place:** Bhubaneswar
**Date:** September 15, 2025

AdBaaz



ଆମେ କାନ୍ଦିବା ବେଳେ ଆମ ଆଖିରୁ ଲୁହ ବୋହିବା ସଙ୍ଗେ ସଙ୍ଗେ ଆମ ନାକରୁ ମଧ ପାଣି ବୋହିବା ଆମେ ସମସ୍ତେ ଲକ୍ଷ୍ୟ କରିଛେ । ହେଲେ କ'ଣ ଆପଣ ଜାଣନ୍ତି, ଆମେ କାନ୍ଦିବା ବେଳେ କାହିଁକି ନାକରୁ ପାଣି ବାହାରେ... ଆମେ ଜାଣିଛେ ଆମର ସମସ୍ତ ନାଡି ଓ କୋଷ ଗ୍ରନ୍ଥିକା ପରସ୍ପର ସହ ଜଡିତ । ଆମେ ଯେତେବେଳେ କାନ୍ଦୁ ସେତେବେଳେ ଅଶ୍ରୁ ଗ୍ରନ୍ଥିକାରୁ ବାହାରି ନଳିକାରେ ପ୍ରବେଶ କରିଥାଏ । ଯାହା ଆମ ନାକ ମଧ୍ୟକୁ ପ୍ରବେଶ କରେ । ସେଠାରେ ଲୁହ ବଲଗମ ତଥା ମ୍ୟୁକସ ସହ ମିଶି ନାକବାଟେ ବାହାରକୁ ବାହାରିଥାଏ । ତେବେ ମଣିଷ ଶରୀର ଭିତରେ ଥିବା ଇମୋସନ ଦ୍ୱାରା ତାର ଆଖିର ଆଇଲିଡ ପ୍ରଭାବିତ ହୋଇଥାଏ । ଆଇଲିଡ୍ ତଳେ ଥିବା ଗ୍ଲାଣ୍ଡ ବା କୋଷ ଗ୍ରନ୍ଥିକାରୁ ଲୁହ ବାହାରେ । ଯାହା ଆମ ଆଖିକୁ ସଫା ରଖେ ଏବଂ ଆଖିକୁ ଏକ ପ୍ରାକୃତିକ ତେଲ ପ୍ରଦାନ କରେ । ଯେତେବେଳେ ଆମେ କାନ୍ଦୁ ସେତେବେଳେ ଉପର ଏବଂ ତଳ ଆଖିର ଭିତର କୋଣରେ ଲୁହ ଜମାଟ ବାନ୍ଧେ ଏବଂ ନାକ ପାର୍ଶ୍ୱରେ ଚାଲିଥିବା ନାସୋଲାକ୍ରିମାଲ୍ ନଳୀରେ ଏହି ଲୁହ ଭରିଯାଏ । ତାପରେ ଏହା ନାକ ଭିତରେ ଥିବା ମ୍ୟୁକସ, ସଂକ୍ରମଣାତ୍ମକ କଣିକା ଏବଂ ରକ୍ତ ସହିତ ମିଶିଥାଏ । ଯାହା ଧିରେ ଧିରେ ଏକ ତରଳ ପଦାର୍ଥରେ ପରିଣତ ହୋଇ ନାକରନ୍ଧ୍ର ଦେଇ ବାହାରି ଥାଏ । ଫଳରେ ଆମ କାନ୍ଦିବା ବେଳେ ନାକବାଟେ ମଧ ଲୁହ ପ୍ରବାହିତ ହୋଇଥାଏ । ଯାହାଦ୍ୱାରା ଆମ ସାଇନସିସ୍ ଉତ୍ତେଜିତ ହୋଇଥାଏ । ଆଉ ଆମକୁ ନାକ ଜମିଗଲା ଭଳି ଲାଗେ । ତେବେ ମନେରଖନ୍ତୁ କାନ୍ଦିବା ନାକବାଟେ ବାହାରୁଥିବା ପାଣିକୁ କେବେ ବି ସୁଁ କରି ଭିତରକୁ ନେବା ଉଚିତ୍ ନୁହେଁ । କାରଣ ଏହା ଆମ ଶରୀର ବର୍ଜ୍ୟବସ୍ତୁ ।

# ଉର୍ବଶୀଙ୍କୁ ସମନ



ଅନଲାଇନ ବେଟିଂ ଆପ୍ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅଭିନେତ୍ରୀ ଉର୍ବଶୀ ରୌଟେଲାଙ୍କୁ ସମନ ଜାରି କରିଛି। ସନ୍ଦିଗ୍ଧ ମନି ଲଣ୍ଡରିଂ ପାଇଁ ଯାଞ୍ଚାଧୀନ ଅନଲାଇନ୍ ବେଟିଂ ପ୍ଲାଟଫର୍ମ ୱାନ୍‌ଏକ୍ସବେଟ୍ ଉପରେ ଚାଲିଥିବା ତଦନ୍ତ ଜାରି ରହିଛି । ଏନେଇ ଉର୍ବଶୀଙ୍କୁ ସେପ୍ଟେମ୍ବର ୧୬ରେ ଦିଲ୍ଲୀରେ ଥିବା ଇଡି ମୁଖ୍ୟାଳୟରେ ହାଜର ହେବାକୁ ପଡିବ । ବେଆଇନ ବେଟିଂ ପ୍ଲାଟଫର୍ମ ଏବଂ ସେମାନଙ୍କର ସେଲିବ୍ରିଟି ପ୍ରମୋଟରମାନଙ୍କ ଉପରେ ବ୍ୟାପକ କାର୍ଯ୍ୟାନୁଷ୍ଠାନ ହେବ । ଏହି ତଦନ୍ତରେ ପୂର୍ବରୁ ଅନେକ ଉଚ୍ଚ-ପ୍ରୋଫାଇଲ୍ ନାମ ସାମିଲ ହୋଇସାରିଛି । ସେଲିବ୍ରିଟିମାନେ ଏହି ଆପ୍‌ର ପ୍ରମୋଟର ଭାବେ କାର୍ଯ୍ୟ କରୁଥିଲେ । ଯେଉଁଥିପାଇଁ ପ୍ରଶଂସକ ଓ ଅନ୍ୟ ସାଧାରଣ ଜନତା ସେମାନଙ୍କୁ ବିଶ୍ୱାସ କରି ଏହି ଆପ୍‌ରେ ଅର୍ଥ ଲଗାଣ କରି ସର୍ବସ୍ୱାନ୍ତ ହୋଇଛନ୍ତି ।

# ଶିଶୁଙ୍କ ପାଇଁ ବର୍ଷାଦିନିଆ ସିଜିନାଲ ଫ୍ଲୁ



ବର୍ଷାଦିନେ ବିଶେଷକରି ନବଜାତ ପିଲାମାନଙ୍କୁ ଜଣ୍ଡିସ ହେବାର ଦେଖା ଦେଇଥାଏ। ଜଣ୍ଡିସକୁ ନେଇ ସଚେତନତାର ଅଭାବରୁ ଅଭିଭାବକମାନେ ଅସ୍ତବ୍ୟସ୍ତ ହୋଇପଡ଼ିଥାନ୍ତି ଓ ଧୈର୍ଯ୍ୟହରା ହୋଇ ସେମାନେ ଚିକିତ୍ସା ବିଳମ୍ବିତ କରିଥାନ୍ତି କିମ୍ବା ଅବହେଳା ମଧ କରିଥାନ୍ତି। ତେବେ ମୂଳ କଥା ହେଉଛି ସାଧାରଣତଃ ହେପାଟାଇଟିସ ଏ, ବା ଇ, ଦ୍ୱାରା ଏହା ହୋଇଥାଏ। ମା'ଙ୍କ ବ୍ଲଡ଼ଗ୍ରୁପ ଯଦି 'ଓ' ଓ ପିଲାର 'ଏ' କିମ୍ବା 'ବି' ଅଥବା ମା'ର ନେଗେଟିଭ ଓ ପିଲାର ପଜିଟିଭ ବା ମା'ର ଥାଇରଏଡ଼ କି ଅନ୍ୟ ଜନ୍ମଗତ ରୋଗ ଥିବ କିମ୍ବା ଶିଶୁର ଅପରିପକ୍ୱ ଜନ୍ମ ହୋଇଥିବ ତେବେ ଜଣ୍ଡିସ ହେବାର ଆଶଙ୍କା ଅଧିକ। ଏହାର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ। ଏଥିରେ ପିଲାକୁ ହସ୍ପିଟାଲରେ ରଖି ଚିକିତ୍ସା କରିବା ଉଚିତ।

■ ସାଧାରଣତଃ ବର୍ଷାଦିନକୁ ନେଇ ବା ଲଗାଣ ବର୍ଷାକୁ ନେଇ ସେପରି କିଛି ଆତଙ୍କିତ ହେବାର କାରଣ ନାହିଁ। ତେବେ ବର୍ଷା ଦିନେ ସର୍ବନିମ୍ନ ସ୍ୱାସ୍ଥ୍ୟ ସତର୍କତା ଅବଲମ୍ବନ କଲେ ପିଲାଟି ପାଇଁ ଏହି ଋତୁ କଷ୍ଟ ଦାୟକ ନହୋଇ ବରଂ ଆନନ୍ଦ ଦାୟକ ସାବ୍ୟସ୍ତ ହୋଇପାରିବ। ବର୍ଷାଦିନରେ ପିଲାଙ୍କ ହାତକୁ ବାରମ୍ବାର ଧୋଇ ସଫା କରିବା ସହ ସେମାନଙ୍କୁ ଫୁଟାପାଣ ପିଆଇବା, ଗରମ ଘରରନ୍ଧା ଖାଦ୍ୟ ଖୁଆଇବା, ଘର ଓ ଘରର ଚାରିପଟକୁ ପରିଛନ୍ନ ରଖିବା, ମଶାରି ଲଗାଇ ଶୁଆଇବା, ଫୁଲ ସାର୍ଟ ବା ଫୁଲ ପ୍ୟାଣ୍ଟ ପିନ୍ଧାଇବା ଦରକାର। ବର୍ଷାଋତୁ ଆରମ୍ଭରେ ଫ୍ଲୁ ଟିକା ଏବଂ ଡାକ୍ତରଙ୍କ ପରାମର୍ଶରେ ହେପାଟାଇଟିସ ଏ ଓ ଟାଇଫଏଡ଼ ଟିକା ନେବା ଉଚିତ।

■ ସର୍ବ ପ୍ରଥମେ ପିଲାଟିକୁ କୌଣସି ରୋଗ ଯନ୍ତ୍ରଣା ହେଲେ ନିଶ୍ଚିନ୍ତ ଭାବେ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ଏବଂ ସବୁ କ୍ଷେତ୍ରରେ ସରକାରୀ ଡାକ୍ତରଖାନାର ସୁଯୋଗ ହିଁ ନିଅନ୍ତୁ। ପିଲାଟିର ରୋଗ ପ୍ରତିରୋଧକ ଶକ୍ତି କିପରି ବୃଦ୍ଧି ପାଇବ ସେ ଦିଗକୁ ଅନେକ ଅଭିଭାବକ ଅଣଦେଖା କରିଥାନ୍ତି। ଯାହାଦ୍ୱାରା ପିଲାବେଳୁ ସେମାନେ ଅନେକ ରୋଗର ପରିପାର୍ଶ୍ୱିକ ପ୍ରତିକ୍ରିୟା ଓ ଯନ୍ତ୍ରଣାକୁ ସାମ୍ନା କରିଥାନ୍ତି। ପିଲାଙ୍କୁ ନିୟମିତ ସବୁଜ ପନିପରିବା ଓ ଫଳ ଦେବା ଉଚିତ। ଏଥିସହ ଜଙ୍କ ଫୁଡରୁ ଦୂରେଇ ରଖିବା ବିଧେୟ। ସେମାନଙ୍କୁ ଖେଳକୁଦ କରାଇବା ଦ୍ୱାରା ଖାଦ୍ୟ ହଜମ ହେବା ସହିତ ରୋଗ ପ୍ରତିରୋଧକ ଶକ୍ତି ମଧ ବଢ଼ିଥାଏ।

■ ପିଲାମାନଙ୍କୁ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ଘରୋଇ ଉପଚାର କରିବା ମଧ ଯେ ଅନୁପଯୁକ୍ତ ଆମେ କହୁନାହୁଁ। ଘରୋଇ ଉପଚାର ସବୁଠାରୁ ଭଲ। ବର୍ଷା ଦିନରେ ଚର୍ମରୋଗ ଅଧିକ ଦେଖାଯାଏ। ସେଥିପାଇଁ ଘରେ ନଡ଼ିଆ ତେଲ ଲଗାଇ ପାରିବେ। ହଳଦୀ ଲଗାଇବା ସହିତ ସକାଳେ କଞ୍ଚା ହଳଦୀ ଖାଇବା ଦ୍ୱାରା ଶରୀରରୁ କୃମି ନାଶ ହୋଇଥାଏ। କିନ୍ତୁ ସବୁବେଳେ ଘରୋଇ ଉପଚାରକୁ ପ୍ରାଧାନ୍ୟ ନ ଦେଇ ଦେହ ଅଧିକ ଖରାପ ହେଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ। ସବୁବେଳେ କୌଣସି ପ୍ରକାର ଦେଶୀୟ ଚିକିତ୍ସା ବା ଗୁଣୀ ଗାରେଡ଼ି ଚିକିତ୍ସା ଗ୍ରହଣ ନକରି ବରଂ ନିକଟସ୍ଥ ସରକାରୀ ଡାକ୍ତରଖାନା ବା ଶିଶୁ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ସରକାର ଶିଶୁ ରୋଗ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବିଚାର କରି ପିଲାଟିର ସମସ୍ତ ପ୍ରକାର ଡାକ୍ତରୀ ପରାମର୍ଶ, ପରୀକ୍ଷା ନିରୀକ୍ଷା, ଟୀକା ଓ ଔଷଧ ମାଗଣାରେ ପ୍ରଦାନ କରୁଛନ୍ତି ଏହାର ସୁଯୋଗ ନିଅନ୍ତୁ। ପିଲାଟିର ସ୍ୱାସ୍ଥ୍ୟ ଦିଗକୁ ଦେଖି ଅଧୈର୍ଯ୍ୟ ନହୋଇ ପିଲାଟିକୁ ବରଂ ଧୈର୍ଯ୍ୟ ଦିଅନ୍ତୁ ଏବଂ ଭଗବାନଙ୍କ ଉପରେ ଭରଷା ରଖନ୍ତୁ। ଆପଣଙ୍କ ସର୍ବନିମ୍ନ ସତର୍କତା, ଦୃଢ଼ ବିଶ୍ୱାସ, ଡାକ୍ତରଙ୍କ ଉପରେ ଭରଷା ଓ ଡାକ୍ତରୀ ଚିକିତ୍ସା ସମ୍ବନ୍ଧିତ ପ୍ରଣାଳୀ ଗ୍ରହଣ କଲେ ପିଲାଟି ନିରୋଗ ହୋଇପାରିବ।

***ବର୍ଷା ଦିନଟି ବାସ୍ତବରେ ଆନନ୍ଦଦାୟକ ହୋଇଥିଲେ ମଧ ସତର୍କତା ଅବଲମ୍ବନ କଲେ ଏହା ପିଲାମାନଙ୍କ ପାଇଁ କୌଣସି ଜଟିଳ ରୋଗ ବାଧକର କାରଣ ହେବନାହିଁ। ବର୍ଷା ଦିନେ ମଶା ମାଛିଙ୍କ ବଂଶବୃଦ୍ଧି ଘଟିଥାଏ। ଫଳରେ ବିଭିନ୍ନ ଭାଇରସ ଦ୍ୱାରା ପିଲାଙ୍କ ଠାରେ ସିଜନାଲ ଫ୍ଲୁ ଜଣ୍ଡିସ, ନିମୋନିଆ, ଡାଇରିଆ, ଡିସେଣ୍ଟ୍ରି, ଟାଇଫଏଡ଼, ଡେଙ୍ଗୁ ଓ ମ୍ୟାଲେରିଆ ଆଦି ରୋଗ ହୋଇଥାଏ। ଜ୍ୱର, ଛିଙ୍କ, ଥଣ୍ଡା, ମୁଣ୍ଡବିନ୍ଧା, ଗୋଡ଼ହାତ ବିନ୍ଧା ଓ ହାଲିଆ ଲାଗିବା ହେଉଛି ସିଜିନାଲ ଫ୍ଲୁର ଲକ୍ଷଣ। କମନ କୋଲଡ଼ ସାଧାରଣତଃ ତିନିରୁ ପାଞ୍ଚ ଦିନ ମଧରେ ଭଲ ହୋଇଯାଏ। ଓଆରଏସ ପାଣି, ପାରାସିଟାମଲ ଓ ସାଧାରଣ ଥଣ୍ଡା ଔଷଧରେ ଏହି ରୋଗ ଭଲ ହୋଇଥାଏ। ସିଜିନାଲ ଫ୍ଲୁ କିନ୍ତୁ ପୁଷ୍ଟିହୀନ ଓ ରୋଗ ପ୍ରତିରୋଧକ ଶକ୍ତି କମ ଥିବା ପିଲାଙ୍କ ପାଇଁ ମାରାତ୍ମକ ହୋଇପାରେ। ଏପରି ସ୍ଥଳେ ତୁରନ୍ତ ଶିଶୁ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ଉଚିତ....***

***ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ, ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,***




# ଆଲୋଭେରା ଜେଲ ଏମିତି ତିଆରି କରନ୍ତୁ...



ସାଧାରଣତଃ ଲୋକମାନେ ବଜାରରୁ ଆଲୋଭେରା ଜେଲ କିଣିଥାନ୍ତି। ଏଥିରେ ଏପରି କିଛି କେମିକାଲ ଥାଏ ଯାହା ଧୀରେ ଧୀରେ ତ୍ୱଚା ଓ କେଶକୁ ଖରାପ କରିପାରେ । ତେବେ ଆପଣ ନିଜେ ଅତି ସହଜରେ ଆଲୋଭେରା ଜେଲ ପ୍ରସ୍ତୁତ କରିପାରିବେ । ତାହାବି ଫ୍ରେସ୍ । ଏଥିପାଇଁ ଆଲୋଭେରା, ଭିଟାମିନ୍ ସି ଓ ଭିଟାମିନ୍ ଇ କ୍ୟାପସୁଲ, ମହୁ ଆବଶ୍ୟକ ।

ପ୍ରଥମେ କିଛି ତାଜା ଆଲୋଭେରା ପତ୍ର ନିଅନ୍ତୁ ଏବଂ ଏହାକୁ ଥଣ୍ଡା ପାଣିରେ ଦଶରୁ ପନ୍ଦର ମିନିଟ ଯାଏ ଭିଜାଇ ରଖନ୍ତୁ । ପତ୍ରକୁ ଥଣ୍ଡା ପାଣିରେ ରଖିବା ଦ୍ୱାରା ଏଥିରୁ ବାହାରୁଥିବା ହଳଦିଆ ତରଳ ପଦାର୍ଥ ବାହାରିଯିବ । ଏହି ହଳଦିଆ ତରଳ ପଦାର୍ଥ ଆଲର୍ଜିର କାରଣ ଅଟେ । ଏହାପରେ ଆଲୋଭେରା ରସ ବାହାର କରନ୍ତୁ । ଏହି ରସକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ସ୍ମୁଥ ପେଷ୍ଟ ହୋଇଯିବ । ଏହାକୁ ଏକ ପାତ୍ରରେ କାଢି ଦେବେ । ଭିଟାମିନ ସି, ଇ କ୍ୟାପସୁଲ ଓ ମହୁ ମିଶାନ୍ତୁ । ଭଲ ଭାବରେ ମିଶେଇ ଦିଅନ୍ତୁ ।

କେମିକାଲ ଫ୍ରି ଏହି ଆଲୋଭେରା ଜେଲକୁ ଏକ ଏୟାରଟାଇଟ ପାତ୍ରରେ ଭର୍ତ୍ତି କରି ଫ୍ରିଜରେ ରଖନ୍ତୁ । ଏହାକୁ ଚାରି/ପାଞ୍ଚ ଦିନ ଯାଏଁ ବ୍ୟବହାର କରିପାରିବେ । ରେଫ୍ରିଜରେଟରେ ରଖିଲେ ଆଉ କିଛି ଦିନ ବ୍ୟବହାର କରି ପାରିବେ ।

# ଖୁବ୍ ଶୀଘ୍ର ଆସୁଛି ଫିଲ୍ମ 'ମସ୍ତି ୪'

'ମସ୍ତି ୪' ଫିଲ୍ମ ସିନେମାହଲରେ ରିଲିଜ ହେବାକୁ ଯାଉଛି। ପୂର୍ବରୁ ଏହାର ୩ଟି ପାର୍ଟ ବେଶ୍ ଲୋକପ୍ରିତା ହାସଲ କରିଛି । ବର୍ତ୍ତମାନ ପାର୍ଟ ୪କୁ ନେଇ ଦର୍ଶକ ଉତ୍ସାହିତ ଅଛନ୍ତି । ଏହାରି ମଧ୍ୟରେ ଗୋଟିଏ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି । ଯେଉଁଥିରେ ଏବେ ରିତେଶ ଦେଶମୁଖ, ବିବେକ ଓବେରୟ ଏବଂ ଆଫତାବ ଶିବଦାସାନୀ ଧମାଲ୍ କରିବାକୁ ଯାଉଛନ୍ତି । ଯାହାକୁ ନେଇ ଦର୍ଶକଙ୍କ ଉତ୍ସାହ ଦ୍ୱିଗୁଣିତ ହୋଇଛି । ଏହା ବ୍ୟତୀତ ଅନ୍ୟ ବଡ଼ ଷ୍ଟାରମାନେ ମଧ ଏଥିରେ ସାମିଲ ହୋଇଛନ୍ତି । ଏହା ସହିତ ଫିଲ୍ମ ରିଲିଜ ତାରିଖ ମଧ ଧାର୍ଯ୍ୟ କରାଯାଇଛି । 'ମସ୍ତି ୪'ରେ ଅରଶଦ ୱାରସି , ଜେନେଲିଆ ଡିସୁଜା, ନର୍ଗିସ୍ ଫଖ୍ରୀ, ତୁଷାର କପୁର, ଶାଦ ରନ୍ଧାୱା, ଏଲନାଜ୍ ନୋରୋଜି ଏବଂ ରୁହି ସିଂହ ଅଭିନୟ କରିଛନ୍ତି । ଏମାନଙ୍କ ସମେତ ବର୍ତ୍ତମାନ ଅରଶଦ ୱାରସି, ନର୍ଗିସ୍ ଫଖ୍ରୀ ଏବଂ ତୁଷାର କପୁର ଏହି ଫିଲ୍ମରେ ଏଣ୍ଟ୍ରି କରିଛନ୍ତି । ଫିଲ୍ମଟି ୪୦ ଦିନ ମଧ୍ୟରେ ୟୁକେରେ ସୁଟିଂ ହୋଇଥିଲା ଏବଂ ଏବେ ପୋଷ୍ଟ-ପ୍ରଡକ୍ସନ୍ କାମ ଚାଲିଛି । 'ମସ୍ତି ୪'କୁ ୨୧ ନଭେମ୍ବରରେ ରିଲିଜ ହେବାର ପ୍ଲାନ୍ କରାଯାଇଛି । ଯାହାର ଟିଜର ଖୁବ୍ ଶୀଘ୍ର ରିଲିଜ୍ ହେବାକୁ ଯାଉଛି । ଏହି ଫିଲ୍ମଟି ଏକ୍ସଟ୍ରା-ମେରିଟଲ ଆଫେୟାର୍ସ ଉପରେ ଆଧାରିତ । ଏଥର ଇନ୍ଦ୍ର କୁମାର ଫିଲ୍ମଟିର ନିର୍ଦ୍ଦେଶନା ଦେଉ ନାହାଁନ୍ତି । ମିଲାପ ଜାଭେରୀ ଏହି ଦାୟିତ୍ୱ ନେଇଛନ୍ତି । ଗ୍ରାଣ୍ଡ ମସ୍ତି, ଗ୍ରେଟ୍ ମସ୍ତି ପରେ ମସ୍ତି ଫିଲ୍ମର ପାର୍ଟ ୪ ଦେଖିବାକୁ ଦର୍ଶକ ଅପେକ୍ଷା କରି ରହିଛନ୍ତି ।

# 'ରାମାୟଣ' ପାଇଁ ନିଶାଦ୍ରବ୍ୟ ସହ ଆମିଷ ଛାଡ଼ିଛନ୍ତି ରଣବୀର



ସୁପରଷ୍ଟାର ରଣବୀର କପୁର ଏବଂ ସାଇ ପଲ୍ଲବୀଙ୍କ ବହୁ ପ୍ରତିକ୍ଷିତ ଫିଲ୍ମ 'ରାମାୟଣ'ର ପ୍ରଥମ ଲୁକ ଟିଜର ରିଲିଜ୍ ହୋଇସାରିଛି। ରିଲିଜ୍ ପରେ ଏବେ ଏହାକୁ ନେଇ ସବୁଠି ଚର୍ଚ୍ଚା ଚାଲିଛି। ପ୍ରଥମ ଲୁକ ଟିଜରରେ ରଣବୀର କପୁରଙ୍କୁ ରାମ ଅବତାରରେ ଦେଖିବାକୁ ମିଳିଥିଲା। ସେ ଧନୁ ଧରି ଜଣେ ଯୋଦ୍ଧା ଭାବରେ ଆକ୍ରମଣର ଜବାବ ଦେଉଥିବା ଦେଖାଯାଇଥିଲା। କେବଳ ଟିଜର ରିଲିଜ୍ ପରେ ହିଁ ନିତେଶ ତିୱାରୀଙ୍କ ରାମାୟଣକୁ ନେଇ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ସମସ୍ତେ ଏହି ଫିଲ୍ମକୁ ନେଇ ଆସୁଥିବା ସବୁ ଅପଡେଟ୍ ବିଷୟରେ ଜାଣିବାକୁ ନିଜର ଉତ୍ସାହ ଦେଖାଉଛନ୍ତି। ଦର୍ଶକଙ୍କ ମଧ୍ୟରେ ଫିଲ୍ମକୁ ନେଇ ଉତ୍ସାହ ବଜାୟ ରଖିବା ପାଇଁ ନିର୍ମାତା ଭିନ୍ନ ଭିନ୍ନ ଅପଡେଟ୍ ସେୟାର କରିବା ଆରମ୍ଭ କରିଛନ୍ତି। ଏବେ ଆଉ ଏକ ବଡ଼ ସୂଚନା ସାମ୍ନାକୁ ଆସିଛି। ପ୍ରଭୁ ଶ୍ରୀରାମଙ୍କ ଚରିତ୍ର କରିବା ପାଇଁ ରଣବୀର ନିଜ ଜୀବନରେ ବଡ଼ ବଡ଼ ପରିବର୍ତ୍ତନ କରିଥିବା କହିଛନ୍ତି। ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ, 'ରାମାୟଣ'ରେ ଭଗବାନ ଶ୍ରୀରାମଙ୍କ ଭୂମିକାରେ ଅଭିନୟ କରିବା ପାଇଁ ମୁଁ ମଦ୍ୟପାନ ଛାଡ଼ି ନିରାମିଷ ଭୋଜନ ଖାଇବା ଆରମ୍ଭ କରିଛି। ଧୂମପାନ ଛାଡ଼ି ସାତ୍ତ୍ୱିକ ଖାଦ୍ୟ ଖାଉଛି। ବ୍ୟାୟାମ କରିବା ସହ ଚରିତ୍ରକୁ ଜୀବନ୍ତ କରିବା ପାଇଁ ଧ୍ୟାନ କରୁଛି। ଧୂମପାନ କଥା ଯଦି କହିବି ତେବେ ମୋ ଝିଅ ରାହା ଜନ୍ମ ହେବା ପରଠାରୁ ମୁଁ ଧୂମପାନ କରିବା ଛାଡ଼ି ଦେଇଛି। ତେବେ ନିତେଶ ତିୱାରୀଙ୍କ ନିର୍ଦ୍ଦେଶିତ ଫିଲ୍ମ 'ରାମାୟଣ' ଦୁଇଟି ଭାଗରେ ମୁକ୍ତିଲାଭ କରିବ। ପ୍ରଥମ ଭାଗ ୨୦୨୬ ଦୀପାବଳିରେ ଏବଂ ଦ୍ୱିତୀୟ ଭାଗ ୨୦୨୭ ଦୀପାବଳିରେ ମୁକ୍ତିଲାଭ କରିବ। ଫିଲ୍ମର ଷ୍ଟାରକାଷ୍ଟ ବହୁତ ବଡ଼। ରଣବୀର କପୁର, ଯଶ, ସାଇ ପଲ୍ଲବୀ, ରବି ଦୁବେ, ସନି ଦେଓଲ, ଅରୁଣ ଗୋଭିଲ, ରାକୁଲ ପ୍ରୀତ ସିଂହ, ଲାରା ଦତ୍ତା, ଶୀବା ଚଡ୍ଢା, ଅମିତାଭ ବଚ୍ଚନ, କୁନାଲ କପୁରଙ୍କ ସମେତ ଅନେକ କଳାକାର ଏହି ଫିଲ୍ମରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରୁଥିବାର ଦେଖାଯିବେ। ରାମାୟଣ ସବୁଠାରୁ ମହଙ୍ଗା ଭାରତୀୟ ଫିଲ୍ମ ହେବାକୁ ଯାଉଛି। ଏହି ଫିଲ୍ମଟି ୪୦୦୦ କୋଟି ଟଙ୍କାରେ ନିର୍ମିତ ହେବ। ଏଥିମଧ୍ୟରୁ ୧୩୦୦କୋଟି ଟଙ୍କା ଫିଲ୍ମର ପ୍ରଚାରରେ ଖର୍ଚ୍ଚ ହେବ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ବେଲପାହାଡ, (ଭାସ୍କର ନ୍ୟୁଜ): ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ ବାଦୀମାଳ ପଞ୍ଚାୟତ ଅନ୍ତର୍ଗତ କୁସୁମେଲ ବୃହତ ପାନୀୟ ଜଳଯୋଗାଣ ପ୍ରକଳ୍ପକୁ ରବିବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଲୋକାର୍ପିତ କରିଛନ୍ତି। ଏହି ଅବସରରେ ବ୍ରଜରାଜନଗର ବିଧାନସଭା କ୍ଷେତ୍ର ଅନ୍ତର୍ଗତ ଏନଏଚ ୨୦୦ ଠାରୁ ଗ୍ରୀନଡୋଳା ଗାଁ ପର୍ଯ୍ୟନ୍ତ ୬ କିମି ରାସ୍ତା, ଏନଏଚ ୨୦୦ ଠାରୁ ଲଖନପୁର ଗାଁ ପର୍ଯ୍ୟନ୍ତ ୩.୦୬୪ କିମି ରାସ୍ତା, ଚାଣ୍ଡିପାଲି ଛକରୁ ଛତିଶଗଡ଼ ସୀମା ପର୍ଯ୍ୟନ୍ତ ୩.୨୩୦ କିମି ରାସ୍ତା ଏବଂ କଣ୍ଡେଇକେଲା ସେମେଲିଆ ପିଏମଜିଏସୱାଇ ରାସ୍ତା ଠାରୁ ଓଡ଼ିଶା ସୀମା ପର୍ଯ୍ୟନ୍ତ ୦.୨୫୦ କିମି ନୂତନ ରାସ୍ତା ନିର୍ମାଣ ପାଇଁ ରାଜସ୍ୱ ମନ୍ତ୍ରୀ ପୂଜାରୀ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏଥିସହ ଦଲଗାଁ ଠାରୁ ବ୍ରଜରାଜନଗର ପର୍ଯ୍ୟନ୍ତ ୮.୦୮୯ କିମି ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ନୂତନ ରାସ୍ତାକୁ ସର୍ବ ସାଧାରଣ ଙ୍କ ନିମନ୍ତେ ଲୋକାର୍ପଣ କରିଥିଲେ। ଝାରସୁଗୁଡା ଜିଲ୍ଲାପାଳ ତଥା ଦଣ୍ଡାଧିକାରୀ କୁନାଲ ମୋତିରାମ ଚହ୍ୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଲଖନପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ହୃତେଶ୍ୱରୀ ତିହିରିଆ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ସୂର୍ଯ୍ୟଂଶୁ ରୁଟ,ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ,ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଆରଡବ୍ଲୁଏସଏସ ସମ୍ବଲପୁର ତପନ ପ୍ରଧାନଙ୍କ ସମେତ ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ ଏବଂ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ସଭ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ଅଞ୍ଚଳବାସୀ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ।

# ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ



ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ୧ ନଂ ମଣ୍ଡଳ ଗେଙ୍ଗୁଟିଆ ପଞ୍ଚାୟତ କୁଲେଇ ତାଳେଶ୍ୱର ମନ୍ଦିର ପରିସର ଏବଂ ନିକଟସ୍ଥ ବ୍ରାହ୍ମଣୀ ନଦୀ ଖଣ୍ଡିରେ ଥିବା ଖୋଲା ଜାଗାରେ ସୋମବାର ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ ଆସି ଚାରା ରୋପଣ କରିଥିବା ଦେଖାଯାଇଛି। ପ୍ରଥମେ ବିଧାୟକ କୁଲେଇ ଗ୍ରାମରେ ପହଞ୍ଚିଲା ପରେ ଅନୁଗାମୀ ମାନେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଢୋଲ ମାଦଳ ବାଜା ଓ ନାମ ସଂକୀର୍ତ୍ତନରେ ପ୍ରେତେକ ସାହି ଓ ଗ୍ରାମ ପରିକ୍ରମା କରାଇ ଶତାଧିକ ବିଜେପି କାର୍ଯ୍ୟକର୍ତ୍ତା ଏବଂ ଗ୍ରାମବାସୀଙ୍କ ମେଳରେ ତାଳେଶ୍ୱର ମନ୍ଦିରରେ ପହଞ୍ଚି ଠାକୁର ଦର୍ଶନ କରିଥିଲେ। ଚଳିତ ମାସ ୧୭ତାରିଖରୁ ଅକ୍ଟୋବର ୨ତାରିଖ ପର୍ଯ୍ୟନ୍ତ ଯଶସ୍ୱୀ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ବିଭିନ୍ନ ଚାରା ରୋପଣ କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ବେଳେ, ସେହି ଉଦେଶ୍ୟରେ କୁଲେଇ ଠାରେ ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ସମିତି ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ସମାଜସେବୀ ପ୍ରଶାନ୍ତ ଦଳବେହେରା, ସରପଞ୍ଚ ଅଶାନ୍ତି ରାଉତ, ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ଶରତ ଚନ୍ଦ୍ର ସାହୁ, ନାରୀନେତ୍ରୀ ଏଲିନା ଭୁତିଆ, ପରଜଙ୍ଗ ସମିତି ସଭ୍ୟା ଶୈଳେନ୍ଦ୍ରି ସେଠୀ, ଏକ ନଂ ମଣ୍ଡଳ ସଭାପତି ବୈଷ୍ଣବ ନାଥ, ବରିଷ୍ଠ ନେତା ଦୁର୍ଗା ଚରଣ ମୟକ, ଅଶୋକ ବର୍ମା, ଅନିଲ କୁମାର ଭୁତିଆ, କୁଆଲୁ ସରପଞ୍ଚ ଅଜିତ କୁମାର ସାହୁ, ଦୟାନିଧି ସାହୁ, ଯୁବନେତା ଉତ୍ସବ ଜେନା, ରୁଦ୍ରନାରାୟଣ ଜେନା, ପଦ୍ମ ଚରଣ ପାତ୍ର, ସନାତନ ଜେନାଙ୍କ ସମେତ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

# ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ



ଭଦ୍ରକ, (ଭାସ୍କର ନ୍ୟୁଜ୍): ପୁରୁଣାବଜାର ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ ବାଙ୍କା ବଜାର ଶ୍ରୀ ଶ୍ରୀ ଦଧିବାମନ ଜୀୟୁଙ୍କ ମନ୍ଦିର ପରିସରରେ ସଭାପତି ଡା. ହକିମୁଦ୍ଦିନ ଖାଁ’ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ହାଜି ମୋକିତ୍ ଖାଁ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ ପରେ ଗାନ୍ଧୀ ଓଡ଼ିଶା ବାଳାଶ୍ରମର ଛାତ୍ରଛାତ୍ରୀମାନେ ‘ବନ୍ଦେ ଉତ୍କଳ ଜନନୀ’ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ରୋଟାରିଆନ୍ ସେକ୍ ନାଶିର ବକ୍ସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତିଙ୍କ ପ୍ରାରମ୍ଭିକ ସୂଚନା ପରେ ସମ୍ପାଦକ ରାମଚନ୍ଦ୍ର କର ସମ୍ପାଦକୀୟ ବୀବରଣୀ ପାଠ କରିଥିଲେ। ନାଗରିକ ସଂଘର ବରିଷ୍ଠ ସଦସ୍ୟ ତଥା ଉପଦେଷ୍ଟା ସେକ୍ ଫାରୁକ ଓ ଅଶୋକ ଦାସ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ସାହୁ ବରିଷ୍ଠମାନେ ସମାଜର ପଥ ପ୍ରଦର୍ଶକ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେଲେ ଆମ୍ଭେ ସୁନ୍ଦର ସମାଜ ଗଠନ କରିପାରିବା, ଅନ୍ୟତମ ଅତିଥି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଂଶୁମାନ ଦ୍ୱିବେଦୀ ଓ ପୁରୁଣାବଜାର ଥାନାର ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସାହୁ, ବରିଷ୍ଠ ମାନଙ୍କ ପାଇଁ ପ୍ରଶାସନର ଦାୟୀତ୍ୱ ଓ କର୍ତ୍ତବ୍ୟ ବଷୟରେ ଆଲୋକପାତ କରିବା ସହ, ବରିଷ୍ଠମାନଙ୍କ ସମସ୍ୟା ସମାଧାନ ପାଇଁ ପ୍ରଶାସନ ଓ ପୋଲିସ ଉପଯୁକ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିଲେ। ଭଦ୍ରକ ମହାସଂଘର ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର ଭଦ୍ରକ ଜିଲ୍ଲାର ବିଭିନ୍ନ ବରିଷ୍ଠ ନାଗରିକ ସଂଘର କାର୍ଯ୍ୟକଳାପ, ସଂଘ ଗଠନର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ମହାସଂଘର ସଭାପତି ତଥା ମୁଖ୍ୟବକ୍ତା ଲଲାଟେନ୍ଦୁ ମହାନ୍ତି ବରିଷ୍ଠମାନଙ୍କ ହକ୍ ବିଷୟରେ ସୂଚନା ଦେବା ସହ ତାହା ହାସଲ ପାଇଁ ଆଇନ୍ ଗତ ସୁବିଧା ବିଷୟରେ ଆଲୋକପାତ କରିଥିଲେ। ଭଦ୍ରକର ସ୍ୱନାମଧନ୍ୟ ଭେଷଜ ବିଶେଷଜ୍ଞ ଡ଼ା ରବିନ୍ଦ୍ର କୁମାର ନାୟକ ଅତିଥିଭାବେ ଯୋଗଦାନ କରି ବରିଷ୍ଠମାନେ କିପରି ଭାବରେ ରୋଗମୁକ୍ତ ଆନନ୍ଦ ଜୀବନଯାପନ କରିବେ ସେଥିପାଇଁ ଖାଦ୍ୟ, ପାନୀୟ, ଯୋଗ ବିଷୟରେ ସଚେତନ କରିଥିଲେ। ସଂଘର ବରିଷ୍ଠ ନାଗରିକ ବିଜୟ କୁମାର ଘଡ଼େଇ, ମୁବାରକ ହୋସେନ୍, ଲୋକମାନ ଖାଁ ଓ ରମାକାନ୍ତ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖଣ୍ଡତଡ଼ା ଓ ଗୁଜିଦରଡ଼ା ଗ୍ରାମ ପଞ୍ଚାୟତର ବରିଷ୍ଠ ସଦସ୍ୟ ବିଶ୍ୱନାଥ ନାୟକ ଓ ଶରତ ଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ବରିଷ୍ଠ ନାଗରିକ ସଂଘ ଗଠନର ଗୁରୁତ୍ୱ ଉପଲବ୍ଧି କରି ନିଜ ଅଞ୍ଚଳରେ ଏକ ସଂଘ ପ୍ରତିଷ୍ଠା ପାଇଁ ପ୍ରେରଣା ପାଇଥିଲେ। ସଂଘର ବରିଷ୍ଠ ସଦସ୍ୟ ସୁଧାକର ରାଉତ ମଞ୍ଚ ପରିଚାଳନା କରିଥିଲେ ଓ ବ୍ରିଗେଡ୍ ସ୍କୁଲର ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ସେନ୍, ପ୍ରମୋଦ କୁମାର ପଣ୍ଡା, ଅସରଫ ଅଲ୍ଲି ଖାଁ, ସଇଦ୍ ସାହା, ହାଜି କୟୁମ୍ ଅଲ୍ଲି, ହିଫଜୁର ରହେମାନ ଖାଁ, ଇଂ ହବିବୁଲ୍ଲା ଖାଁ, ବିବେକାନନ୍ଦ ମୁଖାର୍ଜୀ, ବିଜୟ ଅଗସ୍ତି, ରାଧାନାଥ ପରିଡ଼ା, ମିର୍ଜା ସଜବାଦ ବେଗ, ହୃଦାନନ୍ଦ ବେହେରା ଓ ସେକ୍ ମେହେବୁବ୍ ପ୍ରମୁଖ ସଫଳ କାର୍ଯ୍ୟକ୍ରମ ପାଇଁ ସହଯୋଗ କରିଥିଲେ। ଗତ ୧୩ ସେପ୍ଟେମ୍ବର ଦିନ ଓଡ଼ିଶା ସୈନିକ ସ୍କୁଲ, ମାଦ୍ରାସା କାଦରିଆ ହବିବିଆ, ଗାନ୍ଧୀ ଓଡ଼ିଶା ବାଳାଶ୍ରମ, ଗରଦପୁର ଓ ସରସ୍ୱତୀ ଶିଶୁ ମନ୍ଦିର, ପୁରୁଣା ବଜାର ପ୍ରାଙ୍ଗଣରେ ବୃକ୍ଷରୋପଣ କରାଯାଇ ଥିଲା। ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଓ ସଂଘର କର୍ମକର୍ତ୍ତାମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ‘ସମାଜ ପାଇଁ ବୃକ୍ଷଟିଏ’ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରୟାସ କରାଯାଇଥିଲା।

## ଉଦ୍ୟମିତା ପ୍ରୋତ୍ସାହନ ସମ୍ମିଳନୀ

ବୌଦ୍ଧ, (ଭାସ୍କର ନ୍ୟୁଜ୍): ପାଠପଢ଼ିବା ଚାକିରି ଲକ୍ଷ୍ୟରେ ନହୋଇ ସ୍ୱାବଲମ୍ବନ ଉଦ୍ଦେଶ୍ୟରେ ହେଉ। ତେବେ ଯାଇ ନିରାମୟ ଜୀବନ ବଞ୍ଚିପାରିବେ ଓ ବୈଭବଶାଳି ରାଷ୍ଟ୍ର ଗଠନ ସ୍ୱପ୍ନ ସାକାର ହୋଇ ପାରିବ ବୋଲି ବୌଦ୍ଧ ସରସ୍ୱତୀ ଶିଶୁମନ୍ଦିର ଠାରେ ଆଜି ଆୟୋଜିତ ଉଦ୍ୟମିତା ପ୍ରୋତ୍ସାହନ ସମ୍ମିଳନୀରେ ବିଦ୍ୟର୍ଥୀ ମାନଙ୍କୁ ଅତିଥି ମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରରେ ଅତିଥିଭାବେ ଜିଲ୍ଲା ସଂଘ ଚାଳକ ସୂର୍ଯ୍ୟକାନ୍ତ ଦଳବେହେରା ଓ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀବସ୍ତ



ମିଶ୍ର ଯୋଗ ଦେଇଥିବା ବେଳେ ବକ୍ତାଭାବେ ସ୍ୱେଦଶୀ ଜାଗରଣ ମଞ୍ଚର ଜିଲ୍ଲା ସଂଯୋଜକ ରଘୁନାଥ ଷଡ଼ଙ୍ଗୀ ଯୋଗ ଦେଇ ବିଦ୍ୟାଳୟର ନବମ, ଦଶମ ଶ୍ରେଣୀ ବିଦ୍ୟାର୍ଥୀଙ୍କୁ ସ୍ୱେଦେଶୀ ଆପଣେଇବା ଓ ସ୍ୱାବଲମ୍ବନ ହେବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଗୁରୁଜୀ ଗୁରୁମା ମାନେ ସହଯୋଗ କରିଥିଲେ।

# ଶୁଆକାଟୀ ଉଚ୍ଚ ବିଦ୍ୟାଳୟକୁ ଉନ୍ନିତ ପାଇଁ ଦାବି

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ବାଂଶପାଳ ବ୍ଲକ ଅନ୍ତର୍ଗତ ଶୁଆକାଟୀ ବାଳକ ଉଚ୍ଚ ବିଦ୍ୟାଳୟକୁ ଉନ୍ନିତ କରି ଯୁକ୍ତ ଦୁଇ ଶ୍ରେଣୀ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି। ବାଂଶପାଳ ବ୍ଲକଟି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଏଠାରେ ଉଚ୍ଚ ଶିକ୍ଷା ପାଇବା ପାଇଁ ଅନୁଷ୍ଠାନର ଅଭାବ ରହିଛି। ଏହି ବ୍ଲକରେ ଆବାସିକ ସୁବିଧା ଥାଇ ଯୁକ୍ତ ଦୁଇ କଲେଜ ନଥିବାରୁ ମାଟ୍ରିକ ପାସ ପରେ ବହୁ ଆଦିବାସୀ ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡୁଛନ୍ତି। ଏହି ବ୍ଲକରେ କାଦକଳା ଉଚ୍ଚ ବିଦ୍ୟାଳୟ, ଶୁଆକାଟି ବାଳକ ଉଚ୍ଚ ବିଦ୍ୟାଳୟ, ଶୁଆକାଟୀ ବାଳିକା ଉଚ୍ଚ ବିଦ୍ୟାଳୟ, କାଞ୍ଜିପାଣି ବାଳିକା ଉଚ୍ଚ ବିଦ୍ୟାଳୟ, ସାହାରପୁର ବାଳିକା ଉଚ୍ଚ ବିଦ୍ୟାଳୟ, ରାଇଗୋଡା ବାଳିକା ଉଚ୍ଚ ବିଦ୍ୟାଳୟ, ଗୋନାସିକା ଉଚ୍ଚ ବିଦ୍ୟାଳୟ ଗୁଡିକ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଅଧିନରେ ଥିବାବେଳେ ଗଣ ଶିକ୍ଷା ବିଭାଗ ଅଧିନରେ ବହୁ ଉଚ୍ଚ ବିଦ୍ୟାଳୟ ରହିଛି। ଏହି ଉଚ୍ଚ ବିଦ୍ୟାଳୟ ଗୁଡିକରୁ ପ୍ରତିବର୍ଷ ପ୍ରାୟ ୧୦୦୦ ଆଦିବାସୀ ଛାତ୍ରଛାତ୍ରୀ ମାଟ୍ରିକ ପାସ କରିଥାନ୍ତି। କିନ୍ତୁ ଯୁକ୍ତ ଦୁଇ ପଢିବା ପାଇଁ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଭାବ ରହିଛି। ଫଳରେ ଅଧାରୁ ଅଧିକ ଛାତ୍ରଛାତ୍ରୀ ମାଟ୍ରିକ ପାସ ପରେ ଡ୍ରପ ଆଉଟ ହୋଇଯାଉଛନ୍ତି। ଏଣୁ ଶୁଆକାଟୀ ବାଳକ ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ଦୁଇ ଖୋଲିବା ପାଇଁ ସ୍ଥାନୀୟ ସମାଜସେବୀ ଅଞ୍ଜନ କୁମାର ବେଜ ଏବଂ ଅନ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ ସମୟରେ ରବିବାର ଦିନ ସର୍କିଟ ହାଉସ ଠାରେ ଦାବୀପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହାର ଗୁରୁତ୍ୱ ଉପଲବ୍ଧି କରି ଆଦିବାସୀ ଶିକ୍ଷା ଉନ୍ନତି ପାଇଁ ଆସନ୍ତା ଶିକ୍ଷା ବର୍ଷରୁ ଶୁଆକାଟୀ ବାଳକ ଉଚ୍ଚ ବିଦ୍ୟାଳୟକୁ ଉନ୍ନିତ କରି ଯୁକ୍ତ ଦୁଇ ଶ୍ରେଣୀ ଖୋଲିବା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

## ପୂଜକଙ୍କ ପରଲୋକ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ସ୍ଥିତ ପ୍ରସିଦ୍ଧ ମହାବୀର ମନ୍ଦିରର ମୁଖ୍ୟ ପୂଜକ ଦୋଳଗୋବିନ୍ଦ ପଣ୍ଡା (ଧୂନ୍ଦଳି ନନା)ଙ୍କର ତାଙ୍କ ସରପଡା ଗ୍ରାମ ପଞ୍ଚାୟତ ସାଧୁପୁରସ୍ଥିତ ବାସ ଭବନରେ ବାର୍ଦ୍ଧକ୍ୟ ଜନିତ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ହୋଇଥିଲା। ପଣ୍ଡା ଗତ କିଛି ଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ଚିକିତ୍ସାଧିନ ଥିଲେ। ଆଜି ତାଙ୍କର ପରଲୋକ ହୋଇ ଯାଇଛି। ତାଙ୍କ ମର ଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଶୋକାକୂଳ ପରିବେଶରେ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଛି। ତାଙ୍କର ଜ୍ୟେଷ୍ଠପୁତ୍ର ମନୋରଞ୍ଜନ ମୁଖାଗ୍ନି ଦେଇଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ପଣ୍ଡା ଦୀର୍ଘ ବର୍ଷ ଧରି ସ୍ଥାନୀୟ ଅଞ୍ଚଳରେ ଆୟୁର୍ବେଦିକ ଚିକିତ୍ସକ ରୂପେ ବେଶ ସୁନାମ ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି।

# ବିନା ସୂଚନା ଫଳକରେ ଚାଲିଛି ସରକାରୀ କାମ



କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): କଣ୍ଟାପଡା ବ୍ଲକ ଝାରପଡା ପଞ୍ଚାୟତ ତର୍ଜନା ଗ୍ରାମର ୧୧ ନମ୍ବର ୱାର୍ଡରେ ଥିବା ମା’ ଭଗବତୀଙ୍କ ପୀଠରେ ବିନା ସୂଚନା ଫଳକରେ ସରକାରୀ ଅର୍ଥ ବ୍ୟୟବରାଦ କରାଯାଇ ଯନ୍ତ୍ରୀଙ୍କ ଅନୁପସ୍ଥିତରେ ନିର୍ମାଣ ହେଉଛି ଘର। ଏହାର ସୂଚନା ଫଳକ ନଥିବା ବେଳେ ନିମ୍ନ ମାନର କାମ କରାଯାଉଥିବା ସ୍ଥାନୀୟ ଲୋକ ଅଭିଯୋଗ ଆଣିଛନ୍ତି। ଏହି କାମ କିଏ କରୁଛି କେତେ ଟଙ୍କାର କାମ, ବୁଝିବା ପାଇଁ ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀ ଅରୁଣିମା ଆଚାର୍ଯ୍ୟଙ୍କୁ ଫୋନ କରିଥିଲେ। ହେଲେ ଯନ୍ତ୍ରୀ ସ୍ଥାନୀୟ ଲୋକଙ୍କୁ ବୁଝାଇବା ବଦଳରେ ଦବଙ୍ଗ ଗିରି ଦେଖାଇବା ଶହ ତୁମେ ଯେଉଁଠି ଅଭିଯୋଗ କରିବାର ଅଛି କର ବୋଲି କହିଥିଲେ। ଏନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ସରକାରୀ ଅର୍ଥକୁ କିଭଳି ଭାବରେ ଯନ୍ତ୍ରୀ ନିଜ ମନ ମାର୍ଜିରେ ଖର୍ଚ୍ଚ କରୁଛନ୍ତି ତାହା ପୁଣି ଦଳୀୟ ଭିତ୍ତି ରେ କରାଯାଉଛି। ଏ ନେଇ ଯନ୍ତ୍ରୀ ଅରୁଣିମା ଆଚାର୍ଯ୍ୟଙ୍କୁ ପଚାରିବାରୁ ଏହା ୩ ଲକ୍ଷ, ୫୦ ହଜାର ଟଙ୍କାର କାମ ଏବଂ ଫଳକ ଘର ଭିତରେ ମରା ହୋଇଛି ବୋଲି କହିଛନ୍ତି। ସହକାରୀ ନିର୍ବାହୀ ଯନ୍ତ୍ରୀ ଧନଞ୍ଜୟ ସାମଲ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ଶଗଡ଼ା, (ଭାସ୍କର ନ୍ୟୁଜ୍): କଣ୍ଟାମାଳ ବ୍ଲକ ସମ୍ମିଳନୀ କକ୍ଷରେ ବୌଦ୍ଧ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ ଶୁଣାଣୀ ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଓ ଏସପି ଅନୁପସ୍ଥିତ ଥିବା ବେଳେ ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ ଓ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଯୋଗ ଦେଇ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ସମୁଦାୟ ୪୯ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥି ମଧ୍ୟରୁ ୪୫ଗୋଟି ବ୍ୟକ୍ତିଗତ ଓ ୪ଟି ଗୋଷ୍ଠୀଗତ ମାମଲା ପଞ୍ଜିକୃତ ହୋଇଥିଲା। ଶିବିରରେ ନୂତନ ୧୦ ଜଣ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ପ୍ରଦାନ କରାଯାଇ ଥିବା ବେଳେ ୧୭ ଗୋଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା। ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସମାଧାନ ପାଇଁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଉପ ଆରକ୍ଷୀ ଅଧୀକ୍ଷକ ଆନନ୍ଦ କୁମାର ଡୁଙ୍ଗଡୁଙ୍ଗ, ଜିଲ୍ଲା ଜରୁରୀ ଅଧିକାରୀ ତଥା ନୋଡାଲ ଅଫିସର ସୁଧର୍ମା ମଲ୍ଲିକ, ସମସ୍ତ ବ୍ଲକ ସ୍ତରୀୟ ଏବଂ ଜିଲ୍ଲା ସ୍ତରୀୟ ଅଧିକାରୀ ଯୁଗ୍ମ ଜନ ଶୁଣାଣୀ ଶିବିରରେ ଉପସ୍ଥିତ ରହି ଆସିଥିବା ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ।

# ବରିଷ୍ଠ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧିନ ବାରୋ ଗ୍ରାମର ବରିଷ୍ଠ ସାମ୍ବାଦିକ ନାରାୟଣ ଚନ୍ଦ୍ର ବାରିକଙ୍କୁ ଓ.ୟୁ.ଜେ. କାର୍ଯ୍ୟକାରିଣୀ ବୈଠକରେ ସମ୍ବର୍ଦ୍ଧିତ କରାଯାଇଛି। ଅନୁଗୁଳ ଜିଲ୍ଲା ସଭାଗୃହରେ ରବିବାର ଓ.ୟୁ.ଜେ.ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଓ.ୟୁ.ଜେ. ସଭାପତି ପ୍ରସନ୍ନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟଅତିଥି ଭାବେ ଆଇନ୍, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ବିଧାୟକ ବ୍ରଜକିଶୋର ପ୍ରଧାନ, ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୁଳ ନଗରପାଳ ଅକ୍ଷୟ କୁମାର ସାମନ୍ତ ପ୍ରମୁଖ ଯୋଗଦେଇ ବରିଷ୍ଠ ସାମ୍ବାଦିକ ଶ୍ରୀ ବାରିକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହିତ ତାଙ୍କର ଉତ୍ତରୋତ୍ତର କାମନା କରିଥିଲେ। ସୂଚନାଯୋଗ୍ୟ ଯେ ବରିଷ୍ଠ ସାମ୍ବାଦିକ ବାରିକ ଦୀର୍ଘଦିନ ଧରି ସାମ୍ବାଦିକତା କରିବା ସଙ୍ଗେସଙ୍ଗେ ଓ.ୟୁ.ଜେ.ରେ ଜଣେ ପ୍ରତିଷ୍ଠାତା ସଦସ୍ୟ ଭାବେ ସଙ୍ଗଠନକୁ ସୁଦୃଢ଼ କରିବାରେ ପ୍ରମୁଖ ଭୂମିକା ନେଇଛନ୍ତି। ସେ ମଧ୍ୟ ଜଣେ ଶିକ୍ଷାବିତ୍, ସାହିତ୍ୟିକ, ସମାଜସେବୀ ଓ ସଙ୍ଗଠକ ଭାବେ ସୁପରିଚିତ। ସେ ଭଦ୍ରକ ଜିଲ୍ଲା ଓ.ୟୁ.ଜେ. ଜିଲ୍ଲା ସଭାପତି ଭାବେ ଦୀର୍ଘଦିନ ରହି ସୂଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି କାର୍ଯ୍ୟକାରିଣୀ ବୈଠକରେ ଓ.ୟୁ.ଜେ. ସମ୍ପାଦକ କୃପାପାଣି ମିଶ୍ର, ଅନୁଗୁଳ ଜିଲ୍ଲା ସଭାପତି ଅଜିତ୍ କୁମାର ଧର, ଜାତୀୟ ସାମ୍ବାଦିକ ୟୁନିଅନର ସଦସ୍ୟ କିଶାନ ରାଉତ, ସାମ୍ବାଦିକ ଭଦ୍ରକ ଜିଲ୍ଲା ସଭାପତି ପ୍ରିୟଦର୍ଶନୀ ବୋଇତି, ପୂର୍ବତନ ସଭାପତି ଡ. ହରିହର ନାୟକ, ପୂର୍ବତନ ସମ୍ପାଦକ ଗୌରହରି ନାୟକ, ଜିଲ୍ଲା ସଙ୍ଗଠକ ସମ୍ପାଦକ ବୈକୁଣ୍ଠ ସାହୁ, କୃଷ୍ଣଚନ୍ଦ୍ର ପଣ୍ଡା, ସାମ୍ବାଦିକ ପ୍ରଭାତ କୁମାର ରାଉଳ, କୃଷ୍ଣଚନ୍ଦ୍ର ଜେନା ପ୍ରମୁଖଙ୍କ ସହିତ ବିଭିନ୍ନ ଜିଲ୍ଲା ଓ ବ୍ଲକରୁ ସାମ୍ବାଦିକମାନେ ଯୋଗ ଦେଇଥିଲେ।

# ବୋନସ ଦାବିରେ ଓଏମ୍‌ସି ଆଞ୍ଚଳିକ କାର୍ଯ୍ୟାଳୟ ଘେରାଉ




କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଓଡିଶା ଖଣି ନିଗମର ବିଭିନ୍ନ ଖଣିରେ କାର୍ଯ୍ୟରତ ଠିକାଦାର ଶ୍ରମିକ ମାନଙ୍କୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଶତକଡା ୨୦% ବୋନସ୍ ଦେବା ଦାବିରେ ସେପ୍ଟେମ୍ବର ୧୫ ତାରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା। କେନ୍ଦୁଝର ଜିଲ୍ଲାର ଓଡିଶା ଖଣି ନିଗମର ଅନେକ ଲୌହ ଓ ମାଂଗାନିଜ ଖଣି ରହିଛି। ଏହି ଖଣିରୁ ବାର୍ଷିକ ଲକ୍ଷ ଲକ୍ଷ ଟନ୍ ଲୁହା ପଥର ଉତ୍ତୋଳନ କରାଯାଇ ଖଣି ନିଗମକୁ ହଜାର ହଜାର କୋଟି ଟଙ୍କାର ଲାଭ ମିଳିଥା। ଖଣି ଉତ୍ତୋଳନରେ କାର୍ଯ୍ୟରତ ସମସ୍ତ ଶ୍ରମିକ ମାନେ ବିଭିନ୍ନ ଠିକାଦାର ଅଧିନରେ ବର୍ଷ ବର୍ଷ ଧରି କାର୍ଯ୍ୟ କରି ଆସୁଛନ୍ତି। ଏହି ଠିକାଦାର ଶ୍ରମିକ ମାନଙ୍କୁ ଜୀବନ ସାରା ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ମଜୁରୀ ପାଇଥାନ୍ତି। ସେମାନଙ୍କର କେବେବି ପ୍ରମୋସନ ହୁଏନାହିଁ କିମ୍ବା ଇନକ୍ରିମେଣ୍ଟ୍ ହୁଏ ନାହିଁ। ବେକାରୀ ସମସ୍ୟାର ସୁଯୋଗ ନେଇ ଏହି କର୍ମଚାରୀ ମାନଙ୍କୁ ଶୋଷଣ କରାଯାଉଛି। ରହିବା ପାଇଁ ବାସଗୃହ, ମାଗଣାରେ ଚିକିତ୍ସା ଇତ୍ୟାଦି ସର୍ବନିମ୍ନ ସୁବିଧା ମଧ୍ୟ ଏହି କର୍ମଚାରି ମାନଙ୍କୁ ମିଳୁନାହିଁ। ଆମ ୟୁନିୟନ ତରଫରୁ ବାରମ୍ବାର ଦାବି କରିବା ସତ୍ତ୍ୱେ ମଧ୍ୟ ଖଣି ନିଗମ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନାହାନ୍ତି। ନିଗମର ଉତ୍ପାଦନ ଓ ଲାଭରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଏହି ଶ୍ରମିକ ମାନଙ୍କୁ ସର୍ବନିମ୍ନ ଶତକଡା ୮.୩୩ % ହାରରେ ବୋନସ୍ ଦିଆଯାଉଛି। ଖଣି ନିଗମର ବିଭାଗୀୟ କର୍ମଚାରୀମାନେ ଶତକଡା ୨୦% ହାରରେ ବୋନସ୍ ପାଇବା ସହ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗିଫ୍ଟ ଆକାରରେ ଦୁର୍ଗା ପୂଜା ସମୟରେ ପାଇଥାନ୍ତି। କେନ୍ଦୁଝର ଓ ସୁନ୍ଦରଗଡ ଜିଲ୍ଲାର ବିଭିନ୍ନ ଘରୋଇ ଖଣି ଓ ସରକାରୀ ଖଣିର ଠିକାଦାର ଶ୍ରମିକମାନଙ୍କୁ ଶତକଡା ୨୦% ହାରରେ ବୋନସ ମିଳୁଥିବାବେଳେ ନିଗମର ଗନ୍ଧମାର୍ଦ୍ଦନ ଖଣି, ଜିଲିଂ ଲଙ୍ଗାଲଟା ଖଣି, ଖଣ୍ଡବନ୍ଧ ଖଣି, ବାଂଶପାଣି ଖଣିର ଠିକାଦାର ଶ୍ରମିକ ଶତକଡା ୮.୩୩% ହାରରେ ବୋନସ୍ ଦିଆ ଯାଉଛି। ପ୍ରାୟ ଏକମାସ ପୂର୍ବରୁ ଶତକଡା ୨୦% ହାରରେ ବୋନସ୍ ପ୍ରଦାନ ନିମନ୍ତେ ଖଣିରେ କାର୍ଯ୍ୟରତ ଠିକାଦାର ସଂସ୍ଥା ତଥା କେସିସି ଲିଃ, ଡେକୋ ଲିଃ, ଗ୍ରୁପ୍ ଫୋର ସିକ୍ୟୁରର ସଲୁସନ, କୁଇସ୍ ତର୍ପୋରେସନ, ଏସଜିଏସ୍ ଓ କୋଟେକନା ଇଣ୍ଡିଆର ଅଧିକାରୀମାନଙ୍କୁ ନୋଟିସ୍ ଦିଆ ଯାଇଥିଲା। ଗତ ସେପ୍ଟେମ୍ବର ୯ ତାରିଖରେ କେନ୍ଦ୍ରୀୟ ଶ୍ରମ ପ୍ରବର୍ତ୍ତନ ଅଧିକାରୀ, ବଡବିଲଙ୍କ କାର୍ଯ୍ୟାଳୟରେ ଠିକାଦାର ମାନଙ୍କ ପ୍ରତିନିଧି ଓ ୟୁନିୟନ ପ୍ରଧିନିଧି ଉପସ୍ଥିତିରେ ଆଲୋଚନା କରା ଯାଇଥିଲେ ଓ ସେହି ଆଲୋଚନାରେ ଠିକାଦାର ପ୍ରତିନିଧି ମାନେ ଶତକଡା ୮.୩୩% ହାରରୁ ଅଧିକ ବୋନସ୍ ଦେବା ରୋକ୍ ଠୋକ୍ ମନା କରି ଦେଇଥିଲେ। ତେଣୁ ବାଧ ହୋଇ ଆମେ ସେପ୍ଟମ୍ବର ୧୫ ତାରିଖ ଠାରୁ ଖଣି ନିଗମର ଗନ୍ଧମାର୍ଦ୍ଦନ ଖଣି କାର୍ଯ୍ୟାଳୟ, ଜିଲିଂ ଖଣି କାର୍ଯ୍ୟାଳୟ, ଖଣ୍ଡବନ୍ଧ ଖଣି କାର୍ଯ୍ୟାଳୟ ଓ ବାଶପାଣି ଖଣି ରାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଶାନ୍ତିପୂର୍ଣ୍ଣ ଧାରଣା ଚାଲୁ କରାଯାଇଛି। ଏହି ଧାରଣାରେ ଶହଶହ ସଂଖ୍ୟାରେ ଠିକାଦାର ଶ୍ରମିକ ଭାଗ ନେବା ସହ ୟୁନିୟନ ନେତୃତ୍ୱ ମଧ୍ୟରେ ସାଧାରଣ ସମ୍ପାଦକ ସାଥୀ ମହେଶ୍ୱର ରାଉତ, ଉପସାଧାରଣ ସମ୍ପାଦକ ସାଥୀ କପିଳ ମହାନ୍ତି, ଉପ ସଭାପତି କାହ୍ନୁଚରଣ ସାମଲ, ସମ୍ପାଦକ ବଦ୍ରୁ ଜାମା, ଉପ ସଭାପତି ଶ୍ରୀହରି ଘଣା, ହୃଦାନନ୍ଦ ପାତ୍ର, ବିରଞ୍ଚି ଦେହୁରୀ, ମାର୍କଣ୍ଡ ଦେହୁରୀ, ମିଟୁ ମହାନ୍ତ, ରାଜାରାମ ମୁଣ୍ଡା, ହୃଦାନନ୍ଦ ପ୍ରଧାନ ପ୍ରମୁଖ ଭାଗ ନେଇଥିଲେ।

# ମିଳିତ ଜନଶୁଣାଣି ଶିବିରରେ ୧୪୧ ଅଭିଯୋଗ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ୧୪୦ ଅଭିଯୋଗର ଶୁଣାଣୀ ହୋଇଛି। ଜିଲ୍ଲାପାଳ ଦିଲ୍ଲିପ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତି, ଅତିରିକ୍ତ ଜିଲ୍ଲା ପୁଲିସ ଅଧିକ୍ଷକ ଅରୂପ ରାଉତରାୟ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରିଣୀ କନକଲତା ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରିଣୀ ତୃପ୍ତିମୟୀ ପାତ୍ର ପ୍ରମୁଖ ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ କମଳାକାନ୍ତ ସ୍ୱାଇଁଙ୍କ ବଦଳିକୁ ନେଇ ବହୁ ଅଭିଯୋଗ ହୋଇଥିଲା। ସେହିପରି ବି.ଏଲ.ଏମ. ଗୁଡିକର କାର୍ଯ୍ୟକାରିଣୀ ପରିବର୍ତ୍ତନକୁ ବିରୋଧ କରି ବହୁ ସ୍ୱୟଂ ସହାୟିକା ଗୋଷ୍ଠୀ ଅଭିଯୋଗ କରିଥିଲେ। ବର୍ଦ୍ଧିତ ଭତ୍ତା ମିଳୁନଥିବା, ଜଳନିଷ୍କାସନ ସମସ୍ୟାର ନିରାକରଣ, ସାର ଅଭାବ ଜନିତ ଅଭିଯୋଗ ହୋଇଥିଲା। ରାଜପଥରେ ଗୁମୁଟି ଦୋକାନ ଦ୍ୱାରା ଅବରୋଧ ସମସ୍ୟା, ମାଳଦା ସେବା ସମବାୟ ସମିତିରେ ସମ୍ପାଦକ ନିଯୁକ୍ତି ଅନୁମୋଦନ ପାଇଁ ଜିଲ୍ଲା ସମବାୟ ଉପ ନିବନ୍ଧକଙ୍କୁ ନିର୍ଦ୍ଦେଶ ପାଇଁ ଜିଲ୍ଲାପାଳଙ୍କୁ ଆବେଦନ ହୋଇଥିଲା। ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଅଭାବ ଜନିତ ସମସ୍ୟା, ରାସନ କାର୍ଡ ସମସ୍ୟା, ମୋବାରକପୁର ଉଚ୍ଚ ବିଦ୍ୟାଳୟର କିରାଣୀ ଓ ପିଅନଙ୍କ ବିରୋଧରେ ଅନିୟମିତା ଅଭିଯୋଗ ହୋଇଥିଲା। ମେଡିକାଲ ଛକରେ ବେଆଇନ ମଦ ବିକ୍ରୟ ଅଭିଯୋଗ ହୋଇଥିଲା। ବିଡିଓ ଦେବଦତ୍ତ ଦାଶ, ତହସିଲଦାର ରୋଜାଲିନ ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀଙ୍କ ସମେତ ବ୍ଲକସ୍ତରୀୟ ସମସ୍ତ ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ।

## ବ୍ରାଉନସୁଗର ଜବତ, ଜଣେ ଗିରଫ

ଜଳେଶ୍ୱର, (ଭାସ୍କର ନ୍ୟୁଜ): ଜଳେଶ୍ୱର ଅଞ୍ଚଳରେ ନିଶା କାରବାର ବଢ଼ିବଢ଼ି ଚାଲିଛି। ନିଶା କାରବାରୀର ସାହସ ଏତେ ପରିମାଣରେ ବଢିଛି ଯେ, ଯେତେ ସଂଖ୍ୟାରେ ଧରା ପଡ଼ିଲେ ବି ସେତେ ସଂଖ୍ୟା ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ଦୁଇଦୁଇଟି ଅବକାରୀ ଥାନା ଓ ଗୋଟିଏ ଥାନାର ପୋଲିସକୁ କାରବାରୀ ମାନେ ପାଣି ପିଆଇ ଦେଉଛନ୍ତି। ଜଳେଶ୍ୱର ଅବକାରୀ ସାଟେଲାଇଟ ୟୁନିଟ ପକ୍ଷରୁ ଶିଖରପୁର ହାଇସ୍କୁଲ ସମ୍ମୁଖ ରାସ୍ତାରେ ଚଢ଼ାଉ କରି ୬୧ ଗ୍ରାମ ବ୍ରାଉସୁଗାର ଓ ଏକ ବାଇକ୍ ଜବତ କରିଛି। ଜବତ ହେରୋଇନର ଆନୁମାନିକ ମୂଲ୍ୟ ୬ ଲକ୍ଷ ୯୦ ହଜାର ଟଙ୍କା ହେବ ବୋଲି ଜଣାପଡିଛି। ଏହି ଘଟଣାରେ ଗିରଫ ଯୁବକ ହେଲେ ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ଉଲାଡ଼ିହା ଗ୍ରାମର ରତନ ମାଝୀଙ୍କ ପୁତ୍ର ନନ୍ଦୀ କୁମାର ମାଝୀ (୪୩) ବୋଲି ଜଣାପଡିଛି। ଏ ସମ୍ପର୍କରେ ଜଳେଶ୍ୱର ସାଟେଲାଇଟ ଥାନା ପକ୍ଷରୁ ଏକ ମାମଲା ନଂ ୧୩୩ ମୂଳେ ରୁଜୁ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ଲକ୍ଷେସାଧବ ପ୍ରଧାନ, ଏଏସଆଇ ସଲାୟ ହେମ୍ବ୍ରମ ଓ ସଞ୍ଜୀବ କୁମାର ମୁଣ୍ଡା, କନଷ୍ଟେବଲ ବରୁଣ କୁମାର ନାହାକ, ରାଜେଶ ସୂତାର, ମଧୁସ୍ମିତା ମହାନ୍ତ ପ୍ରମୁଖ ସାମିଲ ଥିଲେ।

# ଗାଈଗୋରୁଙ୍କ କବଜାରେ ରାସ୍ତା



ବାଲିମେଳା, (ଭାସ୍କର ନ୍ୟୁଜ୍): ବାଲିମେଳାରେ ଥିବା ସମସ୍ତ ମୁଖ୍ୟ ରାସ୍ତା ତଥା କଲୋନୀ ରାସ୍ତା ଗୁଡିକ ଗାଈଗୋରୁଙ୍କ କବଜାରେ ଥିବା ମନେହୁଏ। ଦିନରାତି ଯେତେବେଳେ ଦେଖିଲେ ମଧ୍ୟ ଗାଈଗୋରୁ ମାନେ ରାସ୍ତା ଅବରୁଧ କରୁଛନ୍ତି। ଗାଈ ଗୋରୁ ରଖୁଥିବା ମାଲିକ ମାନେ କ୍ଷୀର ଦୁହିଁବା ପରେ ରାଜ ରାସ୍ତା ରେ ଛାଡିଦେଉଛନ୍ତି ସ୍ଥାନୀୟ ପୋଲିସ ବିଭାଗ ତଥା ପୌରପରିଷଦ ତରଫରୁ ଏବାବଦ ମାଇକ ଯୋଗେ ଗାଈମାଲିକ ମାନଙ୍କୁ ଗାଈଗୋରୁ ମାନଙ୍କୁ ଠିକ ରୂପେ ରକ୍ଷଣା ବେକ୍ଷନ କରିବାପାଇଁ ଚେତାବନୀ ଦେବା ସତ୍ତ୍ୱେ କିଛି ଉପକାର ହେଉନାଇଁ। ବାଲିମେଳା ପୌରପରିଷଦ ଅଧୀନରେ କାଞ୍ଜିଆ ହଦା ନଥିବାରୁ ରାସ୍ତାରେ ରହୁଥିବା ଗାଈ ଗୋରୁଙ୍କୁ ନେଇ ରଖାଯାଇ ପାରୁନାହିଁ। ସ୍ଥାନୀୟ ପୋଲିସ କତୃପକ୍ଷ ଅନେକଥର ଚେଷ୍ଟା କରି କିଛି ଗାଈଗୋରୁଙ୍କୁ ନେଇ ଅନ୍ୟସ୍ଥାନରେ ଅବରୁଧ କରିରଖିଲେ ସୁଦ୍ଧା ଗାଈ ଗୋରୁ ମାଲିକମାନେ ତାଙ୍କ ଗାଈ ଗୋରୁ ନେବାକୁ ନଆସିବା ଫଳରେ କେତେଦିନ ଗାଈ ଗୋରୁଙ୍କୁ ଖାଇବା ପାଇଁ ଏହାର ଯତ୍ନ ନେବେ ତେଣୁ ବାଧ ହୋଇ ଛାଡି ଦେବା ଫଳରେ ପୁଣି ସେହି ଅବସ୍ଥା। ଏହା କେବଳ ଯେ ବାଲିମେଳାର ସମସ୍ୟା ନୁହେଁ ସମସ୍ତ ମାଲକାନଗିରିରେ ଦେଖା ଯାଉଛି। ଜନସାଧାରଣ ଅନୁରୋଧ କରୁଛନ୍ତି କି ପ୍ରାଣୀ ଓ ପଶୁବିଭାଗ ଏହି ଦାଇତ୍ୱ ନେଇ ଗୋରୁ ଗାଈ ମାଲିକ ମାନଙ୍କ ଚିହ୍ନଟ କରି ପୌର ପରିଷଦ କିମ୍ବା ଥାନା କର୍ତ୍ତୃପକ୍ଷଙ୍କୁ ଜଣାଇଲେ ଗାଈ ଗୋରୁ ମାଲିକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଗଲେ ଏହାର ଉପଯୁକ୍ତ ସମାଧାନ ହେଇପାରିବ। ଜନସାଧାରଣ ସରକାରଙ୍କ ତୁରନ୍ତ ପଦକ୍ଷେପ ନିମନ୍ତେ ଦାବୀ କରୁଛନ୍ତି।



ଉମରକୋଟ, (ଭାସ୍କର ନ୍ୟୁଜ୍): ଉମରକୋଟ ପୌର ପରିଷଦ କାର୍ଯ୍ୟାଳୟ ଠାରେ ନବରଙ୍ଗପୁର ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରଓ୍ୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଅଭିଯୋଗ ଗୁଡିକ ଖୁବଶୀଘ୍ର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଗୋଷ୍ଠି ଉନ୍ନୟନ ଅଧିକାରୀ ମନୋଜ ମେହେର, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶରତ ଚନ୍ଦ୍ର ସେଠୀଙ୍କ ସହ ସମସ୍ତ ବ୍ଲକ ସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ଜନଶୁଣାଣି ଶିବିରରେ ମୋଟ ୩୦ ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୩ଟି ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ଅଭିଯୋଗ ହୋଇଥିବା ବେଳେ ୦୭ଟି ଗ୍ରାମ୍ୟ ଗୋଷ୍ଠୀ ଗତ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ୫ ଟି ଅଭିଯୋଗର ସମାଧାନ ତତକ୍ଷଣାତ କରାଯାଇଥିଲା ବେଳେ ଅନ୍ୟ ଅଭିଯୋଗ ଗୁଡିକୁ ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ସାରର କୃତ୍ରିମ ଅଭାବ ଅଭିଯୋଗ

# ଲାଇସେନ୍ସପ୍ରାପ୍ତ ବିକ୍ରୟ କେନ୍ଦ୍ରରେ ଲାଗୁନି ସୂଚନା ଫଳକ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ କୁଲଣା ପଞ୍ଚାୟତ ବିଶୋଳ ଛକରେ ଥିବା ୨ଟି ଲାଇସେନ୍ସ ପ୍ରାପ୍ତ ସାର ବିକ୍ରେତା ସାରର କୃତ୍ରିମ ଅଭାବ ସୃଷ୍ଟି କରିବା ସହ କଳାବଜାରି କରୁଥିବା ନେଇ ଗ୍ରାମର ରାଧାକାନ୍ତ ଦାସ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେହି ସାର ବିକ୍ରୟ କେନ୍ଦ୍ରରେ ସାର ଗଚ୍ଛିତ ପରିମାଣ ଓ ପାଇକାରୀ ମୂଲ୍ୟ ସମ୍ବଳିତ ସୂଚନା ଫଳକ ଲଗାଯାଇ ନାହିଁ। ଏହାର ସୁଯୋଗ ନେଇ ଲାଇସେନ୍ସ ପ୍ରାପ୍ତ ବିକ୍ରେତା ସାର ବସ୍ତାର ନକଲି ପ୍ୟାକେଟ କରିବା, ମୂଲ୍ୟ ଅହେତୁକ ଭାବେ ବୃଦ୍ଧି କରିବା, ବିକ୍ରୟ କେନ୍ଦ୍ର ବ୍ୟତିରକେ ଅନ୍ୟତ୍ର ବିକ୍ରୟ କରିବା, ବିକ୍ରୟ କେନ୍ଦ୍ରରେ ସଦା ସର୍ବଦା ତାଲା ବନ୍ଦ ରଖିବା ଆଦି କାର୍ଯ୍ୟକାଳପ ଯୋଗେ ସାର ବିକ୍ରେତାମାନେ ମୁନାଫାରେ ଲିପ୍ତ ରହୁଛନ୍ତି। ତେସିଙ୍ଗା ପାକ୍ସକୁ ଯୋଗାଣ ହୋଇଥିବା ସାର ଆବଶ୍ୟକତା ଠାରୁ ଯଥେଷ୍ଟ କମ। ତେଣୁ ପାକ୍ସରୁ ଯଥେଷ୍ଟ ସାର ମିଳିପାରୁ ନାହିଁ। ଏଣୁ ଏହାର ତଦନ୍ତ କରି ସଂପୃକ୍ତ ସାର ବିକ୍ରେତାଙ୍କ ଲାଇନ୍ସେକୁ ବାତିଲ କରିବାକୁ ଦାବି କରିଛନ୍ତି। ଏଠାରେ ପ୍ରକାଶ ଯୋଗ୍ୟ ଯେ କୃଷି ବିଭାଗ ପକ୍ଷରୁ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ୬୬ଟି ପାଇକାରୀ, ୪ଟି ଗୋଦାମକୁ ରାସାୟନିକ ସାର ବିକ୍ରୟ ପାଇଁ ଲାଇସେନ୍ସ ପ୍ରଦାନ କରାଯାଇଛି। ଏହା ସହ ୯ଟି ପାକ୍ସକୁ ମଧ୍ୟ ସାର ବିକ୍ରୟ ପାଇଁ ସାର ଯୋଗାଇ ଦିଆଯାଇ ଥିବା ଜଣାଯାଇଛି।

# ୫.୫୦ ଲକ୍ଷ ଏବଂ ୨୮.୩୫ ଲକ୍ଷ ଠକେଇ ମାମଲାରେ ମହିଳା ଗିରଫ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଟାଉନ ପୋଲିସ ଅସୀମା ସରୋଜ ନାୟକ (୫୬), ପତି- ସରୋଜ କୁମାର ନାୟକ, ନିବାସୀ- ଭଗବତୀ ନିଳୟ, କଲେଜ ରୋଡ୍, କେନ୍ଦୁଝର ଏବଂ ବର୍ତ୍ତମାନରେ ରାଜାରାଣୀ କଲୋନୀ, ଭୁବନେଶ୍ୱରରେ ବସୁଥିବାଙ୍କୁ ଗିରଫ କରିଛନ୍ତି। ଅଭିଯୋଗକାରୀଙ୍କ କହିବା ଅନୁସାରେ, ଅଭିଯୁକ୍ତା ୦୭.୦୯.୨୦୨୪ ତାରିଖରେ ତାଙ୍କୁ ୫,୫୦,୦୦୦/- (ପାଞ୍ଚ ଲକ୍ଷ ନେଟ୍ ବ୍ୟାଙ୍କିଂ ଓ ୫୦,୦୦୦/- ନଗଦରେ) ଧାର ନେଇଥିଲେ ଏବଂ ୧ ମାସ ମଧ୍ୟରେ ଫେରାଇବାକୁ ଆଶ୍ୱାସନ ଦେଇଥିଲେ। ସୁରକ୍ଷା ରୂପେ ସେ ୨ଟି ଚେକ୍ (୨.୭୫ ଲକ୍ଷ ପ୍ରତିଟି) ଦେଇଥିଲେ। କିନ୍ତୁ ସମୟ ସମାପ୍ତି ପରେ, ସେ ଟଙ୍କା ଫେରାଇଲେ ନାହିଁ ଓ ବ୍ୟାଙ୍କକୁ ଷ୍ଟପ୍ ପେମେଣ୍ଟ ନିର୍ଦ୍ଦେଶ ଦେଇଥିଲେ। ଯେତେବେଳେ ଅଭିଯୋଗକାରୀ ପୁନଃପୁନି ଦାବି କଲେ, ଅଭିଯୁକ୍ତା ଓ ତାଙ୍କ ପରିବାର ସଦସ୍ୟମାନେ ଆତଙ୍କିତ କରିଥିଲେ ଓ ଭୁଲ ଆଇନୀ ମାମଲାର ଧମକ ଦେଇଥିଲେ। ଏହା ପରେ କେନ୍ଦୁଝର ଟାଉନ ପୋଲିସ ଷ୍ଟେସନ୍ କେସ୍ ନଂ- ୨୪୫, ତାରିଖ ୨୭.୦୪.୨୦୨୫, ଧାରା ୩୧୮ (୪)/୩୫୧(୩)/୩(୫) ବିଏନ୍ଏସ୍‌ରେ ମାମଲା ରୁଜୁ କରି ତଦନ୍ତ କରାଗଲା। ତଦନ୍ତ କାଳରେ ଧାର ସମ୍ବନ୍ଧୀୟ ଚୁକ୍ତିପତ୍ର, ବ୍ୟାଙ୍କ ଟ୍ରାଞ୍ଜାକ୍ସନ୍ ବିବରଣୀ, ଚେକ୍ ଓ ବ୍ୟାଙ୍କ ଅସ୍ୱୀକାର ପତ୍ରଗୁଡିକୁ ଜବତ କରାଯାଇଛି। ତଦନ୍ତ କାଳରେ ଅଭିଯୁକ୍ତାଙ୍କ ପୂର୍ବରୁ ଅନ୍ୟାନ୍ୟ ଆପରାଧିକ ମାମଲା ଥିବା ପ୍ରକାଶ ପାଇଛି, ସେଗୁଡିକ ହେଲା - କେନ୍ଦୁଝର ଟାଉନ ପୋଲିସ କେସ୍ ନଂ- ୩୬୦/୨୦୨୧, ଧାରା ୪୨୦/୫୦୬/୩୪ ଆଇପିସି ଓ ୩୧ (ଆର୍) ଏସ୍‌ସି/ଏସ୍‌ଟି (ପିଏ) ଆକ୍ଟ ଆଇସିସି କେସ୍ ନଂ-୧୬୪୯/ ୨୦୨୦, ଧାରା ୧୩୮ ଏନ୍‌ଆଇ ଆକ୍ଟ, ଏସ୍‌ଡିଜେଏମ୍ ଭୁବନେଶ୍ୱର ଆଇସିସି କେସ୍ ନଂ- ୧୧/ ୨୦୨୫, ଧାରା୧୩୮ ଏନ୍ ଆଇ ଆକ୍ଟ, ଏସ୍‌ଡିଜେଏମ୍ କେନ୍ଦୁଝର ବ୍ୟତୀତ, ସେ ୨୭.୩୫ ଲକ୍ଷ ଟଙ୍କା ଠକେଇ ମାମଲାରେ ସୁରେଶ କୁମାର ଡୋରାଙ୍କୁ ଠକିଥିଲେ, ଯାହା ପାଇଁ ଟାଉନ ପୋଲିସ କେସ୍ ନଂ- ୬୮୮/ ୨୦୨୫ ରୁଜୁ ହୋଇଛି। ଅଭିଯୁକ୍ତା ୧୫.୦୯.୨୦୨୫ ତାରିଖ, ଦୁପର ୧୨:୦୫ ଚଗରେ ଗିରଫ କରାଯାଇ ଥିଲେ ଓ ସମସ୍ତ ଆଇନ ପ୍ରକ୍ରିୟା ପାଳନ କରି ଏସଡିଜେଏମ କେନ୍ଦୁଝରଙ୍କ ଅଦାଲତରେ ପ୍ରେରଣ କରାଯାଇଛି ଓ ନ୍ୟାୟିକ ହିରାସତ ପାଇଁ ପ୍ରାର୍ଥନା କରାଯାଇଛି। କେନ୍ଦୁଝର ପୋଲିସ ସାଧାରଣ ଲୋକଙ୍କୁ ଏପରି ଠକେଇ, ଧୋକାବାଜି ଓ ଅର୍ଥାନ୍ତରଣ ମାମଲାରୁ ସୁରକ୍ଷା ପ୍ରଦାନ କରିବା ପାଇଁ କଠୋର ଆଇନୀ କାର୍ଯ୍ୟାନୁଷ୍ଠାନ କରିବାକୁ ପ୍ରତିବଦ୍ଧ।

## ଭାଗବତଙ୍କ ଜନ୍ମ ପାଳିତ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ସାବରଙ୍ଗ ଥାନା ଅଧିନ ପରିବିନ୍ଧା ମାରପୁର ଗ୍ରାମରେ ୭ଦିନବ୍ୟାପୀ ଶ୍ରୀ ହରିହର ମନ୍ଦିର ପରିସରରେ ଭାଗବତ ଜନ୍ମ ପାଳିତ ହୋଇଯାଇଛି। ଇନ୍ଦୁ ପୂର୍ଣ୍ଣମୀ ଦିନ କଳସ ଶୋଭାଯାତ୍ରା ହୋଇ ଘଟ ପ୍ରତିଷ୍ଠା କରାଯାଇଥିଲା। ପରେ ଏହି ସାତଦିନ ଧରି ଭାଗବତ ପାଠ କରାଯାଇ ଶେଷଦିନରେ ସମ୍ପୂର୍ଣ୍ଣ ଶ୍ରୀମଦ୍ ଭଗବତ ଗୀତା ପାଠସହ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ଏହି ଭାଗବତ ସପ୍ତାହ ପାଳନ ଅବସରରେ ସମସ୍ତଙ୍କର ମଙ୍ଗଳକାମନା ନିମନ୍ତେ ଆହୁତି ପ୍ରଦାନ କରାଯାଇ ଭଗବତ କୃପା କାମନା କରାଯାଇଥିଲା। ଭାଗବତ ପାଳନ କମିଟିର ସଭାପତି ସତ୍ୟବାନ ସେନାପତି, ଉପସଭାପତି ପଦ୍ମଲୋଚନ ଦାସ, ସମ୍ପାଦକ ସନ୍ତୋଷ କୁମାର ବେହେରା, ସହସମ୍ପାଦକ ରବିନାରାୟଣ ଦାସଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଗୋ ଶାଳା ପରିଦର୍ଶନ



ବେଲପାହାଡ, (ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ପାନୀୟ ଜଳ ପରିମଳ ଓ ପଞ୍ଚାୟତି ରାଜ ମନ୍ତ୍ରୀ ରବି ନାରାୟଣ ନାଏକ ରବିବାର ଲଖନପୁର ବ୍ଲକ ଗୋବିନ୍ଦପୁର ଗୋଶାଳାକୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ ଏଠାକାର ବିଭିନ୍ନ ସମସ୍ୟା ସମ୍ପର୍କରେ ଗୋ ଶାଳା ପରିଚାଳନା କମିଟି ସଦସ୍ୟଙ୍କ ସହିତ ଆଲୋଚନା କରିଛନ୍ତି। ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲାର ସର୍ବ ବୃହତ୍ତମ ଲଖନପୁର ବ୍ଲକକୁ ବିଭାଜିତ କରି ୪ଟି ନୂତନ ବ୍ଲକ ଗଠନ କରିବା ସହ ବ୍ଲକ ଅଧିନସ୍ଥ ୪ ହଜାରରୁ ଅଧିକ ଲୋକସଂଖ୍ୟା ବିଶିଷ୍ଟ ବଡ଼ ବଡ଼ ଗୁଡିକୁ ମଧ୍ୟ ବିଭାଜନ କରି ପଞ୍ଚାୟତ ପୁନର୍ଗଠନ କରିବା, ମଚିଦା ଗ୍ରାମ ପଞ୍ଚାୟତ ଯୋଗୀଡିପା ଗାଁ ଠାରୁ ପବିତ୍ର ଶୈବପୀଠ କୋଇଲି ଘୋଘର ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ପଞ୍ଚାୟତିରାଜ ମନ୍ତ୍ରୀ ନାଏକଙ୍କୁ ଅଞ୍ଚଳବାସୀ ଦାବିପତ୍ର ପ୍ରଦାନ କରିଥିଲେ। ମନ୍ତ୍ରୀ ନାଏକ ଏହାକୁ ଗୁରୁତ୍ୱ ଦେବା ସହ ଯଥାଶୀଘ୍ର କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ପ୍ରଦାନ ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗୋବିନ୍ଦପୁର ଗୋ ଶାଳା ପରିଚାଳନା କମିଟି ଏବଂ ବିଜେପି କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଜିଲ୍ଲା ଉପ ସଭାପତି ସୁଦାମ ପଧାନ, ସଞ୍ଜୟ ଭୋଇ, ବିଶ୍ୱଜିତ୍ ଷଡ଼ଙ୍ଗୀ, ଟିକେତ ସାହୁ, ପ୍ରମୋଦ ବିଶ୍ୱାଳ, ପବିତ୍ର ବିଶ୍ୱାଳ, ରାଜକୁମାର ସାହୁ, ଆରତୀ ପଧାନ, ସଂଯୁକ୍ତା ବେହେରା, ହାରା ଚାନ୍ଦ ଗଡ଼ତିଆ, ସୁରେନ୍ଦ୍ର ସାହୁ, କ୍ରିଷ୍ଣା ମୁରାରି ସିଂ, ଆଶିଷ ପଣ୍ଡା, ନିମାଇଁ ସାହୁ, ସୁନିଲ ଦାସ, ରମଣୀ ସାହୁ, ସନ୍ତୋଷ ବାରିକଙ୍କ ସହ ବହୁ ସଂଖ୍ୟକ ଦଳୀୟ କର୍ମୀ ଅଂଶଗ୍ରହଣ କରି ମନ୍ତ୍ରୀ ନାଏକଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଥିଲେ।

## ଗଣତନ୍ତ୍ର ହେଇଛି ଏକ ସମୃଦ୍ଧ ସମାଜର ମୂଳଦୁଆ : ନବୀନ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଗଣତନ୍ତ୍ର ହେଇଛି ଏକ ସୁରକ୍ଷିତ ଏବଂ ସମୃଦ୍ଧ ସମାଜର ମୂଳଦୁଆ ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି। ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଗଣତନ୍ତ୍ର ହେଇଛି ଏକ ସୁରକ୍ଷିତ ଏବଂ ସମୃଦ୍ଧ ସମାଜର ମୂଳଦୁଆ। ଅଭିବ୍ୟକ୍ତିର ସ୍ୱାଧୀନତା, ମାନବିକ ଅଧିକାରର ସୁରକ୍ଷା ଦ୍ୱାରା ଲୋକମାନଙ୍କ ସଶକ୍ତିକରଣ ସହ ଗଣତନ୍ତ୍ରକୁ ଆହୁରି ମଜଭୁତ କରିବା ଆମ ସଭିଙ୍କ ସଙ୍କଳ୍ପ ହେଉ।

## ଭଦ୍ରକର ଆଇନ୍‌ଜୀବୀଙ୍କ ଲାଇସେନ୍ସ ୨ବର୍ଷ ପାଇଁ ସସ୍‌ପେଣ୍ଡ

# ବିଚାର ବିଭାଗୀୟ ଅଫିସର, ନ୍ୟାୟପାଳିକା ବିରୁଦ୍ଧରେ ଫେସବୁକରେ ଲେଖିବା ପଡ଼ିଲା ମହଙ୍ଗା

କଟକ, (ଭାସ୍କର ନ୍ୟୁଜ୍): ଭଦ୍ରକର ବିଚାର ବିଭାଗୀୟ ଅଫିସର, ନ୍ୟାୟପାଳିକା ଓ ରାଜ୍ୟ ବାର୍ କାଉନସିଲ ବିରୁଦ୍ଧରେ ଫେସବୁକରେ ନିଜ ନାମକୁ ସାମାନ୍ୟ ବଦଳାଇ କ୍ରମାଗତ ଭାବେ ଲେଖି ଆସୁଥିବା ଭଦ୍ରକର ଆଇନ୍‌ଜୀବୀ ହେମନ୍ତ କୁମାର ନାୟକଙ୍କ ଲାଇସେନ୍ସକୁ ରାଜ୍ୟ ବାର୍ କାଉନସିଲ ଶୃଙ୍ଖଳାଗତ କମିଟି ୨ ବର୍ଷ ପାଇଁ ସସ୍‌ପେଣ୍ଡ କରିଛି । ଏହି ୨ ବର୍ଷ ମଧ୍ୟରେ ସମ୍ପୃକ୍ତ ଆଇନ୍‌ଜୀବୀଙ୍କୁ ମଧ୍ୟ ଏଭଳି ଆଚରଣରୁ ନିବୃତ୍ତ ରହିବା ଲାଗି ନର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ବାର୍ କାଉନ୍‌ସିଲର ପକ୍ଷରୁ ଏକ ପ୍ରେସ୍ ବିବୃତ୍ତିରର କାଉନସିଲର ଅଧକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଉଲ୍ଲେଖ କରିଛନ୍ତି ଯେ ଭଦ୍ରକର ଏହି ଓକିଲ ଶ୍ରୀ ନାୟକ ନିଜେ ଗ୍ରାଣ୍ଟ କୁମାର ନାୟକ (ଚାଣକ୍ୟ) ନାମରେ ଫେସବୁକ୍ ଆକାଉଣ୍ଟ ଖୋଲି ଗତ କିଛିବର୍ଷ ହେବ ବିଚାର ବିଭାଗୀୟ ଅଫିସରଙ୍କ ନାମରେ ଅରୁଚିକର, ଅସଭ୍ୟ ମନ୍ତବ୍ୟ ଲେଖି ଆସୁଥିଲେ। ଏ ସମ୍ପର୍କରେ ବିଚାର ବିଭାଗୀୟ ଅଫିସରଙ୍କ ଦୈନନ୍ଦିନ କୋର୍ଟରେ ଥିବା ମକଦ୍ଦମାର ବିଚାରକୁ ମଧ୍ୟ ତାତ୍ସଲ୍ୟ କରି ଲେଖିବା, ବାର୍ କାଉନସିଲ ଗୁରୁତର ସହ ଗ୍ରହଣ କରି ରାଜ୍ୟ ପରିଷଦ ଅଧିବେଶନରେ ଗତ ଏପ୍ରିଲ୍ ମାସରେ ନିଜ ଆଡୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ ବାର୍ କାଉନସିଲର ଶୃଙ୍ଖଳାଗତ କମିଟିର ଅଧକ୍ଷ, ହାଇକୋର୍ଟର ବରିଷ୍ଠ ଆଇନ୍‌ଜୀବୀ ବିଭୁ ପ୍ରସାଦ ତ୍ରିପାଠୀ, ଆଇନ୍‌ଜୀବୀ ତପନ ବିଶ୍ୱାଳ ଓ ଫଣୀଭୂଷଣ ପଟ୍ଟନାୟକଙ୍କ ଦ୍ୱାରା ୩ଜଣିଆ କମିଟି ଏହାର ବିଚାର ପାଇଁ ଶ୍ରୀ ନାୟକଙ୍କୁ ବାରମ୍ବାର ନୋଟିସ ଜାରି କରି ଏଭଳି ଅଭିଯୋଗ ସମ୍ପର୍କରେ କାରଣ ଦର୍ଶାଇବା ପାଇଁ ନୋଟିସ୍ ଦେଇଥିଲେ। ନୋଟିସ୍ ପାଇବାପରେ ଆହୁରି ଉତ୍କ୍ଷିପ୍ତ ହୋଇ ଆଇନ୍‌ଜୀବୀ ଶ୍ରୀ ନାୟକ ଫେସବୁକ ଆକାଉଣ୍ଟରେ ବାରକାଉନସିଲର କ୍ଷମତା ସମ୍ପର୍କରେ ପ୍ରଶ୍ନ ଉଠାଇ ଶୃଙ୍ଖଳାଗତ କମଟିରେ ହାଜର ହୋଇ ନଥିଲେ। ଶ୍ରୀ ନାୟକ ମଧ୍ୟ ହାଇକୋର୍ଟର ବିଭିନ୍ନ ବେଞ୍ଚରେ ଚାଲିଥିବା ମକଦ୍ଦମା ଗୁଡ଼ିକ ସମ୍ପର୍କରେ ବିଚାରପତିମାନେ ଦେଇଥିବା ଆଦେଶ ସମ୍ପର୍କରେ ତାତ୍ସଲ୍ୟକର ବିବୃତ୍ତି ଫେସବୁକରେ ପୋଷ୍ଟ କରି ଆସୁଥିଲେ। ଶୃଙ୍ଖଳାଗତ କମିଟି ସମସ୍ତ ତଥ୍ୟକୁ ଆଧାରକୁ ନେଇ ଆଇନ୍‌ଜୀବୀ ଶ୍ରୀ ନାୟକଙ୍କ କାର୍ଯ୍ୟକଳାପ, ଆଇନ୍ ପେଶା ଓ ନ୍ୟାୟପାଳିକାରେ ଗଠନ ମୂଳକ ସମାଲୋଚନା କରାଯାଇପାରେ କିନ୍ତୁ କୌଣସି କାରଣ ନଥାଇ ବିଚାର ବିଭାଗୀୟ ଅଫିସର ବିଶେଷ କରି ମହିଳା ବିଚାର ବିଭାଗୀୟ ଅଫିସରଙ୍କ ବିରୁଦ୍ଧରେ ଅଶ୍ରାବ୍ୟ ଭାଷାରେ ମନ୍ତବ୍ୟ ଦେବା ମଧ୍ୟ ପେଶାଗତ ଅସଦାଚରଣ ବୋଲି ଶୃଙ୍ଖଳାଗତ କମିଟି ଉଲ୍ଲେଖ କରିଛନ୍ତି। ଫେସବୁକରେ ଲେଖିଥିବା ସମସ୍ତ ପୋଷ୍ଟକୁ ଆଧାର କରି ଶୃଙ୍ଖଳାଗତ କମିଟି ଆସନ୍ତା ଦୁଇବର୍ଷ ଶ୍ରୀ ନାୟକଙ୍କର ବାର୍ କାଉନସିଲ ଲାଇସେନ୍ସକୁ ସସ୍‌ପେଣ୍ଡ ପାଇଁ ଦେଇଥିବା ଆଦେଶକୁ ଭଦ୍ରକର ଜିଲ୍ଲା ଜଜ୍, ଆଡଭୋକେଟ୍ ଜେନେରାଲ ଅଫିସକୁ ପଠାଇ ଦିଆଯାଇଛି। ଶ୍ରୀ ନାୟକ ଏହି ସମୟରେ ଓକିଲାତି ପେଶା କରିପାରିବେ ନାହିଁ ବୋଲି କାଉନସିଲ ପକ୍ଷରୁ ଦର୍ଶାଯାଇଛି।

## ଶିକ୍ଷକ ବିଜୟ କୁମାର ବେହେରା ସମ୍ବର୍ଦ୍ଧିତ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଶିକ୍ଷକତା ହେଉଛି କର୍ମ। ସାମାଜିକ କାର୍ଯ୍ୟ ହେଉଛି ଧର୍ମ। ଏଭଳି ଉଦ୍ଦେଶ୍ୟ ରଖି କାର୍ଯ୍ୟ କରି ଆସୁଛନ୍ତି ସ୍ଥାନୀୟ ଏନ୍‌ଏସ୍ ପୋଲିସ ହାଇସ୍କୁଲର ସୁନାମଧନ୍ୟ ଶିକ୍ଷକ ବିଜୟ କୁମାର ବେହେରା। ବିଦ୍ୟାଳୟରେ ପାଠ ପଢ଼ାଇବା ସହ ଏନ୍‌ସିସି କ୍ୟାଡେଟଙ୍କୁ ତାଲିମ୍ ଦେବା, ଚାରା ରୋପଣ କରିବା ସହ ବିଭିନ୍ନ ସ୍ୱତନ୍ତ୍ର ଦିନରେ ଚାରା ଉପହାର ଦେଇ ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ ସଚେତନତାର ବାର୍ତ୍ତା ଦେଇ ଆସୁଛନ୍ତି। ନିଜେ ରକ୍ତଦାନ କରିବା ସହ ଗରିବ ଅସହାୟଙ୍କ ପାଇଁ ମେଡିକାଲ୍‌ରେ ରକ୍ତ ଯୋଗାଡ କରି ସହାୟତା ପ୍ରଦାନ କରି ଆସୁଛନ୍ତି। ସେହିପରି ବିଭିନ୍ନ ସେବାମୂଳକ କାର୍ଯ୍ୟ କରିବା ସହ ସର୍ବସାଧାରଣ ସ୍ଥାନର ସଫେଇ କାର୍ଯ୍ୟ କରି ସ୍ୱଚ୍ଛ ଭାରତର ବାର୍ତ୍ତା ବାଣ୍ଟୁଛନ୍ତି। ଏଥି ପାଇଁ ସେ ଶିକ୍ଷାଦାନ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ରୋଟାରୀ ନେସନ୍ ବିଲଡର ଆୱାର୍ଡ଼, କାସାଣ୍ଡ୍ରା ଗୁରୁ ସମ୍ମାନ, ଶ୍ରେଷ୍ଠ ଏନ୍ ସି ସି ଅଫିସର୍ ଆୱାର୍ଡ଼ ଓ ସାମାଜିକ କାର୍ଯ୍ୟ ପାଇଛନ୍ତି ପ୍ରକୃତି ବନ୍ଧୁ ପୁରସ୍କାର, ଶ୍ରେଷ୍ଠ ବିଏଲ୍‌ଓ, ହିନ୍ଦ୍ ଗୌରବ ଆୱାର୍ଡ଼, ବସନ୍ତ କୁମାର ବିଶ୍ୱାଳ ଆୱାର୍ଡ଼ ଆଦି ବହୁ ସମ୍ମାନରେ ସମ୍ବର୍ଦ୍ଧିତ ହୋଇଛନ୍ତି। ସେହିପରି ସେପ୍ଟେମ୍ବର ୧୪ରେ ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ଠାରେ ଅନୁଷ୍ଠିତ ମା’ ଶାରଳା ଫାଉଣ୍ଡେସନର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବରେ ମୁଖ୍ୟ ଅତିଥି ଶିଳ୍ପ, ବୈଷୟିକ ଓ ବିକାଶ ଦକ୍ଷତା ବିଭାଗ, ଓଡ଼ିଶା ସରକାରଙ୍କ ମାନ୍ୟବର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ମା’ ଶାରଳା ଫାଉଣ୍ଡେସନର ସଭାପତି ମୀରାବାଈ ମହାପାତ୍ର, ସାଧାରଣ ସମ୍ପାଦକ ଅନୀଲ କୁମାର ରାଉତ, ପ୍ରତିଷ୍ଠାତ୍ରୀ ସୋନାଲି ମହାନ୍ତି ବେହେରାଙ୍କୁ ମା’ ଶାରଳା ସେବା ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ।

# ଫ୍ଲାଗସିପ୍ ଯୋଜନା ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ କର୍ମଶାଳା




ଭଦ୍ରକ, (ଭାସ୍କର ନ୍ୟୁଜ୍): ଭାରତ ସରକାରଙ୍କ ମେରା ଯୁବ ଭାରତ ସଂଗଠନ ସହଯୋଗରେ ଶୁଭମ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ କେନ୍ଦ୍ର ସରକାରଙ୍କ ବିଭିନ୍ନ କଲ୍ୟାଣ କାରି ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏକ ଜିଲ୍ଲା ସ୍ତରୀୟ କର୍ମଶାଳା ଭଦ୍ରକ ଥାନା ଛକ ସ୍ଥିତ କର୍ମଚାରୀ ଭବନ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୂଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗ ଦେଇ ଏହି ଜିଲ୍ଲା ସ୍ତରୀୟ କର୍ମଶାଳା ଟିକୁ ଉଦଘାଟନ କରିବା ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଗ୍ରାମାଞ୍ଚଳରେ ସୁଚାରୁ ରୂପେ କାର୍ଯ୍ୟ କାରିତା ପାଇଁ ଯୁବ ସମାଜର ଗୁରୁ ଦାଇତ୍ୱ ରହିଛି। ତେଣୁ ଯୁବକ ମାନେ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଯେପରି ସବୁ ସରକାରୀ ଯୋଜନା ପହଞ୍ଚିବ ସେ ଦିଗରେ ପ୍ରଶାସନକୁ ସହଯୋଗ କରନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ପ୍ରକୃତି ବନ୍ଧୁ ବୈକୁଣ୍ଠ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ମୂଖ୍ୟ ବକ୍ତା ଭାବେ ଯୁବ ସଂଗଠକ ତଥା ମାଷ୍ଟର ପ୍ରଶିକ୍ଷକ ଅମ୍ବିକା ପ୍ରସନ୍ନ ଦାସ, ସମ୍ମାନିତ ଅତିଥି ଭାବେ ତ୍ୟାଗ ଭୂମି ସଭାପତି ଅଜୟ ନାୟକ, ସିଂଦୋଳ ପଞ୍ଚାୟତର ସରପଞ୍ଚ ସୁପ୍ରଭା ପାଣି, ସ୍ୱଚ୍ଛ ଭାରତ ମିଶନର ବ୍ଲକ ସଂଯୋଜକ ଲକ୍ଷ୍ମୀଧର ରାଉଳ ପ୍ରମୁଖ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ଅଟଳ ପେନସନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା, ପ୍ରଧାନମନ୍ତ୍ରୀ ବୀମା ସୁରକ୍ଷା ଯୋଜନା, କୌଶଳ ବିକାଶ ଯୋଜନା. ସ୍ୱଚ୍ଛ ଭାରତ ମିଶନ, ପି ଏମ ବିଶ୍ୱ କର୍ମା ଯୋଜନା, ଡିଜିଟାଲ ମିଶନ, ମୁଦ୍ରା ଯୋଜନା, ହରଘର ଜଳ, ପ୍ରଧାନମନ୍ତ୍ରୀ ଆବାସ, ପିଏମ୍ କିଷାନ, ଉଜ୍ଜ୍ୱଳା ଆଦି ଅନେକ କଲ୍ୟାଣ କାରି ଯୋଜନା ସମ୍ପର୍କରେ କହିବା ସହିତ ଏହା କିପରି ସମାଜର କୃଷକ ମହିଳା ଓ ଯୁବ ବର୍ଗଙ୍କ ସହାୟତା କରିପାରୁଛି ସେ ସମ୍ପର୍କ ଉପସ୍ଥିତ ଯୁବ ବର୍ଗକୁ ସୂଚନା ଦେବା ସହିତ ସେମାନେ ଏସବୁ ଯୋଜନା ସମ୍ପର୍କରେ ଗ୍ରାମାଞ୍ଚଳରେ ବସ ବାସ କରୁଥିବା ଲୋକଙ୍କୁ ବୁଝାଇ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ସଂଗଠନର ସଭାପତି ହୃଷିକେଶ ବାରିକ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଉପସଭାପତି ଆନନ୍ଦ ଚନ୍ଦ୍ର ବେହେରା କର୍ମଶାଳାର ଅଭିମୁଖ୍ୟ ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶାଳା ରେ ୭ ଗୋଟି ବ୍ଲକର ୧୪ ଗୋଟି ସଂଗଠନର କର୍ମକର୍ତ୍ତା ଏବଂ ସାମାଜିକ କର୍ମୀମାନେ ଯୋଗ ଦେଇଥିଲେ। ଶେଷରେ ସମାଜ ପାଇଁ ଉତ୍ସର୍ଗୀକୃତ ହୋଇ କାର୍ଯ୍ୟ କରୁଥିବା ସଂଗଠନ ମାନଙ୍କୁ ଉତ୍ତରୀୟ ମାନପତ୍ର ଏବଂ ଗଛ ଦିଆଯାଇ ଜିଲ୍ଲାପାଳଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଭିନ୍ନ କାର୍ଯ୍ୟକ୍ରମକୁ ଯୁବ ସମାଜସେବୀ ଦେବୀ ରଶ୍ମିରଂଜନ ସାହୁ, ଦେବୀ କିଙ୍କର ବ୍ରହ୍ମ ଦାସ ପାଣିଗ୍ରାହୀ, ଗଙ୍ଗାଧର ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ



ପରଜଙ୍ଗ, (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ସ୍ଥିତ କଲ୍ୟାଣୀ ମଣ୍ଡପ ଠାରେ ରବିବାର ଦିନ ‘ବିକଶିତ’ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ସମ୍ପର୍କୀତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଯୋଜନାର ରାଜ୍ୟ ପ୍ରମୋଟର ବିକାଶ ପୁହାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପ୍ରମୋଟର ମୁନେନ୍ଦ୍ର ଆୟଚ, ସମାଜ ସେବୀ ଅଶୋକ କୁମାର ସୁବାହୁସିଂହ, ରାଜ୍ୟ ସଂଯୋଜକ ପ୍ରଶାନ୍ତ କୁମାର ନାୟକ, ଟିକନ୍ ଦେହୁରୀ ଓ ଯୋଜନାର ଅନ୍ୟ ମାନଙ୍କ ସହଯୋଗରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ ଘର ଉପରେ ସୌରଶକ୍ତି ପ୍ୟାନେଲ ବସାଇ ସୌରଶକ୍ତିରୁ ଉତ୍ପନ୍ନ ବିଦ୍ୟୁତ୍ ଘର ମାନଙ୍କରେ ବ୍ୟବହାର କରିବା ଦ୍ୱାରା ବିଦ୍ୟୁତ୍ ସଞ୍ଚୟ କରିବା ଦିଗରେ ସହାୟକ ହୋଇ ପାରିବ ବୋଲି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏହା ଏକ ଅଭିନବ ପ୍ରୟାସ। ସରକାରଙ୍କ ଯୋଜନାରେ ହିତାଧିକାରୀ ମାନେ ଅନ୍ତର୍ଭୁକ୍ତ ହୋଇ କିଲୋୱାଟ ଅନୁଯାୟୀ ଘର ମାନଙ୍କରେ ସୋଲାର ବସାଇ ସରକାରଙ୍କ ସବସିଡ ମାଧ୍ୟମରେ ରିହାତି ଦରରେ ଯୋଗାଇ ଦେବାକୁ ସରକାର ଏହି ପନ୍ଥା ଅବଲମ୍ବନ କରିଛନ୍ତି। ପ୍ୟାନେଲ୍ ବସାଇ ଘରେ ବିଦ୍ୟୁତ୍ ବ୍ୟବହାର କରି ଅବଶିଷ୍ଟ ସଞ୍ଚୟ ବିଦ୍ୟୁତ୍ ନିଜେ ଲାଭବାନ ହୋଇପାରିବେ ବୋଲି ଏହି ଯୋଜନାର ମୁଖ୍ୟଲକ୍ଷ୍ୟ ବୋଲି ସଂସ୍ଥାର ମୁଖ୍ୟ ପ୍ରମୋଟର ପୁହାଣ ହିତାଧିକାରୀ ମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ନିଜ ଘର ମାନଙ୍କରେ ସୋଲାର ବ୍ୟବହାର କରି ବିଦ୍ୟୁତ୍ ସଞ୍ଚିତ କରିବା ପାଇଁ ସଂସ୍ଥାର ରାଜ୍ୟ ସଂଯୋଜକ ନାୟକ ସମସ୍ତ ହିତାଧିକାରୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ କୋଡ଼ି ନେଟର ନଗେଶ ନାୟକ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ସଞ୍ଚାଳନ ଦାୟିତ୍ୱ ନିର୍ବାହ କରିଥିଲେ।

## ସ୍ୱଚ୍ଛୋତ୍ସବ କାର୍ଯ୍ୟକ୍ରମ ନିମନ୍ତେ ପ୍ରସ୍ତୁତି ବୈଠକ

ନବରଙ୍ଗପୁର, (ଭାସ୍କର ନ୍ୟୁଜ): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ସାଂସଦ (ଲୋକସଭା) ବଳଭଦ୍ର ମାଝିଙ୍କ ଅଧକ୍ଷତା ରେ ଆସନ୍ତା ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର (ଗାନ୍ଧୀ ଜୟନ୍ତୀ) ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ସ୍ୱଚ୍ଛୋତ୍ସବ (ସେବା ପକ୍ଷ) ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ମାନ୍ୟବର ବିଧାୟକ ଝରି ଗାଁ ନରସିଂହ ଭତରା, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରଓ୍ୱାନ ଏବଂ କୁଞ୍ଜ ବିହାରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଦେଶରେ ପରବର୍ତ୍ତୀ ପିଢ଼ିକୁ ଏକ ସ୍ୱଚ୍ଛ, ସବୁଜ ଓ ସୁସ୍ଥ ଭବିଷ୍ୟତ ଦେବା ପାଇଁ ଏହି କାର୍ଯ୍ୟକ୍ରମକୁ ଜନ ଆନ୍ଦୋଳନରେ ପରିଣତ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାରେ ସମସ୍ତଙ୍କୁ ସାମିଲ କରି ସ୍ୱଚ୍ଛତା ଅଭିଯାନ ଆରମ୍ଭ କରାଯିବ। ବୈଠକରେ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ, ପୌରପାଳିକା ନିର୍ବାହୀ ଅଧିକାରୀ ଓ ସମସ୍ତ ବିଡ଼ିଓ ଉପସ୍ଥିତ ଥିଲେ।

# ହିତାଧିକାରୀଙ୍କୁ ଜମିପଟ୍ଟା ବଣ୍ଟନ କଲେ ମନ୍ତ୍ରୀ




ରଙ୍ଗେଇଲୁଣ୍ଡା, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଅଧିନସ୍ଥ କନିସି ତହସିଲରେ ବିଭିନ୍ନ ପ୍ରକାର ପଟ୍ଟା ରାଜସ୍ୱ ବିପର୍ଯ୍ୟସ୍ତ ଓ ଖଣି ଇସ୍ପାତ ମନ୍ତ୍ରୀ ବଣ୍ଟନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ରାଜସ୍ୱ ବିପଯ୍ୟ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ରାଜ୍ୟ ଖଣି ଇସ୍ପାତ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ବିଭୁତି ଭୂଷଣ ଜେନା, ଅତିରିକ୍ତ ଜିଲ୍ଲାପାଳ ଦେବ ଦତ୍ତ ପଣ୍ଡା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଜିଲା ବିଜେପି ସଭାପତି ସରୋଜ ସାବତ, ଗୌରୀ ସାମନ୍ତରାୟ ମଞ୍ଚାସିନ ଥିଲେ। ତହସିଲଦାର କବିରାଜ ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଯେତେ ରାଜସ୍ୱ ବିଭାଗ ରହିଛି ପିପୁଲସ ଫ୍ରେଣ୍ଡଲି ରାଜସ୍ୱ ବିଭାଗ କର। ସ୍ୱଛତା ଆଣିବା ପାଇଁ ମଧ୍ୟ ରାଜସ୍ୱ ବିଭାଗ କୁ ଦୁର୍ନୀତି ମୁକ୍ତ କରିବା ପାଇଁ ପ୍ରୟାସ ଚାଲିଛି। ଜନସାଧାରଣ ସହଯୋଗ ଦରକାର ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ। ରାଜସ୍ୱ ସେବାକୁ ଆହୁରି ଉନତି ଆଣିବା ପାଇଁ ଅନଲାଇନ ବ୍ୟବସ୍ଥା କରି ମୋବାଇଲ ଆପ ବ୍ୟବସ୍ଥା କରି ଘରେ ବସି ଆବେଦନ କରି ପାରିବେ ବୋଲି ମନ୍ତ୍ରୀ ଗଣମାଧ୍ୟମ କହିଥିଲେ। ଏହି ତହସିଲର ୧୩ ଟି ସର୍କଲ ହିତାଧିକାରୀଙ୍କୁ ଦୁଇ ମନ୍ତ୍ରୀ ପଟ୍ଟା ବଣ୍ଟନ କରିଥିଲେ। ଗ୍ରାମକଣ୍ଠ ୧୮୨ ଜଣ, ଦୂଇ ଖାନା ସଂସଦନ ୮୯୩ ଜଣ, ଘରବାରୀ ୨୫ ଜଣ ଓ ୫ ଜଣ ଜମି ହୀନ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନା ରେ ପଟ୍ଟା ବଣ୍ଟନ କରିଥିଲେ ଶେଷରେ ଅତିରିକ୍ତ ତହସିଲଦାର ଚିତ୍ରସେନ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜନୀତିର ପଶାପାଲିରେ ବରୁଣ୍ଡାଇ ପ୍ରାଥମିକ ସମବାୟ ସମିତି

ବ୍ୟାସନଗର, (ଭାସ୍କର ନ୍ୟୁଜ୍): ସମବାୟ ସମିତି ଗୁଡ଼ିକର ଭିତିଭୂମିକୁ ସଜାଡ଼ିବାକୁ ପ୍ରୟାସ ଜାରି ରହିଛି। ପ୍ରଥମ ଦଫାରେ କିଛି ସମିତି ପାଇଁ ବିଜେଡି ସରକାର ଅର୍ଥ ମଞ୍ଜୁର କରିଥିଲେ। କିନ୍ତୁ ଏହି ଟଙ୍କାକୁ ପ୍ରଶାସନ ଧରି ବସିଛି, ନା ଟେଣ୍ଡର ହେଉଛି ନା କିଛି କାମ କରିବା ପାଇଁ ଆଲୋଚନା ହେଉଛି। କୋରେଇ ବ୍ଲକ୍‌କୁ ଆସିଥିବା ୨ଟି ସମବାୟ ସମିତିର ପ୍ରକଳ୍ପକୁ ଫାଇଲ ତଳେ ଚାପି ରଖିଥିବ ପ୍ରଶାସନର କାର୍ଯ୍ୟଶୈଳୀରୁ ଏହା ଦେଖିବାକୁ ମିଳିଛି। ଯାଜପୁର ଜିଲ୍ଲାରେ ଚାଷୀଙ୍କ ପାଇଁ ୧୨୯ଗୋଟି ସମିତି କାର୍ଯ୍ୟ କରୁଛି। ସେଥିରୁ ୧୨୨ଗୋଟି ସମିତି ଚାଷୀଙ୍କୁ ଋଣ ପ୍ରଦାନ ସହିତ ଧାନକିଣା ଏବଂ ସାର ଯୋଗାଣ ଭଳି କାର୍ଯ୍ୟକ୍ରମରେ ସାମିଲ ରହିଛି। କିଛି ସମିତି ପୁରୁଣା ଘରେ ମୁଣ୍ଡ ଗୁଂଜିଛି, ଆଉ କିଛି ଭଡା ଘରେ ଚାଲୁଛି। ଅନେକ ସମିତିର ପୁରୁଣା ଘର ବିପଦସଙ୍କୁଳ ଅବସ୍ଥାରେ ରହିଛି। ବିଶେଷ କରି କୋରେଇ ବ୍ଲକ୍‌ର ୧୮ ଗୋଟି ସମବାୟ ସମିତିର ଭିତିଭୂମି ଅତ୍ୟନ୍ତ ଦୁର୍ବଳ। ଏହା ଉପରେ ଗଢ଼ା ଯାଇଥିବା ଆଉ ୩ ଗୋଟି ସମିତି ମଧ୍ୟ ଏବେ ଭଡ଼ାଘରେ ଚାଲୁଛି। ଯାହାକୁ ନେଇ ପାକ୍ସ ସଭାପତିମାନେ ଅସନ୍ତୋଷ ପ୍ରକାଶ କରିବା ପରେ ସାଧାରଣ ନିର୍ବାଚନ ପୂର୍ବରୁ ପୂର୍ବ ସରକାର କୋରେଇ ବ୍ଲକ୍‌ର ବରୁଣ୍ଡାଇ ଏବଂ କାଚର ସାହି ଭଳି ୨ ଗୋଟି ସମବାୟ ସମିତି ସମେତ ଯାଜପୁର ଜିଲ୍ଲାର ୭ ଗୋଟି ସମିତିର ଅଫିସ ଘର ଏବଂ ୫୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଗୋଦାମର ପ୍ରକଳ୍ପକୁ ମଞ୍ଜୁରୀ ଦେଲେ। ପ୍ରତ୍ୟେକ ପ୍ରକଳ୍ପ ନିମନ୍ତେ ୩୦.୮୬ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇ ଥିଲା। ୨୦୨୩ ନଭେମ୍ବରରେ ପ୍ରକଳ୍ପର ମଂଜୁରୀ ସମ୍ପର୍କିତ ସୂଚନା ସମସ୍ତ ଜିଲ୍ଲାପ୍ରଶାସନକୁ ଜଣାଇ ଦିଆଗଲା। ୨୦୨୪ ମାର୍ଚ୍ଚରେ ସମସ୍ତ ୭ ଗୋଟି ପ୍ରକଳ୍ପ ନିମନ୍ତେ ପ୍ରଥମ ଦଫାର ଅର୍ଥ ୧୮.୬୬ ଲକ୍ଷ ଲେଖାଏଁ ଯୋଗାଇ ଦେଲେ। ଯାଜପୁର ଜିଲ୍ଲା ପ୍ରାଶାସନ ଏହାକୁ ପ୍ରାୟ ୪ମାସ ପେଟ ତଳେ ଚାପିଦେଲା। ଜୁଲାଇ ୧୧ତାରିଖରେ ଯାଜପୁର ଜିଲ୍ଲାପାଳ ସମିତିର ଗୃହ ନିର୍ମାଣ ନିମନ୍ତେ ବ୍ଲକ୍ ପ୍ରଶାସନକୁ ସରକାରୀ ଏଜେନ୍ସୀ ଭାବେ ନିଯୁକ୍ତି ଦେଲେ। ଏହାର ୧୨ ଦିନ ପରେ ଅର୍ଥାତ ଜୁଲାଇ ୨୪ ତାରିଖରେ ବ୍ଲକ୍ ପ୍ରଶାସନକୁ ସରକାର ମଂଜୁର କରିଥିବା ପ୍ରଥମ ଦଫାର ଅର୍ଥକୁ ପଠାଇଲେ। ଯାହାକୁ ବ୍ଲକ୍ ପ୍ରଶାସନ ତୁରନ୍ତ କାର୍ଯ୍ୟକାରୀ କରିବା ବଦଳରେ ମାନ୍ୟବର ବିଧାୟକ ଆକାଶ ଦାସ ନାୟକ କାମଟିକୁ ବନ୍ଦ କରିଛନ୍ତି ବୋଲି ଆଲୋଚନା ହେଉଛି। କୋରେଇ ବ୍ଲକ୍‌ରେ ଫସିଯାଇଛି ବରୁଣ୍ଡେଇ ସମିତି ଫାଇଲ ଜିଲ୍ଲା ପ୍ରଶାସନର ଅନୁମତି ପରେ ବି ୨ ମାସରୁ ଅଧିକ ଦିନ ହେବ କୋରେଇ ବ୍ଲକ୍ ପ୍ରଶାସନ ୨ଟି ସମିତିର ଭିତିଭୂମି ନିମନ୍ତେ ଆସିଥିବା ୩୭,୩୩,୮୩୪ ଟଙ୍କାକୁ ଖର୍ଚ୍ଚ କରିବାକୁ ନାରାଜ। ବ୍ଲକ୍ ପ୍ରଶାସନକୁ ବାରମ୍ବାର ଅନୁରୋଧ ପରେ ବି ପ୍ରକଳ୍ପ ଆଗେଇ ପାରୁନି। ସରକାର ବଦଳିବା ପରେ ମାନ୍ଦା ପଡ଼ିଥିବା ବ୍ଲକ୍ ପ୍ରଶାସନର ଟେକ୍ନିକାଲ ସେକ୍ସନ କିଛି ଠିକାଦାରଙ୍କ କବ୍‌ଜାରେ ରହିଯାଇଛି। ବିଧାୟକ ଠିକାଦାର ଠିକ କରିବା ପରେ ଟେଣ୍ଡର ବାହାରିବ ବୋଲି ଜନ ସାଧାରଣରେ ଆଲୋଚନା ଜୋର ଧରିଛି। ସରକାର ଆସିବାର ଦେଢ଼ବର୍ଷ ବିତି ଯାଇଥିଲେ ସୁଦ୍ଧା ବିଧାୟକ କେବେ ଠିକାଦାର ଠିକ୍ କରିବେ ତାହା ଏବେ ଆଲୋଚ୍ୟର ବିଷୟ। ସମିତିର ଗୃହ ନିର୍ମାଣ ପାଇଁ ଆସିଥିବା ଅର୍ଥକୁ ଖର୍ଚ୍ଚ କରିବା ନିମନ୍ତେ ଟେଣ୍ଡର ଜରିଆରେ ଠିକାଦାର ଚୟନ କରାଯିବ ବୋଲି ବିଡିଓ କହୁଥିବା ବେଳେ ଅଦ୍ୟାବଧି ପ୍ରକିୟା ଆରମ୍ଭ ହେଉନି ଦୀର୍ଘ ଦିନରୁ ବ୍ଲକ୍‌ରେ ଗାଦି ମାଡ଼ି ବସିଥିବା କିଛି କର୍ମଚାରୀମାନଙ୍କ ଷଡ଼ଯନ୍ତ୍ରରେ ସମବାୟ ବିଭାଗର ୩୭ ଲକ୍ଷ ଟଙ୍କା ଫସିଥିବା ଜଣାପଡ଼ିଛି। ସରକାର ବଦଳିବ କିନ୍ତୁ ବିକାଶର ଅର୍ଥକୁ ବିନାଶ କରିବା ପାଇଁ ମାନ୍ୟବର ବିଧାୟକଙ୍କ ଚକ୍ରାନ୍ତକୁ ଜନ ସାଧାରଣ କେବେ କ୍ଷମା ଦେବେନି। ତୁରନ୍ତ ଟେଣ୍ଡର ଜରିଆରେ ଦୀର୍ଘଦିନ ଧରି ପଡ଼ି ରହିଥିବା ୩୭ଲକ୍ଷ ଟଙ୍କାକୁ କାର୍ଯ୍ୟକାରୀ କରାଇବା ଓ କୋରାଇ ବ୍ଲକ୍‌ରେ ୧୮ ଗୋଟି ସମବାୟ ସମିତିକୁ ଗୋଦାମ ପାଇଁ ଅର୍ଥ ଯୋଗାଇ ଦେବା ପାଇଁ ନିଖିଳ ଓଡ଼ିଶା ସମବାୟ ବିତ୍ ସଂଘର ଅଧ୍ୟକ୍ଷ ରଞ୍ଜନ କୁମାର ଦାସ ଦାବି କରିଛନ୍ତି।



କଟକ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣିରେ ସମୁଦାୟ ୮୨ଟି ଅଭିଯୋଗ ହସ୍ତଗତ ହୋଇଥିବା ବେଳେ ତନ୍ମଧ୍ୟରେ ୭୯ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୩ଗୋଟି ସାମୂହିକ ଅଭିଯୋଗ ରହିଥିଲା। ଶିବିରରେ ୩ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଶୁଣାଣି କାଳରେ ଉପ ଆୟୁକ୍ତ କମିଶନରେଟ୍ ପୋଲିସ୍, ଋଷିକେଶ ଖିଲାରୀ ଦ୍ୟାନଦେଓ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଉପ ଆରକ୍ଷୀ ଅଧିକ୍ଷକ ପ୍ରଦୀପ କୁମାର ସାହୁ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଡେପୁଟି କଲେକ୍ଟର ସୂଚନା ଦେଇଛନ୍ତି ।



## ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ ପାଇଁ ରାଜ୍ୟସ୍ତରୀୟ କର୍ମଶାଳା

# ଘରେ ଘରେ ପହଞ୍ଚାଇବା ସ୍ୱଦେଶୀ ଅଭିଯାନର ବାର୍ତ୍ତା: ଅରୁଣ ସିଂ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଦେଶକୁ ଆତ୍ମନିର୍ଭର କରିବା ଉପରେ ଗୁରୁତ୍ୱାରୋପ କରୁଛନ୍ତି । ଅର୍ଥନୈତିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ମୋଦିଜୀ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ସ୍ୱଦେଶୀ ଉତ୍ପାଦ ବ୍ୟବହାର ଏବଂ ସ୍ୱଦେଶୀ ଜୀବନ ମୂଲ୍ୟବୋଧକୁ ଗ୍ରହଣ କରିବା ଉପରେ ମୋଦିଜୀ ଗୁରୁତ୍ୱ ଦେଇ ଆସିଛନ୍ତି । ଏହି ବାର୍ତ୍ତା 'ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ' ଜରିଆରେ ଘରେ ଘରେ ପଂହଚିବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ ପାଇଁ ରାଜ୍ୟସ୍ତରୀୟ କର୍ମଶାଳାରେ ରାଜ୍ୟ ସଭା ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅରୁଣ ସିଂହ କହିଛନ୍ତି । ଶ୍ରୀ ସିଂହ କହିଛନ୍ତି ଯେ, ୨୫ ସେପ୍ଟେମ୍ବରରୁ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ୨୫ ଡିସେମ୍ବର ପର୍ଯ୍ୟନ୍ତ ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ କରବା ପାଇଁ ଦଳ ପକ୍ଷରୁ ନିଷ୍ପତି ନିଆଯାଇଛି । ଏହି କର୍ମଶାଳାରେ ଯୋଗଦେଇ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ, ଆତ୍ମନିର୍ଭର ଭାରତ କରିବା ପାଇଁ ମୋଦିଜୀ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଆନ୍ଦୋଳନରେ ପରିଣତ ହୋଇଛି । ଆତ୍ମନିର୍ଭର ଭାରତ ହେଉଛି ଆତ୍ମବିଶ୍ୱାସର ଭାରତ। ଏହି ବିଶ୍ୱାସ ରଖି ଓଡ଼ିଶାରେ ଛୋଟରୁ ବଡ଼ ଉଦ୍ୟୋଗ ସୃଷ୍ଟି କରିବା ପାଇଁ ଆମ ସମସ୍ତଙ୍କୁ ପ୍ରୟାସ କରିବାକୁ ପଡ଼ିବ। ଓଡ଼ିଶା ହେଉଛି ସମ୍ଭାବନାର ରାଜ୍ୟ। ଏନେଇ ୩ ମାସ ପର୍ଯ୍ୟନ୍ତ କାର୍ଯ୍ୟକର୍ତାଙ୍କୁ କଠିନ ପରିଶ୍ରମ କରି ଓଡ଼ିଶାର ସବୁ ଘରେ ଏହି ବାର୍ତା ପହଁଞ୍ଚାଇବାକୁ ଶ୍ରୀ ସାମଲ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏକ କମଟି ଗଠନ କରାଯାଇଥିଲା । ଏହି ଅବସରରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମନ୍ତ୍ରୀ ରବି ନାରାୟଣ ନାଏକ, ସାଂସଦ ଅନନ୍ତ ନାୟକ, ସୁକାନ୍ତ ପାଣିଗ୍ରାହୀ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର ପ୍ରମୁଖ ଯୋଗଦେଇ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଉପରେ ଗୁରୁତ୍ୱାରୋପ କରିଥିଲେ। ଡବଲ ଇଞ୍ଜିନ ସରକାର ଏଥିରେ ସମସ୍ତ ସହଯୋଗ କରିବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡି.ମୁରଲୀ କିଷ୍ଣା ପ୍ରମୁଖ ଯୋଗଦେଇଥିଲେ। ଆତ୍ମନିର୍ଭର ଭାରତ ରାଜ୍ୟ ସଂଯୋଜିକା ସୁଜାତା ପାଢ଼ୀ ଧନ୍ୟବାଦ ଦେଇଥିଲେ ।

# ସୁଭଦ୍ରା ଅଭିଯୋଗ ସମାଧାନ ମଡ୍ୟୁଲ୍ ଶୁଭାରମ୍ଭ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କୌଣସି ଯୋଗ୍ୟ ହିତାଧିକାରୀ ସୁଭଦ୍ରା ସହାୟତାରୁ ବଂଚିତ ହେବେ ନାହିଁ। ଏହି ଅଭିଯୋଗ ସମାଧାନ ମଡ୍ୟୁଲ ଯୋଜନାର ପାରଦର୍ଶିତା, ଉତରଦାୟିତ୍ୱ ଏବଂ ସମୟୋଚିତ ନିଷ୍ପତିକୁ ସୁନିଶ୍ଚିତ କରିବ ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୁଭଦ୍ରା ଅଭିଯୋଗ ସମାଧାନ ମଡ୍ୟୁଲ ଶୁଭାରମ୍ଭ ଅବସରରେ ମତ ପ୍ରକାଶ କରିଛନ୍ତି। ରାଜ୍ୟରେ ସୁଭଦ୍ରା ଯୋଜନାରେ ଅଭିଯୋଗ ସମାଧାନ ପ୍ରକ୍ରିୟାକୁ ଆହୁରି ସୁଦୃଢ ଓ ସୁଗମ କରିବା ନିମନ୍ତେ ଆଜି ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ କରକମଳରେ 'ସୁଭଦ୍ରା ଅଭିଯୋଗ ସମାଧାନ ମଡ୍ୟୁଲ୍'ର ଶୁଭାରମ୍ଭ ହୋଇଯାଇଛି । ସୂଚନାଯୋଗ୍ୟ ଯେ ବର୍ତମାନ ସୁଦ୍ଧା, ସୁଭଦ୍ରା ଯୋଜନାରେ ୧,୦୯,୮୭,୮୯୪ ଆବେଦନ ପଞ୍ଜୀକୃତ ହୋଇଛି ଏବଂ କୋଟିଏରୁ ଅଧିକ ମହିଳା ଏହି ଯୋଜନା ମାଧ୍ୟମରେ ଲାଭାନ୍ୱିତ ହୋଇସାରିଛନ୍ତି। ଏଯାବତ ସୁଭଦ୍ରା ପୋର୍ଟାଲରେ ୨,୮୩,୨୬୪ ଅଭିଯୋଗ ବିଚାରାଧୀନ ଅଛି, ଯାହାର ସମାଧାନ ଅଭିଯୋଗ ସମାଧାନ ମଡ୍ୟୁଲ୍ ମାଧ୍ୟମରେ ସମ୍ପନ୍ନ ହେବ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ ମୋନିଷା ବାନାର୍ଜୀ, ଓକାକର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ରାଉତ, ବିଭାଗୀୟ ଅତିରିକ୍ତ ଶାସନ ସଚିବ କୃତିବାସ ରାଉତ ଓ ବିଶିଷ୍ଟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ରଙ୍କ ପୁସ୍ତକ ଖାକୀ ମଉଜ ଉନ୍ମୋଚିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ରଙ୍କ ସ୍ୱରଚିତ ପୁସ୍ତକ 'ଖାକୀ ମଉଜ' ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରି ବହିଟିକୁ ପ୍ରଶଂସା କରିବା ସହ ଏହାକୁ ପ୍ରତ୍ୟେକ ଓଡ଼ିଆ ପାଠକମାନେ ପଢ଼ିବା ଉଚିତ ବୋଲି ପରାମର୍ଶ ଦେଇଛନ୍ତି। ଏଥିସହିତ ଜୀବନକୁ ମଉଜ ମନେକରିବା ଏକ କଳା ଏବଂ ଶ୍ରୀ ମିଶ୍ରଙ୍କ ପୁସ୍ତକ ସେ କଳାର ଏକ ସଫଳ ପରିପ୍ରକାଶ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ଓଡ଼ିଶା ପୋଲିସର ପୂର୍ବତନ ମହାନିର୍ଦ୍ଦେଶକ, ପୂର୍ବତନ ସିଆରପିଏଫ ନିର୍ଦ୍ଦେଶକ ତଥା ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର ନିଜର ପିଲାଦିନ ଓ ଦୀର୍ଘ ଚାକିରି ଜୀବନର ବହୁ ରୋଚକ ଅନୁଭୂତିକୁ ଚଟୁଳ ବ୍ୟଙ୍ଗାତ୍ମକ ଶୈଳୀରେ 'ଖାକି ମଉଜ' ପୁସ୍ତକ ମାଧ୍ୟମରେ ପରିପ୍ରକାଶ କରିଛନ୍ତି। ପୁସ୍ତକଟିକୁ ମୂଳ ଇଂରାଜୀରୁ ଅନୁବାଦ କରିଛନ୍ତି ଚିନ୍ମୟ ହୋତା। ପୁସ୍ତକଟିକୁ ପ୍ରକାଶ କରିଛନ୍ତି ରାଜ୍ୟର ଅଗ୍ରଣୀ ପ୍ରକାଶନ ସଂସ୍ଥା ପେନ୍ ଇନ୍ ବୁକ୍ସ। ସୋମବାର ସଂଧ୍ୟାରେ ସଚିବାଳୟଠାରେ ପୁସ୍ତକ ଉନ୍ମୋଚନ ଅବସରରେ ଲେଖକ, ଓ ଅନୁବାଦକଙ୍କ ସମେତ ବରିଷ୍ଠ ଲେଖକ ଓ ସ୍ତମ୍ଭକାର ଦାଶ ବେନହୁର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଓ କଥାକାର ଶୁଭ୍ରାଂଶୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ ଲାଇଫ୍ ସାଇନ୍‌ସେସ୍‌ର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୁମା ରିୟଲ୍ ମିଡିଆ ପ୍ରାଇଭେଟ ଲିମିଟେଡ ପ୍ରସ୍ତାବିତ ଔଷଧ ପ୍ରସ୍ତୁତକାରୀ ଏବଂ ଗବେଷଣା କେନ୍ଦ୍ର ସମ୍ ଲାଇଫ୍ ସାଇନ୍‌ସେସ୍‌ର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ରିମୋଟ ମୋଡରେ ମୁଖ୍ୟମନ୍ତ୍ରୀ ମାଝୀ ଭୁବନେଶ୍ୱର ଉପକଣ୍ଠ ଗୋଠପାଟଣା ଶିଳ୍ପାଞ୍ଚଳଠାରେ ସ୍ଥାପିତ ହେବାକୁ ଯାଉଥିବା ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସମ୍ ଲାଇଫ୍‌ସାଇନ୍‌ସେସ୍ ସମେତ ରାଜ୍ୟର ୧୨ଟି ଜିଲ୍ଲାରେ ୨୭ଟି ବିଭିନ୍ନ ଶିଳ୍ପାନୁଷ୍ଠାନର ମୁଖ୍ୟମନ୍ତ୍ରୀ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ସମ୍ ଲାଇଫସାଇନ୍‌ସେସ୍ ପକ୍ଷରୁ ୨୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ପୁଞ୍ଜି ନିବେଶରେ ଗୋଠପାଟଣା ଠାରେ ଏହି ଫାର୍ମା ପ୍ରକଳ୍ପ ଆରମ୍ଭ ହେବ। ଏହି ପ୍ରକଳ୍ପରେ ୧୨୮୦ ଜଣଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ମିଳିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଶିଳ୍ପ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ଶିଳ୍ପ ସଚିବ ହେମନ୍ତ ଶର୍ମାଙ୍କ ସହିତ ବିଭିନ୍ନ ଶିଳ୍ପକ୍ଷେତ୍ରର ବରିଷ୍ଠ କର୍ମକର୍ତାମାନେ ଉପସ୍ଥିତ ଥିଲେ। ଓଡ଼ିଶା କୃଷି ମହାବିଦ୍ୟାଳୟ ପରିସରରେ ତଥା ଗୋଠପାଟଣା ଠାରେ ସମ୍ ଲାଇଫ୍‌ସାଇନ୍‌ସେସ୍‌ର ବିଭିନ୍ନ କର୍ମକର୍ତା ଉପସ୍ଥିତ ଥିଲେ। ଏହି କମ୍ପାନୀ ଦ୍ୱାରା ପ୍ରସ୍ତୁତ ଉଚ୍ଚମାନର ତଥା ସ୍ୱଳ୍ପ ମୂଲ୍ୟର ବିଭିନ୍ନ ଔଷଧ ଓ ଟୀକା ଖୁବ୍ ଶୀଘ୍ର ବଜାରରେ ଉପଲବ୍ଧ ହେବ।

### ଭୋଟ୍ ଚୋର, ଗାଦି ଛାଡ ପ୍ରସଙ୍ଗ

## କଂଗ୍ରେସର ଦେଶବ୍ୟାପୀ ୫ କୋଟି ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୋଟ ଚୋରି ପ୍ରସଙ୍ଗ ନେଇଏଆଇସିସି ପକ୍ଷରୁ ୧୫ ସେପ୍ଟେମ୍ବରଠାରୁ ୧୫ ଅକ୍ଟୋବର ଏକମାସ ବ୍ୟାପୀ ସମଗ୍ର ଦେଶରେ ୫ କୋଟି ଦସ୍ତଖତ ସଂଗ୍ରହ କରାଯିବ। ଓଡିଶାରେ ଦଳର ଅଗଣିତ ନେତା ଓ କର୍ମୀ ଏହି କାର୍ଯ୍ୟରେ ସକ୍ରିୟ ସଂପୃକ୍ତି ଦେଖାଇବା ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ଆହ୍ୱାନ କରିଛନ୍ତି। ଜିଲ୍ଲା ସଂଯୋଜକମାନଙ୍କ ସଂଯୋଜନାରେ ଦଳର ସମସ୍ତ କର୍ମକର୍ତ୍ତା, ସବୁ ଛାମୁଆ ସଂଗଠନ ସାରା ରାଜ୍ୟରେ ଘରକୁ ଘର ବୁଲି ଏହି ଦସ୍ତଖତ ସଂଗ୍ରହ ଅଭିଯାନରେ ସାମିଲ ହେବାପାଇଁ ସେ ଆହ୍ୱାନ କରିଛନ୍ତି। ଏହି ଅଭିନବ କାର୍ଯ୍ୟକ୍ରମରେ ସାଧାରଣ ଜନତା, ସାମାଜିକ କର୍ମୀ, ସ୍ଥାନୀୟ ସଂଗଠନଗୁଡିକର କାର୍ଯ୍ୟକର୍ତା ଏପରିକି ଚାକିରିଆମାନଙ୍କୁ ମଧ୍ୟ ଦଳର ନେତୃବୃନ୍ଦ ଓ କର୍ମୀମାନେ ସଂପୃକ୍ତ କରିବେ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି। ଦସ୍ତଖତ ଅଭିଯାନ ଚାଲିବା ସମୟରେ ବିଭିନ୍ନ ସ୍ଥାନରେ ସାଧାରଣ ସଭା, ସାମାଜିକ ଗଣମାଧ୍ୟମରେ ଉପସ୍ଥିତି, ସାମ୍ବାଦିକ ସମ୍ମିଳନୀ ଆଦି ଆୟୋଜନ କରାଯିବ। ଏହି ସମସ୍ତ କାର୍ଯ୍ୟକ୍ରମକୁ ତଦାରଖ କରିବା ପାଇଁ ପିସିସି ପକ୍ଷରୁ ପର୍ଯ୍ୟବେକ୍ଷକମାନଙ୍କୁ ଜିଲ୍ଲାମାନଙ୍କୁ ପଠାଯିବ। ଦେଶରେ ଚାଲିଥିବା ଭୋଟ୍ ଜାଲିଆତି ବିରୋଧରେ ଏହା ଏକ ଶକ୍ତିଶାଳି ଦସ୍ତାବେଜ ହେବ। ଏଆଇସିସି ପକ୍ଷରୁ ପ୍ରସ୍ତୁତ ଏକ ଘୋଷଣାନାମରେ ସଂଗୃହିତ ଏହି ୫ କୋଟି ଦେଶବାସୀଙ୍କ ଦସ୍ତଖତ ସମ୍ବଳିତ ନଥିପତ୍ରକୁ ନିର୍ବାଚନ ଆୟୋଗ ଓ ରାଷ୍ଟ୍ରପତିଙ୍କ ନିକଟରେ ଦାଖଲ କରାଯିବ ବୋଲି ଏଆଇସିସିର ସାଧାରଣ ସଂପାଦକ (ସଂଗଠନ) କେସି ଭେନୁଗୋପାଳ ସୂଚନା ଦେଇଥିବା ଶ୍ରୀ ଦାସ କହିଛନ୍ତି।

## ପ୍ରହାର ଚଢାଉ ଜାରି, ନିଶା ସାମଗ୍ରୀ ଜବତ

କଟକ(ଭାସ୍କର ନ୍ୟୁଜ୍): ପାର୍ବଣ ସମୟରେ ନିଶାକାରବାର ଉପରେ ତୀକ୍ଷ୍ଣ ନଜର ରଖିବାକୁ କମିଶନରେଟ ପୋଲିସ ପକ୍ଷରୁ ପ୍ରହାର ଯୋଜନା କାର୍ଯ୍ୟକାରୀ ଆରମ୍ଭ କରାଯାଇଛି। ସୋମବାର କଟକ କମିଶନରେଟ ପୋଲିସ ପକ୍ଷରୁ ଶିଖରପୁର, ତଳସାହିର କେତେକ ଦୋକାନ ଉପରେ ଚଢାଉ କରାଯାଇଥିଲା। ମାଲଗୋଦାମ ଥାନା ଅଞ୍ଚଳରେ ଚଢାଉ ସମୟରେ ଏକ ଦୋକାନରୁ ଗଛେ ସିଗାରେଟ, ଗୁଟୁକା ଭଳି ନିଶାଯୁକ୍ତ ପଦାର୍ଥକୁ ଜବତ କରାଯାଇଥିଲା। ଜବତ ସାମଗ୍ରୀ ଦୋକାନ ମାଲିକ ଖଗେଶ୍ୱର ଖୁଣ୍ଟିଆ ଠାରୁ ମିଳିଥିବା ପୁଲିସ ଠାରୁ ପ୍ରକାଶ। ନିଶା ସମାଗ୍ରୀ ଜବତ କରିବା ସହିତ ପୋଲିସ ଦୋକାନୀଙ୍କ ଠାରୁ ଅର୍ଥ ଜୋରିମାନା କରିଥିବା ଜଣାପଡିଛି।

## ମହିଳା କଂଗ୍ରେସର ପ୍ରତିଷ୍ଠା ଦବସ ପାଳିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୋମବାର ମଧ୍ୟାହ୍ନରେ କଂଗ୍ରେସ ଭବନରେ ଭାରତୀୟ ମହିଳା କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ରାଜ୍ୟ ସଭାନେତ୍ରୀ ମୀନାକ୍ଷି ବାହିନୀପତିଙ୍କ ଅଧ୍ୟକ୍ଷତାରେ ଓ ମଧୁସ୍ମିତା ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏକ ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ, ଭାରତରେ ନାରୀ ଶକ୍ତିର ସବୁଠୁ ବଡ ପ୍ରତୀକ ଇନ୍ଦିରା ଗାନ୍ଧିଙ୍କ ରାଷ୍ଟ୍ରନିର୍ମାଣ କାର୍ଯ୍ୟକ୍ରମ ଦେଶରେ ନାରୀ ସଶକ୍ତୀକରଣର ସୂତ୍ରପାତ କରିଥିଲା। ୧୯୭୧ ଯୁଦ୍ଧରେ ପାକିସ୍ତାନଠାରୁ ବାଂଲାଦେଶକୁ ଅଲଗା କରିଦେଇଥିବା ଇନ୍ଦିରା ଗାନ୍ଧିଙ୍କ ଲଢେଇ ଓ ସଂଗଠନ ନିର୍ମାଣର ସଂକଳ୍ପ ଯୋଗୁଁ ମହିଳାମାନଙ୍କ ମଞ୍ଚମଣ୍ଡନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଜନସଂଖ୍ୟାର ୫୦ ପ୍ରତିଶତ ହେଉଛନ୍ତି ମହିଳା ଭୁବନେଶ୍ୱରରେ ୫ ହଜାର ମହିଳା ସଂଗଠିତ ହେବା ସହ ଯଦି ନାରୀନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଓଡିଶାର ୨୦ ହଜାର ମହିଳା ଘେରିବା ସାମର୍ଥ୍ୟ ରଖିବେ, ସେଦିନ ମହିଳା କଂଗ୍ରେସ ଗଠନର ପ୍ରକୃତ ଲକ୍ଷ୍ୟ ସାଧିତ ହେବ ବୋଲି ସେ କହିଥିଲେ। ଏଆଇସିସି ଓଡିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ, ରାଜୀବ ଗାନ୍ଧି ଦେଶରେ ପଂଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ପ୍ରତିନିଧିତ୍ୱ କରାଇ ସେମାନଙ୍କ ସଶକ୍ତୀକରଣର ମାର୍ଗ ପ୍ରଶସ୍ତ କରିଥିଲେ। 'ଲଡ୍‌କି ହୋ, ଲଡ୍ ଶକ୍ତି ହୋ' ସ୍ଲୋଗାନ ଦେଇ ଉପସ୍ଥିତ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ ଶ୍ରୀ ଲଲ୍ଲୁ। ପୂର୍ବତନ ମନ୍ତ୍ରୀ ଓ ବରିଷ୍ଠ କଂଗ୍ରେସ ନେତା ସରସ୍ୱତୀ ହେମ୍ବ୍ରମ, ମହିଳା କଂଗ୍ରେସର ଅନ୍ୟତମ ନେତ୍ରୀ ପ୍ରଣତି ମିଶ, ପିସିସି ଉପସଭାପତି ସସ୍ମିତା ବେହେରା, ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ପ୍ରମୁଖ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ସୁଶୀଳା ତିରିଆ ଓ ସରସ୍ୱତୀ ହେମ୍ବ୍ରମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଘାସିରାମ ନୂଆପଡା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ!

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଘାସିରାମ ନୂଆପଡା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହୋଇପାରିନ୍ତି । ଏନେଇ ପରୋକ୍ଷରେ ସଂକେତ ଦେଇଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । ଗତ ନିର୍ବଚନରେ ଘାସିରାମ ୫୧ ହଜାର ଭୋଟ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ୧୫ ହଜାର ଭୋଟ ପାଇଥିଲେ । କଂଗ୍ରେସ ଭୋଟ ବ୍ୟାଙ୍କ ଦେଖି ଭୟଭୀତ ଅନ୍ୟ ଦଳ ଏବଂ କଂଗ୍ରେସ ପ୍ରାର୍ଥୀଙ୍କୁ ଯେତେ ଅଫର ଆସିଲେ ବି ବିକ୍ରି ହେବେନି ବୋଲି କହିଛନ୍ତି ଭକ୍ତ ଦାସ ।

## ଠକେଇ ଘଟଣାରେ ୩ ଗିରଫ

କଟକ(ଭାସ୍କର ନ୍ୟୁଜ୍): କଟକ ସାଇବର ଥାନା ପକ୍ଷରୁ ଚଢାଉ କରି ଏକ ଠକେଇ ଘଟଣାରେ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ଠାରୁ ସାଇବର ପୁଲିସ ପାସ୍‌ବୁକ୍, ମୋବାଇଲ ଫୋନ,ଏଟିଏମକୁ ଜବତ କରିଛି। ପୋଲିସ ୨୦ଲକ୍ଷ ଟଙ୍କା ଜମାଥିବା ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ରାଉରକେଲା ବାସନ୍ତୀକଲୋନୀର ବାସିନ୍ଦା ଅଭିନାଶ ଓଝା(୩୫), ଜଗନ ସାହୁ (୨୪), ପ୍ରତୀକ ଓରଫ ସିର୍ଦ୍ଧାଥ ଚୋରସିଆ (୨୧)। ଗିରଫ ଅଭିଯୁକ୍ତଙ୍କୁ ସୋମବାର ଅପରାହ୍ନରେ କୋର୍ଟଚାଲଣ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଜଗତପୁର ଥାନା ଅଧିନରେ ଠକେଇରେ ଜଣେ ଅଭିଯୋଗ କରିଥିଲେ। ତାଙ୍କ ଠାରୁ ଗିରଫ ଅଭିଯୁକ୍ତମାନେ ଗତ ମେ'୧୬ ତାରିଖରୁ ୨୯ ତାରିଖରେ ପାଖାପାଖି ୧୩ ଲକ୍ଷ ୭୨ ହଜାରରୁ ଅଧିକ ଟଙ୍କା ଠକେଇ କରିନେଇଥିବା ଅଭିଯୋଗକାରୀ ଦର୍ଶାଇଥିଲେ। ଏ ସଂପର୍କରେ ସାଇବର ଥାନାରେ ୫୦/୨୫ନମ୍ବରେ ଏକ ମାମଲାରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଅଭିଯୋଗ ପାଇବା ପରେ ସାଇବର ଥାନା ଅଧିକାରୀ ଏକ ୫ ଜଣିଆ ଅନୁସଂଧାନକାରୀ ଟିକ୍ ପ୍ରସ୍ତୁତ କରି ତଦନ୍ତ କରି ଅଭିଯୁକ୍ତମାନଙ୍କୁ ରାଉରକେଲାରୁ ଗିରଫ କରିଥିଲା। ଗିରଫ ହୋଇଥିବା ଅଭିଯୁକ୍ତମାନେ ଏୟାରଟେଲ, ଜିଓ ଆଦି କମ୍ପାନୀରେ କାର୍ଯ୍ୟ କରୁଥିବା ତଦନ୍ତରୁ ଜଣାପଡିଛି। ସେମାନେ ନକଲି ଆଉଉଣ୍ଟ ଖୋଲିବା ସହିତ ଫୋନରେ ଲୋକମାନଙ୍କୁ ଠକାମୀ କରୁଥିବା ତଦନ୍ତରୁ ଜଣାପଡିଥିବା ପୋଲିସ ଠାଯରୁ ପ୍ରକାଶ।

## ସିଏମ୍‌ସିର ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

କଟକ(ଭାସ୍କର ନ୍ୟୁଜ୍): କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ଚଳିତ ବର୍ଷ ଦୁର୍ଗାପୂଜା ନିମନ୍ତେ ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ସହିଦ୍ ଭବନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ବୈଠକରେ ଚଳିତବର୍ଷର ଦୁର୍ଗାପୂଜା ଶାନ୍ତି ଶୃଙ୍ଖଳାର ସହ ସମାପନ କରାଯିବା ଉପରେ ଆଲୋଚନା କରାଯାଇଥିଲା । ପୂଜା ସମୟରେ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ, ପୂଜା ମଣ୍ଡପ ନିକଟରେ ଦୈନନ୍ଦିନ ସଫେଇ, ପାର୍ବଣ ସମୟରେ ଯେପରି ବିଦ୍ୟୁତ୍ କାଟ ନହେବ ସେଥିପାଇଁ ବିଦ୍ୟୁତ୍ ବିଭାଗ ସତର୍କ ଦୃଷ୍ଟି ଦେବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ସି.ଏମ.ସି କମିସନର କିରଣଦୀପ କୌର ସହୋତା, ଡେପୁଟି ମେୟର ଦମୟନ୍ତୀ ମାଝୀ, କଟକ ମହାନଗର ପୂଜାକମିଟି ସଭାପତି ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂହ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ରାଉତ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ମୋନାଲିସା ଦାସ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ଦିପ୍ତିମୟୀ ମୁଳିଆ, କଟକ ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରି ଚରଣ ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, ସମ୍ପାଦକ ଶିବ ସାହୁ, ଶାନ୍ତିକମିଟି ସଭ୍ୟ ରବି ରଞ୍ଜନ ସାହୁ, ଦେବାଶିଷ ରାୟ, ଦେବେନ୍ଦ୍ର କାହାଳି, ଆଞ୍ଚଳିକ ପୂଜା କମିଟି ସଭାପତି ନିମାଇ ଚରଣ ଲେଙ୍କା, ସମ୍ପାଦକ ସୁରେନ୍ଦ୍ର ମହାପାତ୍ର, ଉପଦେଷ୍ଟା ରତ୍ନାକର ମୁଖି, ପୂଜାକମିଟି ସଭାପତି ଉମେଶ ଚନ୍ଦ୍ର ନାୟକ, କର୍ପୋରେଟର ବିକାଶ ରଞ୍ଜନ ବେହେର. ଇତିଶ୍ରୀ ଦାସ, ବସନ୍ତ ବେହେରା, ଗଗନ ଓଝା, ଲକ୍ଷ୍ମୀଧର ବେହେରା, ଇଫତିକାର ଆଲାମ, ମମତା ନାୟକ, ରିତାଳୀ ବେହେରା, ସୁମିତ୍ରା ବସ୍ତିଆ, ଦିପଳି ସିଂହ, ଆରତୀ ସାହୁ, ଅରୁନ୍ଧତୀ କର, ବନଲତା ପ୍ରଧାନ, ନମିତା ବାରିକ, କୁରେଷା ନୂର, ସ୍ୱର୍ଣପ୍ରଭା ପଶାୟତ, ଝିଲି ବିହାରୀ, ହରିହର ନାୟକ, ଟିପିସିଓଡିଏଲର ସିଇଓ ଅରବିନ୍ଦ ସିଂହ, ସୁପରିଟେଣ୍ଡେଣ୍ଟ ଇଂଜିନିୟର ପ୍ରଭାତ ରଞ୍ଜନ ପରିଡା, ଅମରଜିତ ପଟନାୟକ, ପୋଲିସ ଇନ୍ସପେକେଟର ଅଶୋକ କୁମାର ଗୁରୁ, ସିଏମସି ବିଦ୍ୟୁତହ ବିଭାଗ ଯନ୍ତ୍ରୀ ପ୍ରବାସ ରଞ୍ଜନ ବିଶ୍ୱାଳ, ଆସିଷ୍ଟାଣ୍ଟ୍ କମିଶନର ତ୍ରିଶୂଳ ମାରାଣ୍ଡି ତ୍ରିନାଥ ବେହେରା, ସ୍ୱାସ୍ଥ ଅଧିକାରୀ ଡ଼.ଅରୁଣ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

## ରାଜ୍ୟରେ ସାର ସଙ୍କଟ ନେଇ ରାଜଭବନ ଘେରିଲା ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ସାର ସଙ୍କଟ ନେଇ ବିଜେଡି ପକ୍ଷରୁ ସୋମବାର ଦିନ ରାଜଭବନରେ ସମ୍ମୁଖରେ ଅନ୍ଦୋଳନ କରାଯାଇଛି। ରାଜ୍ୟପାଳଙ୍କୁ ସ୍ମାରକ ପତ୍ର ଦେଇ ଚାଷୀଙ୍କ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ନିବେଦନ କରିଛି ବିଜେଡି। ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଓଡ଼ିଶାରେ ଖରିଫ ଚାଷ ଚାଲିଛି। ଚାଷ କାମ ଏବେ ପିକ ରହିଛି ଓ ଚାଷୀଙ୍କୁ ସାରର ଅତ୍ୟନ୍ତ ଆବଶ୍ୟକତା ରହିଛି। କିନ୍ତୁ ରାଜ୍ୟ ସରକାର ସାର ଯୋଗାଇ ପାରୁ ନାହାନ୍ତି। ଚାଷୀ ସାର ପାଇଁ ଦହଗଞ୍ଜ ହେଉଛନ୍ତି। ଚାଷୀଙ୍କୁ ସାର ଯୋଗାଇ ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ। ସରକାର କହୁଛନ୍ତି ପର୍ଯ୍ୟାପ୍ତ ପରିମାଣରେ ସାର ମହଜୁଦ ଅଛି। ହେଲେକ ଚାଷୀ କହୁଛନ୍ତି ସାର ମିଳୁ ନାହିଁ। କିଏ ସତ କହୁଛି। ଲ୍ୟାମ୍ପ ଏବଂ ପ୍ୟାକସ ଆଗରେ ସାର ପାଇଁ ସକାଳୁ ସନ୍ଧ୍ୟା ଯାଏଁ କିଲୋମିଟର ବ୍ୟାପି ଲମ୍ବା ଲାଇନ ଲାଗୁଛି। ସାର କଳାବଜାରୀ ହେଉଛି। ଖୋଲା ବଜାର ଅର୍ଥ ଲାଇସେନ୍ସ ପ୍ରାପ୍ତ ଡିଲର ତିନି ଗୁଣା ଦାମରେ ସାର ବିକ୍ରୀ କରୁଛନ୍ତି। ଆମେ ସରକାରଙ୍କୁ ଆହ୍ୱାନ କରୁଛୁ। ସରକାରଙ୍କ ମନ୍ତ୍ରୀ ଫିଲ୍ଡକୁ ଯାଆନ୍ତୁ। ଫିଲ୍ଡକୁ ଯାଇ ଦେଖନ୍ତୁ। ମନ୍ତ୍ରୀ ମାନେ କହୁଛନ୍ତି ଚାଷୀ ରାଜନୀତି କରୁଛି। ଏକଥା ଶୁଣି ଆମାକୁ ଲଜ୍ୟା ଲାଗିଲାଣି। ସରକାର ଚାଷୀଙ୍କ ପୋଡ଼ା ଘା ରେ ବାଲି ଦେଉଛନ୍ତି। ଚାଷୀଙ୍କୁ ଅପମାନିତ କରୁଛନ୍ତି। ରାଜ୍ୟରେ ଚାଷୀକୁଳ ହାହାକାର। ଏହାକୁ ନେଇ ବିଜେଡିର ୪୦ ଜଣିଆ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ନିକଟରେ ଫେରାଦ ହୋଇଛି। ରାଜ୍ୟପାଳଙ୍କୁ ସ୍ମାରକ ପତ୍ର ଦେଇଛି ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଚାଷୀଙ୍କ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ନିବେଦନ କରିଛି ବିଜେଡି। ସାର ବିତରଣକୁ ନିୟନ୍ତ୍ରଣ କରିବାକୁ ଦାବି କରିଛି।

# ପିଜିଟି ଶିକ୍ଷକଙ୍କ ପାଞ୍ଚଦିନିଆ ଦକ୍ଷତା ବିକାଶ କର୍ମଶାଳା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଇଂରାଜୀ ବିଷୟର ସ୍ନାତକୋତର ବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ପାଇଁ ୫ ଦିନିଆ ଦକ୍ଷତା ବିକାଶ କର୍ମଶାଳା ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ଠାରେ ଆୟୋଜିତ କରାଯାଇଛି। ଏହି ପ୍ରଶିକ୍ଷଣରେ ୫୦ ଜଣ ପିଜିଟି (ଇଂରାଜୀ) ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗ ଦେଇଛନ୍ତି । ଉଦଘାଟନୀ ଅଧିବେଶନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶିକ ସସ୍ମିତା ମାଳି, ଉପ-ନିର୍ଦ୍ଦେଶକ ସିଏଚ୍. ବିଜୟଲକ୍ଷ୍ମୀ, ଉପ-ନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିବା ବେଳେ ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟର ଦୁଇ ଜଣ ଅଧ୍ୟାପକ ପାର୍ଥ ସାରଥି ମିଶ୍ର ଏବଂ ଜେନି ଆଲେକ୍ସ ଉପସ୍ଥିତ ଥିଲେ । ଏହି ୫ ଦିନିଆ ଦକ୍ଷତା ବିକାଶ କର୍ମଶାଳା ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟର ସହଯୋଗରେ ଆୟୋଜିତ କରାଯାଇଛି । ଉଦଘାଟନୀ ଅଧିବେଶନରେ ଯୋଗ ଦେଇ ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଶୁଭଶ୍ରୀ ନନ୍ଦ କହିଛନ୍ତି, ଏହି କର୍ମଶାଳା ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ଯୋଗାଯୋଗ ଦକ୍ଷତାକୁ ପ୍ରୋତ୍ସାହିତ କରିବ । ଏହିଠାରୁ ତାଲିମ୍ ଗ୍ରହଣ କରି ଶିକ୍ଷକ-ଶିକ୍ଷୟିତ୍ରୀମାନେ ନିଜ ସମାଜ ଓ କଲେଜରେ ଶିକ୍ଷାଦାନ କ୍ଷେତ୍ରରେ ଆତ୍ମାସାତର୍ ଭାବେ କାର୍ଯ୍ୟ କରିବେ। ନୂତନ ଜାତୀୟ ଶିକ୍ଷା ନୀତି ଆଧାରରେ ସମଗ୍ର ବିଶ୍ୱରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ଏକ ଉଦାହରଣ କରିବା ପାଇଁ ହେଲେ ଛାତ୍ରଛାତ୍ରୀମାନଙ୍କୁ କ୍ଷେତ୍ରୀୟ ଅଭିଜ୍ଞତାର ଆବଶ୍ୟକତା ରହିଛି, ଏଥିନିମନ୍ତେ ଶିକ୍ଷକ-ଶିକ୍ଷୟିତ୍ରୀମାନେ ପ୍ରଥମେ ଦକ୍ଷ ହେବା ଜରୁରୀ । ଏଥିସହ ଶ୍ରୀମତୀ ନନ୍ଦ ଶିକ୍ଷାର ପ୍ରୟୋଗାତ୍ମକ ଦିଗକୁ ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଛନ୍ତି। ସେହିପରି ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ରାଜ୍ୟର ସମସ୍ତ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ପର୍ଯ୍ୟାୟକ୍ରମେ ସମୟାନୁସାରେ ତାଲିମ୍ ଦିଆଯିବା ନେଇ ସୂଚନା ଦେଇଛନ୍ତି । ଏଥିସହ ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟର ସହଯୋଗ ନିମନ୍ତେ ଧନ୍ୟବାଦ ଜଣାଇଛନ୍ତି । ଉପ-ନିର୍ଦ୍ଦେଶକ ସିଏଚ୍. ବିଜୟଲକ୍ଷ୍ମୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉପ-ନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଛନ୍ତି ।



ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ ଆଜି ଡେଲାଙ୍ଗ ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା।ଜିଲ୍ଲାପାଳ ଦିବ୍ୟ ରଞ୍ଜନ ପରିଡା ଏଥିରେ ଅଧ୍ୟକ୍ଷତା କରିଥିଲେ।ଏଥିରେ ମୋଟ ୧୪୧ ଗୋଟି ଅଭିଯୋଗ ମିଳିଥିଲା।ସେଥିରୁ ୧୦୬ ଗୋଟି ବ୍ୟକ୍ତିଗତ,୩୫ ଗୋଟି ଗ୍ରାମ ସମ୍ବନ୍ଧୀୟ ସମ୍ପର୍କରେ ରହିଥିଲା।ତତକ୍ଷଣାତ ୧୫ ଗୋଟି ର ସମାଧାନ କରାଯାଇଥିଲା।ଅନ୍ୟ ଅଭିଯୋଗ ଗୁଡିକ ର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା।ଏହି ଶୁଣାଣୀ ରେ ଏସ ପି ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମଓ ଡା ଅକ୍ଷୟ କୁମାର ଶତପଥି, ଡେଲାଙ୍ଗ ବିଡ଼ିଓ କ୍ଷିତିଶ ବେହେରା, ଡେଲାଙ୍ଗ ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ଭାରପ୍ରାପ୍ତ ଅଭିଯୋଗ ଶୁଣାଣୀ ଅଧିକାରୀ ପଞ୍ଚାନନ ପରିଜା ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।ସେପ୍ଟେମ୍ବର ୨୨ ତାରିଖରେ ଗୋପ ବ୍ଲକ ସମ୍ମିଳନୀ କକ୍ଷରେ ଦିବା ୧୦ ଘଟିକା ସମୟରେ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ଅଭିଯୋଗ ପ୍ରକୋଷ୍ଠ ସୂତ୍ରରୁ ପ୍ରକାଶ।

# ସୁସ୍ଥ ନାରୀ -ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ

ଆଳି, (ଭାସ୍କର ନ୍ୟୁଜ): ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ହେବାକୁ ଥିବା ସୁସ୍ଥ ନାରୀ - ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ସଫଳ କରିବା ନେଇ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ପ୍ରସ୍ତୁତି କରାଯାଉଛି । ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ଅନ୍ୟ ମାନଙ୍କ ମଧ୍ୟରେଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ମନୋରଞ୍ଜନ ରାଉତ, ଏ ଡ଼ି ଏମ ଓ ମେଡିକାଲ ଡ. ପି. କେ. ପ୍ରହରାଜ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ସଚ୍ଚିଦାନନ୍ଦ ମିଶ୍ର, ଡ. ଗୌରାଙ୍ଗ ଚରଣ ଗିରି, ଡ. ଶ୍ୟାମ ସୁନ୍ଦର ଟୁଡୁଙ୍କ ସମେତ ଜିଲ୍ଲା ପ୍ରୋଗ୍ରାମ ପରିଚାଳକ ଡ.ମନୋରଞ୍ଜନ ସାହୁ ବ୍ୟାପକ ଆଲୋଚନା କରିଛନ୍ତି, ପ୍ରଶାସନିକ ଅଧିକାରୀ ଦିଲୀପ କୁମାର ନାୟକ, ଫାଇନାସିଆଲ ଅଫିସର ଆଶୁତୋଷ ତ୍ରିପାଠୀ, ଜିଲ୍ଲା ଆକାଉଣ୍ଟସ ମ୍ୟାନେଜର ସର୍ବେଶ୍ୱର ପ୍ରଧାନ, ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତିରଞ୍ଜନ ପରିଡା, ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ, ଏପିଡେମିଓ଼ଲୋଜିଷ୍ଟ ଡ. ଅଶୋକ କୁମାର ସାହୁ, ଡ଼ିପିଏଚସିଓ଼ ଶୁଭ ନାରାୟଣ ନାୟକଙ୍କ ସମେତ ସମସ୍ତ ମେଡିକାଲ ଅଫିସର ଇନଚାର୍ଜ, ବି ପି ଏମ, ବି ଡ଼ି ଏମ, ପି ଏଚ ଇ ଓ଼,




ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ସମସ୍ତ ଆସିଷ୍ଟାଣ୍ଟ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ।ଏହି ଅଭିଯାନ ଜିଲ୍ଲାର ସମସ୍ତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସ୍ୱାସ୍ଥ୍ୟ ଉପକେନ୍ଦ୍ର ,ଗ୍ରାମାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ,ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର-କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ, ସବ ଡିଭିଜନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ପଟ୍ଟାମୁଣ୍ଡାଇ, ଜିଲ୍ଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେନ୍ଦ୍ରାପଡ଼ା ରେ ଶିଶୁ କନ୍ୟାଠାରୁ ଆରମ୍ଭ କରି ସମସ୍ତ ମହିଳା ଯେକୌଣସି ବୟସ ନିର୍ବିଶେଷରେ ଏହି ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇ ସେମାନଙ୍କର ଅଣ ସଂକ୍ରାମକ ରୋଗର ପରୀକ୍ଷା, ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ମାଧ୍ୟମରେ ଚିକିତ୍ସାସେବା, ରକ୍ତହୀନତାର ପରୀକ୍ଷା, କୁଷ୍ଠ ଓ଼ ଯକ୍ଷ୍ମା ଆଦି ରୋଗର ପରୀକ୍ଷା ଓ଼ ତା'ର ଚିକିତ୍ସାରେ ସାମିଲ ହୋଇପାରିବେଫ ଏହି ଅଭିଯାନରେ ରକ୍ତଦାନ ଶିବିର ମଧ୍ୟ ଆୟୋଜିତ ହେବଫ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜନସାଧାରଣ ମାନଙ୍କ ନିମନ୍ତେ ଅନୁରୋଧ କରାଯାଉଛି ସେମାନେ ଆସିବା ସମୟରେ ସେମାନଙ୍କର ଆଧାର କାର୍ଡ କିମ୍ବା ଆଭା ଆଇଡି ସାଙ୍ଗରେ ନେଇଆସିବେଫ ଯାହାଫଳରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଳ୍ପ ସମୟ ମଧ୍ୟରେ ସେମାନଙ୍କୁ ପଞ୍ଜିକରଣ କରି ଆବଶ୍ୟକୀୟ ପରୀକ୍ଷା ଓ଼ ଚିକିତ୍ସା କରାଯାଇପାରିବେଫ ମାନ୍ୟବର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟପ୍ରଦେଶର ଇନ୍ଦୋରଠାରେ ସେପଟେମ୍ବର ୧୭ ତାରିଖରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ କ୍ଷ ସେହିପରି ରାଜ୍ୟ ଓ଼ ଜିଲ୍ଲା ମହିଳା ଓ଼ ଶିଶୁ ବିଭାଗ ତରଫରୁ ପୋଷଣ କାର୍ଯ୍ୟକ୍ରମ ମଧ୍ୟ ଏଥିରେ ସାମିଲ ହୋଇଛି କ୍ଷ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ସୁଷମା ମହାନ୍ତିଙ୍କ ସମେତ ସମସ୍ତ ସି ଡ଼ି ପି ଓ଼ ଓ଼ ଜିଲ୍ଲା ସ୍ତରର କର୍ମଚାରୀ ବୈଠକରେ ସାମିଲ ଥିଲେ କ୍ଷ ଆଶା ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଜନ ସାଧାରଣ ସହଯୋଗ କରି ସୁସ୍ଥ ନାରୀ - ସଶକ୍ତ ପରିବାର ଅଭିଯାନ କୁ ସଫଳ କରିବେ ।

# ରାତି ଅଧରେ ଗୁଣ୍ଡାଗର୍ଦ୍ଦି, ଅଭିଯୁକ୍ତ ଗିରଫ

ଗୋପ, (ଭାସ୍କର ନ୍ୟୁଜ୍): ଗୋପ ବାଲିଘାଇ ରାସ୍ତାର ମଦରଙ୍ଗ ବଜାର ଉପରେ ଦୋକାନ କରିଥିବା ଦୁଇ ଦୋକାନକୁ ଭାଙ୍ଗି ଦେଇଛନ୍ତି ଦୁର୍ବୃତ୍ତ। ରାତି ଅଧରେ ଜେସିବି ଲଗାଇ ଦୋକାନ ନିକଟରେ ଥିବା ଘର ମାଲିକ ଗୁଣ୍ଡା ଡକାଇ ଡକାଇ ଦୁଇଟି ଦୋକାନ ଭାଙ୍ଗି ଦେଇଥିବା ବେଳେ ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିବା ବେଳେ ଦୋକାନରେ ସୋଇଥିବା ଦୁଇ ଦୋକାନୀ ମୃତ୍ୟୁ ମୁଖରୁ ଅଳ୍ପକେ ବଞ୍ଚିଯାଇ ଥିବା ଜଣାପଡ଼ିଛି । ଏହି ଘଟଣାକୁ ନେଇ ଉତ୍ୟକ୍ତ ଲୋକେ କାର୍ଯ୍ୟାନୁଷ୍ଠାନ ଦାବିକରି ସୋମବାର ସକାଳେ ଗୋପ-ବାଲିଘାଇ ରାସ୍ତାରୋକ କରିଥିଲେ । ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତକୁ ଗିରଫ କରିବାକୁ ଯାଇ ପୋଲିସ ମଧ୍ୟ ଠେଲାପେଲାର ଶିକାର ହୋଇଥିବା ଜଣାପଡିଛି। ପୋଲିସ ବଳ ପୂର୍ବକ




ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ ମଦରଙ୍ଗ ବଜାରରେ ନାଗପୁର ଗ୍ରାମର ପ୍ରହଲ୍ଲାଦ ସାହୁ ମିଠା ଦୋକାନ କରିଥିବା ବେଳେ ବନ୍ତଲିଗ୍ରାମ ଗ୍ରାମର ଜଟାଧାରୀ ସାହୁ ସାଇକେଲ ମରାମତି ଓ ଯନ୍ତ୍ରାଂଶ ସାମଗ୍ରୀ ଦୋକାନ କରିଥିଲେ। ଦୋକାନ ପାର୍ଶ୍ୱରେ କେଦାର ରାଉତଙ୍କ ସହ ଦୀର୍ଘ ଦିନଧରି ବିବାଦ ଲାଗିରହିଥିଲା। କେଦାର ବିଭିନ୍ନ ସମୟରେ ଦୋକାନ ହଟେଇବା ପାଇଁ ଧମକ ଦେଇ ଆସୁଥିବା ବେଳେ ରବିବାର ବିଳମ୍ବିତ ରାତିରେ ଜେସିବି ସାହାଯ୍ୟରେ ୧୦ରୁ ଉର୍ଦ୍ଧ୍ୱ ଗୁଣ୍ଡା ଶ୍ରେଣୀର ବ୍ୟକ୍ତିଙ୍କୁ ଡକାଇ ଦୋକାନ ଭାଙ୍ଗିଥିଲେ। ଦୋକାନରେ ଶୋଇଥିବା ଦୁଇ ଦୋକାନ ମାଲିକ ଗୁରୁତର ଆହତ ହୋଇ ମଧ୍ୟ ଏହାକୁ ବିରୋଧ କରିଥିବା ବେଳେ ତାଙ୍କୁ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ପତ୍ରରୁ ଜଣାପଡିଛି । ପୋଲିସ କହିଛି। ଗୋପ ପୋଲିସ ଜେସିବି ସହିତ ଗୋଟିଏ ମୋଟରସାଇକେଲକୁ ଜବତ୍ କରି ତଦନ୍ତ ଚଳାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା କେଦାର ରାଉତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡ଼ିଆରୀ ସୂଚନା ଦେଇଛନ୍ତି ।

## ବଜ୍ରାଘାତରେ ଚାଷୀ ମୃତ



ଆଳି, (ଭାସ୍କର ନ୍ୟୁଜ ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅଧୀନ ମହୁ ଗ୍ରାମର ଜଣେ ଚାଷକାର୍ଯ୍ୟ ନିମନ୍ତେ ବିଲକୁ ଯାଉଥିବା ବେଳେ ବଜ୍ରାଘାତରେ ମୃତ୍ୟୁବରଣ କରିଥିବା ନେଇ ତାଙ୍କ ପୁଅ ଆଳି ଥାନାରେ ଏତଲା ଦେଇଛନ୍ତ। ଏତଲା ସୂତ୍ରରୁ ପ୍ରକାଶ ଯେ ଆଳି ଥାନା ଅଧୀନ ମହୁ ଗ୍ରାମର ଗୌରାଙ୍ଗ ସାମଲ (୬୭) ଆଜି ମଧ୍ୟାହ୍ନ ସମୟରେ ଚାଷ କାର୍ଯ୍ୟ ନିମନ୍ତେ ବିଲକୁ ଯାଇଥିବା ବେଳେ ବଜ୍ରାଘାତରେ ମୃତ୍ୟୁ ବରଣ କରିଥିବା ନେଇ ଗୌରାଙ୍ଗଙ୍କ ପୁଅ ତ୍ରିଲୋଚନ ଆଳି ଥାନାରେ ଏତଲାରେ ଦର୍ଶାଇଛନ୍ତି।ଏତଲା ଆଧାରରେ ଆଳି ପୋଲିସ ଶବ ଜବତ କରିବା ସହ ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିବା ନେଇ ଆଳି ଥାନାଧିକାରୀ ଧୀରାଜ କୁମାର ଲେଙ୍କା ସୂଚନା ଦେଇଛନ୍ତି।

## ଆରମ୍ଭ ହୋଇଛି ଦୁର୍ଗୋତ୍ସବ, ଶକ୍ତିପୀଠ ଓ ଦେବୀପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା

ଟାଙ୍ଗୀ , (ଭାସ୍କର ନ୍ୟୁଜ୍): ଗତକାଲି ଠାରୁ ବିଭିନ୍ନ ଶକ୍ତି ପୀଠ ଓ ଦେବୀ ପୀଠ ମାନଙ୍କରେ ଦୁର୍ଗାସ୍ତୋବ ପାଇଁ ଷୋଡଶ ଉପଚାର ପୂଜାର୍ଚ୍ଚନା କରାଯାଉଛି । ଖୋର୍ଦ୍ଧା ଜିଲ୍ଲାର ଭୂଷଣ୍ଡପୁର ର ମା' ଉଗ୍ରତାରା ମନ୍ଦିର , ଟାଙ୍ଗୀ ଗ୍ରାମର ମା' ଚଣ୍ଡୀ ମନ୍ଦିର ଓ ମା' ମଙ୍ଗଳା ମନ୍ଦିରରେ ବିଦ୍ୱାନ ପଣ୍ଡିତ ମାନଙ୍କ ଦ୍ୱାରା ଦୁର୍ଗାସ୍ତୋବ ନିମିତ୍ତ ଗତକାଲି ଶହସ୍ର କୁମ୍ଭ ବରଣ କରାଯାଇ ପୂଜାର୍ଚ୍ଚନା ଆରମ୍ଭ ହୋଇ ଯାଇଛି । ପୁର ପଲ୍ଲୀର ସମସ୍ତ ଦେବୀ



ପୀଠ ଓ ଶକ୍ତି ପୀଠ ମାନଙ୍କରେ ଏହି ପୂଜା କରାଯାଉଛି , ତେଣୁ ପ୍ରତ୍ୟେକ ଦେବୀ ପୀଠ ମାନଙ୍କରେ ଭକ୍ତମାନଙ୍କ ଗହଳି ଚହଳି ଦେଖିବାକୁ ମିଳିଛି । ଜଗତଜନନୀ ମା' ଦୁର୍ଗା ଧରାବତରଣ କରନ୍ତି ତେଣୁ ଦୁର୍ଗାସ୍ତୋବ ପାଳନ ପାଇଁ ଗତକାଲି ଠାରୁ ୧୬ ଦିନ ବ୍ୟାପୀ ଦେବୀ ମା' ବିଭିନ୍ନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି । ମାନସିକଧାରୀ ମାନେ ମା' ଙ୍କର ଆଶୀଷ ପାଇବା ପାଇଁ ବ୍ରତ ପାଳନ କରୁଛନ୍ତି ।

# ଦୁଇଟି ସ୍କୁଟି ସହ ୨୫କିଲୋ ଗଞ୍ଜେଇ ଜବତ



ଆସିକା, (ଭାସ୍କର ନ୍ୟୁଜ୍): ଅବକାରୀ ଅଧୀକ୍ଷକ ଗଞ୍ଜାମ ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶ କ୍ରମେ ଆସିକା ଅବକାରୀ ଇନ୍ସପେକ୍ଟର ଡ଼ମ୍ବୁରୁ ଧର ହରିଜନ ଓ ଓଆଇସି ଆସିକା ରାକେଶ ଖୁଣ୍ଟିଆ ପୂର୍ବସୂଚନା ମୁତାବକ ଦୁଇଟି ଭିନ୍ନ ସ୍ଥାନରୁ ୨୫ କିଲୋ ଗଞ୍ଜେଇ ସହ ଦୁଇଟି ସ୍କୁଟି ଓ ଦୁଇ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ପ୍ରକାଶ ଥାଉକି ପୂର୍ବ ସୂଚନା ମୁତାବକ ଅବକାରି ଓଆଇସି ଆସିକା ଥାନା କର୍ଣ୍ଣଲି ଛକ ଠାରେ ସନ୍ଦେହରେ ଗୋଟିଏ ପଞ୍ଜିକୃତ ନମ୍ବର ନଥିବା ଟିଭିଏସ ଜୁପିଟର ସ୍କୁଟିକୁ ଅଟକାଇ ଯାଞ୍ଚ ସମୟରେ ସେଥିରୁ ୧୫ କିଲୋଗ୍ରାମ ଗଞ୍ଜେଇ ସହ ଛତ୍ରପୁର ଅଞ୍ଚଳର ବିକ୍ରମ ବେହେରା (୩୪) କୁ ଗିରଫ କରି ଅବକାରୀ ଥାନା କେସ ନମ୍ବର ୧୬୦/୨୫ ରେ ମାମଲା ରୁଜୁ କରିବା ସହ କୋର୍ଟ ଚାଲାଣ କରିଛି। ଉକ୍ତ ଗଞ୍ଜେଇ କନ୍ଧମାଳରୁ ବ୍ରହ୍ମପୁର ଯାଉଥିବା ନେଇ ସୂଚନା ରହିଛି। ଅନୁରୂପ ପୂର୍ବସୂଚନା ମୁତାବକ ଆସିକା ଥାନା ସୁମନ୍ତପଲ୍ଲୀ ଠାରେ ଓଡି ୩୨ ଏଫ ୫୫୦୮ ନମ୍ବର ବିଶିଷ୍ଟ ଏକ ଲାଲ ରଙ୍ଗର ହୋଣ୍ଡା ଗ୍ରାଜିଆ ସ୍କୁଟିକୁ ଅଟକାଇ ଯାଞ୍ଚ ସମୟରେ ୧୦ କିଲୋଗ୍ରାମ ଗଞ୍ଜେଇ ସହ ବୁଗୁଡ଼ାର ତ୍ରିନାଥ ପ୍ରଧାନ(୪୫ )କୁ ଗିରଫ କରି ଅବକାରୀ ଥାନା କେସ ନମ୍ବର ୧୬୧/୨୫ରେ ମାମଲା ରୁଜୁ କରିବା ସହ କୋର୍ଟ ଚାଲାଣ କରିଛି। ଉକ୍ତ ଗଞ୍ଜେଇ କନ୍ଧମାଳରୁ ବୁଗୁଡ଼ା ଯାଉଥିବା ନେଇ ସୂଚନା ରହିଛି। ମୋଟ ୨୫ କିଲୋଗ୍ରାମ ଗଞ୍ଜେଇ ଏବଂ ଦୁଇଟି ସ୍କୁଟି ଜବତ କରିବା ସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଉଭୟଙ୍କୁ କୋର୍ଟରେ ହାଜର କରାଯାଇଛି। ସହ ଭଳି ଆସିକା ଅଞ୍ଚଳର କିଛି ପୁରୁଣା ଓ ନୂଆ ବେପାରୀ ମାନଙ୍କ ଦ୍ୱାରା ଆସିକା ସହ ବାହାର ରାଜ୍ୟକୁ ଚାଲାଣ ହୋଇଥିବା ବିଶ୍ୱସୂତ୍ରରୁ ଖବର ରହିଛି।

## ଟାଟା ବିଲ୍ଡିଂ ଇଣ୍ଡିଆ କମ୍ପାନୀ ତରଫରୁ ପ୍ରବନ୍ଧ ପ୍ରତିଯୋଗିତା



ବୌଦ୍ଧ , (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ସମ୍ପୋଚ ରେଟିସିଏସ୍ କମ୍ପାନୀ ତରଫରୁ 'ଆତ୍ମ ନିର୍ଭର ଶୀଳ ଭାରତ ତିଆରି କରିବା ପାଇଁ ମୁଁ ଏଇ ପାଞ୍ଚୋଟି କାର୍ଯ୍ୟ କରିବି' ବିଷୟରେ ଏକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରଜନୀକାନ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ବିଦ୍ୟାଳୟର ଷଷ୍ଠରୁ ଅଷ୍ଟମ ଜୁନିଅର ଗ୍ରୁପ୍ ଓ ନବମ ଦଶମ ପର୍ଯ୍ୟନ୍ତ ସିନିଅର ଗ୍ରୁପ୍ ରେ ଛାତ୍ର ଛାତ୍ରୀ ମାନେ ଭାଗନେଇ ଜୁନିଅର ଗ୍ରୁପ୍ ରେ ରାହୁଲ ବେହେରା ପ୍ରଥମ, ସ୍ନେହାରାଣି ମହାକୁଡ ଦ୍ୱିତୀୟ,ସୁନିଲ ଅମାତ ତୃତୀୟ ସ୍ଥାନରେ ଓ ସିନିଅର ଗ୍ରୁପ୍ ରେ ପ୍ରଭାତ ମହାନନ୍ଦିଆ ପ୍ରଥମ,ଲକ୍ଷ୍ମୀପ୍ରିୟା ଜଗଦଳା ଦ୍ୱିତୀୟ, ଡେଜାଲିନ ଭୋକ୍ରା ତୃତୀୟ ସ୍ଥାନ ଅଧିକାର କରି କମ୍ପାନୀ ତରଫରୁ ମେଡାଲ ଓ ପ୍ରମାଣ ପତ୍ର ହରେକୃଷ୍ଣପୁର ସି ଆର ସି ସି ନୀଳାଚଳ ବିହାରୀ ମିଶ୍ରଙ୍କ ଠାରୁ ଗ୍ରହଣ କରି ବିଦ୍ୟାଳୟର ଗୌରବ ବଢାଇଛନ୍ତି। କମ୍ପାନୀର ପ୍ରତିନିଧି ଭାବେ ସୁମନ କୁମାର ପ୍ରଧାନ ଯୋଗଦେଇ ସମସ୍ତ କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ବିଜୟ କୁମାର ସାହୁ, ବିଭୂତି ଭୂଷଣ ପ୍ରଧାନ, ବିଶ୍ୱଜିତ୍ ଲଉରିଆ,ନିରଞ୍ଜନ ଜେନା, ବଂଶୀଧର ପାଢ଼ୀ,ପ୍ରିୟଙ୍କା ଚଂପତିରାୟ ,ସୁନିଲ ମହାକୁଡ, ଧରଣୀଧର ସାହୁ, ପ୍ରଫୁଲ୍ଲ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଉଦ୍ୟାନ କୃଷି ସାଜିଲା ସ୍ୱାବଲମ୍ବନର ମାଧ୍ୟମ

ରାମନାଗୁଡ଼ା, (ଭାସ୍କର ନ୍ୟୁଜ୍): ଉଦ୍ୟାନ କୃଷି ସାଜିଲା ସ୍ୱାବଲମ୍ବନ ର ମାଧ୍ୟମ , ପନିପରିବା ଚାଷ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ରାମନାଗୁଡ଼ା ବ୍ଲକ କାମାନଗୁଡା ର ସଫଳ ଚାଷୀ ବାମ୍ପନା ଗମାଙ୍ଗ ।ବାମ୍ପନା ପୂର୍ବରୁ କପା ଚାଷ କରିବା ସହ ଦିନ ମଜୁରିଆ ଭାବେ କାର୍ଯ୍ୟରତ ଥିଲେ।କପା ଚାଷ ରେ ବିଶେଷ ଲାଭ ନଥିବା ହେତୁ ପନିପରିବା ଅନ୍ୟ ଉଦ୍ୟାନ କୃଷି ଭିତ୍ତିକ ଚାଷ ପାଇଁ ମନ ବଳାଇଥିଲେ।ଉଦ୍ୟାନ କୃଷି ବିଭାଗ ସହାୟତା ରେ ସେ ନିଜ ଦୁଇ ଏକର ପରିମିତ ଜମିରେ ବିଭିନ୍ନ ପନିପରିବା ଯଥା ଭେଣ୍ଡି,କାକୁଡି, ଟମାଟୋ ,ବାଇଗଣ,ଜହ୍ନି,ଝୁଡୁଙ୍ଗ,ପୋଟଳ ଆଦି ଚାଷ ସହ କାଜୁ ବଗିଚା ପ୍ରତିଷ୍ଠା କରିଛନ୍ତି ।ନିଜ କ୍ଷେତ ରୁ ଅମଳ ହେଉଥିବା ପନିପରିବା କୁ ସ୍ଥାନୀୟ ରାମନାଗୁଡ଼ା ବଜାରରେ ବିକ୍ରି କରି ଭଲ ରୋଜଗାର କରୁଛନ୍ତି। ବାମ୍ପନା କ୍ଷେତ ରେ କମ୍ ସାର୍ ଓ କୀଟନାଶକ ପ୍ରୟୋଗ କରି ଚାଷ କରୁଥିବାରୁ ତାଙ୍କ ଅମଳ ପନିପରିବା ର ସ୍ଥାନୀୟ ଅଞ୍ଚଳ ରେ ସ୍ୱତନ୍ତ୍ର ଚାହିଦା ରହିଛି ।ରାଜ୍ୟ ସରକାରଙ୍କ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଚାଷ ନିମନ୍ତେ ଶଙ୍କର ଜାତୀୟ କିସମର ବିହନ ,ଆର୍ଥିକ ସହାୟତା ସହ ନୂତନ ଜ୍ଞାନ କୌଶଳ ଉପରେ ସୂଚନା ଦିଆଯାଉଥିବା କହିଚନ୍ତି ଚାଷୀ ବାମ୍ପନା ।ଖରିଫ ଋତୁ ରେ ନିକଟସ୍ଥ ନାଳ ରୁ ମୋଟର ସାହାଯ୍ୟ ରେ ପାଣି ନେଇ ଚାଷ ହେଉଥିବା ବେଳେ ରବି ଋତୁ ରେ ନାଳ ଶୁଖି ଯାଇଥାଏ ଓ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି ତେଣୁ ସରକାରଙ୍କ ପକ୍ଷରୁ ଜଳସେଚନ ବ୍ୟବସ୍ଥା କରିଲେ ଆଖପାଖ ର ଅନ୍ୟ ପରିବା ଚାଷୀ ମଧ୍ୟ ଉପକୃତ ହେବେ ବୋଲି ଅନୁରୋଧ କରିଛନ୍ତି । ଗତ ଆଦିବାସୀ ମେଳା ରେ ସଫଳ ଚାଷୀ ରୁପେ ମୁଖ୍ୟମନ୍ତ୍ରୀ ଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି ବାମ୍ପାନା ଗମାଙ୍ଗ ।



# ଜାତୀୟ କଂଗ୍ରେସର 'ସଂଗଠନ ସୃଜନ ଅଭିଯାନ'




ବୌଦ୍ଧ , (ଭାସ୍କର ନ୍ୟୁଜ୍): ଜାତୀୟ କଂଗ୍ରେସ ପକ୍ଷରୁ ବୌଦ୍ଧ ଜିଲ୍ଲା ଚାରିଛକ ଅଂଶୁଳା ଠାରେ ସଂଗଠନ ସୃଜନ ଅଭିଯାନ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି କ୍ଷ ଅନୁଷ୍ଠିତ ସମ୍ମିଳନୀ ରେ ମୁଖ୍ୟ ଅତିଥିଭାବେ ଦିଲ୍ଲୀ ରୁ ଏ ଆଇ ସି ସି ଅଧକ୍ଷ ଶ୍ରୀନିବାସ ବି ଭି ମଂଚାସୀନ ଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରଦେଶ ର ପୂର୍ବତନ ସମ୍ପାଦକ ଆକବର ଖାଁ ଓ ବୌଦ୍ଧ ଜିଲ୍ଲା ସଂଗ୍ରେସ ସଭାପତି ନବ କୁମାର ମିଶ୍ର ଉପସ୍ଥିତ ରହିଥିଲେ କ୍ଷ ଉକ୍ତ ସାମ୍ବାଦିକ ସମ୍ମିଳନୀ ରେ ମୁଖ୍ୟ ଲକ୍ଷ କୁ ନେଇ ଜିଲ୍ଲା ଓ ରାଜ୍ୟ ରେ କିପରି କଂଗ୍ରେସ ର ସଂଗଠନ ମଜଭୁତ ରହିବ ସେ ନେଇ ଦୀର୍ଘ ୪ଦିନ ଧରି ପ୍ରତି ଗାଁ ଗଣ୍ଡା କୁ ସର୍ଭେ କରାଯାଉଥିବା ସହ ସଂଗ୍ରେସ ସମର୍ଥକ ଙ୍କୁ ଭେଟୁଥିବା ଏବଂ ଜିଲ୍ଲାର କୃଷି କୃଷକ, ମେଗା ପ୍ରକଳ୍ପ, ଦୂଷିତ ଜଳ ରୁ କିଡ଼ନୀ ରୋଗ ଓ ସାର ସମସ୍ୟା ସମେତ ଜିଲ୍ଲା ଡାଇଗୋସିସ ବିଭାଗ ରେ ଡାକ୍ତର ଅଭାବ ନେଇ ବିଜେପି ସରକାର ର ଅପାରଗତା ନେଇ ଏପରି ଘଟୁଥିବା ନେଇ ବର୍ଷି ଥିଲେ କ୍ଷ ଅନ୍ୟ ପଟେ ପିଜେପି ସରକାର ଭୋଟ ଚୋର ଓ ଗାଦି ଚୋର ଏହି ନାରା ରେ ଆଗାମୀ ଦିନରେ ବିଜେପି ର ସବୁ ପୋଲ ଖୋଲିବା ଓ ଗାନ୍ଧୀ ନୀତି ଆଦର୍ଶ ରେ ପୁଣି କଂଗ୍ରେସ ସରକାର ଦଳ ମଜଭୂତ କରି ଜିତିବ ଏବଂ ଜିଲ୍ଲାର ର ମେଗା ପ୍ରକଳ୍ପ ଓ ଡାକ୍ତରୀ ଅଭାବ ଙ୍କୁ ନେଇ ଭୁବନେଶ୍ୱର ଓ ଦିଲ୍ଲୀ ରେ ବରିଷ୍ଠ ଦଳୀୟ କର୍ମୀ ଙ୍କ ଦୃଷ୍ଟି ଆକର୍ଷଣ କରିବା ନେଇ ମତ ରଖିଥିଲେ।

# ମିରର ଅଫ୍ ମାଲକାନଗିରିର ଜିଲ୍ଲାସ୍ତରୀୟ ବୈଠକ

ମାଲକାନଗିର, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସଦରସ୍ଥିତ ସଂସ୍କୃତି ଭବନ ଠାରେ ମିରର ଅଫ୍ ମାଲକାନଗିରି ସଂଗଠନ ର ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ଅନୁଷ୍ଠାନ ଏକ ହ୍ୱାଟସ ଅପ୍ ଗ୍ରୁପ୍ କୁ ନେଇ ଗଠିତ, ଏହି ସଂଗଠନ କୁ କେ. ଦେଶୀ ରାଜୁ ଆଚରି (ରାଜା ଭାଇ) ୨୦୨୦ ମସିହା ରେ ଆରମ୍ଭ କରିଥିଲେ କ୍ଷଏହି ସଂଗଠନ ର ମୁଖ୍ୟ ଲକ୍ଷ୍ୟ ଗାଁ ଆମର, ସମସ୍ୟା ଆମର, ସମାଧାନର ପ୍ରାୟାସ ମଧ୍ୟ ଆମର ବାର୍ତ୍ତା କୁ ଗାଁ ରୁ ଜିଲ୍ଲା ସଦର ପର୍ଯ୍ୟନ୍ତ ପହଞ୍ଚାଇବା କ୍ଷ ଗାଁ ରେ ଛୋଟ ବଡ ସମସ୍ୟା ଯାହାକି କୌଣସି କାରଣ ରୁ ଲୋକଲୋଚନକୁ ଆସି ପାରୁ ନାହିଁ ଏବଂ ସମାଧାନ ପାଇଁ କିଏ




ଚେଷ୍ଟା ମଧ୍ୟ କରୁ ନ ଥିବା ପରିଲକ୍ଷିତ କରି ଗ୍ରୁପ୍ ଗଠନ କରାଯାଇଛି କ୍ଷ ଏହି ଗ୍ରୁପ୍ ରେ ଗ୍ରାମ ପଞ୍ଚାୟତ ଠାରୁ ଆରମ୍ଭ କରି ଜିଲ୍ଲାସ୍ଥରିୟ ସରକାରୀ ଅଧିକାରୀ ଓ ଜନ ପ୍ରତିନିଧି ତଥା ଜିଲ୍ଲାର ବିଭିନ୍ନ ସଙ୍ଗଠନ ର କର୍ମକର୍ତା ମାନଙ୍କୁ ସାମିଲ କରାଯାଇଛି କ୍ଷ ଏବଂ ଗାଁ ଓ ଜିଲ୍ଲା ର ବୁଦ୍ଧିଜୀବୀ, ସାମ୍ବାଦିକ ବନ୍ଧୁ, ସମାଜସେବୀ ମାନଙ୍କୁ ମଧ୍ୟ ସାମିଲ କରାଯାଇଛି କ୍ଷ ସମସ୍ତ ଙ୍କ ସହ ଯୋଗାଯୋଗ ର ଶୁତ୍ର ହୋଇ ପାରିଛି କ୍ଷ ସମସ୍ତଙ୍କୁ ଅନୁରୋଧ କରାଯାଇଛି କେବଳ ସ୍ଥାନୀୟ ସମସ୍ୟା ଛଡ଼ା ଅନ୍ୟ କୌଣସି ସମସ୍ୟା ପୋଷ୍ଟ କରାଇବାକୁ ମଧ୍ୟ ବାରଣ କରାଯାଇଛି କ୍ଷ ଜାତି, ଧର୍ମ ଓ ରାଜନୀତି ରୁ ଉର୍ଦ୍ଧରେ ଲୋକଙ୍କ ସମସ୍ୟାକୁ କୁ ପ୍ରକ୍ଷଧକ୍ଷନ୍ୟ ଦିଆଯାଇଛି କ୍ଷ ଲୋକଙ୍କ ସମସ୍ୟା ଫୋଟ କିମ୍ବା ଭିଡ଼ିଓ କରି ସମସ୍ୟା ବିଷୟ ରେ ଅବଗତ କରାଇଲେ ସଂପୃକ୍ତ ଅଧିକାରୀ ତୁରନ୍ତ ଏହାର ସମାଧାନ କରୁଛନ୍ତି କ୍ଷ ଏହି ନିସ୍ୱକ୍ଷର୍ଥ ପର ସେବା ପାଇଁ ବିଗତ ୫ ବର୍ଷ ଭିତରେ ଜଣେ ଜଣେ କରି ୯୫୦ଜଣ ସଦସ୍ୟ ଯୋଡ଼ି ହେକ୍ଷଇଛନ୍ତି କ୍ଷ ସମସ୍ତେ ନିଜ ନିଜ ଦାୟିତ୍ୱ ତୁଲାଇ ଏକ ସୁସ୍ଥ ସମାଜ କରିବାର ର ସହାୟକ ହୋଇପାରିଛନ୍ତି କ୍ଷ ଏହି ସ୍ୱଚ୍ଛ ଓ ନିର୍ମଳ ବିଚାରକୁ ଗାଁ ସ୍ତରରେ ପହଞ୍ଚାଇବା ପାଇଁ ସଦସ୍ୟ ମାନଙ୍କ ମତାମତ କ୍ରମେ ବ୍ଲକ ସ୍ତରୀୟ ଠାରୁ ଆରମ୍ଭ କରି ଆଜି ଜିଲ୍ଲା ସ୍ତରୀୟ ବୈଠକ ହୋଇଯାଇଛି କ୍ଷ ଏହି ସଂଗଠନ ର ଗ୍ରୁପ୍ ମାଲକାନଗିରି ଜିଲ୍ଲା ବାସୀଙ୍କ ଗ୍ରୁପ୍ ,ଏଠାରେ ସମସ୍ତେ ସମାନ କ୍ଷ ତେଣୁ ଦିନକୁ ଦିନ ଏହି ଗ୍ରୁପ୍ ଟି ଲୋକ ପ୍ରିୟଭାଜନ ହୋଇପାରିଛି ।

# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବେତନଟୀ, (ଭାସ୍କର ନ୍ୟୁଜ): ବେତନଟୀ ଥାନା ଅଧୀନ ବେତନଟୀ ସ୍ଥିତ ବଙ୍ଗଳାଛକ ସତସଙ୍ଗବିହାର ଠାରେ ଦିନିକିଆ ଗସ୍ତରେ ଆସିଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବେତନଟୀ ମଣ୍ଡଳ ପକ୍ଷରୁ ଭାବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଶତାଧିକ ଛାତ୍ରଛାତ୍ରୀ, ପୁରୁଷ ଏବଂ ମହିଳା ପୁଷ୍ପବୃଷ୍ଟି କରି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରିବା ବ୍ୟବସ୍ଥାକୁ ଦେଖି କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତପ୍ରଧାନ ସନ୍ତୋଷ ବ୍ୟକ୍ତ କରି ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡ଼ା ଙ୍କୁ ପାଖକୁ ଡାକି ଉତ୍ତରୀୟ ଦେଇ ଧନ୍ୟବାଦ ଅର୍ପଣ



କରିଥଲେ । ଏହି ଅବସରରେ ମାନ୍ୟବର ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ, ବଡସାହି ବିଧାୟକ ସନାତନ ବିଜୁଳି, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଙ୍କ ସମେତ ମୟୁରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ, ମୟୁରଭଞ୍ଜ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଆଦିବାସୀ ନୃତ୍ୟ , ଧୁମ୍ସା ଓ ମାଦଳ ତାଳେ ତାଳେ ନେଇ ମନ୍ତ୍ରୀଙ୍କୁ ଭ୍ୱ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲ୍ଲା ସଭାପତି ନିହାର ମୋଦି, ପ୍ରାକ୍ତନ ଜିଲ୍ଲାସଭାପତି କାନ୍ଦ୍ରା ସୋରେନ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ବ୍ରଜମୋହନ ବେହେରା, ୩୬ ନମ୍ବର ମଣ୍ଡଳ ସଭାପତି ରାଜୀବ ନନ୍ଦୀ, ଚନ୍ଦ୍ର ଶେଖର ବେରା, କ୍ଷିତୀଶ ମହାନ୍ତ, ନିରଞ୍ଜନ ମହାନ୍ତି, ସଂଜୀବ ଜେନା, ରାକେଶ ମହାନ୍ତ , କେଶବ ନାଥ, ବିକାଶ ଦାସ, ପ୍ରଶାନ୍ତ ନାଥ, ମନୋଜ ପଣ୍ଡା , ଚନ୍ଦନ ସେଠୀ , ଙ୍କ ସହିତ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସୁରକ୍ଷା ଦୃଷ୍ଟିରୁ ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତ ସଦଳବଳେ ଉପସ୍ଥିତ ଥିଲେ।

## ସରକାରଙ୍କ ପାଖରେ ଯଥେଷ୍ଟ ସାର ଅଛି: ସମବାୟ ମନ୍ତ୍ରୀ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ସରକାରଙ୍କ ପାଖରେ ଯଥେଷ୍ଟ ସାର ଅଛି ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି। ସରକାର ପାଖରେ ଆହୁରି ୧ ଲକ୍ଷ ୮୦ ହଜାର ଟନ ସାର ମହଜୁଦ ଅଛି । ଗତ ବର୍ଷ ଚଳିତ ମାସ ସୁଦ୍ଧା ୮ ଲକ୍ଷ ୫୦ ହଜାର ଟନ ସାର ବଂଟା ଯାଇଥିଲା। ଚଳିତ ବର୍ଷ ୧୦ ଲକ୍ଷ ୮୫ ହଜାର ଟନ ସାର ବଂଟା ସରିଲାଣି। ପର୍ଯ୍ୟପ୍ତ ସାର ମହଜୁଦ ଅଛି । ଆବଶ୍ୟକ ହେଲେ ଆହୁରି ସାର ମଗେଇବୁ। ବିରୋଧୀ ଲୋକ ସାର ନାହିଁ ବୋଲି ନେରେଟିଭ ତିଆରି କରୁଛନ୍ତି। ଚଳିତ ବର୍ଷ ଅଧିକ ଧାନ ଚାଷ କରାଯାଇଛି। ଆଗୁଆ ବର୍ଷା ଯୋଗୁଁ ଶୀଘ୍ର ସାରର ଦରକାର ହେଲା । ଡିଲରଙ୍କ ଉପରେ ତୀକ୍ଷ୍ଣ ନଜର ଅଛି। ଯେଉଁଠି ସାର କଳାବଜାରୀ ହେବ ଆକ୍ସନ ହେବ। ସେହିପରି ବିଜେଡିର ଆନ୍ଦୋଳନ ନେଇ ସେ କହିଛନ୍ତି ଲୋକେ ସବୁ ଜାଣୁଛନ୍ତି, ବିଜେଡି ଯେତେ ସୋ ବାଜି କଲେ ବି ଲାଭ ଦେବ ନାହିଁ ।

## ଓଡ଼ିଶା ଗସ୍ତରେ ବିଜେପି ରାଷ୍ଟ୍ରୀୟ ସାଧାରଣ ସଂପାଦକ ଅରୁଣ ସିଂ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଓଡ଼ିଶା ଗସ୍ତରେ ବିଜେପି ରାଷ୍ଟ୍ରୀୟ ସାଧାରଣ ସଂପାଦକ ଅରୁଣ ସିଂ। ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଯୋଗ ଦେବେ ଅରୁଣ ସିଂ। ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ପ୍ରତିକ୍ରିୟା ଦେଇ ଅରୁଣ ସିଂ କହିଛନ୍ତି ଯେ, ଜିଏସଟିକୁ ନେଇ ବହୁତ୍ ବଡ଼ ପରିବର୍ତ୍ତନ ହୋଇଛି। ଚାଷୀ ଏବଂ ସାଧାରଣ ଲୋକ ଏଥିରେ ସୁଫଳ ପାଇବେ। ଭୋକାଲ ଫର୍ ଲୋକାଲ ମାଧ୍ୟମରେ ଲୋକ କିଭଳି ସ୍ୱଦେଶୀ ଜିନିଷ ଆପଣେଇବେ ସେନେଇ ମଧ୍ୟ କାର୍ଯ୍ୟକ୍ରମ ହାତକୁ ନିଆଯିବ ।ଲୋକଙ୍କ ପାଖରେ କିପରି ଏହାର ସୁଫଳ ପହଞ୍ଚିପାରିବ ସେନେଇ ଚର୍ଚ୍ଚା ଆଲୋଚନା କରାଯିବ। ସେ କହିଛନ୍ତି ଯେ, ଓଡ଼ିଶାରେ ବିଜେପି ସରକାର ଭଲ କାମ କରୁଛି। ସଂଗଠନ କ୍ଷେତ୍ରରେ ମଧ୍ୟ ଭଲ କାର୍ଯ୍ୟ ହୋଇଛି। ସବୁ ଧୀରେ ଧୀରେ କରାଯିବ।

## ବଜ୍ରାଘାତରେ ଜଣେ ମୃତ ଜଣେ ଗୁରୁତର

ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଧଳପୁର ଗ୍ରାମର ଦୁଇଜଣ ଚାଷୀ ବଜ୍ରାଘାତରେ ଜଣେ ମୃତ ଜଣେ ଗୁରୁତର ଅବସ୍ଥାରେ ଚିକିତ୍ସାଳୟରେ ଭର୍ତ୍ତି। ସୂଚନା ଅନୁଯାୟୀ ଧଳପୁର ଗ୍ରାମର ଗୋବିନ୍ଦ ମହାକୁଡ଼ ଓ ଟୁକୁନା ଦେହୁରୀ ଚାଷଜମିକୁ ସାର ପକାଇବାକୁ ଯାଇଥିବା ବେଳେ ସୋମବାର ଅପରାହ୍ନରେ ଉଭୟ ବଜ୍ରାଘାତର ଶିକାର ହୋଇଥିଲେ । ପାଖରେ ଥିବା ସାଥି ଚାଷୀ ମାନେ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ଗୋବିନ୍ଦ ମହାକୁଡ଼ଙ୍କୁ ମୃତ ଘୋଷଣା କରିଥିବା ବେଳେ ଟୁକୁନାଙ୍କ ଚିକିତ୍ସା ଜାରି ରହିଥିବା ଜଣାପଡିଛି ।

## କରଣ ସମାଜର ନୂଆଁଖାଇ ଭେଟଘାଟ



କୋକସରା, (ଭାସ୍କର ନ୍ୟୁଜ୍): କୋକସରା ବ୍ଲକ ଅନ୍ତର୍ଗତ ରେଙ୍ଗାଲପାଲିଠାରେ ଆଞ୍ଚଳିକ କରଣ ସମାଜ ତରଫରୁ ଏକ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଡୋଶୀ ଛତିଶଗଡ଼ ରାଜ୍ୟ ସମେତ ନବରଙ୍ଗପୁର ଜିଲ୍ଲାରୁ ଓ ଧର୍ମଗଡ଼ ଉପଖଣ୍ଡର ପ୍ରାୟ ୩୬ ଗୋଟି ଗ୍ରାମରୁ କରଣ ସମାଜର ସଭ୍ୟ ସଭ୍ୟା ମାନେ ଶତାଧିକ ସଂଖ୍ୟାରେ ଯୋଗ ଦେଇଥିଲେ। ଆଞ୍ଚଳିକ କରଣ ସମାଜର ସଭାପତି ସହଦେବ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ବଳରାମ ପଟ୍ଟନାୟକ, ଚିତ୍ତରଞ୍ଜନ ପଟ୍ଟନାୟକ, ମୁକୁନ୍ଦ ପଟ୍ଟନାୟକ, ଅଞ୍ଜନ ପଟ୍ଟନାୟକ, ମୁକ୍ତେଶ୍ୱର ପଟ୍ଟନାୟକ, ଶିଶୁଦେବ ପଟ୍ଟନାୟକ, ସମ୍ପାଦକ ନାରାୟଣ ପଟ୍ଟନାୟକ, ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ। ଅରବିନ୍ଦ ପଟ୍ଟନାୟକ ସଭାର ଆଭିମୁଖ୍ୟ ସମ୍ପର୍କରେ ଅଭିଭାଷଣ ରଖି ଥିବାବେଳେ ନୀଳକଣ୍ଠ ପଟ୍ଟନାୟକ ସ୍ୱଗତ ଅଭିଭାଷଣ ପ୍ରାଦନ କରିଥିଲେ, ଅକ୍ଷୟ ପଟ୍ଟନାୟକ ସଭାତୀକୁ ସଂଯୋଜନା କରିଥିବା ବେଳେ ରାଧାକାନ୍ତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ତୋଷ ମହାନ୍ତି, ଈଶ୍ୱରୀ ମହାନ୍ତି, ଘନଶ୍ୟାମ ପଟ୍ଟନାୟକ, ଅଭିମନ୍ୟୁ ପଟ୍ଟନାୟକ, ପ୍ରମୁଖ ମଞ୍ଚରେ ନିଜ ଜିଜର ଅଭିମତ ପ୍ରାଦନ କରିଥିଲେ। ଶେଷରେ ସମାଜ ପକ୍ଷରୁ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପରିସରରେ ମାଁ ପାଇଁ ଗଛଟିଏ କାର୍ଯ୍ୟକ୍ରମ ହୋଇଥିଲା। ଅଶ୍ୱିନୀ ମହାନ୍ତି ଉମେଶ ପଟ୍ଟନାୟକ ହଳଧର ପଟ୍ଟନାୟକ, ଯୁଗଳ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ପଥପ୍ରାନ୍ତ ନାଟକରେ ଖଣି ଖନନ ଓ ବିକାଶ ଦାବି

ନର୍ଲା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାରେ 'ଆମଦାନୀ ବନ୍ଦ କର, ଖଣି ଖନନ ଆରମ୍ଭ କର' ଆହ୍ୱାନ ଦେବା ସହିତ ଅଞ୍ଚଳର ବିକାଶ ଦାବି କରି ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଗ୍ରାମବାସୀମାନେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସ୍ଥାନୀୟ ବକ୍ସାଇଟ୍ ଖଣି ଆରମ୍ଭ କରିବା, ମହଙ୍ଗା ଆମଦାନୀ ବନ୍ଦ କରିବା ଏବଂ ଚାକିରି, ମର୍ଯ୍ୟାଦା ଏବଂ ବିକାଶ ପାଇଁ ସେମାନଙ୍କର ଦାବି ପ୍ରକାଶ କରିଛନ୍ତି। ଦୀର୍ଘ ଦିନ ଧରି ପଡ଼ି ରହିଥିବା ଗ୍ରାମସଭା ଡକାଯିବା ପାଇଁ ଆହ୍ୱାନ ଦେଇଛନ୍ତ। ନାଗରିକ ଅଭିବ୍ୟକ୍ତି ଏବଂ ବିକାଶମୂଳକ ତତ୍ପରତାର ଏକ ଆକର୍ଷଣୀୟ ପ୍ରଦର୍ଶନରେ କଳାହାଣ୍ଡିର ନର୍ଲାରୁ ରତ୍ନଗିରି ନାଟ୍ୟ ସଂସଦ, ଉର୍ଲିର୍ସିକା, ନର୍ଲା ଏବଂ ସମରକଟା ଗ୍ରାମରେ ପଥପ୍ରାନ୍ତ ନାଟକର ଏକ ଶୃଙ୍ଖଳା ମଞ୍ଚସ୍ଥ କରିଥିଲା। ସ୍ଥାନୀୟ ବକ୍ସାଇଟ୍ ଖଣି ଖୋଲିବାକୁ ଅନୁରୋଧ କରିଥିଲା




ଏବଂ ଆମଦାନୀ ଉପରେ ଭାରତର ମହଙ୍ଗା ନିର୍ଭରଶୀଳତାକୁ ତୁରନ୍ତ ସମାପ୍ତ କରିବାକୁ ଆହ୍ୱାନ ମଧ କରିଥିଲା।ବିଶ୍ୱ ସ୍ତରରେ ୫ ବିଲିୟନ ଟନ୍ ଅତିକ୍ରମ କରୁଥିବା କିଛି ସମୃଦ୍ଧ ବକ୍ସାଇଟ୍ ଭଣ୍ଡାର ଆୟୋଜନ କରିବା ସତ୍ତ୍ୱେ, ଭାରତ ବାର୍ଷିକ ୪.୫ ନିୟୁତ ଟନ୍ ମୂଲ୍ୟର ବକ୍ସାଇଟ୍ ଆମଦାନୀ କରିଆସୁଛି ଯେତେବେଳେ କଳାହାଣ୍ଡି ଭଳି ଜିଲ୍ଲା ଗୁଡ଼ିକ ଅନୁନ୍ନତର ସମ୍ମୁଖୀନ ହେଉଛନ୍ତି। ପାରମ୍ପରିକ ଲୋକ କଳା ମାଧ୍ୟମରେ ନାଟକ ପ୍ରଦର୍ଶନ ଜୋର ଦେଇଥିଲା ଯେ ଓଡ଼ିଶାରେ ଖଣି ଖନନ, ଦାୟିତ୍ୱପୂର୍ଣ୍ଣ ଭାବରେ କରାଯିବା ଦ୍ୱାରା ସ୍ଥାନୀୟ ନେତୃତ୍ୱାଧୀନ ଅଭିବୃଦ୍ଧି ହୋଇପାରିବ। ଲୋକମାନେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଥିଲେ: 'କେବଳ ଓଡ଼ିଶାରେ ବିଶ୍ୱର ସମୃଦ୍ଧ ବକ୍ସାଇଟ୍ ଜମା ଥିବା ବେଳେ ଭାରତ ପ୍ରତିବର୍ଷ ୪,୦୦୦-୫,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବକ୍ସାଇଟ୍ କାହିଁକି ଆମଦାନି କରିବ?' କଳାହାଣ୍ଡିରେ ଖଣି ଖୋଲିବା ପାଇଁ ସ୍ଥାନୀୟ ଲୋକଙ୍କ ମୁଖ୍ୟ ଦାବିକୁ ପ୍ରଦର୍ଶନ କରାଯାଇ ଥିଲା।

## ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଗୀତା ଆବୃତ୍ତି ପ୍ରତିଯୋଗିତା



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାଲାଜୀ ବିହାର ପରିସରରେ ଭବାନୀପାଟଣାର ପ୍ରଜ୍ଞାନ ମିଶନ ପକ୍ଷରୁ ସପ୍ତମ ବାର୍ଷିକ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ତିନୋଟି ବର୍ଗରେ ବିଭିନ୍ନ ବିଦ୍ୟାଳୟର ଶତାଧିକ ପ୍ରତିଯୋଗୀ ଭାଗନେଇ ଶ୍ଳୋକ ଆବୃତ୍ତି କରିଥିଲେ। ବରିଷ୍ଠ ଶିକ୍ଷକ ହେମନ୍ତ ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ବିଶ୍ୱନାଥ ଠାକୁର ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ଘାଟନ କରିଥିଲେ।ଏଥିରେ ଅନ୍ୟତମ ସମ୍ମାନିତ ଅତିଥିଭାବେ ଅରୁଣ କୁମାର ପାଣିଗ୍ରାହୀ,ବିଶ୍ୱ ରଞ୍ଜନ ପଣ୍ଡା, ଦିଲ୍ଲୀପ ଗୁରୁଜୀ, ହେମନ୍ତ ମୁଣ୍ଡ, ଦେବସଖା ଯୋଶୀ, ଦୁଷ୍ମନ୍ତ ମୁଣ୍ଡ,ସନ୍ତୋଷ ପ୍ରଧାନ ପ୍ରମୁଖ ଯୋଗଦେଇ ଅଂଶଗ୍ରହକାରୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ 'କ' ବିଭାଗରୁ ଅଙ୍କୁଶ ପଟେଲ, ସାଇ ଗୌତମୀ ସାହୁ, ଅର୍ଣ୍ଣବ ପ୍ରଧାନ, 'ଖ' ବିଭାଗରୁ ବାବୁଲି ମାଝୀ, ପୁନମ ସାହୁ, ପାୟଲ ବଞ୍ଜାରା, 'ଗ' ବିଭାଗରୁ ରୂପ୍ସା ରୁଚିସ୍ମିତା ନାଏକ, ଶିବାନନ୍ଦ ବାରିକ, ପ୍ରିୟଙ୍କା ମିଶ୍ର ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭଗନେବା ପାଇଁ ମନୋନୀତ ହୋଇଥିଲେ।

## ସଚେତନ ନାଗରିକ ମଞ୍ଚ ପକ୍ଷରୁ ଆଲୋଚନଚକ୍ର

କେସିଙ୍ଗା,(ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କେସିଙ୍ଗା ସଚେତନ ନାଗରିକ ମଞ୍ଚ ସଭାପତି ଉତ୍ତର ମହଲାଙ୍କ ଅଧକ୍ଷତାରେ କେସିଙ୍ଗା ଅଞ୍ଚଳର ରାଜନେତା, ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣଙ୍କୁ ନେଇ ଏକ ସ୍ୱତନ୍ତ୍ର ଆଲୋକଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେସିଙ୍ଗା ଅଞ୍ଚଳ ପ୍ରତି ସରକାରୀ ଉଦାସୀନତା ଯୋଗୁଁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ କୃଷି କ୍ଷେତ୍ରରେ ଲୋକ ଅନେକ ଅସୁବିଧାର ସଂମ୍ମୁଖୀନ ହେଉଥିବା ନେଇ ଉଦବେଗ ପ୍ରକାଶ ପାଇଥିଲା। କେସିଙ୍ଗା କଳାହାଣ୍ଡିର ମୁଖ୍ୟଦ୍ୱାର ହୋଇଥିବାବେଳେ ଅନ୍ୟ ଅଞ୍ଚଳ ଅପେକ୍ଷା ଏଠାକାର ନିର୍ବାଚିତ ପ୍ରତିନିଧିଙ୍କ ବୈମାତୃକ ମନୋଭାବ, ଆନ୍ତରିକତାର ଅଭାବ ଓ ସରକାରୀ ଉଦାସୀନତା ଯୋଗୁଁ ଶିଳ୍ପ କ୍ଷେତ୍ରରେ ହଉ କିମ୍ବା କୃଷି, ଗମନାଗମନ ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ହୋଇପାରି ନାହିଁ। ଅନେକ ପ୍ରକଳ୍ପ ଅଧପନ୍ତରିଆ ଭାବେ ପଡି ରହିଛି। ଭିତ୍ତିଭୂମି ଓ ଯୋଗ୍ୟତା ସତ୍ତ୍ୱେ ଚକ୍ରାନ୍ତ କରି କେସିଙ୍ଗା ନିର୍ବାଚନମଣ୍ଡଳୀକୁ ମ୍ୟୁନିସିପାଲଟିରୁ ବାଦ ଦିଆଗଲା। ତେଣୁ କେସିଙ୍ଗାକୁ ସବଡ଼ିଭିଜନ ମାନ୍ୟତା ଦାବି ପାଇଁ ଅଞ୍ଚଳର ସମସ୍ତ ସଂଗଠନ ବିଭିନ୍ନ ଦଳୀୟ କର୍ମକର୍ତ୍ତା, ବୁଦ୍ଧିଜୀବୀ ଓ ଜନସାଧାରଣ ସଂଗଠିତ ହୋଇ କର୍ଲାମୁଣ୍ଡା, ଲାଞ୍ଜିଗଡ, ନର୍ଲା, ବିଶ୍ୱନାଥପୁର ଓ ମଦନପୁର ରାମପୁର ଲୋକଙ୍କ ସହଯୋଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ମତ ପ୍ରକାଶ ପାଇଥିଲା। ଗୋଟିଏ ପଟେ ମଦନପୁର ରାମପୁର ବହୁଦିନରୁ ସବ୍‌ସିଭିଜ ଓ ଏନ୍‌ଏସି ପାଇଁ ଲଢେଇ ଜାରି ରଖିଆସୁଛନ୍ତି ଅନ୍ୟ ପଟେ କେସିଙ୍ଗା ସବଡ଼ିଭିଜନ ପାଇଁ କର୍ଲାମୁଣ୍ଡା, ନର୍ଲା, ଲାଞ୍ଜିଗଡ ଓ ବିଶ୍ୱନାଥପୁର ଲୋକ ସମର୍ଥନ କରିବେ ନା ମଦନପୁର ରାମପୁରକୁ ତାଙ୍କର ସମର୍ଥନ ରହିବ। ଏହି ବୈଠକରେ ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷ ନମିତା ରାଣୀ ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ରୋହିତ ଭୋଇ, ଏନଏସି ଅଧକ୍ଷ ରାମଜୀ ମାତଖଣ୍ଡିଆ, ସରିତା ସିନ୍ଦୁର, ଚନ୍ଦ୍ରଶେଖର ଆଚାରୀ, ଗୀତାଞ୍ଜଳି ବରିହା, ମହେନ୍ଦ୍ର ନାଏକ, ରାମଲାଲ ସୁନାନୀ, ଚିତ୍ତ ଭୋଇ, ଟିକେମନ ଦୀପ, ବଂଶୀପାଣି ସାହା, ମହେନ୍ଦ୍ରୀ ସାହୁ, ରାଜକୁମାରୀ ସରାଫ, ଜୋଶ୍ନାମୟୀ ବଗର୍ତ୍ତି ଓ ବସୁମତୀ ପ୍ରମୁଖଙ୍କ ସହ କେସିଙ୍ଗା ଅଞ୍ଚଳର ତିନି ପ୍ରମୁଖ ଦଳର ବହୁ କର୍ମକର୍ତ୍ତା, ବୁଦ୍ଧିଜୀବୀ ଓ ଜନସାଧାରଣ ସାମିଲ ହୋଇଥିଲେ।

## ସୁନୀଲ ଧଙ୍ଗଡା ମାଝୀ ହେଲେ ସମାଜବାଦୀ ପାର୍ଟି ରାଜ୍ୟ ସମ୍ପାଦକ



ନର୍ଲା: (ଭାସ୍କର ନ୍ୟୁଜ୍) : ଜାତୀୟ ସ୍ତରରେ ସୁପରିଚିତ ଯାଦବ ସଂସ୍କୃତି ଗବେଷକ ତଥା ସୁସଂଗଠକ ସୁନୀଲ କୁମାର ଧଙ୍ଗଡ଼ାମାଝୀ ସମାଜବାଦୀ ପାର୍ଟିର ଓଡ଼ିଶା ପ୍ରଦେଶ ସମ୍ପାଦକ ଭାବେ ନିଯୁକ୍ତ ହୋଇଛନ୍ତି। ସମାଜବାଦୀ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ଅନୁମୋଦନ କ୍ରମେ ଓଡ଼ିଶା ପ୍ରଭାରୀ ସୁନୀଲ ସିଂ ଯାଦବ ଏହି ଘୋଷଣା କରିଛନ୍ତି। ଏନେଇ ସମାଜବାଦୀ ପାର୍ଟି ଓଡ଼ିଶା ପ୍ରଦେଶ ସଭାପତି ଶିବ ହାତୀ ଯାଦବ ଏକ ପ୍ରେସ ବାର୍ତ୍ତା ମାଧ୍ୟମରେ ସୂଚନା ଦେଇଛନ୍ତି। କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ ବୁଢ଼ୀପଦର ଗ୍ରାମର ପ୍ରତିମା ଧଙ୍ଗଡ଼ାମାଝୀ ଓ ସ୍ୱର୍ଗତ ଯଦୁମଣି ଧଙ୍ଗଡ଼ାମାଝୀଙ୍କ ସୁପୁତ୍ର ସୁନୀଲ ଜଣେ ପ୍ରତିଷ୍ଠିତ ସାମ୍ବାଦିକ, ସାହିତ୍ୟିକ, ସମାଲୋଚକ, ସଂଗଠକ ଓ ଗବେଷକ ଭାବେ ରାଜ୍ୟ ତଥା ସର୍ବଭାରତୀୟ ସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏହାସହ ସେ ରାଜ୍ୟର ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଧାର୍ମିକ ସଂଗଠନ ସହ ଜଡ଼ିତ ହୋଇ ଆସିଛନ୍ତି। ତାଙ୍କ ଉପରେ ଭରସା କରି ଏହି ଗୁରୁଦାୟିତ୍ୱ ପ୍ରଦାନ କରିଥିବାରୁ ସମାଜବାଦୀ ପାର୍ଟିର ରାଷ୍ଟ୍ରୀୟ ଅଧକ୍ଷ ଅଖିଳେଶ ଯାଦବ, ଓଡ଼ିଶା ପ୍ରଭାରୀ ସୁନୀଲ ସିଂ ଯାଦବ ଏବଂ ଓଡ଼ିଶା ପ୍ରଦେଶ ସଭାପତି ଶିବ ହାତୀ ଯାଦବଙ୍କୁ କୃତଜ୍ଞତା ଜଣାଇଛନ୍ତି ଶ୍ରୀ ଧଙ୍ଗଡ଼ାମାଝୀ।

## ଭାଇଚାରା ସମ୍ପର୍କକୁ ସୁଦୃଢ କରେ ନୂଆଁଖାଇ ଭେଟଘାଟ

କୋକସରା, (ଭାସ୍କର ନ୍ୟୁଜ୍) : ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ହେଉଛି ନୂଆଁଖାଇ। ଏହି କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ସରିବା ପରେ ଆରମ୍ଭ ହୋଇଥାଏ ନୂଆଁଖାଇ ଭେଟଘାଟ। ଏହି ଭେଟଘାଟ କାର୍ଯ୍ୟକ୍ରମ ହେଉଛି ସମ୍ପର୍କକୁ ସୁଦୃଢ କରିବା ସହିତ ମଜଭୁତ କରିବାର ଅନନ୍ୟ ଏକ ପର୍ବ। ଏହି ଅବସରରେ ସମସ୍ତ ଶିକ୍ଷକ ଏକତା ସୁତ୍ରରେ ବାନ୍ଧି ହେବା ପାଇଁ ରବିବାର କୋକସରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଆମପାଣି ଧାନ ମଣ୍ଡି ପରିସରରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଧୁମଧାମରେ ଅନୁଷ୍ଠିତ ହୋଇଛି। ପ୍ରଥମେ କଳାହାଣ୍ଡିର ଆରାଧ ଦେବତା ଆମପାଣିର ବୁଢ଼ାରଜା ଦେବଙ୍କ ପୀଠରୁ ପୂଜାର୍ଚ୍ଚନା କରି ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବିଭିନ୍ନ ପାରମ୍ପାରିକ ନୃତ୍ୟ ଓ ବାଦ୍ୟ ଗହଣରେ ଏକ ଶୋଭାଯାତ୍ରା ବାହାରି ମଞ୍ଚ ନିକଟରେ ପହଞ୍ଚିଥିଲେ। ପରେ କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟିଙ୍କ ସଭାପତିତ୍ୱରେ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲେ। ଏଥିରେ



କୋକସରା ବ୍ଲକ ଅଧକ୍ଷା ରୀତା ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀ ମୁଖ୍ୟବକ୍ତା, ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସ, ଧର୍ମଗଡ଼ ବିଧାୟକଙ୍କ କୋକସରା ପ୍ରତିନିଧି ତ୍ରିନାଥ ଶବର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ। ଏହି କ୍ରମରେ ସାମୁହିକ ନବାନ୍ନ ଭକ୍ଷଣ କରିବା ସହ ପରସ୍ପର ଭିତରେ ନୂଆଁଖାଇ ଜୁହାର ଜଣାଇବା ସହ ଭେଟଘାଟ ହୋଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କ୍ରମରେ ୮ଜଣ ଅବସରପ୍ରାପ୍ତ ଶିକ୍ଷକ, ବିଭିନ୍ନ କ୍ଲଷ୍ଟର କାର୍ଯ୍ୟରତ ଶିକ୍ଷକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେଇଥିବା ଛାତ୍ରଛାତ୍ରୀ ମାନଙ୍କୁ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ମଞ୍ଚକୁ ଶିକ୍ଷକ କ୍ଷୀରସିନ୍ଧୁ ବାଣୁଆ, ଭାଗ୍ୟବାନ ବାଗ ଓ ଯଶୋଧାରା ବାଗ ସଂଯୋଜନା କରିଥିଲେ। ବରିଷ୍ଠ ଶିକ୍ଷକ ସଞ୍ଜିବ କୁମାର ପାଢ଼ୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଶିକ୍ଷକ ଈଶ୍ୱରୀ ପ୍ରସାଦ ଅଗସ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ମା ଲଙ୍କେଶ୍ୱରୀଙ୍କ ପ୍ରସିଦ୍ଧ ଖଣ୍ଡାବସା ପର୍ବ ପାଳିତ

ଜୁନାଗଡ଼, (ଭାସ୍କର ନ୍ୟୁଜ୍) : ପ୍ରତିବର୍ଷ ଭଳି ଜୁନାଗଡ଼ ଐତିହାସିକ ଖଣ୍ଡାବସା ଯାତ୍ରା ମହା ସମାରୋହରେ ପାଳିତ





ହୋଇଯାଇଛି। ଅଶ୍ୱିନୀ ମୂଳାଷ୍ଟମୀରେ ପାଳନ କରାଯାଏ ଏହି ଯାତ୍ରା। ମନ୍ଦିର ଭିତରେ ଦେବୀଙ୍କର ପ୍ରତିମା ସମ୍ମୁଖରେ ୨ଗୋଟି ପାଟଖଣ୍ଡାକୁ ଚାଉଳ ପୁଞ୍ଜିରେ ବସାଯାଏ (ସ୍ଥାପନ କରାଯାଏ)। ତେଣୁ ଏହି ପର୍ବର ନାମ ଖଣ୍ଡାବସା। ଏହି ଚାଉଳ ସମୂହ ଅକ୍ଷୁର୍ଣ୍ଣ ଓ ଅଭଙ୍ଗା। କଳାହାଣ୍ଡି ମହାରାଜା ଏହାର ମୁଖ୍ୟ ପୁରୋଧା। ମହାରାଜଙ୍କୁ ଘୁମୁରା ବାଦ୍ୟ ସହ ବିଭିନ୍ନ ବାଦ୍ୟବାଜଣା ବଜାଇ ଡାକବଙ୍ଗଳାକୁ ପାଛୋଟି ଅଣାଯାଏ। ଦେବୀଙ୍କ ମନ୍ଦିରରୁ ପୂଜକ ପାଟଖଣ୍ଡା ଓ ସଙ୍କୁଆରୀ ଅନ୍ୟ ଏକ ଖଣ୍ଡାଧରି ଡାକବଙ୍ଗଳାକୁ ଯାଇଥାଆନ୍ତି। ତାଙ୍କ ସହିତ ଘୁମୁରା, ଢୋଲ, ନିଶାନ, ମହୁରୀ ଓ ବିଭିନ୍ନ ଲୋକନୃତ୍ୟ ସାମିଲ ହୋଇଥାନ୍ତି। "ଜୟ ମା' ଲଙ୍କେଶ୍ୱରୀ " ଧ୍ୱନିରେ ସହରଟି ପ୍ରକମ୍ପିତ ହୋଇଉଠେ। ଡାକବଙ୍ଗଳା ପ୍ରାଙ୍ଗଣରେ ଖଣ୍ଡା ଦ୍ୱୟକୁ ମାର୍ଜନ କରାଯାଏ ଓ ପୂଜା କରାଯାଏ। ପାଟଖଣ୍ଡାକୁ ମନ୍ଦାରଫୁଲରେ ସଜ୍ଜିତ କରାଯାଏ। ବାହୁକ ନୂତନ ବସ୍ତ୍ର ପରିଧାନ କରି ଦେବୀଙ୍କ ପାଟଖଣ୍ଡାର ସମ୍ମୁଖ ଭାବରେ ଥାଇ ମୁଖରେ ହାତ ଧରି ଭୟଙ୍କର ଶବ୍ଦରେ ପାଟଖଣ୍ଡାରେ ଧାରେ ଧାରେ ବାଟ କଢାଇ ନିଅନ୍ତି। ଏହି ଶୋଭାଯାତ୍ରା ଅତ୍ୟନ୍ତ ଚିତାକର୍ଷକ। ମାନସିକ ଧାରୀଙ୍କ ବୋଦାବଳି ଦେଇଥାନ୍ତି। ପରେ ଦେବୀଙ୍କ ଆଳତୀ ଦର୍ଶନ କାର୍ଯ୍ୟ ସଂପନ୍ନ ପରେ ଚାରିଦିଗ ଦେବତା ଓ ଭୈରବ ଦେବତାଙ୍କ ପୂଜା କରାଯାଏ। ଏହାପରେ ବୁଢାରଜା ଦେବତାଙ୍କ ପୂଜା କରାଯାଏ। ଖଣ୍ଡାବସା ଅବସରରେ ସମସ୍ତ ପାର୍ଶ୍ୱଦେବାଦେବୀଙ୍କ ମଧ ପୂଜା ଆରାଧନା ହୁଏ। ଖଣ୍ଡାବସା ଦିନ ତମାମ ଚଳଚଞ୍ଚଳ ହୋଇ ଉଠେ ଜୁନାଗଡ଼ ସହର। ରାତି ତମାମ ଚାଲେ ସାଂସ୍କୃତିକ କାର୍ଯ୍ୟକ୍ରମ। ମୁଖ୍ୟତଃ ଦେବୀଙ୍କର ପ୍ରିୟବାଦ୍ୟ ଘୁମୁରା ପ୍ରତିଯୋଗୀତାରେ କମ୍ପି ଉଠେ ସହର। ତତ୍ ସଙ୍ଗେ ସଙ୍ଗେ ସୁଆଙ୍ଗ, ଗୀତିନାଟ୍ୟ, କୀର୍ତ୍ତନ ପ୍ରଦର୍ଶନର ସୁବ୍ୟବସ୍ଥା ରହିଥାଏ। ଅଗଣିତ ଦର୍ଶକ ଦେବୀଙ୍କ ଯାତ୍ରା ଉପଭୋଗ କରିବା ସଂଗେ ସଂଗେ ଆଶୀର୍ବାଦ କାମନା କରିଥାନ୍ତି। ପାଟଖଣ୍ଡା ମନ୍ଦିର ଦ୍ୱାରଦେଶରେ ଉପନୀତ ହେଲେ, ପୂଜକ ପୂଜାର୍ଚ୍ଚନା କରି ଖଣ୍ଡା ଓ ମହାରାଜାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରି ମନ୍ଦିର ଭିତରକୁ ପାଛୋଟି ନେଇଥାନ୍ତି। ମହାରାଜା ମନ୍ଦିର ଭିତରେ ପ୍ରବେଶ କରନ୍ତି। ପୂଜା ନିମିତ୍ତ ଷୋଡ଼ସ କଳସ ସ୍ଥାପନ କରାଯାଇଥାଏ ଓ ପଣ୍ଡିତ ମାନଙ୍କୁ ବରଣ କରାଯାଇଥାଏ। ଦେବୀଙ୍କ ଖଣ୍ଡା ଦ୍ୱୟକୁ ଦକ୍ଷିଣ ଓ ବାମ ପାର୍ଶ୍ୱରେ ସଜ୍ଜିତ କରାଯାଇଥିବା ଚାଉଳର ପୁଞ୍ଜିରେ ଶୁଭ ଲଗ୍ନରେ ବସାଇ ଦିଅନ୍ତି (ସ୍ଥାପନ କରନ୍ତି)। ଏହାପରେ ପୂଜାର୍ଚ୍ଚନା ଆରମ୍ଭ କରାଯାଏ। ଶୁଦ୍ଧପୂତ ସହକାରେ ଗାୟତ୍ରୀ ମନ୍ତ୍ରରେ ପୂଜାର୍ଚ୍ଚନା କରାଯାଏ। ପୂଜାର୍ଚ୍ଚନା ପରେ ପୁଷ୍ପାଞ୍ଜଳୀ ହୁଏ। ପରେ ନୈବେଦ୍ୟ ଅର୍ପଣ କରାଯାଏ। ପୁଝାରୀ ପାଟଗଡ଼ରା ପଶୁ ଓ ମହାପଶୁ (ପୋଢ)ଙ୍କୁ ମନ୍ତ୍ର ଉଚ୍ଚାରଣ ପୂର୍ବକ ପ୍ରୋକ୍ଷଣ କରାଯାଏ ଓ ବଳି ଦିଆଯାଏ। ତାପରେ ମହାରାଜା ଖଣ୍ଡାବସା ଦିନ ଉପବାସ ରହି ନୂତନବସ୍ତ୍ର ପରିଧାନ କରିଥାନ୍ତି। ନିଜ ଗଡ଼ ଓ ପ୍ରଜାଙ୍କ ମଙ୍ଗଳ ନିମିତ୍ତ ମାଙ୍କ ପାଦପଦ୍ମରେ ଶରଣାଗତ ହୋଇଥାନ୍ତି। ଏହି ପର୍ବ ପାଇଁ ପୂଜକ, ପୂଝାରୀ, ସୁଆର, ବୋଉନ୍, ଫୁଲବାଲା, ବାଜାବାଲା, ଘଣ୍ଟୁଆ ଓ ଶଙ୍ଖୁଆ ସଂଶାନୁକ୍ରମେ ସେବାକରି ଆସିଥାନ୍ତି। ମା' ଲଙ୍କେଶ୍ୱରୀଙ୍କ ଦେବାଦେବୀଙ୍କ ପୂଜୋତ୍ସବ ମୂଳାଷ୍ଟମୀରୁ ଆରମ୍ଭ ହୋଇ ମହାଷ୍ଟମୀ ପର୍ଯ୍ୟନ୍ତ ଭକ୍ତିପୂତ ଭାବରେ, ଆଡ଼ମ୍ବର ସହକାରେ ତଥା ରୀତିନୀତି ଅନୁସାରେ ଚାଲୁ ରହେ। ଖଣ୍ଡାବସା ମାଆଙ୍କ ଉଦ୍‌ଘାଟନୀ ଓ ଦଶହରାର ମହାଷ୍ଟମୀ ଉଦ୍‌ଯାପନୀ ଉତ୍ସବ। ଦୁଇ ଗୋଟି ପାଟ ଖଣ୍ଡା ଓ ବୁଢାରାଜା ମନ୍ଦିରରୁ ବୁଢାରାଜାଙ୍କ ଖଣ୍ଡା ପୁଝାରୀଙ୍କ ଦ୍ୱାରା ବାହାରି ଜୁନାଗଡ଼ ଡାକ ବଙ୍ଗଳା ସ୍ଥିତ ଅସ୍ଥାୟୀ କୁଟୀରରେ ମା' ଲଙ୍କେଶ୍ୱରୀଙ୍କ ସ୍ୱର୍ଣକାର ବାଳ କୃଷ୍ଣ ଆଚାରି ପାଟ ଖଣ୍ଡା ଗୁଡିକୁ ମାର୍ଜନା କରିଥିଲେ। ମାର୍ଜନା ପରେ ପୁଣି ମା ଲଙ୍କେଶ୍ୱରୀ ପାଟ ଖଣ୍ଡା ଗୁଡିକୁ ମନ୍ଦିରକୁ ପୂଜକ ମାନଙ୍କ ସହ ବିଶାଳ ପଟୁଆରରେ ବୀର ବାଦ୍ୟ ଘୁମୁରା, ଶଙ୍ଖ, ଘଣ୍ଟ ତାଳେ ତାଳେ ପ୍ରବେଶ କରିଥିଲେ। ଏହା ପରେ କଳାହାଣ୍ଡି ମହାରାଜ ଅନନ୍ତ ପ୍ରତାପ ଦେଓ ମନ୍ଦିରକୁ ଆସି ଷୋଡଶ କଳସ ସ୍ଥାପନ ପୂର୍ବକ ପଣ୍ଡିତ ମାନଙ୍କୁ ଯଥା ଯୋଗ୍ୟ ବରଣ କରିଥିଲେ। ଏହା ପରେ ମହାରାଜ ଅନନ୍ତ ପ୍ରତାପ ଦେଓ ପାଟ ଖଣ୍ଡା ଗୁଡିକୁ ପୂଜାର୍ଚ୍ଚନା ପୂର୍ବକ ଦେବୀଙ୍କ ପାର୍ଶ୍ୱରେ ଚାଉଳ ପୁଞ୍ଜି ଉପରେ ସ୍ଥାପନ କରିଥିଲେ। ସୁବର୍ଣ୍ଣ ବିମଣ୍ଡିତ, ଲୋହିତ ମନ୍ଦାର ମାଳା ଓ ଲୋହିତ ପାଟ ବସ୍ତ୍ରରେ ସୁଶୋଭିତ। ମା ଲଙ୍କେଶ୍ୱରୀ ଦେବୀଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଭକ୍ତଙ୍କ ମଧ୍ୟରେ ଅନେକ ଉତ୍ସାହ ଦେଖିବାକୁ ମିଳିଥିଲା। ମା ଲଙ୍କେଶ୍ୱରୀଙ୍କ ଖଣ୍ଡା ବସା ଯାତ୍ରା ଅବସରରେ ଫୁଟବଲ ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ଲଙ୍କେଶ୍ୱରୀ ପ୍ରାଙ୍ଗଣରେ ସାଂସ୍କୃତିକ କାର୍ଯ୍ୟକ୍ରମ ଡ୍ୟାନ୍ସ, ଘୁମୁରା ଆଦି ଆୟୋଜନ କରାଯାଇଥିଲା। ଏ ଖଣ୍ଡାବସାରେ ମହାକାଳେଶ୍ୱର ୟୁଥ କ୍ଲବ ପକ୍ଷ୍ୟରୁ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରିଥିଲେ। ଏହି ସମାବେଶରେ ଶହ ଶହ ଭକ୍ତ ଏବଂ ଶ୍ରଦ୍ଧାଳୁ ଉପସ୍ଥିତ ରହି ମାଙ୍କ କୃପା ଲାଭ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଜୁନାଗଡ଼ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

## କୁସୁମଖୁଣ୍ଟି ଆଞ୍ଚଳିକ ଯାଦବ ସମିତିର ନୂତନ କର୍ମକର୍ତ୍ତା ଚୟନ

କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ମୋଟେର ପଞ୍ଚାୟତ କୁସୁମଖୁଣ୍ଟି ସ୍ଥିତ ନୀଳକଣ୍ଠେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ରବିବାର କୁସୁମଖୁଣ୍ଟି ଆଞ୍ଚଳିକ ଯାଦବ ସମିତିର ନୂତନ କର୍ମକର୍ତ୍ତା ଚୟନ ବୈଠକ ଅନୁଷ୍ଠିତ ହୋଇଛି। ସଭାପତି ସୁଦର୍ଶନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ହିରଣ୍ୟ ବେହେରା ବୈଠକର ଉଦେଶ୍ୟ, ପୂର୍ବ ବୈଠକର ବିବରଣୀ ପଠନ, କାର୍ଯ୍ୟକାଳ ସମୟର ଆୟ ବ୍ୟୟ ହିସାବ ଓ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି ବୈଠକରେ ଅତିଥି ଭାବେ କୋକସରା ବ୍ଲକ ଯାଦବ ସମିତି ସଭାପତି ଦ୍ୱାରିକାନାଥ ବାଗ, ସମ୍ପାଦକ ବିଦ୍ୟାଧର ଗହୀର, ଜିଲ୍ଲା ଯୁବ ଯାଦବ ମହାସଭା ସାଧାରଣ ସମ୍ପାଦକ ଲିଙ୍ଗରାଜ ବେହେରା, ବ୍ଲକ କର୍ମଚାରୀ ସଂଘ ସଭାପତି ପ୍ରେମଚାନ୍ଦ ଗୋପାଳ, ସମ୍ପାଦକ ଭାଗବତ କଟା,




ମାଝୀଗୁଡା ଅଞ୍ଚଳ ସଭାପତି ପଙ୍କଜ ପୋଡ଼, ବ୍ଲକ ଯାଦବ ସ୍ୱେଚ୍ଛାସେବୀ ଧବଳେଶ୍ୱର ଗହୀର, ଲକ୍ଷ୍ୟ ପୁଞ୍ଜି ଅତିଥି ଭାବେ ଯୋଗଦେଇଥିଲେ। ସର୍ବସମ୍ମତି କ୍ରମେ କୁସୁମଖୁଣ୍ଟି ଆଞ୍ଚଳିକ ଯାଦବ ସଭାପତି ଭାବେ ବଂଶୀଧର ବେହେରା, ଉପ ସଭାପତି ଚମାର ଚଣ୍ଡି, ସମ୍ପାଦକ ଟିକେଶ୍ୱର ରାଉତି, ସହ ସମ୍ପାଦକ ହରେକୃଷ୍ଣ ହାତୀ, କୋଷାଧକ୍ଷ ସୁଶାନ୍ତ ଭଇଁସାଲ, କର୍ମଚାରୀ ସଂଘ ସଭାପତି ଦୁର୍ମନ ବାଗ, ଯୁବଯାଦବ ସଭାପତି ତୁଳାରାମ ବେହେରା, ସମ୍ପାଦକ ମଙ୍ଗରାଜ ବେହେରାଙ୍କୁ ମନୋନୀତ କରାଯାଇଥିଲା। ସମସ୍ତ ପଦାଧିକାରୀ ଶପଥ ପାଠ ଗ୍ରହଣ କରି ସମାଜକୁ ଆଗେଇ ନେବାପାଇଁ ଶପଥ ନେଇଥିଲେ। ବୈଠକରେ ଚିତ୍ରସେନ ବେମାଲ, ଘେନୁ ବେହେରା, ଖଗେଶ୍ୱର ବେମାଲ, ଲକ୍ଷ୍ମଣ ବେହେରା, କୁମୁଦ କାନ୍ତ ବେହେରା, ପରମେଶ୍ୱର କାଣ୍ଡ, ବନବିହାରୀ ରାଉତି, କୁଶଧର ବେହେରା, ବେଣୁଧର କାଣ୍ଡ, ବଳରାମ ରାଉତି, ନକୁଳଚନ୍ଦ୍ର ଗହୀର ସମେତ ଅଞ୍ଚଳର ଶତାଧିକ ଯାଦବ ମାନେ ଉପସ୍ଥିତ ରହିଥିଲେ। ନୂତନ ଭାବେ ଦାୟିତ୍ୱ ନେଇଥିବା ସମ୍ପାଦକ ଟିକେଶ୍ୱର ରାଉତ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ।

## ରାଶିଫଳ


ମଙ୍ଗଳବାର, ୧୬ ସେପ୍ଟେମ୍ବର ୨୦୨୫



**ମେଷ:** ଆଜି ପରିବାରର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଜଣେ ସମ୍ପର୍କୀୟଙ୍କ ସହ ବିବାଦ ହେବାର ସମ୍ଭାବନା ଅଛି। ବରିଷ୍ଠମାନଙ୍କ ପରାମର୍ଶରେ କାମ କରନ୍ତୁ। ପରିବାର ସହିତ ବୁଲିବାକୁ ଯାଆନ୍ତୁ। ଚାକିରୀରେ ଥିବା ଲୋକମାନେ ଭଲ ଖବର ପାଇ ପାରିବେ। ତୁମର ବ୍ୟବସାୟ ଭଲ ରହିବ।




**ବୃଷ:** ଆଜି ଆପଣ ମାନସିକ ସ୍ତରରେ ଶକ୍ତିଶାଳୀ ହେବେ। ଆର୍ଥିକ କାରବାର ସମ୍ବନ୍ଧୀୟ କାର୍ଯ୍ୟ ସମାପ୍ତ ହେବ। ଆପଣ କୌଣସି ସ୍ଥାନରୁ ଆର୍ଥିକ ସାହାର୍ଯ୍ୟ ପାଇବେ। ସାଙ୍ଗମାନଙ୍କୁ ଭେଟିବେ। ଆପଣଙ୍କଠାରୁ ଋଣ ନେବାକୁ ଆସିବେ।




**ମିଥୁନ:** ଆଜି ଆପଣ ମାନସିକ ସ୍ତରରେ ଶକ୍ତିଶାଳୀ ହେବେ। ସକରାତ୍ମକତା ଅଧିକ ହେବ। ଅର୍ଥନୈତିକ ପ୍ରଗତି ପାଇଁ ମଧ ଭଲ ସୁଯୋଗ ରହିବ। ଆର୍ଥିକ ପରିସ୍ଥିତି ବହୁତ ଶକ୍ତିଶାଳୀ ହେବ। ଆଜି ଆପଣ କିଛି ଅନାବଶ୍ୟକ ଖର୍ଚ୍ଚ କରିପାରନ୍ତି। ଆଜି ଆପଣଙ୍କ ପାଇଁ ଭଲ ଦିନ ହେବ।



**କର୍କଟ:** ଆଜି ଆପଣ ଦୀର୍ଘ ମାସ ପରେ ଜଣେ ପରିଚିତଙ୍କୁ ଭେଟିବେ। ଆପଣଙ୍କ କାର୍ଯ୍ୟାଳୟରେ ବିବାଦ ହୋଇପାରେ। ଆପଣ କୋଣସି ଅସୁବିଧା ପରିସ୍ଥିତିର ସାମ୍ନା କରିପାରନ୍ତି। ଗାଡି ଚଳାଇବା ସମୟରେ ସତର୍କ ରୁହନ୍ତୁ। ଆଘାତ ହେବାର ସମ୍ଭାବନା ଅଛି। କହିବା ସମୟରେ ସାବଧାନ ରୁହନ୍ତୁ। ଅତିରଂଜିତ ଶବ୍ଦ ବ୍ୟବହାର କରନ୍ତୁ ନାହିଁ।



**ସିଂହ:** ଆଜି ପାରିବାରିକ ଦାୟିତ୍ୱ ତୁଲାଇବାରେ ବ୍ୟସ୍ତ ରହିବେ। କିଛି ଘରୋଇ ଜିନିଷ ସଂଗ୍ରହ କରିପାରିବେ। ଅସୁବିଧାରୁ ମୁକ୍ତି ମିଳିବ। ଆପଣଙ୍କ ସାଥୀଙ୍କ ସହିତ ସ୍ନେହ ରହିବ। ଅନ୍ୟ କାହାକୁ ତାଙ୍କର ଶ୍ରେୟ ନେବାକୁ ଦିଅନ୍ତୁ ନାହିଁ। କୈଣସି ବିବାଦର ଅଂଶ ହୁଅନ୍ତୁ ନାହିଁ।




**କନ୍ୟା:** ଯୁବକମାନଙ୍କ ସାମ୍ନାରେ ନୂଆ ସୁଯୋଗ ସୃଷ୍ଟି ହେବ। ବ୍ୟବସାୟ ଯାତ୍ରା ଭଲ ଫଳାଫଳ ଦେବ। ଯେକୈଣସି ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେଇ ପାରନ୍ତି। ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସମାପ୍ତ ହେବ। ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଭେଟିବେ।



**ତୁଳା:** ଆଜି ଜଣେ ବନ୍ଧୁ କିମ୍ବା ସମ୍ପର୍କୀୟଙ୍କ କଥାକୁ ବିଶ୍ୱାସ କରନ୍ତୁ ନାହିଁ। ପାରିବାରିକ ଜୀବନରେ ମଧୁରତା ରହିବ। ଆପଣଙ୍କର ସ୍ୱାସ୍ଥ୍ୟ ଭଲ ରହିବ। ବ୍ୟବସାୟ ଦୃଢ ରହିବ। ହଠାତ୍ ସମସ୍ୟା ହୋଇପାରେ, କିନ୍ତୁ ଭୟଭୀତ ହେବାର ଆବଶ୍ୟକତା ନାହିଁ। ଆଜି ଏହାର ଲାଭ ହେବାର ସମ୍ଭାବନା ଅଛି। ସ୍ୱାସ୍ଥ୍ୟ ଭଲ ରହିବ।



**ବିଛା:** ଏହି ଦିନରେ ଆପଣ ଏକ ନୂତନ ଉତ୍ସାହ ଦେଖିବେ। ଆପଣ ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଆଗକୁ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଆପଣଙ୍କୁ ମିଳିଥିବା ନୂତନ ଦାୟିତ୍ୱକୁ ଯତ୍ନର ସହିତ ପୂରଣ କରନ୍ତୁ। ଛାତ୍ରଛାତ୍ରୀମାନେ ସଫଳତା ପାଇବେ। ଆପଣ ସମାଜରେ ପ୍ରଶଂସିତ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। କିଛି କାମ ପାଇଁ ବାହାରକୁ ଯାତ୍ରା କରିପାରନ୍ତି।



**ଧନୁ:** ଆଜି ଏପରି କିଛି କରିବେ ଯାହା ଆପଣଙ୍କୁ ଆଭ୍ୟନ୍ତରୀଣ ସୁଖ ଦେବ। ବ୍ୟବସାୟୀମାନେ ଆଜି ପ୍ରତିପକ୍ଷଙ୍କ ପ୍ରତି ସତର୍କ ରହିବାକୁ ପଡିବ। ପରିବାରରେ ମତ ପ୍ରାର୍ଥକ୍ୟ ହୋଇପାରେ। ସ୍ୱାସ୍ଥ୍ୟ ସ୍ୱାଭାବିକ ହେବ। ଭ୍ରମଣ ସମୟରେ ସତର୍କତା ଅବଲମ୍ବନ କରନ୍ତୁ। ଛାତ୍ରଛାତ୍ରୀମାନଙ୍କ ଚିନ୍ତା ଦୂର ହେବ। ଯୁବକମାନେ କ୍ୟାରିୟର ସମ୍ବନ୍ଧୀୟ ସୂଚନା ପାଇବେ।



**ମକର:** ଆଜି ଆପଣଙ୍କର ଦାୟିତ୍ୱ ପୂରଣ କରିବାରେ କୈଣସି ଅସୁବିଧା ହେବ ନାହିଁ। ଅଫିସରେ କାହା ସହିତ ବିବାଦ ହୋଇପାରେ। କିନ୍ତୁ ତୁମର ଦକ୍ଷତା ଉପରେ ବିଶ୍ୱାସ ରଖ। ଆଜି ଆପଣଙ୍କର ଭାଗ୍ୟ ସକରାତ୍ମକତାରେ ପରିପୂର୍ଣ୍ଣ ହେବ। ସମ୍ପର୍କୀୟମାନେ ସାହାର୍ଯ୍ୟ କରିପାରନ୍ତି। ଆଜି ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଭଲ ଦିନ। ବ୍ୟବସାୟୀମାନେ ସଫଳତା ପାଇବେ।



**କୁମ୍ଭ:** ପୁରୁଣା ବନ୍ଧୁ କିମ୍ବା ସମ୍ପର୍କୀୟମାନେ ସାକ୍ଷାତ କରିପାରନ୍ତି। ଆଜି ସୁଖରେ ପରିପୂର୍ଣ୍ଣ ଦିନ ହେବ। ବୁଲିବାକୁ କୈଣସି ସ୍ଥାନକୁ ଯାଇପାରନ୍ତି। ପାରିବାରିକ ପରିବେଶ ଭଲ ହେବ। କୈଣସି ଧାର୍ମିକ ସ୍ଥାନକୁ ଯାଇପାରିନ୍ତି। ଆର୍ଥିକ ଲାଭ ହେବ। ନୂତନ ଦାୟିତ୍ୱ ପାଇବେ। ଆଜି ଆପଣ ସତର୍କ ରୁହନ୍ତୁ। ବିରୋଧୀମାନେ ସକ୍ରିୟ ରହିବେ।



**ମୀନ:** ଆଜି ଆପଣ ମାନସିକ ସ୍ତରରେ ବହୁତ ଶାନ୍ତ ପାଇବେ। ଆଜି ଆପଣ ପ୍ରଭୁଙ୍କ ଉପାସନା କରନ୍ତୁ। ଏକ ଯୋଜନାରେ ବିନିଯୋଗ ପାଇଁ ପ୍ରସ୍ତାବ ମିଳିପାରିବ। ଏକ ନୂତନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଭଲ ଦିନ। ଆର୍ଥିକ ସମସ୍ୟା ଦୂର ହୋଇପାରିବ। ଆଇନଗତ ମାମଲା ଚାଲିବ। ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଆସିବ।




ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯